ସଂଚ୍ଚାର
THE SANCHAR

Ministry of Rural Development
Government of India

Deendayal Antyodaya Yojana
National Rural Livelihoods Mission

Saras AAJEEVIKA
Crafts by rural SHG women





ଏହି ଦଶହରାରେ, ସ୍ୱଦେଶୀର ଯାଦୁ ସହିତ

# ଜାତୀୟ ସରସ ମେଳା

## ବିଜୟୱାଡ଼ା, ଆନ୍ଧ୍ର ପ୍ରଦେଶରେ ଆୟୋଜନ

### ଶୁଭ ଉଦ୍‌ଘାଟକ

ମାନ୍ୟବର ରାଷ୍ଟ୍ରପତି
**ଶ୍ରୀମତୀ ଦ୍ରୌପଦୀ ମୁର୍ମୁ**

ଗୁରୁବାର, ୧୫ ଅକ୍ଟୋବର, ୨୦୨୬ | ପୂର୍ବାହ୍ନ ୧୧:୦୦ ଟା
ପୂର୍ଣ୍ଣମୀ ଘାଟ, ବିଜୟୱାଡ଼ା, ଆନ୍ଧ୍ର ପ୍ରଦେଶ

### ଅନୁଭବ କରନ୍ତୁ ଲକ୍ଷପତି ଦିଦିଙ୍କ ଅଦ୍ଭୁତ କଳା କୌଶଳ ଓ ଦକ୍ଷତା

**୬୦୦+**
ହସ୍ତକଳା ଓ ହସ୍ତଶିଳ୍ପ ଷ୍ଟଲ

**୧୫୦୦+**
ଏସଏଚଜି ମହିଳା ଉଦ୍ୟୋଗୀ

**୩୨**
ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ପାରମ୍ପରିକ ଖାଦ୍ୟର ଆନନ୍ଦ ନିଅନ୍ତୁ ଇଣ୍ଡିଆ ଫୁଡ କୋର୍ଟରେ

**୪**
ଥିମ ଆଧାରିତ ପାଭିଲିଅନ
ଲକ୍ଷପତି ଦିଦି ପାଭିଲିଅନ, କିଣା ବିକା ପାଭିଲିଅନ, କନଭର୍ଜେନ୍ସ ପାଭିଲିଅନ, ଡେମୋ ପାଭିଲିଅନ

### ୨୫ ସମର୍ପିତ କ୍ଲଷ୍ଟର ସ୍ତରୀୟ ଫେଡେରେସନ ଷ୍ଟଲ ଦ୍ୱାରା ପ୍ରଦର୍ଶନ

ଦିଦିମାନଙ୍କ ସଂସ୍ଥାଗତ ଯାତ୍ରା | ସାମୂହିକ ବ୍ୟବସାୟ ମଡେଲ | ଉଦ୍ୟୋଗ ସଫଳତାର କାହାଣୀ | ଜୀବିକା ନିର୍ବାହ ସମ୍ବନ୍ଧୀୟ ପଦକ୍ଷେପ | ମହିଳାମାନଙ୍କ ସାମାଜିକ-ଆର୍ଥିକ ସଶକ୍ତିକରଣର ପରିଣାମ

ଗୋଟିଏ ଛାତ ତଳେ ପାଳନ କରନ୍ତୁ
ଆତ୍ମନିର୍ଭର ଭାରତ, ଭୋକାଲ ଫର ଲୋକାଲ ଏବଂ
ମହିଳା-ନେତୃତ୍ୱ ଗ୍ରାମୀଣ ବିକାଶର ଉତ୍ସବ

ଜାତୀୟ ସରସ ମେଳା ଅକ୍ଟୋବର ୩୧ ପର୍ଯ୍ୟନ୍ତ ଖୋଲା ରହିବ ପୂର୍ବାହ୍ନ ୧୧ଟାରୁ ରାତି ୯.୩୦ ପର୍ଯ୍ୟନ୍ତ

CBC 35101/13/0012/2627



ନିଃଶୁଳ୍କ ପାର୍କିଂ | ନିଃଶୁଳ୍କ ପ୍ରବେଶ

ତରପଦାରେ ଅଘଟଣ

## ଅଗ୍ନିକାଣ୍ଡରେ ତିନି ପରିବାରଙ୍କ ଘର ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ରାଜନଗର,୧୪।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ମହିଷାସୁର ପଞ୍ଚାୟତ ତରପଦା ଗ୍ରାମରେ ଆଜି ସଂଧ୍ୟାରେ ଅଗ୍ନିକାଣ୍ଡ ଘଟି ତିନିପରିବାରଙ୍କର ଛ ବଖରା ଘର ପୋଡିଯିୱା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଦେଖା ଦେଇଛି।ବିବରଣୀରୁ ପ୍ରକାଶ ଆଜି ସଂଧ୍ୟାରେ ସବୁଦିନ ପରି ଦୀପ ଲାଗି ଥିଲା, ସେହି ଦୀପ ମାଧ୍ୟମରେ ଅକସ୍ମାତ ନିଆଁ ଲାଗି ଚାହୁଁ ଚାହୁଁ ପ୍ରଭାକର ରାଉତ, ବିକ୍ରମ ରାଉତ ଓ ରାଜନ ରାଉତଙ୍କ ଘରେ ନିଆଁ ଲାଗି ଜଳୁଥିବା ଦେଖି ପରିବାର ଲୋକ ଘର ଛାଡି ବାହାରକୁ ଚାଲି ଆସିଥିଲେ। ଦମକଳ ବାହୀନ ଖବର ପାଇ ଘଟଣା ସ୍ଥଳରେ ପହଂଚି ନିଆକୁ ଆୟତ କରିଥିଲେ ମଧ୍ୟ ଘର ପୋଡି ସାଙ୍ଗକୁ ଆସବାବ ପତ୍ର ପୋଡି ଯାଇଛି।

ଖବରପାଇ ମହିଷାସୁର ସରପଞ୍ଚ ଅଶୋକ କୁମାର ମହାନ୍ତି ଘଟଣା ସ୍ଥଳରେ ପହଂଚି ଆର ଆଇଙ୍କୁ ସୂଚନା ଦେଇଥିଲେ। ଏବଂ ଆସନ୍ତା କାଲି ସକାଳୁ ପଡିତ ପରିବାରଙ୍କୁ ସୁଖିଲା ଖାଦ୍ୟ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଖବର ପାଇ ପ୍ରାକ୍ତନ ବିଧାୟକ ଶ୍ରୀ ଅଂଶୁମାନ ମହାନ୍ତି ମର୍ମାହତ ହେୱା ସହ ପଡିତା ପରିବାରଙ୍କ ଦୁଖରେ ସମବେଦନା ଜଣାଇଛନ୍ତି।

ପଟ୍ଟାମୁଣ୍ଡାଇ କଲେଜ ଛାତ୍ର ସଂସଦ ନିର୍ବାଚନ

# ହ୍ୱାଟ୍ ଆଇ ଷ୍ଟାଣ୍ଡ ଫର ମିଟିଂକୁ ଶୋଭାଯାତ୍ରାରେ ଆସିଲେ ପ୍ରାର୍ଥୀ

ପଟ୍ଟାମୁଣ୍ଡାଇ,୧୪।୧୦ (ସଂଚାର ବ୍ୟୁରୋ): ଆସନ୍ତାକାଲି ପଟ୍ଟାମୁଣ୍ଡାଇ କଲେଜ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେଉଛି । ଏହି ନିର୍ବାଚନ ପାଇଁ ବିଭିନ୍ନ ଛାତ୍ର ସଂଗଠନ ସମର୍ଥିତ ପ୍ରାର୍ଥୀ ଜୋରଦାର ପ୍ରଚାର ଯୋଗୁଁ କଲେଜ ପରିସର ସରଗରମ ହୋଇପଡିଛି । ଆଜି ବୁଧବାର ହ୍ୱାଟ ଆଇ ଷ୍ଟାଣ୍ଡ ଫର ମିଟିଂ ପାଇଁ ବିଭିନ୍ନ ରାଜନୈତିକ ଦଳ ଶାସକ ବିଜେପି ସମର୍ଥିତ ଏବିଭିପି ବିରୋଧୀ ବିଜେଡି ସମର୍ଥିତ ଛାତ୍ରବିଜେଡି ଓ କଂଗ୍ରେସ ସମର୍ଥିତ ଛାତ୍ରକଂଗ୍ରେସ ପ୍ରାର୍ଥୀ ସଭାପତି ସମେତ ବିଭିନ୍ନ ପଦବୀ ପାଇଁ ଶୋଭାଯାତ୍ରାରେ ଆସି କଲେଜରେ ପହଂଚିବା ସହିତ ହ୍ୱାଟ ଆଇ ଷ୍ଟାଣ୍ଡ ଫର ମିଟିଂରେ ଯୋଗ ଦେଇ ନିଜ ନିଜର ଅଭିଭାଷଣରେ କଲେଜ ବିକାଶ ଓ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ଭୋଟ ଭିକ୍ଷା କରିଥିଲେ ।

ପ୍ରଥମେ ବିଜେପି ସମର୍ଥିତ ଏବିଭିପି ସଭାପତି ପ୍ରାର୍ଥୀ ଅଭିଜିତ ଦାସ ସାଧାରଣ ସମ୍ପାଦକ ବିଶ୍ୱଜିତ ପ୍ରଧାନ ଶୋଭାଯାତ୍ରାରେ ଆସି କଲେଜରେ ପହଁଚି ଥିଲେ । ବିଜେପି ସମର୍ଥିତ ଏବିଭିପି ପ୍ରାର୍ଥୀଙ୍କ ଶୋଭାଯାତ୍ରାରେ ବିଜେପି ନେତା ମିଟୁ ମନୋଜ ନାୟକ, ଶଶିକାନ୍ତ ସ୍ୱାଇଁ ରାଜକିଶୋର ସାହୁ,ଲକି ପାତ୍ର,ଆଡ଼ଭୋକେଟ ଶିଶିର ମଲିକ,ରାକେଶ ସାହୁ,ବିନୋଦ ଦାସ, ରାଜ କିଶୋର ସାହୁ ରବୀନ୍ଦ୍ର ବିଶ୍ୱାଳ, ପରେଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବିଜେଡି ସମର୍ଥିତ ଛାତ୍ରବିଜେଡି ସଭାପତି ପ୍ରାର୍ଥୀ ରୁଦ୍ର ପ୍ରସାଦ ଦାସ ସାଧାରଣ ସମ୍ପାଦକ ଅର୍ପିତା ମଥାନଙ୍କ ସମେତ ବିଭିନ୍ନ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱୀତା କରୁଥିବା ଛାତ୍ର ବିଜେଡି ପ୍ରାର୍ଥୀମାନେ ଶୋଭାଯାତ୍ରାରେ ଆସି କଲେଜରେ ପହଁଚି ହ୍ୱାଟ ଆଇ ଷ୍ଟାଣ୍ଡ ଫର ମିଟିଂରେ ଯୋଗ ଦେଇଥିଲେ।





ଛାତ୍ରବିଜେଡି ପ୍ରାର୍ଥୀଙ୍କ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ନଗର ଯୁବବିଜେଡି ସଭାପତି ଅଶୋକ ଧଳ, ନଗର ଛାତ୍ରବିଜେଡି ସଭାପତି ଦେବାଶିଷ ନାୟକ,ବ୍ୟାଙ୍କସ ସଭାପତି ଅନମୋଲ ରାଉତ ଯୁବନେତା ପ୍ରଶାନ୍ତ ସାହୁ,ଏନଜି ପପୁ,ସମରେଶ ମହାନ୍ତି ସ୍ମୃତି ରଞ୍ଜନ ପାଢ଼ୀ, ନୟନ ଗିରି ପ୍ରମୁଖ ସାମିଲ ହୋଇ ପ୍ରଚାରକୁ ଜୋରଦାର କରିଥିଲେ । କଂଗ୍ରେସ ସମର୍ଥିତ ଛାତ୍ରକଂଗ୍ରେସ ସଭାପତି ପ୍ରାର୍ଥୀ ସୁମନ ମଲ୍ଲିକ ସାଧାରଣ ସମ୍ପାଦକ ପ୍ରିୟା ମଲ୍ଲିକଙ୍କ ସମେତ ବିଭିନ୍ନ ପ୍ରାର୍ଥୀ ଶୋଭାଯାତ୍ରାରେ ଆସି କଲେଜରେ ପହଂଚ ଥିଲେ । ଛାତ୍ରକଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର କାର୍ଯ୍ୟକ୍ରମର ମଙ୍ଗ ଧରିଛନ୍ତି ଜିଲ୍ଲା କଂଗ୍ରେସ ସଂଗଠନ ଉପସଭାପତି ସତ୍ୟପ୍ରିୟ ସାମଲ ତାଙ୍କୁ ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ସଭାପତି ତପନ ପାତ୍ର ନଗର ଛାତ୍ର କଂଗ୍ରେସ ସଭାପତି ଦିବେଶ ମଲ୍ଲିକ ପ୍ରମୁଖ ବହୁ କଂଗ୍ରେସ ନେତା ସହଯୋଗ କରୁଛନ୍ତି ।

ଆଜି ବୁଧବାର ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଗୌର ପ୍ରସାଦ ଷଡଙ୍ଗୀଙ୍କ ପୌରହିତ୍ୟରେ କଲେଜ ପରିସରରେ ହ୍ୱାଟ ଆଇ ଷ୍ଟାଣ୍ଡ ଫର ମିଟିଂ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାଧ୍ୟାପକ ଡ଼ ସୁନୀଲ ପ୍ରଧାନ ପ୍ରମୋଦ ସ୍ୱାଇଁ ଅଧ୍ୟାପକ ରଞ୍ଜନ ବେହୁରା ଅଧ୍ୟାପକ ଭାରତ ଭୂଷଣ ସାହୁ ଅଧ୍ୟାପକ ଅରବିନ୍ଦ ପାଣ୍ଡେ ଯୋଗ ଦେଇ ଛାତ୍ର ସଂସଦ ନିର୍ବାଚନ ନିୟମାବଳୀ ଓ ସଠିକ ଭୋଟ ଦାନ ପଦ୍ଧତି ଉପରେ ଉପସ୍ଥିତ ପ୍ରାର୍ଥୀ ଓ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ପଟ୍ଟାମୁଣ୍ଡାଇ କଲେଜ ଛାତ୍ର ସଂସଦ ନିର୍ବାଚନରେ ବିଭିନ୍ନ ପଦବୀ ପାଇଁ ୨୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱୀତା କରୁଛନ୍ତି । ଶାସକ ଦଳ ଠାରୁ ବିରୋଧୀ ଦଳ ପର୍ଯ୍ୟନ୍ତ କଲେଜର ସମସ୍ତ ପଦବୀ ହାସଲ କରିବା ପାଇଁ ଜୋରଦାର ଅଣ୍ଟା ଭିଡି ଥିବାରୁ କଲେଜ ବାତାବରଣ ସରଗରମ ହୋଇପଡିଛି ।

ପଟ୍ଟାମୁଣ୍ଡାଇ କଲେଜ ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ପାଇଁ ପଟ୍ଟାମୁଣ୍ଡାଇ ଏସଡିପିଓ ସୁଜାତ ପାତ୍ର ଓ ଅଫସର ଥାନା ଆଇ ଆଇ ସି ମାନସ ରଞ୍ଜନ ମଲ୍ଲିକ ପୋଲିସ ବାହିନୀ ସହିତ ବାରମ୍ବାର ପଟ୍ଟିରେ ମାଡିବା ସହିତ ପୂର୍ଣ୍ଣ ସଜାଗ ରହିଛନ୍ତି । କୌଣସି ପରିସ୍ଥିତିରେ ଆଇନ ଶୃଙ୍ଖଳା ବ୍ୟାହତ ହେବାକୁ ଦିଆଯିବ ନାହିଁ ବୋଲି ଆଇ ଆଇ ସି ମାନସ ରଞ୍ଜନ ମଲ୍ଲିକ ସୂଚନା ଦେଇଛନ୍ତି । ଆସନ୍ତା କାଲି ଗୁରୁବାର ପଟ୍ଟାମୁଣ୍ଡାଇ କଲେଜ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇ ଅପରାହ୍ନରେ ଫଳାଫଳ ଘୋଷଣା ହେବା ଆଶା କରାଯାଉଛି । ପଟ୍ଟାମୁଣ୍ଡାଇ କଲେଜ ଛାତ୍ର ସଂସଦ ନିର୍ବାଚନ ଫଳାଫଳ ଉପରେ ଜିଲ୍ଲାବାସୀ ବିଶେଷ କରି ପଟ୍ଟାମୁଣ୍ଡାଇବାସୀଙ୍କ ନଜର ରହିଛି ।

ଛାତ୍ର ସଂସଦ ନିର୍ବାଚନ ରେ ହିଂସାକାଣ୍ଡ ଯୋଗୁଁ ପଟ୍ଟାମୁଣ୍ଡାଇ ବ୍ଲକର ଅନ୍ୟତମ କଲେଜ ମଦନପୁର ଯୁ କେ ମହାବିଦ୍ୟାଳୟ କଲେଜ ସାଇନ -ଏ - ଡାଏ ଘୋଷଣା କରାଯାଇ ନିର୍ବାଚନ ସ୍ଥଗିତ ରଖାଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋଯାଆଞ୍ଚଳର ଡାଙ୍ଗିସାହି ବ୍ରାହ୍ମଣୀ କଲେଜରେ ଆଜି ହ୍ୱାଟ ଆଇ ଷ୍ଟାଣ୍ଡ ଫର ମିଟିଂ ଅଧ୍ୟକ୍ଷ ପ୍ରଫେସର ଗୌରୀ କୁମାର ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସେଥିରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱୀତା କରୁଥିବା ସମସ୍ତ ୨୧ ଜଣ ପ୍ରାର୍ଥୀ ଭାଗ ନେଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଆସନ୍ତାକାଲି ଡାଙ୍ଗିସାହି ବ୍ରାହ୍ମଣୀ କଲେଜ ଛାତ୍ର ସଂସଦ ନିର୍ବାଚନ ଫଳାଫଳ ଘୋଷଣା ହେବ। ଏହି ପାଇଁ କଲେଜ ପରିସର ସରଗରମ ହୋଇପଡିଛି ।

# ଜଡ଼ିଡା କ୍ଲଷ୍ଟରରେ ସୁରଭି ଦ୍ୱାରା ସୃଜନଶକ୍ତି ବିକାଶ



ବେଳଗଡ଼ା,୧୪।୧୦ (ସଂଚାର ବ୍ୟୁରୋ): ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳବାଁ ଉଃ ପ୍ରା ବିଦ୍ୟାଳୟରେ ଜଡ଼ିଡା ଆଞ୍ଚଳିକ ସାଧନ କେନ୍ଦ୍ରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାଙ୍ଗିଆଞ୍ଜଳି ପରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରୀତାମଣି ଦେ ସଭାପତିତ୍ୱ କରିଥିଲେ । ସି.ଆର.ସି କାହ୍ନୁଚରଣ ବାରିକ ମଞ୍ଚ ପରିଚାଳନା କରିଥିଲେ ।

ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି - ଜଗନ୍ନାଥ ମଲ୍ଲିକ ଜିଲ୍ଲାପରିଷଦ ସଦସ୍ୟ, ମୁଖ୍ୟ ବକ୍ତା - ପ୍ରଫୁଲ୍ଲ କୁମାର ମହାଳିକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ସମ୍ମାନନୀୟ ଅତିଥି ବିଶ୍ୱମ୍ଭର ବେହେରା ପଞ୍ଚାୟତ ସମିତି ସଦସ୍ୟ, ସନ୍ତୋଷ କୁମାର ଖଣ୍ଡା ଶିକ୍ଷକ, ବଳଭଦ୍ର ପ୍ରଧାନ କମିଟିର ସଭାପତି ପ୍ରମୁଖ ଅତିଥିଗଣ ମଞ୍ଚାସୀନ ଥିଲେ । ଓଡ଼ିଶା ସରକାରଙ୍କର ଶିକ୍ଷାବିଭାଗର ସୁରଭି କାର୍ଯ୍ୟକ୍ରମରେ ୧୦ଟି ବିଦ୍ୟାଳୟର ମୋଟ ୧୦୬ ଛାତ୍ର-ଛାତ୍ରୀ ବିତର୍କ, ପ୍ରବନ୍ଧଲିଖନ, ଚିତ୍ରାଙ୍କନ, ସଙ୍ଗୀତ, କୁଇଜ୍, ସୃଜନଶୀଳଲିଖନ, ବକ୍ତୃତା, ଓଡ଼ିଆ ହସ୍ତାକ୍ଷର, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ, ଚିତ୍ରକଳା ଆଦି କନିଷ୍ଠ ଓ ବରିଷ୍ଠ ଦଳ ଅଂଶ ଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନିଜ ନିଜର ଅନ୍ତର୍ନିହିତ ପ୍ରତିଭାର ପ୍ରକାଶ କରିବା ସହିତ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ସୃଜନଶକ୍ତି ବିକାଶ କ୍ଷେତ୍ରରେ ସୁରଭି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ମଞ୍ଚାସୀନ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ ।

ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରମାକାନ୍ତ ମିଶ୍ର ଅଧ୍ୟାପକ ଇତିହାସ ବିଭାଗ, ମୁଖ୍ୟ ବକ୍ତା ଅନ୍ତର୍ଯ୍ୟାମୀ ନାୟକ ଅଧ୍ୟାପକ ଓଡ଼ିଆ, ସମ୍ମାନୀୟ ଅତିଥି ସୁନୀଲ କୁମାର ମହାନ୍ତ ସିଆରସି, ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଛାତ୍ର ଛାତ୍ରୀଙ୍କର ବିକାଶ ପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ତଥା ପିତାମାତାଙ୍କର ଅବଦାନକୁ ମହାନ ବୋଲି ମତ ପୋଷଣ କରିଥିଲେ । ଆଗାମୀ ଦିନରେ ଛାତ୍ର ଛାତ୍ରୀମାନେ କିଭଳି ଗ୍ରାମାଞ୍ଚଳରୁ ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିପାରିବେ ବୋଲି ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ । ସୁରଭିର ବିଭିନ୍ନ ପ୍ରତିଯୋଗିତା ହୋଇଥିବା ବେଳେ ସାଂସ୍କୃତିକ ନୃତ୍ୟ ଓ ସଙ୍ଗୀତ ବେଶ ସମସ୍ତଙ୍କୁ ମନମୁଗ୍ଧ କରିଥିଲା

## ସଡ଼କ ଦୁର୍ଘଟଣା, ଦୁଇ ଶିଶୁ ଗୁରୁତର

ଫୁଲବାଣୀ,୧୪।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡିଗଡ଼ ପଞ୍ଚାୟତର ଲଦର ଗାଁ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟି ଦୁଇ ଶିଶୁ ଗୁରୁତର ଆହତ ହୋଇଛନ୍ତି। ଆହତ ଶିଶୁଦ୍ୱୟଙ୍କୁ ଚିକିତ୍ସା ନିମନ୍ତେ ତୁମୁଡିବନ୍ଧ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଏକ ଅଟୋ ଓଡ଼ି ୧୨ଜି ୩୫୧୫ ରାମପୁର ଅଭିମୁଖେ ଯାଉଥିବା ବେଳେ ସେହି ଦିଗରେ ଏକ ଇନୋଭା ଗାଡ଼ି ଓଡ଼ି ୦୮ଇ ୭୯୯୭ ମଧ୍ୟ ଯାଉଥିଲା। ହଠାତ୍ ଅଟୋଟି ଡାହାଣ ପଟକୁ ମୋଡ଼ ନେବାରୁ ଇନୋଭା ଚାଳକ ଗାଡ଼ିର ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛକୁ ଧକ୍କା ଦେଇଥିଲେ। ଫଳରେ ଇନୋଭା ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଏହି ସମୟରେ ରାସ୍ତାକଡ଼ରେ ଥିବା



ଏକ ଘରର ବାରିପଟୁ ଦୁଇଜଣ ଶିଶୁ ଆଶିଷ ବିନ୍ଧଣୀ (୬) ରୁଥନ (୪)ଖେଳୁଥିଲେ। ଦୁର୍ଘଟଣା ପରେ ଇନୋଭା ଗାଡ଼ିଟି ଗଛକୁ ଧକା ଦେବା ଫଳରେ ଗଛ ସେମାନଙ୍କ ଉପରେ ପଡିଯିବାରୁ ଦୁଇ ଶିଶୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି କ୍ଷତିପୂରଣ ଦାବିରେ ଗ୍ରାମବାସୀମାନେ ଗୋପାଳପୁରଠାରୁ ରାୟପୁରକୁ ସଂଯୋଗ କରୁଥିବା ୫୯ ନମ୍ବର ଜାତୀୟ ରାଜପଥର ଲଦର ଗାଁ ଛକ ଠାରେ ୨ଘଣ୍ଟା ଧରି ରାସ୍ତାରୋକ କରିଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଗାଡ଼ି ଅଟକି ରହିଥିଲା। ଯାତ୍ରୀମାନେ ଦୀର୍ଘ ସମୟ ଧରି ଯାତାୟାତ ସମସ୍ୟାର ସମ୍ମୁଖୀନ ହୋଇଥିଲେ।

## ମାଲକାନଗିରିରେ ବେଟି ବଚାଓ ବେଟି ପଢ଼ାଓ ସମନ୍ୱୟ ସମିତି ବୈଠକ



ମାଲକାନଗିରି,୧୪।୧୦ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ଏଫଏଲସି କକ୍ଷଠାରେ ବେଟି ବଚାଓ ବେଟି ପଢ଼ାଓ ସମ୍ପର୍କିତ ସମନ୍ୱୟ ସମିତି ବୈଠକ ଏବଂ ଡିଜିଟାଲ, ଆର୍ଥିକ, ସାମାଜିକ ଓ ଆଇନଗତ ସାକ୍ଷରତା ଉପରେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ସଫଳତାର ସହ ସମ୍ପାଦିତ ହୋଇଯାଇଛି।

ଏହି ସମ୍ମିଳନୀରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଚିତା ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ, ଜିଲ୍ଲା ପ୍ରଶାସନର ଅଧିକାରୀବୃନ୍ଦ, ପୋଲିସ ବିଭାଗର ପ୍ରତିନିଧି, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସଦସ୍ୟ, ଆଇସିଡିଏସ ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧି ଏବଂ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା କନ୍ୟା ସନ୍ତାନର ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା ସହ ସମାଜ ମଙ୍ଗଳ, ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟାଙ୍କିଙ୍ଗ୍ ଏବଂ ଶିଶୁ ସୁରକ୍ଷା ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ କରିବା। ଏହାସହ କନ୍ୟାରତ୍ନମାନଙ୍କୁ ଆଧୁନିକ ଡିଜିଟାଲ ଜ୍ଞାନ, ଆର୍ଥିକ ସାକ୍ଷରତା, ସାଇବର ସୁରକ୍ଷା ଏବଂ ସାମାଜିକ-ରାଜନୈତିକ ଅଧିକାର ସମ୍ପର୍କରେ ସଚେତନ କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା।

ପାର୍ବଣ ପୂର୍ବରୁ ଯୋଡ଼ାରେ ଶାନ୍ତି କମିଟି ବୈଠକ

## ଶାନ୍ତିଶୃଙ୍ଖଳା ରକ୍ଷା ଓ ଭାଇଚାରା ବଜାୟ ଉପରେ ଗୁରୁତ୍ୱ



ଯୋଡ଼ା,୧୪।୧୦ (ସଂଚାର ବ୍ୟୁରୋ): ଆଗାମୀ ପାର୍ବଣ ଋତୁରେ ଯୋଡ଼ା ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀପୂଜାକୁ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟରେ ଯୋଡ଼ା ଥାନା ପରିସରରେ ବୁଧବାର ଅପରାହ୍ନରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି।

ଯୋଡ଼ା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ସ୍ଥାନୀୟ ବୁଦ୍ଧିଜୀବୀ, ବିଭିନ୍ନ ପୂଜା କମିଟିର ସଦସ୍ୟ ଓ କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

ବୈଠକରେ ପାର୍ବଣ ସମୟରେ ସହରରେ ଆଇନଶୃଙ୍ଖଳା ବଜାୟ ରଖିବା, ପୂଜାପର୍ବକୁ ଶୃଙ୍ଖଳିତ ଭାବେ ପାଳନ କରିବା ଏବଂ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ନେଇ ଆଲୋଚନା ହୋଇଥିଲା। ଏଥିସହ ଶାନ୍ତି, ସଦ୍‌ଭାବନା ଓ ସାମାଜିକ ସୌହାର୍ଦ୍ଦ୍ୟ ବଜାୟ ରଖିବା ସହ ପାର୍ବଣକୁ ଭାଇଚାରାର ପରିବେଶରେ ପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ପାର୍ବଣ ସମୟରେ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ, ପୂଜା କମିଟି ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

## ସର୍ପାଘାତରେ ଯୁବକଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ,୧୪।୧୦ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପେଣ୍ଠପାଳ ଗ୍ରାମରେ ସର୍ପାଘାତରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଜଣକ ହେଉଛନ୍ତି ପେଣ୍ଠପାଳ ଗ୍ରାମର ଧ୍ରୁବ ଚରଣ ମଳିକ। ଗତକାଲି ରାତିରେ ଧ୍ରୁବ ଚରଣ ନିଜ ଘରେ ଶୋଇଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଏହା ଜାଣିବା ପରେ ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି ।

# ଗ୍ରାମ୍ୟ ବ୍ୟାଙ୍କରେ ବିଭିନ୍ନ ଯୋଜନାର ସୁଯୋଗ ନେବାକୁ ଆହ୍ୱାନ

କୋରାପୁଟ,୧୪।୧୦ (ସଂଚାର ବ୍ୟୁରୋ): ଗ୍ରାମାଞ୍ଚଳର ଲୋକଙ୍କୁ ସ୍ୱଚ୍ଛତା ଓ ଆର୍ଥିକ ସାକ୍ଷରତା ସମ୍ପର୍କରେ ସଚେତନ କରିବା ସହ ବ୍ୟାଙ୍କିଙ୍ଗ ସେବା ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଇଛି। କୋରାପୁଟ ଜିଲ୍ଲାର ମାନବର ନିକଟସ୍ଥ କେନ୍ଦାରଠାରେ ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କିଙ୍ଗ ସେବା, ସରକାରୀ ଯୋଜନା ଓ ଋଣ ସୁବିଧା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା।





କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ଜିରୋ ବାଲାନ୍ସରେ ବ୍ୟାଙ୍କ ଖାତା ଖୋଲିବାକୁ ଲୋକଙ୍କୁ ଉତ୍ସାହିତ କରାଯାଇଥିଲା। ବ୍ୟାଙ୍କିଙ୍ଗ ସେବାର ଉପଯୋଗ କରି ନିଜ ଅର୍ଥକୁ ସୁରକ୍ଷିତ ରଖିବା ସହ ଗାଁର ସାହୁକାରଙ୍କଠାରୁ ଅଧିକ ସୁଧରେ ଋଣ ନେବାରୁ ଦୂରେଇ ରହିବାକୁ ଆହ୍ୱାନ ଦିଆଯାଇଥିଲା। ସେହିପରି ଆବଶ୍ୟକ ସମୟରେ ସୁନା ବନ୍ଧକ ରଖି ଋଣ ନେବା ପାଇଁ ଗ୍ରାମ୍ୟ ବ୍ୟାଙ୍କର ଗୋଲ୍ଡ ଲୋନ୍ ସୁବିଧା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଋଣ ନେବା ପୂର୍ବରୁ ସୁଧହାର ଓ ଅନ୍ୟାନ୍ୟ ସର୍ତ୍ତାବଳୀ ଭଲଭାବେ ଜାଣିବାକୁ ପରାମର୍ଶ ଦିଆଯାଇଥିଲା।

ଆର୍ଥିକ ସୁରକ୍ଷାକୁ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (ପିଏମ୍‌ଏସ୍‌ବିୱାଇ) ଏବଂ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ପିଏମ୍‌ଜେଜେବିୱାଇ) ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ଅଳ୍ପ ପ୍ରିମିୟମ୍‌ରେ ବୀମା ସୁରକ୍ଷା ପାଇବା ଏବଂ ଅପ୍ରତ୍ୟାଶିତ ଦୁର୍ଘଟଣା କିମ୍ବା ମୃତ୍ୟୁ ସମୟରେ ପରିବାରକୁ ଆର୍ଥିକ ସହାୟତା ମିଳିବାରେ ଏହି ଯୋଜନାଗୁଡ଼ିକର ଭୂମିକା ବିଷୟରେ ବୁଝାଯାଇଥିଲା। ଏଥିସହ ନିୟମିତ ସଞ୍ଚୟ ପାଇଁ ରିକରିଂ ଡିପୋଜିଟ୍ ଏବଂ ଶିଶୁଙ୍କ ଭବିଷ୍ୟତ ପାଇଁ ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାର ସୁଯୋଗ ନେବାକୁ ପରାମର୍ଶ ଦିଆଯାଇଥିଲା। ଗ୍ରାମାଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି), ଗୋଷ୍ଠୀ ଋଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମୁଦ୍ରା ଋଣ, କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ଏବଂ ପିଏମ୍‌ଇଜିପି ଓ ପିଏମ୍‌ଏଫ୍‌ଏମ୍‌ଇ ଭଳି ଯୋଜନା ମାଧ୍ୟମରେ ଉଦ୍ୟୋଗ ସ୍ଥାପନ ଓ ଆତ୍ମନିଯୁକ୍ତିର ସୁଯୋଗ ନେବାକୁ ମଧ୍ୟ ଆହ୍ୱାନ ଦିଆଯାଇଥିଲା।

ଏହି କାର୍ଯ୍ୟକ୍ରମରେ କୋରାପୁଟ ଶାଖା ପରିଚାଳକ ଦେବେନ୍ଦ୍ର କୁମାର ଶୁକ୍ଳା, ଆଞ୍ଚଳିକ ପ୍ରବନ୍ଧକ ରମେଶ ମହାକୁଡ଼ ଏବଂ ଆଡଭାନ୍ସ ହେଡ୍ ବ୍ରଜମୋହନ ରାଉତ ଉପସ୍ଥିତ ରହି ବ୍ୟାଙ୍କିଙ୍ଗ ସେବା ଓ ବିଭିନ୍ନ ଯୋଜନାର ଉପଯୋଗିତା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଗ୍ରାମାଞ୍ଚଳର ଲୋକଙ୍କୁ ବ୍ୟାଙ୍କ ସହ ଯୋଡ଼ି ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ।

## ବାଲି ଚୋରା ଚାଲାଣ ବେଳେ ଟ୍ରାକ୍ଟର ଜବତ, ଚାଳକ ଗିରଫ



ସୁନ୍ଦରଗଡ଼,୧୪।୧୦ (ସଂଚାର ବ୍ୟୁରୋ):ଚୋରା ବାଲି ଚାଲାଣ ଉପରେ ସଦର ପୋଲିସର ଚଢ଼ାଉ। କିରେଇ ଛକ ନିକଟରୁ ବାଲି ଚାଲାଣ କରୁଥିବା ଓଡ଼ିଆ ଓଡି -୧୬ଏମ -୩୦୮୦ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟରକୁ ଜବତ କରିବା ସହ ଚାଳକକୁ ଗିରଫ କରିଛି ପୋଲିସ। ଗିରଫ ଚାଳକ ହେଉଛି ୨୫ ବର୍ଷୀୟ ରଞ୍ଜିତ ନାଏକ। ଏନେଇ ସଦର ଥାନା କେସ୍ ନମ୍ବର ୫୨୭ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

## ବାଇକ୍-ସାଇକେଲ ଧକ୍କା, ସାଇକେଲ ଆରୋହୀ ମୃତ

ସୁନ୍ଦରଗଡ଼,୧୪।୧୦ (ସଂଚାର ବ୍ୟୁରୋ): ସଦର ବ୍ଲକ ବିର୍ଜାବେର୍ଣ୍ଣା ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ବାଇକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଅମଶଡେଗି ଗାଁର ସୁରିନ ଚୌଧୁରୀ।

ଦୁର୍ଘଟଣାର ଖବର ପାଇ ଧରୁଆଡିହି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପୁଲିସ ବାଇକ୍ ଚାଳକକୁ ଗିରଫ କରିବା ସହିତ ଉଭୟ ବାଇକ୍ ଓ ସାଇକେଲକୁ ଜବତ କରିଛି ଏନେଇ ଧରୁଆଡିହି ଥାନା କେସ୍ ନମ୍ବର ୨୦୯ରେ ମାମଲା ରୁଜୁ ହୋଇଥିବା ବେଳେ ଦୁର୍ଘଟଣାର ପ୍ରକୃତ କାରଣ ନେଇ ତଦନ୍ତ ଜାରି ରହିଛି।

## ପଚାଶ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ



ଫୁଲବାଣୀ,୧୪।୧୦ (ସଂଚାର ବ୍ୟୁରୋ): ଅବକାରୀ ବିଭାଗ ଦ୍ୱାରା ଗୋଟିଏ କାର ଗୋଟିଏ ଅଟୋ ସହ ପଚାଶ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଚାଲାଣ ରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି ।

ତେବେ ସୂଚନା ଅନୁସାରେ ଅବକାରୀ ବିଭାଗ କୁ ଗଞ୍ଜେଇ ଚାଲାଣ ହେଉଥିବା ନେଇଁ ସୂଚନା ଆଧାର ରେ ଅବକାରୀ ସୁପରିଟେଣ୍ଡ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗର ମୋବାଇଲ ୟୁନିଟର ଇନିସ୍ପେକ୍ଟର ରଙ୍କନିଧି ମାଲିକଙ୍କ ନେତୃତ୍ୱରେ ଏସ ୟଆଇ ପ୍ରକାଶ ଚନ୍ଦ୍ର ମଲିକଙ୍କ ସହ ଏକ ଟିମ ଟିକାବାଲି ଥାନା କାଇଁଝର ଛକ ୟରେ ଜଗି ରହିଥିଲେ। କଇଁଝର ଅଞ୍ଚଳରୁ ଗୋଟିଏ କାର ଓ ଏକ ଅଟୋ ଆସୁଥିବା ବେଳେ ଗାଡି ୟକୁ ଅଟକାଇଥିଲେ। ଗାଡ଼ି ଏବଂ ଅଟୋରେ ଗଞ୍ଜେଇ ଥିବା ଜଣାପଡିବା ପରେ ଘଟଣାସ୍ଥଳରୁ କାର, ଅଟୋ ଏବଂ ଗଞ୍ଜେଇ ଜବତ କରିଥିବା ବେଳେ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଖୋର୍ଦ୍ଧା ଜିଲ୍ଲା ଖଣ୍ଡଗିରି ଥାନା ରଘୁନାଥ ନଗର ଗାଁର ସୁବାଷ ସାହୁ (୩୬), କନ୍ଧମାଳ ଜିଲ୍ଲା ଖଜୁରୀପଡା ଥାନା ଆର ନୂଆଗାଁର ଯତୀନ ବେହେରା (୪୬)କୁ ଗିରଫ କରି ଅବକାରୀ ଥାନାରେ ଗଞ୍ଜେଇ ଚାଲାଣକୁ ନେଇଁ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ଇନିସ୍ପେକ୍ଟର ରଙ୍କନିଧି ମଲିକ ସୂଚନା ଦେଇଛନ୍ତି । ଜବତ ଗଞ୍ଜେଇ ଟିକାବାଲି ଥାନା ଅଞ୍ଚଳ ରୁ ଭୁବନେଶ୍ୱର ଚାଲାଣ ହେଉଥିବା ସୂଚନା ମିଳିଛି ।

# ଇନ୍ଦ୍ରାବତୀ ପ୍ରକଳ୍ପ ସୁରକ୍ଷାକର୍ମୀଙ୍କୁ ମିଳୁନି ଦରମା

ଦୁର୍ବିସହ ଜୀବନ ବିତାଉଛନ୍ତି ସୁରକ୍ଷାକର୍ମୀଙ୍କ ପରିବାର



ନବରଙ୍ଗପୁର,ତେନ୍ତୁଳିଖୁଣ୍ଟି,୧୪।୧୦ (ସଂଚାର ବ୍ୟୁରୋ): ଏସିଆର ବୃହତ ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପର ୧୪୭ ଜଣ ସୁରକ୍ଷାକର୍ମୀଙ୍କୁ ୧୧ ମାସ ହେଲା ମିଳିନି ଦରମା । ବହୁବାର ଦାବି ଓ ଧାରଣା ପରେ ବି ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଦୁର୍ବିସହ ଜୀବନ ବିତାଉଛନ୍ତି ସୁରକ୍ଷାକର୍ମୀଙ୍କ ପରିବାର।

ଓଡ଼ିଶା ଜଳବିଦ୍ୟୁତ ନିଗମ ଅଧୀନରେ ପରିଚାଳିତ ବୃହତ ଇନ୍ଦ୍ରାବତୀ ପ୍ରକଳ୍ପରୁ ବାର୍ଷିକ ୧୦୦୦ କୋଟିରୁ ଅଧିକ ଟଙ୍କାର ବିଦ୍ୟୁତ ବିକ୍ରି କରି ନିଗମ ଏକ ନବରତ୍ନ କମ୍ପାନୀ ମାନ୍ୟତା ପାଇଛି ଅଥଚ ପ୍ରକଳ୍ପକୁ ସୁରକ୍ଷା ଦେଉଥିବା ମାତ୍ର ୧୪୭ ଜଣ କର୍ମଚାରୀଙ୍କୁ ନିୟମିତ ଦରମା ନମିଳିବା ପରିତାପର ବିଷୟ।

ସୁରକ୍ଷାକର୍ମୀ ସଂଘର ବୈଦନାଥ ହରିଜନ, କିରଣ ହରିଜନ, ସୁମନ୍ତ ହରିଜନ ପ୍ରମୁଖଙ୍କ କହିବା ପ୍ରକାରେ ସେମାନେ ୧୪୭ ଜଣ ସୁରକ୍ଷା କର୍ମୀ ୨୪ ଘଣ୍ଟା ଧରି ୮ ଘଣ୍ଟା ପାଳି କରି ସମଗ୍ର ପ୍ରକଳ୍ପକୁ ସୁରକ୍ଷା ଦେଉଛନ୍ତି।ସେମାନଙ୍କ ମାସିକ ଦରମା ମାତ୍ର ୧୨ ହଜାର ୫୦୦ ଟଙ୍କାରେ ସମ୍ପୃକ୍ତ ପରିବାର ନିର୍ଭର କରୁଛନ୍ତି । ଦୀର୍ଘ ମାସର ଦରମା ମିଳି ନଥିବାରୁ ଆର୍ଥିକ ଦୁଶ୍ଚିନ୍ତା ଦେଇ ଗତି କରୁଛନ୍ତି। ରାସନ୍ ଦୋକାନ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ପରିବାରର ଯାବତୀୟ ଖର୍ଚ୍ଚ ପାଇଁ ଧାର ଉଧାର କରି ଥକି ଗଲେଣି। ଧାର ଦେଉଥିବା ବ୍ୟବସାୟୀ ମଧ୍ୟ ହାତ ଟେକି ଦେଇଛନ୍ତି।

ସୁରକ୍ଷା କର୍ମୀଗଣ ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପର ଇନ୍ଦ୍ରାବତୀ ଡ୍ୟାମ ସମେତ ପୋଡ଼ାଗଡ଼, କପୁର, ମୁରାନ୍ ଡ୍ୟାମ୍, ଇନ୍ ଟେକ୍, ସର୍ଜ ସାଫ୍ଟ, ପାୱାର ଚ୍ୟାନେଲ, ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ, ଅତିଥି ଭବନ, ଡାକ୍ତରଖାନା ଓ ମୁଖିଗୁଡା ଅତିଥି ଭବନର ସୁରକ୍ଷା ଦାୟିତ୍ୱ ନିର୍ବାହ କରୁଛନ୍ତି । ଦିର୍ଘ ଦିନ ଧରି ଆଉଟସୋରସିଂ କମ୍ପାନି ଦ୍ୱାରା ଦରମା ପ୍ରଦାନ କରାଯାଉଥିଲା। ଗତବର୍ଷ ୨୦୨୫ ନଭେମ୍ବର ମାସରୁ କମ୍ପାନିର ଚୁକ୍ତି ସରିଯାଇଛି । ତେବେ ଅଦ୍ୟାବଧି ୧୧ ମାସ ଧରି କାମ କରୁଥିଲେ ମଧ୍ୟ ଦରମା ମିଳିନି । ଏଥିରେ ସେମାନଙ୍କ ପୁଅଝିଅ ଓ ପରିବାରର କ'ଣ ଦୋଷ ବୋଲି ପ୍ରଶ୍ନ କରିଛନ୍ତି । ଆଉଟସୋରସିଂ କମ୍ପାନିକୁ ନିୟୋଜିତ ନକରି ସିଧାସଳଖ ଜଳସଂପଦ ବିଭାଗ ପକ୍ଷରୁ ମାସିକ ଦରମା ପ୍ରଦାନ କରିବାକୁ ସୁରକ୍ଷା କର୍ମୀ ସଂଘ ଦାବି କରିଛନ୍ତି ।

ବିଜେଡି ନେତା ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ ସୁରକ୍ଷା କର୍ମୀଙ୍କ ସହ ଆଲୋଚନା କରିଛନ୍ତି। ସେମାନଙ୍କ ପ୍ରାପ୍ୟ ଚଳିତ ମାସ ଅକ୍ଟୋବର ୨୦ ତାରିଖ ସୁଦ୍ଧା ପ୍ରଦାନ କରାନଗଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ସଂଚାର
THE SANCHAR
Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17




ପ୍ରତିରକ୍ଷା ସୁରକ୍ଷା ମଜବୁତ କରିବାକୁ ଆହ୍ୱାନ

ପୃଷ୍ଠା ୫


Vol. 34 | ISSUE 204 ଭାଗ ୩୪ | ସଂଖ୍ୟା ୨୦୪ | Thursday 15 October 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର, ୧୫ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ସିରିଜ୍ ଦୁର୍ଘଟଣାରେ ୨ ମୃତ, ୯ ଗୁରୁତର

ଛତ୍ରପୁର,୧୪।୧୦(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲ୍ଲାର ଚମାଖଣ୍ଡି ଛକ ନିକଟ ଜାତୀୟ ରାଜପଥରେ ସିରିଜ ଦୁର୍ଘଟଣା ଘଟିଛି। ଏକ ଟ୍ରକ କାର୍ ସହ ଏକାଧିକ ବାଇକ୍‌କୁ ଧକ୍କା ଦେଇଛି। ଏଥିସହ ଏହି ସିରିଜ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯ ଜଣ ଗୁରୁତର ଭାବେ ହୋଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି। ଜାତୀୟ ରାଜପଥରେ କାର୍‌କୁ ପଛରୁ ପିଟିଥିଲା ଟ୍ରକ୍। ପରେ କାର୍‌କୁ ଧକ୍କା ଦେଇ ଏହା ଏକାଧିକ ବାଇକକୁ ଧକ୍କା ଦେଇଥିଲା। ଏପରିକି ଟ୍ରକ୍ ଚକା ତଳେ ୫ଟି ବାଇକ୍ ଚୂରମାର ହୋଇଯାଇଛି। ଗୁରୁତରମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି। ଫଳତଃ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି।

### ଦେଶର ପ୍ରତିରକ୍ଷା ଡାଟା ଚୋରି କରିପାରିବେନି ଶତ୍ରୁ

# ଚାନ୍ଦିପୁରରେ କ୍ୱାଣ୍ଟମ୍ କବଚ ପରୀକ୍ଷା ସଫଳ



ଚାନ୍ଦିପୁର,୧୪।୧୦ (ସଂଚାର ବ୍ୟୁରୋ)ଃ ଶତ୍ରୁ ଯଦି ଭାରତର ଅସ୍ତ୍ରଶସ୍ତ୍ର ପରୀକ୍ଷାର ଗୁପ୍ତ ତଥ୍ୟ ଜାଣିବାକୁ ଚେଷ୍ଟା କରେ, ତେବେ ଧରାପଡ଼ିପାରିବ ଅନୁପ୍ରବେଶକାରୀ। ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଏଭଳି ଏକ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥାର ପରୀକ୍ଷଣ ସଫଳ ହୋଇଛି। ଓଡ଼ିଶାର ଚାନ୍ଦିପୁରରେ କ୍ୱାଣ୍ଟମ୍ କି ଡିଷ୍ଟ୍ରିବ୍ୟୁସନ୍ (କ୍ୟୁକେଡି) ପ୍ରଯୁକ୍ତିର ସଫଳ ପରୀକ୍ଷଣ କରିଛି ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ)। ଏହା ଭାରତର ପ୍ରତିରକ୍ଷା ଯୋଗାଯୋଗକୁ ଅଧିକ ସୁରକ୍ଷିତ କରିବା ଦିଗରେ ଏକ ବଡ଼ ପଦକ୍ଷେପ। ଡିଆରଡିଓ ପକ୍ଷରୁ ଆଜି ଏହି ସଫଳ ପରୀକ୍ଷଣ ସମ୍ପର୍କରେ ଘୋଷଣା କରାଯାଇଛି। ଚାନ୍ଦିପୁରସ୍ଥିତ ପ୍ରୁଫ୍ ଆଣ୍ଡ ଏକ୍ସପେରିମେଣ୍ଟାଲ୍ ଏଷ୍ଟାବ୍ଲିସମେଣ୍ଟ (ପିଏକ୍ସଇ)ର ଡାଇନାମିକ୍ ଟେଷ୍ଟ ରେଞ୍ଜ୍‌ରେ ଚାଲୁଥିବା ଯୋଗାଯୋଗ ନେଟୱର୍କରେ ଏହାର ପରୀକ୍ଷଣ କରାଯାଇଥିଲା। ଏହି ପ୍ରଯୁକ୍ତି ଦ୍ୱାରା ତୋପ ଓ ବଖତରବନ୍ଦ ଯୁଦ୍ଧାସ୍ତ୍ରର ପରୀକ୍ଷଣ ସମୟରେ ସଂଗ୍ରହ କରାଯାଉଥିବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ରିଅଲ୍ ଟାଇମ୍ ଡାଟାକୁ ଅଧିକ ସୁରକ୍ଷିତ ଭାବେ ଆଦାନ ପ୍ରଦାନ କରାଯାଇପାରିବ।

ସରଳ ଭାଷାରେ କହିଲେ, ଇଣ୍ଟରନେଟ୍ କିମ୍ବା ଡିଜିଟାଲ୍ ଯୋଗାଯୋଗରେ ତଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଏନ୍‌କ୍ରିପ୍ସନ୍ ବ୍ୟବହାର ହୁଏ। ଏଥିରେ ତଥ୍ୟକୁ ଗୁପ୍ତ ରଖିବା ପାଇଁ ଡିଜିଟାଲ୍ ଚାବି ଆବଶ୍ୟକ ପଡ଼େ। କ୍ୱାଣ୍ଟମ୍ କି ଡିଷ୍ଟ୍ରିବ୍ୟୁସନ୍ ହେଉଛି ଏପରି ଏକ ପ୍ରଯୁକ୍ତିବିଦ୍ୟା, ଯାହା କ୍ୱାଣ୍ଟମ୍ ଫିଜିକ୍ସର ବିଶେଷ ସିଦ୍ଧାନ୍ତ ବ୍ୟବହାର କରି ➪ପୃଷ୍ଠା-୬

# କଳିଙ୍ଗନଗରରେ ଶିଳ୍ପାୟନର ‘ସ୍ୱର୍ଣ୍ଣିମ ଅଧ୍ୟାୟ’

- ଓଡ଼ିଶା ହେବ ଦେଶର ଶ୍ରେଷ୍ଠ ‘ମାନୁଫାକ୍‌ଚରିଂ ହବ୍’
- ୧୪ ଜିଲ୍ଲାରେ ୪୬ ମଧ୍ୟମ ଓ ବୃହତ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ
- ୩୯,୩୮୩ କୋଟିର ଶିଳ୍ପ ପ୍ରକଳ୍ପ; ୪୨,୫୧୨ ନିଯୁକ୍ତି ସମ୍ଭାବନା
- କେନ୍ଦୁଝରରୁ ଖୋର୍ଦ୍ଧା, ସବୁଠି ଖୋଲିଲା ନିଯୁକ୍ତିର ରାସ୍ତା
- ଓଡ଼ିଆ ପୁଅଝିଅଙ୍କ ପାଇଁ ଫାକ୍ଟ୍ରି ଗଢୁଛୁ, ନିଯୁକ୍ତି ଦେଉଛୁ



ଭୁବନେଶ୍ୱର,୧୪।୧୦ (ସଂଚାର ବ୍ୟୁରୋ)ଃ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟା ଆହୁରି ଗତିଶୀଳ କରି ଆଜି ଯାଜପୁର ଜିଲ୍ଲା କଳିଙ୍ଗନଗରଠାରେ ଏକ ବୃହତ ଶିଳ୍ପ ସମାରୋହ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ୧୪ଟି ଜିଲ୍ଲାରେ ୩୯,୩୮୩ କୋଟି ଟଙ୍କାର ପୁଞ୍ଜି ନିବେଶରେ ୪୬ଟି ମଧ୍ୟମ ଓ ବୃହତ୍ ଶିଳ୍ପ ପ୍ରକଳ୍ପର ଭୂମିପୂଜନ ଓ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ୪୨,୫୧୨ଟି ନିଯୁକ୍ତି ସୃଷ୍ଟି ହୋଇଛି। ଏହି ପଦକ୍ଷେପ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଯୁବବର୍ଗଙ୍କ ପାଇଁ ବ୍ୟାପକ ରୋଜଗାରର ସୁଯୋଗ ସୃଷ୍ଟି କରିବ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିର ଏହି ଶୁଭ ଦିନରେ ସମଗ୍ର ଓଡ଼ିଶାରେ ଯେଉଁ ଶିଳ୍ପ ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ ହେଉଛି, ତାହା ରାଜ୍ୟର ଦ୍ୱିତୀୟ ଶିଳ୍ପ ବିପ୍ଳବର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଆମ ସରକାର ଆସିବା ପୂର୍ବରୁ ଶିଳ୍ପ ନିବେଶ କେବଳ ଏକ ସ୍ଲୋଗାନ ଓ ପ୍ରଚାର ପ୍ରସାରର ମାଧ୍ୟମ ହୋଇ ରହିଥିଲା। କିନ୍ତୁ ଆମେ ପ୍ରତିଟି ବୁଝାମଣାପତ୍ରକୁ ବାସ୍ତବ ରୂପ ଦେଇ ଫାକ୍ଟ୍ରି ନିର୍ମାଣ କରି ଉତ୍ପାଦନ ଆରମ୍ଭ କରିଛୁ ଓ ଆମର ଓଡ଼ିଆ ପୁଅଝିଅମାନଙ୍କୁ ନିଯୁକ୍ତି ଦେବାରେ ସମର୍ଥ ହୋଇଛୁ। ସେ ଆହୁରି ମଧ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ପୂର୍ବୋଦୟ’ ପରିକଳ୍ପନାର କେନ୍ଦ୍ରରେ ରହିଛି ଓଡ଼ିଶା। ଆଗାମୀ ଦଶ ବର୍ଷ ଭିତରେ ରାଜ୍ୟର ଅର୍ଥନୀତିକୁ ୫୦୦ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚାଇବା ପାଇଁ ଆମେ ‘ସମୃଦ୍ଧ ଓଡ଼ିଶା’ ଗଠନର ଲକ୍ଷ୍ୟ ରଖିଛୁ। ନୀତି ଆୟୋଗର ସୂଚକାଙ୍କ ଅନୁସାରେ ଓଡ଼ିଶା ➪ପୃଷ୍ଠା-୬

### ବିରୋଧୀ ରାଜନୀତିରେ ବ୍ୟସ୍ତ, ଆମେ ପ୍ରଗତିରେ ବ୍ୟସ୍ତ



ବିଭିନ୍ନ ପ୍ରସଙ୍ଗରେ ଏବେ ରାଜ୍ୟ ଓ ଦେଶରେ ବିରୋଧ ପ୍ରଦର୍ଶନ କରୁଥିବା ଶକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଶାଣିତ ଆକ୍ରମଣ କରିଛନ୍ତି। ବିରୋଧୀମାନଙ୍କ ବିକାଶବିରୋଧୀ କାର୍ଯ୍ୟକଳାପ କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିରୋଧୀମାନେ ରାଜନୀତି ରେ ବ୍ୟସ୍ତ ଥିବା ବେଳେ ଆମ ସରକାର ଓଡ଼ିଶାର ପ୍ରଗତି ଓ ବିକାଶରେ ବ୍ୟସ୍ତ ଅଛନ୍ତି। ନିନ୍ଦୁକ ମାନେ ଦେଶର ପ୍ରଗତିକୁ ପ୍ରତିହତ କରିବାକୁ ଚେଷ୍ଟା କରୁଛନ୍ତି। ଅପ୍ରସଙ୍ଗକୁ ଆଳ କରି ଦେଶରେ ଅରାଜକତା ସୃଷ୍ଟି କରିବାକୁ ଚାହୁଁଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସେମାନଙ୍କ ପାଖରେ ଦେଶର ବିକାଶର ଭିଜନ ନାହିଁ। ସେମାନଙ୍କ ରାଷ୍ଟ୍ର ବିରୋଧୀ କାମ କରିବା ଛଡା ଅନ୍ୟ କିଛି କାମ ନାହିଁ। ➪ପୃଷ୍ଠା-୬

### ନୂଆ ରାଜ୍ୟପାଳଙ୍କ ବୟାନକୁ ନେଇ ବିବାଦ

# କହିଲେ ବିଜେପି ପାଇଁ ଭୋଟ୍ ଯୋଗାଡ଼ କରିବେ

ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ)ଃ ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି ବ୍ରଜ ମୋହନ ରାମ। ହେଲେ ଦାୟିତ୍ୱ ଗ୍ରହଣ କରିବା

### ଘେରିଲେ ବିରୋଧୀ, ସ୍ପଷ୍ଟୀକରଣ ଦେଲେ ବ୍ରଜ ମୋହନ



ପୂର୍ବରୁ ତାଙ୍କର ଏକ ବୟାନକୁ ନେଇ ରାଜ୍ୟରେ ରାଜନୈତିକ ବିବାଦ ଦେଖାଦେଇଛି। ଓଡ଼ିଶାରେ ବିଜେପିର ଏସ୍‌ସି ମୋର୍ଚ୍ଚାକୁ ମଜବୁତ କରିବା ସହ ଦଳ ସପକ୍ଷରେ ଭୋଟ୍ କିପରି ଆସିବ, ସେଥିପାଇଁ ସେ କାମ କରିବେ ବୋଲି କହୁଥିବା ତାଙ୍କର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି, ଯାହାକୁ ନେଇ ଏବେ ବିବାଦ ଦେଖାଦେଇଥିବା ବେଳେ ଏହାକୁ ନେଇ ବିରୋଧୀ ବିଜେଡି ଆପତ୍ତି ଉଠାଇଛି।

ଗତକାଲି ରାଞ୍ଚିର ମୋରାବାଦୀସ୍ଥିତ ହନୁମାନ ମନ୍ଦିରରେ ପରିବାର ସହ ପୂଜାର୍ଚ୍ଚନା ପରେ ବ୍ରଜ ମୋହନ ରାମ ଏକ ଜାତୀୟ ଗଣମାଧ୍ୟମ ସଂସ୍ଥାକୁ ଏହି ବୟାନ ଦେଇଥିଲେ। ଯେତେବେଳେ ତାଙ୍କୁ ପଚାରାଯାଇଥିଲା - ‘ଏବେ ଆପଣ ନୂଆ ଦାୟିତ୍ୱ ସହ ଓଡ଼ିଶା ଯିବେ, ସେଠି କିପରି ପରାମର୍ଶ ଦେବେ, କିପରି କାର୍ଯ୍ୟ କରିବେ?’ ଏହାର ଉତ୍ତରରେ ସେ କହିଥିଲେ, ‘ଓଡ଼ିଶାରେ ଅନୁସୂଚିତ ଜାତି ସମୁଦାୟର ସ୍ଥିତି ଦେଖିବି। ସେଠିବି ବିଜେପିର ଏସ୍‌ସି ମୋର୍ଚ୍ଚା ସଂଗଠନକୁ ମଜବୁତ କରିବା ସହ ଲୋକଙ୍କୁ ଦଳ ସହ ଯୋଡ଼ିବି ଓ ବିଜେପି ସପକ୍ଷରେ ଭୋଟ୍ କିପରି ଆସିବ, ସେଥିପ୍ରତି ଧ୍ୟାନ ଦେବି’। ଏଥିସହ ନିଜ ରାଜନୈତିକ ଯାତ୍ରା ବିଷୟରେ କହି ସେ ଆହୁରି କହିଥିଲେ, ତିନି ଥର ଟିକେଟ୍ ନ ମିଳିବା ସତ୍ତ୍ୱେ ସେ ବିଜେପି ଛାଡ଼ି ନ ଥିଲେ ଏବଂ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ କାମ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ➪ପୃଷ୍ଠା-୬

### ସରକାରୀ କାର୍ଯ୍ୟାଳୟରେ ଇଭି ଗାଡ଼ି ବ୍ୟବହାର ପ୍ରସଙ୍ଗ

# ଟେଣ୍ଡର ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି ବିଡର



ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ)ଃ ପଶ୍ଚିମ ଏସିଆ ସଙ୍କଟ ପାଇଁ ରାଜ୍ୟ ସରକାର କରିଥିବା ଇଭି ଗାଡ଼ି ନିୟମରେ କୋହଳ କରିଛନ୍ତି। ସବୁ ବିଭାଗର ଅଧିକାରୀଙ୍କ ବ୍ୟବହାର ଓ ଗସ୍ତ ପାଇଁ କେବଳ ଇଭି ଗାଡ଼ି ଭଡ଼ାରେ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଭଡ଼ାରେ ଇଭି ଗାଡ଼ି ପାଇଁ ସରକାର ଡାକିଥିବା ଟେଣ୍ଡର ପ୍ରକ୍ରିୟା ଏକପ୍ରକାର ଫେଲ ମାରିଛି। କୌଣସି ବିଡର ଏଭଳି ଟେଣ୍ଡର ପାଇଁ ଆଗ୍ରହ ପ୍ରକାଶ କଲେନାହିଁ। ଫଳରେ ଅର୍ଥ ବିଭାଗ ବାଧ୍ୟ ହୋଇ ନିୟମରେ ପରିବର୍ତ୍ତନ କରିଛି। ଇଭି ଗାଡ଼ି ଟେଣ୍ଡର ଫେଲ ହେଲେ ପେଟ୍ରୋଲ କିମ୍ବା ଡିଜେଲ ଗାଡ଼ି ଭଡ଼ାରେ ନେଇପାରିବେ ବୋଲି ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବରୁ ଗତ ଜୁନ୍ ୪ରେ ଜାରି ନିର୍ଦ୍ଦେଶ ଅନୁସାରେ, ଜୁନ୍ ୧ରୁ ସରକାରୀ କାମ ପାଇଁ ଇଭି ଭଡ଼ାରେ ନେବା ବାଧ୍ୟତାମୂଳକ ହୋଇଥିଲା। ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ଇନ୍ଧନ ଖର୍ଚ୍ଚ କମାଇବାକୁ ସରକାର ଏହି ନିୟମ କରିଥିଲେ। କିନ୍ତୁ ଟେଣ୍ଡରରେ ଗାଡ଼ି ଯୋଗାଇବାକୁ କେହି ଆଗେଇ ନ ଆସିବାରୁ

- ନିୟମ କୋହଳ କଲା ଅର୍ଥ ବିଭାଗ
- ଇଭି ନ ମିଳିଲେ ପେଟ୍ରୋଲ-ଡିଜେଲ ଗାଡ଼ି ବ୍ୟବହାର ପାଇଁ ଅନୁମତି

ନିୟମରେ କୋହଳ କରାଯାଇଛି। ନୂଆ ନିୟମ ଅନୁସାରେ, ପ୍ରଥମେ ଇଭି ଭଡ଼ା ପାଇଁ ଟେଣ୍ଡର ଡାକିବାକୁ ପଡ଼ିବ। ଏଥିରେ କୌଣସି ଉପଯୁକ୍ତ ବିଡ୍ ନ ମିଳିଲେ, ଟେଣ୍ଡର ବିଫଳ ହୋଇଥିବାର ପ୍ରମାଣ ସହ ସମ୍ପୃକ୍ତ ବିଭାଗ ଜରିଆରେ ଆବେଦନ କରିବାକୁ ହେବ। ପୁରୁଣା ସରକାରୀ ଗାଡ଼ିକୁ ଅଚଳ ଘୋଷଣା କରି କିମ୍ବା ସ୍ୱାପ୍ କରି ତାହା ବଦଳରେ ନୂଆ ଗାଡ଼ି ଭଡ଼ାରେ ନେବାକୁ ଚାହିଁଲେ, ସମ୍ପୃକ୍ତ ପ୍ରଶାସନିକ ବିଭାଗ ଅନୁମତି ଦେଇପାରିବ। ତେବେ ପୁରୁଣା ଗାଡ଼ିକୁ ସ୍ୱାପ୍ ନ କରି ନୂଆ ପେଟ୍ରୋଲ କିମ୍ବା ଡିଜେଲ ଗାଡ଼ି ଭଡ଼ାରେ ➪ପୃଷ୍ଠା-୬

### ରେଳ କର୍ମଚାରୀଙ୍କ ପାଇଁ ଖୁସି ଖବର

## ମିଳିବ ୭୮ ଦିନର ଉତ୍ପାଦନ ଆଧାରିତ ବୋନସ୍

ନୂଆଦିଲ୍ଲୀ,୧୪।୧୦ଃ ଦେଶର ରେଳ କର୍ମଚାରୀମାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତିକର ଖବର। ଦେଶର ୧୧, ୪୦, ୭୭୦ ଜଣ ନନ୍-ଗେଜେଟେଡ୍ ରେଳ କର୍ମଚାରୀଙ୍କୁ ୭୮ ଦିନର ବେତନ ସହ ସମାନ ପରିମାଣର ଉତ୍ପାଦକତା ସଂଯୁକ୍ତ ବୋନସ୍ (ପିଏଲ୍‌ବି) ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ର ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ବୋନସ୍ ବାବଦରେ କେନ୍ଦ୍ର ସରକାରଙ୍କୁ ୨,୦୦୯.୬୧ କୋଟି ଟଙ୍କା ଅତିରିକ୍ତ ବ୍ୟୟଭାର ବହନ କରିବାକୁ ପଡ଼ିବ।

ସୂଚନା ଅନୁଯାୟୀ, ଯୋଗ୍ୟ କର୍ମଚାରୀମାନଙ୍କୁ ସର୍ବାଧିକ ୧୭,୯୫୧ ଟଙ୍କା ପର୍ଯ୍ୟନ୍ତ ବୋନସ୍ ପ୍ରଦାନ କରାଯିବ। ଆଗାମୀ ଦୁର୍ଗାପୂଜା ଓ ଦଶହରା ଛୁଟି ପୂର୍ବରୁ ଏହି ଅର୍ଥ କର୍ମଚାରୀମାନଙ୍କୁ ପ୍ରଦାନ କରାଯିବ। ଟ୍ରାକ୍ ରକ୍ଷଣାବେକ୍ଷଣକାରୀ, ଲୋକୋ ପାଇଲଟ୍, ଟ୍ରେନ୍ ମ୍ୟାନେଜର (ଗାର୍ଡ), ଷ୍ଟେସନ୍ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ୍, ଟେକ୍ନିସିଆନ୍ ସହାୟକ, ପଏଣ୍ଟସ୍‌ମ୍ୟାନ୍ ଓ ମନ୍ତ୍ରଣାଳୟ କର୍ମଚାରୀଙ୍କ ସମେତ ବିଭିନ୍ନ ବର୍ଗର ‘ଗ୍ରୁପ୍ ସି’ ବର୍ଗର କର୍ମଚାରୀ ଏହି ସୁବିଧା ପାଇବେ। ଅଧିକାରୀମାନେ ପ୍ରକାଶ କରିଛନ୍ତି ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତୀୟ ରେଳବାଇର ଦୃଢ଼ କାର୍ଯ୍ୟକ୍ଷମତା ଓ ପ୍ରଦର୍ଶନକୁ ସମ୍ମାନ ଜଣାଇ ଏହି ପେମେଣ୍ଟ କରାଯାଉଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କର୍ମଚାରୀ ମାନଙ୍କୁ ଅଧିକ ପ୍ରେରଣା ଯାଇ କାର୍ଯ୍ୟଦକ୍ଷତା ବୃଦ୍ଧିକୁ ବଜାୟ ରଖିବାରେ ସହାୟତା କରିବା।

### କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ସାଂସଦଙ୍କ ଚିଠି

# ଦେବଗଡ଼ରେ ସଡ଼କ ଭିତ୍ତିଭୂମିର ବିକାଶ ଓ ସୁରକ୍ଷା ଚିନ୍ତା



ଓଭରବ୍ରିଜ୍, ସର୍ଭିସ୍ ରୋଡ୍ ଓ ଲାଇଟିଂ ବ୍ୟବସ୍ଥା ପ୍ରସ୍ତାବ

ଦେବଗଡ଼,୧୪।୧୦ (ସଂଚାର ବ୍ୟୁରୋ)ଃ ସମ୍ବଲପୁର ଲୋକସଭା ମଣ୍ଡଳୀ ଅନ୍ତର୍ଗତ ଦେବଗଡ଼ ଜିଲ୍ଲା ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥରେ ବୃଦ୍ଧି ପାଉଥିବା ଯାନବାହନ ଚଳାଚଳ, ଜନଗହଳି ଓ ସଡ଼କ ଦୁର୍ଘଟଣା ଆଶଙ୍କାର ସମାଧାନ ପାଇଁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଏହି ଜାତୀୟ ରାଜପଥରେ ଆନ୍ତଃରାଜ୍ୟ ପଣ୍ୟବାହୀ ଏବଂ ଟ୍ରାଫିକ୍ ଚଳାଚଳ ସହ ସ୍ଥାନୀୟ ଜନସାଧାରଣଙ୍କ ଯାତାୟାତ ହେଉଥିବା କାରଣରୁ ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଦେବଗଡ଼ ଜିଲ୍ଲାର ଜନସାଧାରଣଙ୍କ ସୁରକ୍ଷା ଓ ସୁଗମ ଯାତାୟାତକୁ ସୁନିଶ୍ଚିତ କରିବା ପାଇଁ ଶ୍ରୀ ପ୍ରଧାନ ୩ଟି ପ୍ରମୁଖ ସଂରଚନାଗତ ସମାଧାନ ଦାବି କରିଛନ୍ତି। ଦେବଗଡ଼ ବାଇପାସର ଆରମ୍ଭରେ ଥିବା ଆମ୍ବେଦକର ଛକ ନିକଟ ୱାଇ-ଜଙ୍କସନ୍‌ଠାରେ ଏନଏଚ-୪୯ର ଦ୍ରୁତଗାମୀ ଯାନବାହନ ଚଳାଚଳ କରୁଛି। ଏଠାରେ କଲେକ୍ଟରେଟ୍, ନ୍ୟୁ ବସ୍‌ଷ୍ଟାଣ୍ଡ ଓ ଓମେନ୍ କଲେଜ ଭଳି ପ୍ରମୁଖ ଅନୁଷ୍ଠାନ ଥିବାରୁ ଏଠାକୁ ଯାଉଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ନିରନ୍ତର ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଏଠାରେ ଦୁର୍ଘଟଣା ଓ ସୁରକ୍ଷା ବିପଦକୁ ଏଡ଼ାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ସର୍ଭିସ୍ ରୋଡ୍ ଓ ଉପଯୁକ୍ତ ହାଇୱେ ଲାଇଟିଂ ବ୍ୟବସ୍ଥା ସହ ଏକ ଏଲିଭେଟେଡ୍ ଫ୍ଲାଏଓଭର୍ ➪ପୃଷ୍ଠା-୬

### ଇଣ୍ଡିଗୋ ବିମାନରେ ଅଗ୍ନିକାଣ୍ଡ ଘଟଣା

## ନିର୍ଦ୍ଦିଷ୍ଟ ପାୱାର ବ୍ୟାଙ୍କ ଉପରେ ଲାଗିଲା ରୋକ୍

ନୂଆଦିଲ୍ଲୀ,୧୪।୧୦ଃ ଦିଲ୍ଲୀରୁ ଚେନ୍ନାଇ ଯାଉଥିବା ଇଣ୍ଡିଗୋ ବିମାନରେ ପାୱାର ବ୍ୟାଙ୍କ ଜଳିଯିବା ଘଟଣାକୁ ଗୁରୁତ୍ୱର ସହ ନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ବିମାନରେ ଯାତ୍ରା ସମୟରେ ଏକ ନିର୍ଦ୍ଦିଷ୍ଟ ମଡେଲର ପାୱାର ବ୍ୟାଙ୍କ ନେଇ ଯିବା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇଛି। ଡିଜିସିଏ ମୁଖ୍ୟ ବୀରବିକ୍ରମ ଯାଦବଙ୍କ ନିର୍ଦ୍ଦେଶ କ୍ରମେ, ସମସ୍ତ ଘରୋଇ ପ୍ୟାସେଞ୍ଜର ଓ କାର୍ଗୋ ବିମାନରେ ‘ଏମଓବିଆଇକେଆଇଏନଏସ ଏମକେ-ପିବି-୦୪’ ମଡେଲର ପାୱାର ବ୍ୟାଙ୍କକୁ ସାଙ୍ଗରେ ନେବା କିମ୍ବା ଟ୍ରାନ୍ସପୋର୍ଟ କରିବା ଉପରେ କଟକଣା ଜାରି କରାଯାଇଛି। ଗତ ରବିବାର ଦିଲ୍ଲୀରୁ ଚେନ୍ନାଇ ଅଭିମୁଖେ ଯାଉଥିବା ଇଣ୍ଡିଗୋ ବିମାନରେ ଜଣେ ଯାତ୍ରୀଙ୍କ ପାୱାର ବ୍ୟାଙ୍କରେ ହଠାତ୍ ନିଆଁ ଲାଗିଯିବାରୁ ବିମାନଟିକୁ ହାଇଦ୍ରାବାଦରେ ଜରୁରୀ ଅବତରଣ କରାଯାଇଥିଲା।

### କୌଣସି ମେଟ୍ରୋ ଟ୍ରେନ୍ ବାତିଲ ହୋଇ ନଥିଲା

## ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ



ନୂଆଦିଲ୍ଲୀ,୧୪।୧୦ଃ ରାଜଧାନୀ ଦିଲ୍ଲୀରେ ଅକ୍ଟୋବର ୧୦ ତାରିଖରେ ହୋଇଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି) ର ଆନ୍ଦୋଳନ ସମୟରେ ମେଟ୍ରୋ ଟ୍ରେନ୍ ଚଳାଚଳ ସ୍ୱାଭାବିକ ଥିଲା ଓ କୌଣସି ଟ୍ରେନ୍ ବାତିଲ କରାଯାଇ ନଥିଲା ବୋଲି ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମଆରସି) ସୁପ୍ରିମକୋର୍ଟରେ ବୁଧବାର ସତ୍ୟପାଠ କରିଛି। ସତ୍ୟପାଠ ଅନୁଯାୟୀ, ସେହି ଦିନ ସୁରକ୍ଷା ଦୃଷ୍ଟିରୁ ମୋଟ ୩୦୩ଟି ଷ୍ଟେସନ ମଧ୍ୟରୁ କେବଳ ୪୫ଟି ଷ୍ଟେସନର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର କିଛି ସମୟ ପାଇଁ ବନ୍ଦ ରହିଥିଲା, ଅର୍ଥାତ୍ ୮୫ ପ୍ରତିଶତରୁ ଅଧିକ (୨୫୮ଟି) ଷ୍ଟେସନ ଯାତ୍ରୀଙ୍କ ପାଇଁ ସମ୍ପୂର୍ଣ୍ଣ ସକ୍ରିୟ ଥିଲା। ମେଟ୍ରୋ ଅପରେସନ୍‌ର ମୋଟ ସଂଖ୍ୟାରେ କୌଣସି କାଣ୍ଟଛାଣ୍ଟ ହୋଇନଥିବା କୋର୍ଟଙ୍କୁ ଅବଗତ କରାଯାଇଛି।

# ଛାତ୍ର ସଂସଦ ନିର୍ବାଚନରେ ନାହିଁ ଜେନ୍-ଜି’ ପ୍ରଭାବ



ଭୁବନେଶ୍ୱର,୧୪।୧୦ (ସଂଚାର ବ୍ୟୁରୋ)ଃ ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ପାଇଁ ମତଦାନକୁ ଆଉ କେଇ ଘଣ୍ଟା ବାକି ଥିବା ବେଳେ ନିର୍ବାଚନରେ କିନ୍ତୁ ଜେନ୍-ଜି’ର ପ୍ରଭାବ ନାହିଁ। ସାରା ଦେଶରେ ଏବେ ଜେନ୍ ଜୀ ଆନ୍ଦୋଳନ ଟ୍ରେଣ୍ଡରେ ଥିବାବେଳେ ଓଡିଶାରେ କିନ୍ତୁ ଏହା ପରିଲକ୍ଷିତ ହେଉନାହିଁ। ମହାବିଦ୍ୟାଳୟର ଯୁବ ବର୍ଗ ଜେନ୍-ଜି’ଙ୍କ ଭଳି କୌଣସି ସାମୂହିକ ପ୍ରସଙ୍ଗରେ ଆଗକୁ ବାହାରୁ ନ ଥିବା ଲକ୍ଷ୍ୟ କରାଯାଉଛି।

ରାଜ୍ୟରେ ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେଉଥିବା ବେଳେ ଠିକ୍ ଏହି ସମୟରେ ଦେଶର ବିଭିନ୍ନ ସ୍ଥାନରେ ଜେନ୍-ଜଇ’ ଆନ୍ଦୋଳନ ଚାଲିଛି। ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ନେଇ ଛାତ୍ର ସମାଜ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ରାଜନୈତିକ ଦଳମାନେ ମଧ୍ୟ ସେମାନଙ୍କୁ ସମର୍ଥନ କରୁଛନ୍ତି। ଏଭଳି ଏକ ସମୟରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହେଉଥିବାରୁ ସମସ୍ତେ ଆଶା କରୁଥିଲେ ଯେ ଦେଶର ଏହି ଜେନ୍-ଜି’ ଆନ୍ଦୋଳନର ପ୍ରଭାବ ରାଜ୍ୟରେ ପଡ଼ିବ। ଛାତ୍ରସମାଜ ମଧ୍ୟ ଜେନ୍-ଜି’ ଆନ୍ଦୋଳନରେ ଅନୁପ୍ରାଣିତ ହୋଇ ଆନ୍ଦୋଳନ କରିପାରନ୍ତି। ତେବେ ଛାତ୍ର ସଂସଦ ନିର୍ବାଚନରେ ପ୍ରସଙ୍ଗକୁ ନେଇ ଆନ୍ଦୋଳନକୁ ଓହ୍ଲାଇବା ତ ଦୂରର କଥା, କୌଣସିଠାରେ ନିଜ ନିଜ ଶିକ୍ଷାନୁଷ୍ଠାନର ପ୍ରସଙ୍ଗ କାଁଭାଁ ଉଠୁଥିବା ଦେଖିବାକୁ ମିଳୁଛି। ରାଜ୍ୟର ପ୍ରାୟ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ ଅଶଣିକ୍ଷକଙ୍କର ଘୋର ଅଭାବ ରହିଛି। ଅନେକ ସ୍ଥାନରେ ନିୟମିତ ଅଧ୍ୟକ୍ଷ ବି ନାହାନ୍ତି। ଏହି ସମସ୍ୟା ଗତ ସରକାର ଅମଳରୁ ଉତ୍କଟ ଭାବେ ଜାରି ରହିଛି। କେବଳ ସେତିକି ନୁହେଁ କେତେକ ସ୍ଥାନରେ ନିୟମିତ ଭାବେ ସେମିଷ୍ଟର ପରୀକ୍ଷା ଓ ଫଳ ପ୍ରକାଶନ ବି ହୋଇପାରୁନାହିଁ। ହେଲେ

- ପ୍ରସଙ୍ଗ ବାହାରେ ଲଢୁଛନ୍ତି ଛାତ୍ରନେତା
- ଭୋଜିଭାତରେ ଜେନ୍-ଜି’ ପ୍ରସଙ୍ଗ ପାଣିଚିଆ

ଛାତ୍ର ସଂସଦ ନିର୍ବାଚନରେ କୌଣସି ଗୋଟିଏ ହେଲେ ପ୍ରସଙ୍ଗ ଉଠୁନାହିଁ।

ଏହାକୁ ଦେଖିଲା ପରେ ଏବେ ଆଲୋଚନା ହେଉଛି ଯେ ଓଡିଶାର ଜେନ୍-ଜି’ମାନେ ଆନ୍ଦୋଳନ ଓ ପ୍ରତିବାଦଠାରୁ ବହୁ ଦୂରରେ। ସେମାନେ ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢ଼ିବା ବଦଳରେ କିଏ କେତେ ସମର୍ଥକଙ୍କୁ କ’ଣସବୁ ଖାଇବାକୁ ଦେବ, କିଭଳି ପୋଷ୍ଟର ମାରିବ, ବାଜା ବାଣରେ କିଏ କେତେ କ୍ୟାମ୍ପସ କମ୍ପାଇବ ତାହା ଉପରେ ଜୋର ଦେଉଛନ୍ତି। ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ଜେନ୍-ଜି’ମାନଙ୍କୁ ନିଜ ପଟକୁ ଟାଣିବା ପାଇଁ ରାଜ୍ୟର ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ପ୍ରତିଟି କଥାରେ ଜେନ୍-ଜି’ ବୋଲି ଉଚ୍ଚାରଣ କରୁଥିବା ବେଳେ ସେମାନେ ବି ହଠାତ୍ ଏହାକୁ ଆଉ ଉଠାଉନାହାନ୍ତି। ବରଂ ନିଜ ନିଜ ସମର୍ଥକ ପ୍ରାର୍ଥୀମାନେ କିଭଳି ଜିତିବେ, ତା’ ଉପରେ ଜୋର ଦେଉଛନ୍ତି। ଏହା ଫଳରେ ଜେନ୍-ଜି’ଙ୍କୁ ନେଇ କିଛିଦିନ ତଳେ ଯେଉଁ ଉତ୍ସାହ ସୃଷ୍ଟି ହୋଇଥିଲା ତାହା ଛାତ୍ର ସଂସଦ ନିର୍ବାଚନର ଭୋଜିଭାତ ମଧ୍ୟରେ ଏକପ୍ରକାର ପାଣିଚିଆ ହୋଇଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



ଗୁରୁବାର ୧୫ ଅକ୍ଟୋବର ୨୦୨୬, ଭୁବନେଶ୍ୱର
Thursday 15 October 2026, Bhubaneswar

# ବିରଳ କିନ୍ତୁ ଭୟଙ୍କର

ପାନାମା, ମଧ୍ୟ ଆମେରିକାର ଏକ ଛୋଟ କିନ୍ତୁ ଭୌଗୋଳିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦେଶ, ସମ୍ପ୍ରତି ଏକ ବିରଳ ଓ ଶକ୍ତିଶାଳୀ ଭୂମିକମ୍ପର ସମ୍ମୁଖୀନ ହୋଇଛି। ୨୦୨୬ ମସିହା ଅକ୍ଟୋବର ୯ ତାରିଖରେ ପାନାମାର ଦକ୍ଷିଣ ଭାଗରେ, ବିଶେଷକରି ହେରେରା ପ୍ରଦେଶର ପିଟାଲୋଜା ଆରିବା ନିକଟରେ ୭.୭ ମାଗ୍ନିଚ୍ୟୁଡର ଏକ ଭୟଙ୍କର ଭୂମିକମ୍ପ ଘଟିଥିଲା। ଏହା ପାନାମାର ପ୍ରାୟ ୭୦ ବର୍ଷରେ ସର୍ବାଧିକ ଶକ୍ତିଶାଳୀ ଭୂମିକମ୍ପ ଥିଲା। ଏହି ଘଟଣା କେବଳ ଦେଶକୁ କମ୍ପିତ କରିନାହିଁ, ବରଂ ଭୂତତ୍ତ୍ୱ ବିଜ୍ଞାନ, ମାନବ ସୁରକ୍ଷା ଓ ବିପଦ ମୁକାବିଲା ବ୍ୟବସ୍ଥା ଉପରେ ଗଭୀର ପ୍ରଶ୍ନ ଉଠାଇଛି।



ଏହି ଭୂମିକମ୍ପର ମୂଳ କାରଣ ହେଉଛି ପାନାମାର ଜଟିଳ ଟେକ୍ଟୋନିକ୍ ଗଠନ। ପାନାମା ପ୍ରଶାନ୍ତ ମହାସାଗରର 'ରିଙ୍ଗ ଅଫ୍ ଫାୟାର' ଅଞ୍ଚଳରେ ଅବସ୍ଥିତ, ଯେଉଁଠାରେ ବିଶ୍ୱର ୯୦ ଶତାଂଶ ଭୂମିକମ୍ପ ଘଟେ। ଏଠାରେ କୋକୋସ୍, ନାଜ୍‌କା, କ୍ୟାରିବିଆନ୍ ଓ ପାନାମା ମାଇକ୍ରୋପ୍ଲେଟ୍ ପରି ବିଭିନ୍ନ ଟେକ୍ଟୋନିକ୍ ପ୍ଲେଟ୍ ପରସ୍ପର ସହିତ ଧକ୍କା ଖାଉଛନ୍ତି ଓ ଘଷି ହେଉଛନ୍ତି। ବିଶେଷକରି ଆଜୁଏରୋ-ସୋନା ଫଲ୍ଟ ସିଷ୍ଟମ୍ ଏହି ଭୂମିକମ୍ପର ମୁଖ୍ୟ କାରଣ ବୋଲି ପାନାମାର ଜିଓସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ନେସ୍ଟର ଲୁକେ କହିଛନ୍ତି। ଏହି ଫଲ୍ଟ ସିଷ୍ଟମ୍‌ରେ ବର୍ଷ ବର୍ଷ ଧରି ଚାପ ଜମା ହୋଇଥିଲା। ଯେତେବେଳେ ଏହି ଚାପ ସୀମା ଅତିକ୍ରମ କଲା, ତା'ପରେ ଆକସ୍ମିକ ଭାବେ ଶକ୍ତି ମୁକ୍ତ ହୋଇ ୭.୭ ମାଗ୍ନିଚ୍ୟୁଡର ଭୂମିକମ୍ପ ସୃଷ୍ଟି ହେଲା। ଏହା ଏକ ଷ୍ଟ୍ରାଇକ୍-ସ୍ଲିପ୍ ପ୍ରକାରର ଭୂମିକମ୍ପ ଥିଲା, ଯେଉଁଥିରେ ପ୍ଲେଟ୍‌ଗୁଡ଼ିକ ପାର୍ଶ୍ୱରୁ ଘଷି ହୋଇଥାନ୍ତି। ଭୂମିକମ୍ପର ଗଭୀରତା ମାତ୍ର ୧୨.୬ କିଲୋମିଟର ଥିବାରୁ ଏହା ଅଧିକ ଶକ୍ତିଶାଳୀ ଭାବେ ଅନୁଭୂତ ହୋଇଥିଲା।

ଏହି ଭୂମିକମ୍ପ ଓ ତା'ପରେ ଘଟିଥିବା ୮୦ରୁ ଅଧିକ ଆଫ୍ଟରଶକ୍ (ଯେଉଁଥିରେ ଏକ ୬.୬ ମାଗ୍ନିଚ୍ୟୁଡର ମଧ୍ୟ ଥିଲା) ପାନାମାକୁ ବ୍ୟାପକ ଭାବେ ପ୍ରଭାବିତ କରିଛି। ଯଦିଓ କୌଣସି ମୃତ୍ୟୁର ଖବର ମିଳିନାହିଁ, ତଥାପି ପ୍ରାୟ ୨୭ ଜଣ ଆହତ ହୋଇଛନ୍ତି। ହେରେରା, କୋକ୍ଲେ, ଲୋସ୍ ସାଣ୍ଟୋସ୍ ଓ ଭେରାଗୁଆସ୍ ପ୍ରଦେଶରେ ସବୁଠାରୁ ଅଧିକ କ୍ଷତି ହୋଇଛି। ଶତାଧିକ ଘର, ପ୍ରାୟ ୪୨୦ଟି ବିଦ୍ୟାଳୟ, ୧୩ଟି ଗିର୍ଜା, ସାତଟି ହୋଟେଲ, ନଅଟି ପୋଲ ଓ ଅନେକ ସରକାରୀ ଭବନ କ୍ଷତିଗ୍ରସ୍ତ ହୋଇଛି। ପେନୋନୋମେ ସହରରେ ସାନ୍ ଜୁଆନ୍ ବାଉଟିଷ୍ଟା କ୍ୟାଥେଡ୍ରାଲ୍‌ର ଏକ ଅଂଶ ଧ୍ୱସ୍ତ ହୋଇଛି ଏବଂ ଡୋସ୍ କଣ୍ଟିନେଣ୍ଟେସ୍ ହୋଟେଲ୍ ପାଖାପାଖି ଭାଙ୍ଗି ପଡ଼ିଛି। ଟୋନୋସି ସହର ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଥିଲା। ଛଅଟି ପ୍ରଦେଶରେ ବିଦ୍ୟୁତ୍ ବିଚ୍ଛେଦ ଘଟିଥିଲା ଏବଂ ଟୋକୁମେନ୍ ଆନ୍ତର୍ଜାତୀୟ ବିମାନବନ୍ଦର ସାମୟିକ ଭାବେ ବନ୍ଦ ରହିଥିଲା। ସୌଭାଗ୍ୟର କଥା ଯେ ପାନାମା କେନାଲ୍ ସାଧାରଣ ଭାବେ କାର୍ଯ୍ୟ କରୁଛି ଏବଂ ରାଜଧାନୀ ପାନାମା ସିଟିରେ ବଡ଼ ଧରଣର କ୍ଷତି ହୋଇନାହିଁ। ତଥାପି ଆର୍ଥିକ କ୍ଷତି ଦେଶର ଜିଡିପିର ୧ରୁ ୧୦ ଶତାଂଶ ପର୍ଯ୍ୟନ୍ତ ହୋଇପାରେ ବୋଲି ଆକଳନ କରାଯାଇଛି। ରାଷ୍ଟ୍ରପତି ହୋସେ ରାଉଲ୍ ମୁଲିନୋ ଜରୁରୀକାଳୀନ ଅବସ୍ଥା ଘୋଷଣା କରିଛନ୍ତି ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି।

ଏହି ଘଟଣା ଆମକୁ ମନେ ପକାଇ ଦିଏ ଯେ ପ୍ରକୃତିର ଶକ୍ତି ଆମ କଳ୍ପନାରୁ ବହୁ ଗୁଣ ଅଧିକ। ପାନାମା ପରି ଦେଶ ଯେଉଁଠାରେ ବଡ଼ ଭୂମିକମ୍ପ ବିରଳ, ସେଠାରେ ମଧ୍ୟ ସତର୍କତା ଆବଶ୍ୟକ। କଠୋର ନିର୍ମାଣ ନିୟମ, ସମୟାନୁବର୍ତ୍ତୀ ଅଭ୍ୟାସ ଓ ଜନସଚେତନତା ହିଁ ଜୀବନ ରକ୍ଷା କରିପାରେ। ପାନାମାର ଅନୁଭୂତି ସମଗ୍ର ବିଶ୍ୱକୁ ଶିକ୍ଷା ଦିଏ ଯେ ଭୂତତ୍ତ୍ୱ ବିଜ୍ଞାନର ଅଧ୍ୟୟନ, ଆଧୁନିକ ସେନ୍ସର୍ ବ୍ୟବସ୍ଥା ଓ ଦ୍ରୁତ ପ୍ରତିକ୍ରିୟା ବ୍ୟବସ୍ଥା ଆଜିର ଯୁଗର ଆବଶ୍ୟକତା। ପ୍ରକୃତିକୁ ଆମେ ନିୟନ୍ତ୍ରଣ କରିପାରିବୁ ନାହିଁ, କିନ୍ତୁ ତା'ର ପ୍ରଭାବକୁ କମାଇବା ଆମ ହାତରେ। ପାନାମାର ଏହି ଭୂମିକମ୍ପ ଆମକୁ ସେହି ସତ୍ୟର ସ୍ମରଣ କରାଇ ଦେଉଛି।

## ପ୍ରାଚୀ ଉପତ୍ୟକାରେ ଦୁର୍ଗାପୂଜା

**ସନ୍ତୋଷ କୁମାର ଦାଶ**



ଓଡ଼ିଶାରେ ଶକ୍ତି ଉପାସନା ବହୁ ପ୍ରାଚୀନ। ଶକ୍ତି ଉପାସନା କ୍ଷେତ୍ର ରେ ପ୍ରାଚୀ ଉପତ୍ୟକା ପ୍ରସିଦ୍ଧି ଲାଭ କରିଛି। ଶକ୍ତି ବିନା ଶିବ ପ୍ରାଣ ହୀନ ବୋଲି ବିଭିନ୍ନ ଶାସ୍ତ୍ର ରେ ବର୍ଣ୍ଣିତ ହୋଇଛି। ସେହି ଶକ୍ତି ହେଉଛନ୍ତି ମା ଦୁର୍ଗା ଦୁର୍ଗତି ନାଶିନୀ। ଜଗତ ର ଦୁର୍ଗତି ନାଶ କରିବାକୁ ତାଙ୍କ ର ଆବିର୍ଭାବ ହୋଇଥିଲା। ଏଣୁ ସେ ମା ଦୁର୍ଗା। ଅତ୍ୟାଚାରୀ ମହିଷାସୁର କୁ ବଧ କରି ମା ପୃଥିବୀ କୁ ଆସୁରିକ ଅତ୍ୟାଚାର ରୁ ରକ୍ଷା କରିଥିଲେ।ଓଡ଼ିଶା ର ଗାଁ ଗାଁ ରେ ପୂଜା ପାଉଥିବା ଗ୍ରାମଦେବତୀ ମାନଙ୍କୁ ମା ଦୁର୍ଗା ଙ୍କ ସହଚରୀ ଚଣ୍ଡି, ଚାମୁଣ୍ଡା ବୋଲି ବିବେଚନା କରାଯାଇ ଶାରଦୀୟ ପାର୍ବଣ ପୂଜା ଧୂମ୍ ଧାମରେ ପାଳନ କରା ଯାଇଥାଏ।ପୁଣ୍ୟତୋୟା ପ୍ରାଚୀ ନଦୀ ଏକ ପୁରାତନ ନଦୀ। ଅତୀତ ରେ କାଠଯୋଡ଼ି, ଦେବୀ, କୁଶଭଦ୍ରା ନଦୀ ଅପେକ୍ଷା ପ୍ରାଚୀ ନଦୀ ମହାନଦୀ ର ମୁଖ୍ୟ ଶାଖା ନଦୀ ଥିବା ଐତିହାସିକ ମାନେ ପ୍ରକାଶ କରିଛନ୍ତି। ପ୍ରାଚୀ ଉପତ୍ୟକା ରେ ପ୍ରଥମେ ମାନବ ସଭ୍ୟତା ଗଢ଼ି ଉଠିଥିବା ବହୁ ପ୍ରମାଣ ମିଳି ସାରିଛି। ପ୍ରାଚୀ ନଦୀ କୂଳରେ ମାନବ ସଭ୍ୟତା ଗଢ଼ି ଉଠିବା ପରେ ପ୍ରାଚୀ ଉପତ୍ୟକା ରେ ବିଭିନ୍ନ ଦେବ ଦେବୀ ଙ୍କ ମନ୍ଦିର ମଧ୍ଯ ନିର୍ମାଣ ହୋଇଥିଲା। ଶକ୍ତି ପୂଜା ପ୍ରାଚୀ ଉପତ୍ୟକା ରେ ଦିନେ ଶୀର୍ଷ ସ୍ଥାନକୁ ଯାଇଥିଲା । ଏହି ଉପତ୍ୟକା ର ତନ୍ତ୍ର ପୀଠ ବରାହୀ ମନ୍ଦିର ( ଚଉରାଶି) ଓ ଚଉଷଠି ଯୋଗିନୀ ପୀଠ (ବାଲିଅନ୍ତା) ରେ ତନ୍ତ୍ର ସାଧନା ଶିକ୍ଷା ପ୍ରଦାନ କରା ଯାଉଥିଲା ବୋଲି ବିଶିଷ୍ଟ ଐତିହାସିକ ମାନେ ପ୍ରକାଶ କରିଛନ୍ତି। ପ୍ରାଚୀ ଉପତ୍ୟକା ଅଞ୍ଚଳ ରେ ଶହ ଶହ ସଂଖ୍ୟାରେ ଦୁର୍ଗା ଓ ଚଣ୍ଡୀ, ଚାମୁଣ୍ଡା ମୂର୍ତ୍ତୀ ମାନ ପୂଜା ପାଉଥିବା ଦେଖିବାକୁ ମିଳେ। ୬ ଷ୍ଠ ରୁ ୧୬ ଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାଚୀ ଉପତ୍ୟକା ରେ ତନ୍ତ୍ର, ଶକ୍ତି ଓ ଦୁର୍ଗା ପୂଜା କାୟା ବିସ୍ତାର କରିଥିଲା ବୋଲି ଐତିହାସିକ ଓ ପ୍ରାଚୀ ଗବେଷକ ମାନେ ସୂଚନା ଦେଇଛନ୍ତି।ସେମାନଙ୍କ ମତରେ ବୈଷ୍ଣବ ଧର୍ମ ର ବହୁଳ ପ୍ରସାର ତଥା ତାନ୍ତ୍ରିକ ପ୍ରଥା ପ୍ରତି ଲୋକ ମାନଙ୍କ ଘୃଣାଭାବ ଫଳରେ ତନ୍ତ୍ର ପୂଜା ତାର ଅସ୍ତିତ୍ୱ ହରାଇ ବସିଲା। କିନ୍ତୁ ଗାଁ ଗାଁ ରେ ଚଣ୍ଡୀ ଚାମୁଣ୍ଡା ମୂର୍ତ୍ତୀ ଗୁଡ଼ିକୁ ଗ୍ରାମବାସୀ ମାନେ ଗ୍ରାମ ଦେବତୀ ଭାବେ ପୂଜା କଲେ। ଦୂର୍ଗାପୂଜା କୁ ଜନସାଧାରଣ ଆପଣାଇ ନେଲେ। ଏଣୁ ପ୍ରାଚୀ ଉପତ୍ୟକା ରେ ଦୂର୍ଗା ପୂଜା ପ୍ରାୟ ୬ଷ୍ଠ ଶତାବ୍ଦୀ ଠାରୁ ଚାଲି ଆସୁଥିବା ଅନୁମାନ କରାଯାଉଛି। ଆଶ୍ୱିନ ମାସ ର ମୂଳାଷ୍ଟମୀ ତିଥି ଠାରୁ ଦଶହରା/ ବିଜୟା ଦଶମୀ ପର୍ଯ୍ୟନ୍ତ ବିଭିନ୍ନ ଶକ୍ତି ପୀଠ ମାନଙ୍କରେ ପାରମ୍ପରିକ ପ୍ରଥା ଅନୁସାରେ ଶାରଦୀୟ ପାର୍ବଣ ପୂଜା ଅନୁଷ୍ଠିତ ହୋଇ ଆସୁଛି। ପ୍ରାଚୀ ଉପତ୍ୟକା ରେ ଦ୍ୱି ଭୁଜା ଠାରୁ ଦ୍ୱାଦଶ ଭୁଜା ଦୁର୍ଗା ମୂର୍ତ୍ତି ମାନ ପୂଜା ପାଉଥିବା ଦେଖିବାକୁ ମିଳେ। କାକଟପୁର ର ସମେଶ୍ୱର ଶମ୍ଭୁ ମନ୍ଦିର କାନ୍ଥ, ଗାରେଡ଼ି ପାଞ୍ଚଣ ର ବୁଦ୍ଧନାଥ ମନ୍ଦିର, ଅସ୍ତରଙ୍ଗ ର ଜିଓଳ ଗ୍ରାମ ଠାରେ ବିରଳ ଦ୍ୱିଭୁଜା ଦୁର୍ଗା ପୂଜା ପାଇ ଆସୁଥିବା ବେଳେ ତିରୁଣା, ନିଜାଗଡ଼, ତେନ୍ତୁଲିଗୁଆଁ,ଭାରଡା ପାଟଣା, ଭିଲିଗ୍ରାମ, ମାଧବ,ନୂଆସାତଙ୍କ ଗ୍ରାମ ରେ ଚତୁଃଭୁଜା ଦୁର୍ଗା ଓ ଅସ୍ତରଙ୍ଗ ଠାରେ ଏକମାତ୍ର ଷଡଭୁଜା ଦୁର୍ଗା ପୂଜା ପାଉଥିବା ଦେଖିବାକୁ ମିଳେ। ମଙ୍ଗଳପୁର, ରାମେଶ୍ୱର, ଆମଣାକୁଦ,ଦାରୁଠେଙ୍ଗ, ବଳଭଦ୍ରପୁର ,ପିତାପଡ଼ା ପ୍ରଭୃତି ଗ୍ରାମ ରେ ଅଷ୍ଟଭୁଜା ଦୁର୍ଗା ପୂଜା ପାଉଥିବା ବେଳେ ଆମ୍ବାପଡ଼ା, ସମେଶ୍ୱର, ନିଭରଣ, ନିଆଳି, ଲତାହରଣ, ଅଡଶପୁର ପ୍ରଭୃତି ସ୍ଥାନ ରେ ଦଶଭୁଜା ଦୁର୍ଗା ପୂଜା ପାଇ ଆସୁଛନ୍ତି। ଏକ ମାତ୍ର ନିଆଳି ଆମଣାକୁଦ ଠାରେ ଦ୍ୱାଦଶ ଭୁଜା ଦୁର୍ଗା ପୂଜା ପାଉଥିବା ଦେଖିବାକୁ ମିଳେ। ଏତଦ୍ ବ୍ୟତୀତ ପ୍ରାଚୀ ଉପତ୍ୟକା ର ପିତାପଡ଼ା, ମୋଟିଆଁ, ଲତାହରଣ, ସାନହୁଲି, କପିଳେଶ୍ୱର, ସମେଶ୍ୱର, ନିଆଳି, କାକଟପୁରର ମଙ୍ଗଳାମନ୍ଦିର ଠାରେ ବିରଳ ଚାମୁଣ୍ଡା ମୂର୍ତ୍ତୀ ମାନ ପୂଜା ପାଇ ଆସୁଛନ୍ତି। ପ୍ରାଚୀ ଉପତ୍ୟକା ରେ ୬ଷ୍ଠ ଶତାବ୍ଦୀ ଠାରୁ ୯ମ ଶତାବ୍ଦୀ ପର୍ଯ୍ୟନ୍ତ ଦୁର୍ଗା ପୂଜା ଓ ତନ୍ତ୍ର ପୂଜା ର ପ୍ରଭାବ ବିସ୍ତାର ହୋଇଥିଲା ବୋଲି ଐତିହାସିକ ତଥା ଗବେଷକ ଡ. ହରେକୃଷ୍ଣ ମହତାବ ଓଡ଼ିଶା ଇତିହାସ ପୁସ୍ତକ ରେ ପ୍ରକାଶ କରିଛନ୍ତି।୧୫୨୦-୧୫୬୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ପ୍ରାଚୀ ଉପତ୍ୟକା ର ବିଭିନ୍ନ ସ୍ଥାନ ରେ ଖଣ୍ଡାୟତ ମାନଙ୍କର ଗଡ଼ ପ୍ରତିଷ୍ଠା ହୋଇଥିଲା । ଗଡ଼ ମାନଙ୍କ ରେ ମା କନକ ଦୁର୍ଗା ଇଷ୍ଟ ଦେବୀ ଭାବେ ପୁଜା ପାଉଥିଲେ। ଗଡ଼ ମାନଙ୍କ ରେ ଶାରଦୀୟ ଦୁର୍ଗା ପୂଜା ଏକ ପାରିବାରିକ ଉତ୍ସବ ରେ ପରିଣତ ହୋଇଥିଲା। ଗଡ଼ୁଆ ଖଣ୍ଡାୟତ ମାନେ ନିଜ ନିଜ ର ଅସ୍ତ୍ର ଶସ୍ତ୍ର ଗୁଡ଼ିକୁ ଏହି ସମୟ ରେ ଦେବୀ ଦୁର୍ଗା ଙ୍କ ପାଖରେ ପୂଜା କରିବା ପରମ୍ପରା ରହିଛି। ଏବେ ବି ଏହି ପରମ୍ପରା ବଞ୍ଚିରହିଛି। ପ୍ରାଚୀ ଉପତ୍ୟକା ର ଦୁର୍ଗା ଓ ଚଣ୍ଡୀ,ଚାମୁଣ୍ଡା ମନ୍ଦିର ଗୁଡ଼ିକରେ ମହାଷ୍ଟମୀ ଦିନ ବିଳମ୍ବିତ ରାତିରେ ପଶୁ ବଳି ଦେବାର ପରମ୍ପରା ରହିଥିଲା। ଏବେ କିଛି ସ୍ଥାନ ରେ ପଶୁ ବଦଳ ରେ ପାଣି କଖାରୁ( କୁଷ୍ମାଣ୍ଡ) ବଳି ଦିଆ ଯାଉଛି।ପ୍ରାୟ ଷଷ୍ଠ ଶତାବ୍ଦୀ ଠାରୁ ପ୍ରାଚୀ ଉପତ୍ୟକା ରେ ଶାରଦୀୟ ପାର୍ବଣ ପୂଜା ପାଳିତ ହୋଇ ଆସୁଥିବାରୁ ଦୁର୍ଗା ପୂଜା ଏହି ଅଞ୍ଚଳ ରେ ଏକ ଗଣ ପର୍ବ ଭାବେ ପାଳିତ ହୋଇ ଆସୁଛି। ଜୟ ମା ଦୁର୍ଗା ଦୁର୍ଗତି ନାଶିନି।

ମୋବାଇଲ୍: ୯୪୩୯୩୬୮୮୮



# ଡ. ଏପିଜେ ଅବଦୁଲ୍ କଲାମ: ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଅନନ୍ତ ଉତ୍ସ

**ଶୁଭ୍ରଜିତ୍ ଦାଶ**



ଆଜି ଭାରତର ପୂର୍ବତନ ରାଷ୍ଟ୍ରପତି, ଜନ ଜନଙ୍କ ପ୍ରିୟ ମାର୍ଗଦର୍ଶକ ତଥା ମହାନ ବୈଜ୍ଞାନିକ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ଜନ୍ମ ଜୟନ୍ତୀରେ ତାଙ୍କୁ ମୋର ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ରାଷ୍ଟ୍ର ପ୍ରଥମ ଚିନ୍ତାଧାରା ଓ ରାଷ୍ଟ୍ରୀୟତା ଭବନରେ ସବୁବେଳେ ନିଜକୁ ସମର୍ପିତ କରି ଦେଶର ସମସ୍ୟା କୁ ନିଜର ସମସ୍ୟା ଭାବିବା ଓ ଦେଶ ପାଇଁ ନିଜର ସମଗ୍ର ଜୀବନ ଯୌବନ କୁ ଉତ୍ସର୍ଗ କରିବା ଏପରି ମହାନ୍ ବୈଜ୍ଞାନିକ ତଥା ରାଷ୍ଟ୍ରପତି ବିରଳ। ଆଜି ତାଙ୍କୁ ସ୍ମରଣ କରି ତାଙ୍କର ଉପଦେଶ ତଥା କିପରି ଯୁବ ସମାଜ କୁ ଆହୁରି ଅନେକ ବର୍ଷ ପର୍ଯ୍ୟନ୍ତ ପ୍ରେରଣା ଦେବ ତାହା ଚର୍ଚ୍ଚା କରିବା।

ତାମିଲନାଡୁ ର ଗୋଟିଏ ସାମାନ୍ୟ ନାବିକ ମୁସଲିମ ପରିବାର ରେ ଜନ୍ମ ଗ୍ରହଣ କରିଥିଲେ ଡକ୍ଟର ଏପିଜେ ଅବଦୁଲ କଲାମ ମହୋଦୟ। ପରିବାର ପାଖରେ ନା ପାଖରେ ଥିଲା କୋଟି କୋଟି ଟଙ୍କା ନା ପାଖରେ ଥିଲା କୌଣସି ବଡ଼ ଧରଣର ପଦ ପଦବୀ କିନ୍ତୁ ସେ ଥିଲେ ନିଜ ଜିଦ୍ ରେ ଅଟଳ। ପାଠ ପଢ଼ିବା ସମୟରୁ ହିଁ ସେ ବିମାନ , ମହାକାଶ ଉପରେ ରୁଚି ରଖୁଥିଲେ। ଗଣିତ ପଢ଼ିବା ପାଇଁ ଅନେକ ମାଇଲ ଦୂର ସକାଳ ୪ ଘଟିକା ରୁ ଗାଧୋଇ ହୋଇ କୌଣସି ବି ପାଗରେ ଯିବା ଏହା ତାଙ୍କର ପାଠ ପ୍ରତି ରୁଚି ଓ ସଂଘର୍ଷର କାହାଣୀ କୁ ବର୍ଣ୍ଣନା କରେ। ପିଲାବେଳୁ ହିଁ ଜାତି ଅଜାତି ଭେଦ ଭାବରେ ପଡ଼ି ସେ ଶ୍ରେଣୀଗୃହ ର ଶେଷରେ ବସୁଥିଲେ କିନ୍ତୁ ନିଜର ଦୃଢ଼ ସଂକଳ୍ପ ଓ ସିଦ୍ଧି ତାଙ୍କୁ ସେଇ ଶେଷ ବେଞ୍ଚ ରୁ ଆଣି ଦେଶର ସର୍ବୋଚ୍ଚ ସ୍ଥାନରେ ପହଞ୍ଚାଇ ଦେଇଥିଲା। ତାଙ୍କର ବାଲ୍ୟକାଳ ତଥା ଜୀବନର ପ୍ରାରମ୍ଭିକ ସଂଘର୍ଷରୁ ଯୁବପିଢ଼ି ଅନେକ ବିଷୟରେ ଶିକ୍ଷା ଗ୍ରହଣ କରିବା ଉଚିତ୍।

ନିଜର ଜୀବନରେ ସଂଘର୍ଷ ହିଁ ସିଦ୍ଧି ଏହା ଯୁବକ ମାନେ ମନେ ରଖିବା ଉଚିତ୍। ଜୀବନରେ ଶର୍ଟ କଟ୍ ର କୌଣସି ସ୍ଥାନ ନାହିଁ - ଏହାକୁ ସବୁବେଳେ ମସ୍ତିଷ୍କ ର ଗଭୀର କୋଣରେ ରଖିବା ପାଇଁ ପଡିବ। ତାଙ୍କର ଜୀବନରେ ଅନେକ ଝଡ଼ ଝଞ୍ଜା ଆସିଛି କିନ୍ତୁ ସେ ନିଜର ଲକ୍ଷ୍ୟରେ ଅଟଳ ଥିଲେ - ଏ ବିଷୟ ଉପରେ ମଧ୍ୟ ଆଜିର ଯୁବକ ସବୁବେଳେ ଜାଗୃତ ରହିବାକୁ ହେବ।

ତାଙ୍କର ଯୌବନ ରେ ସେ କେବଳ ଦେଶ କଥା ଚିନ୍ତା କରୁଥିଲେ। ସେ ବାୟୁସେନା ରେ ଭର୍ତ୍ତି ହେବାପାଇଁ ଯାଇଥିଲେ କିନ୍ତୁ ୯ ସିରିଏଲ୍ ରେ ରହିଲେ। ୮ ଜଣ ଙ୍କୁ ଚାକିରି ମିଳିଲା କିନ୍ତୁ ତାଙ୍କୁ ମିଳି ନଥିଲା। ତାଙ୍କ ପାଖରେ DRDO ରେ ଯୋଗଦେବା ପାଇଁ ନୂଆଦିଲ୍ଲୀରୁ ମଧ୍ୟ ସୁଯୋଗ ଥିଲା ତେଣୁ ସେ ସମୟ ବିଳମ୍ବ ନ କରି ଏଥିରେ ଯୋଗଦେଲେ ଓ ରାଷ୍ଟ୍ର ପାଇଁ ନିଜ ଜୀବନ ସମର୍ପିତ କରିଥିଲେ। ଅଗ୍ନି, ଆକାଶ ପରି ଅନେକ ମିସାଇଲ ତିଆରି କରି ଦେଶର ସୁରକ୍ଷା ବଳୟ କୁ ଆହୁରି ସୁଦୃଢ଼ କରିଥିଲେ। ହୁଏତ ୧୯୭୯ ମସିହାରେ ଭାରତର SLV-3 ଉପଗ୍ରହ ଉତ୍କ୍ଷେପଣ ଅଭିଯାନ ବିଫଳ ହୋଇଥିଲା। ସେତେବେଳେ ଡ. କଲାମ ଏହି ପ୍ରକଳ୍ପର ନିର୍ଦ୍ଦେଶକ ଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାହାକୁ ୧ ବର୍ଷ ମଧ୍ୟରେ ସଫଳ କରି ସାରା ବିଶ୍ୱରେ ଭାରତର ପତାକା କୁ ଆହୁରି ଉଚ୍ଚ କୁ ନେଇ ଯାଇଥିଲେ। କାର୍ଯ୍ୟବ୍ୟସ୍ତତା ରେ ନିଜର ବିଭାଘର କୁ ମଧ୍ୟ ଭୁଲି ଯାଇଥିଲେ ଡକ୍ଟର ଅବଦୁଲ୍ କଲାମ୍। ରାଷ୍ଟ୍ର ପ୍ରଥମ - ଏହି ଚିନ୍ତାଧାରା ତାଙ୍କୁ ରାତିରେ ଶୁଆଇ ଦେଉନଥିଲା। ରାଷ୍ଟ୍ର ପାଇଁ ସମର୍ପଣ ହିଁ ଜୀବନର ସବୁଠାରୁ ବଡ଼ କାର୍ଯ୍ୟ ଏହା ଆମକୁ ସ୍ମରଣ ରଖିବାକୁ ହେବ। ସେତେବେଳେ ତାଙ୍କୁ ଆମେରିକା ର ସବୁଠାରୁ ବଡ଼ ଗବେଷଣା କେନ୍ଦ୍ର ନାସା ରେ ବୈଜ୍ଞାନିକ ରହି ସେଠାରେ ନାଗରିକତ୍ୱ ନେବା ପାଇଁ ମଧ୍ୟ ପ୍ରସ୍ତାବ ଆସିଥିଲା। କିନ୍ତୁ କଲାମ ଜି ନିଜର ଦେଶ ପ୍ରଥମେ ତା ପରେ ଆଉ ସବୁ , ଏ ବିଷୟ ନେଇ ଭାରତ ଫେରିଆସି ଭାରତ ମା ର ସେବା ପାଇଁ ଦେଶର ସୁରକ୍ଷା ଦିଗରେ ଆହୁରି ଜୋରସୋର କାର୍ଯ୍ୟରେ ଲାଗିଥିଲେ।



ନିଜର ଜୀବନକୁ ତିଳ-ତିଳ କରି ଦେଶ ସେବାରେ ଲଗାଇବା ପାଇଁ ଆଜିର ଯୁବକ ମାନଙ୍କୁ ଆହ୍ୱାନ କରୁଛି। କଲାମ ଜିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ପ୍ରଥମେ ଚିନ୍ତାଧାରା କୁ ମନରେ ରଖି କାର୍ଯ୍ୟ କରିବାପାଇଁ ହେବ। ରାଷ୍ଟ୍ର ହିତ ସର୍ବୋପରି ଏହାହିଁ ଆମର କାର୍ଯ୍ୟ ପଦ୍ଧତିର ପ୍ରଥମ ଓ ଶେଷ ଅନୁଶୀଳନ ହେବା ଆବଶ୍ୟକ।

ବୈଜ୍ଞାନିକ ଯାତ୍ରା ଶେଷ କରି ସେ ମାଡ୍ରାସ ( ଆଜିର ଚେନ୍ନାଇ) ର ଆନ୍ନା ବିଶ୍ୱବିଦ୍ୟାଳୟ ରେ ପ୍ରଫେସର ଥିଲେ। ସେତେବେଳେ ପିଲା ଙ୍କୁ ପାଠ ପଢ଼ାଇବାରେ ଆନନ୍ଦ ସାଉଁଟି ନିଜର ଜୀବନ କୁ ସରଳ ଭାବେ ଉପଭୋଗ କରୁଥିଲେ।ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଆସେ। ବାଜପେୟୀ ଜି ତାଙ୍କୁ ନିଜର କ୍ୟାବିନେଟ ରେ ମନ୍ତ୍ରୀ ରୂପେ ଶପଥ ନେବା ପାଇଁ କଲ୍ କରି କୁହନ୍ତି କିନ୍ତୁ ବିନମ୍ର ସହ ଏପିଜେ ଅବଦୁଲ୍ କଲାମ୍ ମନା କରି ଦିଅନ୍ତି ଓ ଭେଟି କରି ଦେଶର ନୂଆ ପିଢ଼ି ତିଆରି କରିବା ଓ ସେମାନଙ୍କୁ ପ୍ରଶିକ୍ଷିତ କରିବା ପାଇଁ ଶିକ୍ଷକତା ଚାକିରି କରିବା ପାଇଁ ବାଜପେୟୀ ଜିଙ୍କୁ କହିଥିଲେ। ଠିକ୍ ବର୍ଷ ପରେ ରାଷ୍ଟ୍ରପତି ଚୟନ ସମୟରେ ବାଜପେୟୀ ଜି ପୁଣି ତାଙ୍କୁ ମନେ ପକାଇ ଥିଲେ ଓ ଏଥିରେ କଲାମ ଜି ରାଜି ହୋଇଥିଲେ। ନିଜର ଶପଥ ଗ୍ରହଣ ସଭା କୁ ୨ ଜଣ ଙ୍କ ଖାସ୍ ବ୍ୟକ୍ତି ଙ୍କୁ ସେ ଡାକିଥିଲେ। ଜଣେ ହୋଟେଲ ମାଲିକ ଯିଏକି ତାଙ୍କୁ କେବେ କେବେ ଫ୍ରି ରେ ଖାଇବାକୁ ଦେଇଥିଲେ ଓ ଆଉ ଜଣେ ମୋଚି ଯିଏ କି ତାଙ୍କ ଜୋତା ସିଲେଇ କରିଥିଲେ ଓ କେବେ କେବେ ପଇସା ନେଇ ନଥିଲେ। ରାଷ୍ଟ୍ରପତି ଥିବା ସମୟରେ ତାଙ୍କର କାର୍ଯ୍ୟ ପଦ୍ଧତି ଓ ବିଭିନ୍ନ ବିଦ୍ୟାଳୟ ରେ ଯାଇ ପିଲା ଙ୍କ ସହ ମିଶିବା ତଥା କଥା ହେବ ଏହା ଅତ୍ୟନ୍ତ ବିରଳ। କେବେବି ନିଜକୁ ଏକ ରାଷ୍ଟ୍ରପତି ରୂପେ ନ ଭାବି ସବୁବେଳେ ସେ ଜଣେ ସାଧାରଣ ବ୍ୟକ୍ତି ରୂପେ ନିଜକୁ ପରିଗଣିତ କରୁଥିଲେ - ଏହା ତାଙ୍କର ମହାନତା।

ଏହି ଉକ୍ତି ରୁ ଯୁବପିଢ଼ି ଶିଖିବା ଆବଶ୍ୟକ, ସଦା ସର୍ବଦା ତାଙ୍କ ପ୍ରତି କୃତଜ୍ଞ ରହିବ ଦରକାର ଯିଏ ତାଙ୍କୁ ଅସୁବିଧା ସମୟରେ ଛୋଟ ରୁ ଛୋଟ ସାହାଯ୍ୟ କରିଛନ୍ତି। ତାଙ୍କ ବିନମ୍ର ଭାବନା କୁ ମଧ୍ୟ ଶିଖିବାର ଆବଶ୍ୟକତା ରହିଛି। ରାଷ୍ଟ୍ରପତି ହୋଇ ମଧ୍ୟ ସାଧାରଣ ଜୀବନ ଯାପନ କରିବା ଏହା ମଧ୍ୟ ଶିଖିବା ଗୁରୁତ୍ୱପୂର୍ଣ୍ଣ ଅଟେ। ନିଜର ବେଶ ପୋଷାକ ସାଧାରଣ ରଖି ନିଜେ ସାଧାରଣ ମଣିଷଙ୍କ ପରି ରହିବା ଏହା ମଧ୍ୟ ଏକ ମହାନ ମାନବୀୟ ଗୁଣ ଅଟେ। ଶେଷରେ ମୁଁ ଆଜି ମହାନ୍ ଆତ୍ମା ଙ୍କ ଜନ୍ମ ତିଥିରେ ତାଙ୍କୁ ଭାବପୂର୍ଣ୍ଣ ଅଶ୍ରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଆଜିର ଯୁବପିଢ଼ି ଙ୍କୁ ତାଙ୍କ ଜୀବନୀରୁ ଅନେକ ଶିକ୍ଷଣୀୟ ତଥ୍ୟ ଗ୍ରହଣ କରି ଦେଶସେବା ରେ ବ୍ରତୀ ହେବାପାଇଁ ଆହ୍ୱାନ କରୁଛି।

ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଜୀବନ ଆମକୁ ଶିଖାଏ ଯେ ମଣିଷର ପ୍ରକୃତ ଉଚ୍ଚତା ତାଙ୍କ ପଦପଦବୀରେ ନୁହେଁ, ବରଂ ତାଙ୍କ ଚିନ୍ତାଧାରା, କର୍ମ ଓ ମାନବୀୟ ମୂଲ୍ୟବୋଧରେ ରହିଛି। ସ୍ୱପ୍ନ ଦେଖିବା, ସେହି ସ୍ୱପ୍ନକୁ ସାକାର କରିବା ପାଇଁ ନିରନ୍ତର ପରିଶ୍ରମ କରିବା ଏବଂ ନିଜ ଜ୍ଞାନକୁ ରାଷ୍ଟ୍ରର ଉନ୍ନତିରେ ବିନିଯୋଗ କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। ଆସନ୍ତୁ, ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ଜ୍ଞାନସମ୍ପନ୍ନ, ଆତ୍ମନିର୍ଭର ଓ ବିକଶିତ ଭାରତ ଗଠନରେ ନିଜ ନିଜର ଯୋଗଦାନ ରଖିବା।

**ମୋବାଇଲ୍: ୯୩୪୮୪୪୧୮୩୪**
**ଭୁବନେଶ୍ୱର**

# ଅନାବଶ୍ୟକ ଭୋକ: 'ପଲିଫେଜିଆ'

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ବେଳେବେଳେ କେତେକ ଲୋକଙ୍କୁ ଶରୀରର ଆବଶ୍ୟକତା ଅନୁଯାୟୀ ଅଧିକ ଭୋକ ଲାଗିଥାଏ। କେହି କେହି ଏଥିପାଇଁ ଖୁସି ହୁଅନ୍ତି ଯେ ଶରୀର ନିର୍ଦ୍ଧାରିତ ଭାବରେ ସମ୍ଭବତଃ ପୁଷ୍ଟିକାରକ ଖାଦ୍ୟ ଆବଶ୍ୟକ କରୁଛି। ତେବେ ବିଶେଷକରି ଡାଇବେଟିସକୁ ସାମ୍ନା କରୁଥିବା ଲୋକମାନଙ୍କଠାରେ ଅଧିକ ସମୟରେ କ୍ଷୁଧା ଅନୁଭବ ହୁଏ। ଯାହାକୁ ଡାକ୍ତରୀ ଭାଷାରେ ପଲିଫେଜିଆ ବା ହାଇପରଫେଜିଆ କୁହାଯାଏ। ଏହାକୁ ଡାଇବେଟିସର ସାଧାରଣ ଲକ୍ଷଣ କହନ୍ତି, ମଧୁମେହ ହୋଇଥିଲେ ଲୋକେ ଖାଇବା ପରେ ମଧ୍ୟ ଅତ୍ୟଧିକ ଭୋକ ଅନୁଭବ କରିପାରନ୍ତି। ଏହା ଗ୍ଲୁକୋଜ ଓ ଇନସୁଲିନ ନିୟନ୍ତ୍ରଣରେ ପରିବର୍ତ୍ତନ ସହ ଜଡ଼ିତ ହୋଇପାରେ। ତେବେ ଖାଇବା ପରେ ପୁଣି ଭୋକ ଲାଗିବା କେତେକ ସମୟରେ ଅସ୍ୱାଭାବିକ ବି ହୋଇଥାଏ। ବାରମ୍ବାର ଅତ୍ୟଧିକ ଭୋକ ସହ ଶୋଷ ଲାଗିବା, ବାରମ୍ବାର ପରିସ୍ରା, ଥକାପଣ, କିମ୍ବା ଅନିଚ୍ଛାକୃତ ଓଜନ ହ୍ରାସ ପରି ଲକ୍ଷଣ ଦେଖାଗଲେ ଅଣଦେଖା କରିବା ଉଚିତ ନୁହେଁ। ତେଣୁ ଡାଇବେଟିସ ହିଁ ସବୁବେଳେ ବାରମ୍ବାର ଭୋକର କାରଣ ନୁହେଁ। ନିଦ, ଶାରୀରିକ କାର୍ଯ୍ୟକଳାପ, ମାନସିକ ଚାପ, କେତେକ ଔଷଧ ଓ ଅନ୍ୟ ଅନେକ କାରଣ ଦ୍ୱାରା ମଧ୍ୟ ଭୋକ ପ୍ରଭାବିତ ହୋଇପାରେ। ହାଇପରଫେଜିଆ ବା ପଲିଫେଜିଆ ଅର୍ଥ ସ୍ୱାଭାବିକ ଠାରୁ ଅଧିକ ଖାଇବା କିମ୍ବା ଅତି ଭୋକିଲା ଅନୁଭବ କରିବା। ସାଧାରଣତଃ ଶରୀର ଶକ୍ତି ପାଇଁ ଖାଦ୍ୟରୁ ଗ୍ଲୁକୋଜ ବ୍ୟବହାର କରିଥାଏ। ଯେତେବେଳେ ଆମେ ଖାଉ କାର୍ବୋହାଇଡ୍ରେଟ ଗ୍ଲୁକୋଜ ଦ୍ୱାରା ଭାଙ୍ଗି ରକ୍ତ ପ୍ରବାହରେ ମିଶିଥାଏ। ଇନସୁଲିନ ରକ୍ତ ପ୍ରବାହରୁ ଗ୍ଲୁକୋଜ କୋଷ ଗୁଡ଼ିକୁ ସ୍ଥାନାନ୍ତର କରିବାରେ ସାହାଯ୍ୟ କରେ, ଯେଉଁଠାରେ ଏହା ଇନ୍ଧନ ଭାବେ ବ୍ୟବହୃତ ହୁଏ କିମ୍ବା ସଂରକ୍ଷିତ ରହେ। ଡାଇବେଟିସ କାରଣରୁ ଅନେକ ଇନସୁଲିନ ଉତ୍ପାଦିତ ହୁଏ, ତେବେ ଠିକ ଭାବରେ କାମ କରେ ନାହିଁ। ଫଳରେ ଏହା ରକ୍ତରେ ଗ୍ଲୁକୋଜ ସ୍ତର ବୃଦ୍ଧିର କାରଣ ପାଲଟେ। ଏଣୁ ବ୍ୟକ୍ତି ବାରମ୍ବାର ଭୋକ ଅନୁଭବ କରିପାରନ୍ତି।



ଆମେ କୌଣସି ଖାଦ୍ୟ ଖାଇଲେ ତାହା ରକ୍ତ ପ୍ରବାହରେ ଗ୍ଲୁକୋଜ ଛାଡ଼ିଥାଏ। ସାଧାରଣ ପରିସ୍ଥିତିରେ ଇନସୁଲିନ କୋଷଗୁଡ଼ିକୁ ଗ୍ଲୁକୋଜ ଶୋଷଣ କରିବାରେ ସାହାଯ୍ୟ କରେ। ତେବେ ଡାଇବେଟିସରେ ଇନସୁଲିନର ଅଭାବ କିମ୍ବା ଇନସୁଲିନ ପ୍ରତିରୋଧ ଯୋଗୁଁ ଗ୍ଲୁକୋଜ ବ୍ୟବହାର ଏବଂ ନିୟନ୍ତ୍ରଣ ବାଧାପ୍ରାପ୍ତ ହୁଏ। ରକ୍ତରେ ଗ୍ଲୁକୋଜ ସ୍ତର ବୃଦ୍ଧି ପାଇଲେ ଶରୀରର ଟିସୁ ଗୁଡ଼ିକ ଅନ୍ୟ ଉପାୟରେ ଶକ୍ତି ବ୍ୟବହାର ପାଇଁ ପର୍ଯ୍ୟାପ୍ତ ଗ୍ଲୁକୋଜ ଉପଲବ୍ଧ ଥିବାର ସଙ୍କେତ ପାଇଥାନ୍ତି। ଏହି ମେଟାବୋଲିକ ବିଭ୍ରାଟ ଅତ୍ୟଧିକ ଭୋକ ସୃଷ୍ଟି କରେ।

ତେବେ ବାରମ୍ବାର ଭୋକ ଲାଗିବା ସବୁବେଳେ ମଧୁମେହର ଲକ୍ଷଣ ହୋଇ ନପାରେ। ଏହାର ଅନେକ କାରଣ ରହିଛି। ତେଣୁ କେବଳ ଏହି ଗୋଟିଏ ଲକ୍ଷଣ ଉପରେ ଆଧାର କରି ମଧୁମେହ ବୋଲି ଧରି ନେବା ଠିକ ନୁହେଁ। ଖାଦ୍ୟରେ ପ୍ରୋଟିନ କିମ୍ବା ଫାଇବରର ଅଭାବ ଖୁବ କମ୍ କ୍ୟାଲୋରି ଗ୍ରହଣ, ଅଧିକ ଶାରୀରିକ କାର୍ଯ୍ୟକଳାପ, ପର୍ଯ୍ୟାପ୍ତ ନିଦର ଅଭାବ, ମାନସିକ ଚାପ, ଖାଦ୍ୟ ମଧ୍ୟରେ ଅତ୍ୟଧିକ ବ୍ୟବଧାନ, କେତେକ ଔଷଧ, ହରମୋନ କିମ୍ବା ମେଟାବୋଲିକ ଅବସ୍ଥା ଓ କମ ରକ୍ତ ଶର୍କରା ମଧ୍ୟ ବାରମ୍ବାର ଭୋକର ସମ୍ଭାବ୍ୟ କାରଣ ହୋଇପାରେ। ଓଡ଼ିଆରେ ଏକ ଲୋକ କଥା ଅଛି 'ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଚାଲିଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ'। ଅନେକ ସମୟରେ ଶରୀର ଚାହୁଁଥିବା ମାତ୍ରାଠାରୁ ଅଧିକ ଖାଦ୍ୟ ଖାଇବା ଦ୍ୱାରା ମେଦବହୁଳତା ସମସ୍ୟା ଦେଖାଦେଇଥାଏ ଏହା ବ୍ୟତୀତ ଗଣ୍ଠି ସମସ୍ୟା, ହଜମ ସମସ୍ୟା ଦେଖାଦେଇଥାଏ। କେତେକ କ୍ଷେତ୍ରରେ ଖାଦ୍ୟ ଭଲ ଭାବରେ ହଜମ ହୋଇପାରି ନଥାଏ। ସବୁବେଳେ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ, ନିରାମିଷ ଖାଦ୍ୟ ସବୁଠାରୁ ଭଲ। ନିଜ ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ। କୌଣସି ପ୍ରକାର ନିଶାଦ୍ରବ୍ୟ ଠାରୁ ଯେପରି ଦୂରେଇ ରୁହନ୍ତି ସେ ଦିଗକୁ ଦେଖନ୍ତୁ। ଗୋଟିଏ କଥା ସବୁବେଳେ ମନେ ରଖନ୍ତୁ ଯେ 'ଆମ ପାଇଁ ଖାଦ୍ୟ ନା ଖାଦ୍ୟ ପାଇଁ ଆମେ?' ତେବେ ଅତ୍ୟଧିକ ଭୋକ ଲାଗୁଥିଲେ ଏ କ୍ଷେତ୍ରରେ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**ପ୍ରତିରତ୍ନିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**

# ପ୍ରତିରକ୍ଷା ସୁରକ୍ଷା ମଜଭୁତ କରିବାକୁ ଆହ୍ୱାନ



## ଏସୀୟ-ଭାରତ ପ୍ରତିରକ୍ଷା ଫୋରମକୁ ରାଜନାଥଙ୍କ ସମ୍ବୋଧନ

ନୂଆଦିଲ୍ଲୀ, ୧୪।୧୦: ଭାରତ ଓ ଏସିଆନ୍ ଦେଶଗୁଡ଼ିକ ମଧ୍ୟରେ ସାମୁଦ୍ରିକ ସୁରକ୍ଷା, କାଉଣ୍ଟର-ଡ୍ରୋନ୍ ସିଷ୍ଟମ୍, ସାଇବର ପ୍ରତିରକ୍ଷା ଓ ବିପର୍ଯ୍ୟୟ ମୁକାବିଲା ଭଳି କ୍ଷେତ୍ରରେ ମିଳିତ ଗବେଷଣା ଏବଂ ଦୃଢ଼ ପ୍ରତିରକ୍ଷା ସହଯୋଗ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବୁଧବାର ଆହ୍ୱାନ ଦେଇଛନ୍ତି। ଆଞ୍ଚଳିକ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ମିଳିତ କାର୍ଯ୍ୟ ଏବଂ ବ୍ୟବହାରିକ ସମାଧାନ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।

ଜାତୀୟ ରାଜଧାନୀରେ ଆୟୋଜିତ ଏସିଆନ୍-ଭାରତ ପ୍ରତିରକ୍ଷା ଥିଙ୍କ୍ ଟ୍ୟାଙ୍କ ଫୋରମକୁ ସମ୍ବୋଧିତ କରି ରାଜନାଥ ସିଂହ କହିଛନ୍ତି ଯେ ଏହି ମଞ୍ଚ କେବଳ ମତାମତ ଆଦାନପ୍ରଦାନ ମଧ୍ୟରେ ସୀମିତ ନରହି ସରକାର ଏବଂ ଅନୁଷ୍ଠାନଗୁଡ଼ିକ ମିଳିତ ଭାବେ କାର୍ଯ୍ୟକାରୀ କରିପାରିବା ଭଳି ବ୍ୟବହାରିକ ପଦକ୍ଷେପଗୁଡ଼ିକୁ ଚିହ୍ନଟ କରିବାରେ ସହାୟକ ହେବା ଉଚିତ୍। ଭାରତ ଏବଂ ଦକ୍ଷିଣ-ପୂର୍ବ ଏସିଆ ମଧ୍ୟରେ ଥିବା ପୁରାତନ ସାଂସ୍କୃତିକ ଓ ବାଣିଜ୍ୟିକ ସମ୍ପର୍କକୁ ମନେ ପକାଇ ସେ କହିଛନ୍ତି ଯେ ସାମୁଦ୍ରିକ ପଥ ଏହି ଦେଶଗୁଡ଼ିକୁ ଶତାବ୍ଦୀ ଶତାବ୍ଦୀ ଧରି ଯୋଡ଼ି ରଖିଛି। ଭାରତର ଆକ୍ଟ ଇଷ୍ଟ ପଲିସି, ସାଗର ଓ ମହାସାଗର ଭିଜନ୍ ମୁକ୍ତ ତଥା ବହୁମୁଖୀ ସହଯୋଗକୁ ପ୍ରୋତ୍ସାହିତ କରୁଛି ବୋଲି ସେ ମତ ଦେଇଛନ୍ତି। ବର୍ତ୍ତମାନର ବଦଳୁଥିବା କ୍ଷେତ୍ରୀୟ ସୁରକ୍ଷା ବାତାବରଣରେ ଆତଙ୍କବାଦ, ସାଇବର କ୍ରାଇମ ଏବଂ ଜଳବାୟୁ ଜନିତ ବିପର୍ଯ୍ୟୟ ଭଳି ସମସ୍ୟାଗୁଡ଼ିକ କୌଣସି ସୀମା ଭିତରେ ସୀମିତ ନାହିଁ ଏବଂ ଏହାର ମୁକାବିଲା ପାଇଁ ସମସ୍ତେ ମିଶି କାମ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି।

୨୦୨୬ ମସିହାକୁ ଏସିଆନ୍-ଭାରତ ସାମୁଦ୍ରିକ ସହଯୋଗ ବର୍ଷ ଭାବେ ଘୋଷଣା କରାଯାଇଥିବା ପ୍ରସଙ୍ଗ ଉଠାଇ ସେ ନୌସେନା ଏବଂ କୋଷ୍ଟ ଗାର୍ଡ ମଧ୍ୟରେ ସୂଚନା ଆଦାନପ୍ରଦାନ ଏବଂ ଜରୁରୀକାଳୀନ ପରିସ୍ଥିତିରେ ମିଳିତ ପ୍ରତିକ୍ରିୟା ବଢ଼ାଇବାକୁ ପରାମର୍ଶ ଦେଇଛନ୍ତି। ଏହାସହ କୃତ୍ରିମ ବୁଦ୍ଧିମତା (ଏଆଇ), ଡ୍ରୋନ୍, ସାଇବର କ୍ଷମତା ଏବଂ ମହାକାଶଭିତ୍ତିକ ପ୍ରଣାଳୀର ବ୍ୟବହାରକୁ ଗୁରୁତ୍ୱ ଦେଇ ଆତ୍ମନିର୍ଭର ଭାରତ ଜରିଆରେ ସହଯୋଗୀ ଦେଶମାନଙ୍କୁ ମିଳିତ ଭାବେ ପ୍ରତିରକ୍ଷା ସରଞ୍ଜାମ ଡିଜାଇନ୍, ନିର୍ମାଣ ଏବଂ ରକ୍ଷଣାବେକ୍ଷଣ କରିବାକୁ ଭାରତ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି।

## ଓଡ଼ଶ ଓ ଅସରପା'ଙ୍କଠାରୁ ସତର୍କ ରହନ୍ତୁ: ଶୁଭେନ୍ଦୁ ଅଧିକାରୀ



କୋଲକାତା: ପଶ୍ଚିମବଙ୍ଗର ବନଗାଁରେ ଶୁଭେନ୍ଦୁ ଅଧିକାରୀ 'ଛାରପୋକ ଓ ଅସରପା'ଙ୍କଠାରୁ ସତର୍କ ରହିବାକୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ନାଗରିକତା ସଂଶୋଧନ ଆଇନ, ଭାରତ-ବାଂଲାଦେଶ ସୀମା ସୁରକ୍ଷା ଏବଂ ଦୁର୍ଗାପୂଜା କମିଟିଗୁଡ଼ିକୁ ଅନୁମତି ଦେବା ପ୍ରସଙ୍ଗରେ ସେ ପୂର୍ବତନ ବାମପନ୍ଥୀ ଓ ତୃଣମୂଳ କଂଗ୍ରେସ ସରକାରଙ୍କୁ ସମାଲୋଚନା କରିଛନ୍ତି।

ପଶ୍ଚିମବଙ୍ଗରେ ସୀମା ସୁରକ୍ଷା, ନାଗରିକତା ସଂଶୋଧନ ଆଇନ ଏବଂ ରାଜନୈତିକ ବିଚାରଧାରାକୁ ନେଇ ରାଜନୈତିକ ବୟାନବାଜି ଜୋର୍ ଧରିଛି। ମଙ୍ଗଳବାର ଉତ୍ତର ୨୪ ପ୍ରଗଣା ଜିଲ୍ଲାର ବନଗାଁରେ ଦୁର୍ଗାପୂଜା ଉତ୍ସବର ଉଦ୍‌ଘାଟନ କରିବା ଅବସରରେ ଶୁଭେନ୍ଦୁ ଅଧିକାରୀ ପୂର୍ବତନ ବାମପନ୍ଥୀ ଓ ତୃଣମୂଳ କଂଗ୍ରେସ ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ଦେଶକୁ ଭିତରୁ ଦୁର୍ବଳ କରିବାକୁ ଉଦ୍ୟମ କରୁଥିବା 'ଛାରପୋକ ଓ ଅସରପା'ଙ୍କଠାରୁ ସତର୍କ ରହିବାକୁ ସେ ଲୋକଙ୍କୁ କହିଥିଲେ। ନିଜ ଅଭିଭାଷଣରେ ଶୁଭେନ୍ଦୁ ଅଧିକାରୀ 'କାଶ୍ମୀରର ସ୍ୱାଧୀନତା' ସ୍ଲୋଗାନ ଦେଉଥିବା ଲୋକଙ୍କୁ 'ମାନସିକ ନକ୍ସଲ' ବୋଲି କହି ସମାଲୋଚନା କରିଥିଲେ। ସେ କହିଥିଲେ, ଅନେକ 'ଛାରପୋକ ଓ ଅସରପା' ଦେଶକୁ ଭିତରୁ ଦୁର୍ବଳ କରିବାକୁ ଉଦ୍ୟମ କରୁଛନ୍ତି। ତେଣୁ ସେମାନଙ୍କ ପ୍ରତି ସତର୍କ ରହିବା ଆବଶ୍ୟକ।

## ଟିଏମ୍‌ସିରୁ ସବିନା ୟାସ୍ମିନ୍‌ଙ୍କ ଇସ୍ତଫା



କୋଲକାତା, ୧୪।୧୦: ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ଡେମୋକ୍ରାଟିକ୍ ତୃଣମୂଳ ଗୋଷ୍ଠୀ ଭିତରେ ଫାଟ ସୃଷ୍ଟି ହୋଇଛି। ବିଧାୟିକା ସବିନା ୟାସ୍ମିନ୍ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ମହିଳା ଶାଖା ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ତେବେ ସେ ପଦ ଛାଡୁଥିଲେ ମଧ୍ୟ ପାର୍ଟି ଛାଡୁନାହାନ୍ତି ବୋଲି କହିଛନ୍ତି। ତାଙ୍କ ଚିଠିରେ ସେ ବିପ୍ଳବ ମିତ୍ରଙ୍କୁ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସର ସଭାପତି ଭାବରେ ବର୍ଣ୍ଣନା କରିଛନ୍ତି। ତାଙ୍କର ଏହି ବୟାନ ରାଜନୈତିକ ବିଶେଷଜ୍ଞଙ୍କ ଦୃଷ୍ଟି ଆକର୍ଷଣ କରିଛି। କାରଣ ରତବ୍ରତ ଶିବିରର ନେତାମାନେ ଆରମ୍ଭରୁ ଲଗାତାର ଦାବି କରିଆସୁଛନ୍ତି ଯେ, ସେମାନେ ତୃଣମୂଳ କଂଗ୍ରେସର ଅଂଶ। ସବିନା କୌଣସି ସ୍ଥାନରେ ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ ନାମ ଉଲ୍ଲେଖ କରିନାହାନ୍ତି। ଏହାକୁ ନେଇ ତାଙ୍କ ରାଜନୈତିକ ସ୍ଥିତି ଓ ସେ ପ୍ରତିନିଧିତ୍ୱ କରୁଥିବା ଗୋଷ୍ଠୀର ପରିଚୟ ଉପରେ ପ୍ରଶ୍ନ ଉଠାଇଛି। ପଶ୍ଚିମବଙ୍ଗର ମାଲଦା ଜିଲ୍ଲାର ମୋଥାବାରିରେ ନ୍ୟାୟିକ ଅଧିକାରୀଙ୍କ ଉପରେ ଆକ୍ରମଣ ଘଟଣାରେ ଏନ୍‌ଆଇଏ ପଚରାଉଚରା ପାଇଁ ତୃଣମୂଳ କଂଗ୍ରେସ ବିଧାୟକ ସବିନା ୟାସ୍ମିନଙ୍କୁ ସମନ କରିଛି। ବିଧାନସଭା ନିର୍ବାଚନ ପୂର୍ବରୁ ଏସ୍‌ଆଇଆର୍ ସମୟରେ ନ୍ୟାୟିକ ଅଧିକାରୀଙ୍କ ଉପରେ ଆକ୍ରମଣ ହୋଇଥିଲା।

## ଫ୍ରାଙ୍କଫର୍ଟ-ଦିଲ୍ଲୀ ବିମାନରେ ଅପହରଣ ଆଲର୍ଟ ଜୟପୁରରେ ଜରୁରୀ ଅବତରଣ



ଜୟପୁର, ୧୪।୧୦: ଫ୍ରାଙ୍କଫର୍ଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ଏକ ଅନ୍ତର୍ଜାତୀୟ ବିମାନ ଅପହରଣ ସତର୍କତା ଜାରି ହେବା ପରେ ଜୟପୁର ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିଛି। ବିମାନ ଅପହରଣ ଆଲର୍ଟ ପରେ ଏୟାର ଇଣ୍ଡିଆର ବିମାନ ଏଆଇ-୨୦୩୦ ଜରୁରୀକାଳୀନ ଅବତରଣ କରିଥିଲା। ଅହମ୍ମଦାବାଦ ଏଟିସି ବିମାନ ସମ୍ପର୍କରେ ଏକ ସତର୍କ ସୂଚନା ପାଇଥିଲା। ପାଇଲଟ୍ କିଛି ସେକେଣ୍ଡ ପାଇଁ ସ୍କ୍ୱାକ୍-୭୫୦୦ ଘୋଷଣା କରିଥିଲେ। ଏହା ତୁରନ୍ତ ସୁରକ୍ଷା ଏଜେନ୍ସିଗୁଡ଼ିକୁ ସତର୍କ କରାଇ ଦେଇଥିଲା। ବିମାନଟି ଜୟପୁର ବିମାନବନ୍ଦରରେ ସୁରକ୍ଷିତ ଜରୁରୀକାଳୀନ ଅବତରଣ କରିଥିଲା। ପୂର୍ବାହ୍ନ ୯ଟା ୪୫ରେ ବିମାନଟିକୁ ଆଇସୋଲେସନ ବେ'କୁ ଅଣାଯାଇଥିଲା। ସେଠାରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ, ସ୍ଥାନୀୟ ପୁଲିସ ଏବଂ ବୋମା ଚିହ୍ନଟ ଏବଂ ନିଷ୍କ୍ରିୟକାରୀ ଦଳର କର୍ମଚାରୀମାନେ ବିମାନ ଏବଂ ଯାତ୍ରୀମାନଙ୍କ ଲଗେଜ ଯାଞ୍ଚ ଆରମ୍ଭ କରିଥିଲେ।

## ପୋପ୍ ଲିଓ ଚତୁର୍ଦ୍ଦଶଙ୍କ ସଫଳ ଅସ୍ତ୍ରୋପଚାର



ଭାଟିକାନ୍ ସିଟି, ୧୪।୧୦: କ୍ୟାଥୋଲିକ ଚର୍ଚ୍ଚର ସର୍ବୋଚ୍ଚ ଆଧ୍ୟାତ୍ମିକ ଗୁରୁ ପୋପ୍ ଲିଓ ଚତୁର୍ଦ୍ଦଶଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଭଟିକାନ୍ ଏକ ଗୁରୁତ୍ୱପୂର୍ଣ୍ଣ ମେଡିକାଲ୍ ବୁଲେଟିନ୍ ଜାରି କରିଛି। ଏଥିରେ କୁହାଯାଇଛି, ମଙ୍ଗଳବାର ରୋମର ଜେମେଲି ବିଶ୍ୱବିଦ୍ୟାଳୟ ହସ୍ପିଟାଲରେ ୭୧ ବର୍ଷୀୟ ପୋପ୍‌ଙ୍କର ଫୁସଫୁସ ଟ୍ୟୁମର କାଢ଼ିବା ପାଇଁ ୯୦ ମିନିଟର ସଫଳ ଅସ୍ତ୍ରୋପଚାର ସଫଳତାର ସହିତ କରାଯାଇଯାଇଛି। ଅସ୍ତ୍ରୋପଚାର ସମୟରେ କରାଯାଇଥିବା ଟିସୁ ପରୀକ୍ଷାରୁ ପପ୍‌ଙ୍କୁ ପଲମୋନାରୀ ଆଡେନୋକାର୍ସିନୋମା ବା ଫୁସଫୁସ କର୍କଟ ରୋଗ ହୋଇଥିବା ନିଶ୍ଚିତ ହୋଇଛି। ହସ୍ପିଟାଲର ମୁଖ୍ୟ ଥୋରାସିକ୍ ସର୍ଜନ ପ୍ରଫେସର ଷ୍ଟେଫାନୋ ମାର୍ଗାରିଟୋରା ଏବଂ ତାଙ୍କ ଡାକ୍ତରୀ ଦଳ ଭିଡିଓ ସହାୟକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ତାଙ୍କ ଡାହାଣ ଫୁସଫୁସର ତଳ ଅଂଶକୁ ସଫଳତାର ସହ କାଢ଼ି ଦେଇଛନ୍ତି। ଆମେରିକାରେ ଜନ୍ମିତ ପୋପ୍ ଲିଓ ତାଙ୍କ ୧୭ ମାସର କାର୍ଯ୍ୟକାଳ ମଧ୍ୟରେ ପ୍ରଥମ ଥର ପାଇଁ ଖୋଲାଖୋଲି ଭାବରେ କଥା କହିଛନ୍ତି। ରବିବାର ଦିନ, ସେ ସର୍ବସାଧାରଣରେ ତାଙ୍କର ଏକ ଛୋଟ ଫୁସଫୁସ ଟ୍ୟୁମର ହୋଇଥିବା ପ୍ରକାଶ କରିଥିଲେ ଏବଂ କହିଥିଲେ ଏହାକୁ ଅପସାରଣ କରାଯିବ।

● ରାଜ୍ୟ ସରକାରଙ୍କୁ ପ୍ରେସ କାଉନସିଲଙ୍କ ନିର୍ଦ୍ଦେଶ

## ଦୁଇ ମାସ ମଧ୍ୟରେ ଗଠନ ହେଉ ସାମ୍ବାଦିକ ଅଧିସ୍ୱୀକୃତି କମିଟି

ନୂଆଦିଲ୍ଲୀ,୧୪।୧୦(ସଂଚାର ବ୍ୟୁରୋ): ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ ପାଇଁ ଉଦ୍ଦିଷ୍ଟ କମିଟି ଦୀର୍ଘ ୧୯ ବର୍ଷ ଧରି ଓଡ଼ିଶାରେ ନ ଥିବା ବେଳେ ଏହାକୁ ଦୁଇ ମାସ ମଧ୍ୟରେ ଗଠନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପ୍ରେସ କାଉନସିଲ ଅଫ ଇଣ୍ଡିଆ। ଗତକାଲି ଏଠାରେ ଅନୁଷ୍ଠିତ ପ୍ରେସ କାଉନସିଲ ବୈଠକରେ ଏହି ପ୍ରସଙ୍ଗ



ଉଠାଇ ପିସିଆଇ ସଦସ୍ୟ ପ୍ରସନ୍ନ ମହାନ୍ତି ରାଜ୍ୟରେ ଶତାଧିକ ଆବେଦନ ପଡ଼ିରହିଥିବା ବେଳେ ଦୀର୍ଘ ୨୦୦୬ରୁ ଅଧିସ୍ୱୀକୃତି କମିଟି ଗଠନ ନ ହେବା ଓ ରାଜ୍ୟ ସରକାର ପିସିଆଇଙ୍କ ଏବାବଦ ନିର୍ଦ୍ଦେଶକୁ ନ ମାନିବା ଉଦବେଗର ବିଷୟ ବୋଲି ଉଲ୍ଲେଖ କରିଥିଲେ। ଏଥିସହ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କାରିବାକୁ ଦାବି କରିଥିଲେ। ପରେ ପ୍ରେସ କାଉନସିଲ ଚେୟାରମ୍ୟାନ ଜଷ୍ଟିସ ରଞ୍ଜନା ପ୍ରକାଶ ଦେଶାଇ ପରିସ୍ଥିତିର ଗମ୍ଭୀରତାକୁ ବିଚାରକୁ ନେଇ ରାଜ୍ୟ ସରକାରଙ୍କୁ ଏଭଳି ନିର୍ଦ୍ଦେଶ ଦେବା ସହ ଅନ୍ୟ ରାଜ୍ୟମାନଙ୍କରେ ଅଧିସ୍ୱୀକୃତି କମିଟିର ସ୍ଥିତି ଜାଣିବା ପାଇଁ ଚିଠି ଲେଖିବାକୁ କହିଥିଲେ। ସେହିପରି କୋଭିଡ କାଳରୁ ବନ୍ଦ ରହିଥିବା ସାମ୍ବାଦିକଙ୍କ ରିହାତି ରେଳ ଯାତ୍ରା ସୁବିଧାର ପୁନଃପ୍ରଚଳନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଓ ଆନ୍ଦୋଳନ ସମୟରେ ପୁଲିସ ସାମ୍ବାଦିକଙ୍କ ଉପରେ ନେଉଥିବା ଦମନମୂଳକ କାର୍ଯ୍ୟାନୁଷ୍ଠାନ ବାବଦରେ କାଉନସିଲର ଦୃଷ୍ଟି ଆକର୍ଷଣ କରିଥିଲେ।

# ତିହାର ଜେଲରେ ଦୁଇ ସିଜେପି ନେତା

### ସରକାରଙ୍କୁ ବର୍ଷିଲେ ଅଭିନେତା ପ୍ରକାଶ ରାଜ



ନୂଆଦିଲ୍ଲୀ, ୧୪।୧୦: ଦିଲ୍ଲୀର ଐତିହାସିକ ଜନ୍ତର ମନ୍ତରରେ ପ୍ରତିବାଦ ପ୍ରଦର୍ଶନକୁ ନେଇ କ୍ଷମତାସୀନ ସରକାର ଏବଂ ବିରୋଧୀଙ୍କ ମଧ୍ୟରେ ରାଜନୈତିକ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଜନ୍ତର ମନ୍ତରରେ ଜାତୀୟ ପତାକା ଉତ୍ତୋଳନ କରି ବିକ୍ଷୋଭ ପ୍ରଦର୍ଶନ କରିଥିବା 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ର ଦୁଇ ପ୍ରମୁଖ ନେତା ସୌରଭ ଦାସ ଏବଂ ଆଶୁତୋଷ ରାଙ୍କାଙ୍କୁ ପାଞ୍ଚ ଦିନିଆ ନ୍ୟାୟିକ ହାଜତରେ ତିହାର ଜେଲ୍‌କୁ ପଠାଯାଇଛି। ପୁଲିସର ଏହି ଦମନଲୀଳାକୁ କେବଳ ସିଜେପି ନୁହେଁ, ବରଂ ବଲିଉଡ୍‌ର ପ୍ରସିଦ୍ଧ ଅଭିନେତା ପ୍ରକାଶ ରାଜ ମଧ୍ୟ ତୀବ୍ର ସମାଲୋଚନା କରିଛନ୍ତି।

ସିଜେପି ନେତାଙ୍କ ଆଇନଜୀବୀ ପୁଲିସର କାର୍ଯ୍ୟାନୁଷ୍ଠାନକୁ ଚ୍ୟାଲେଞ୍ଜ କରି ଅଭିଯୋଗ କରିଛନ୍ତି ଯେ ପୁଲିସ କୋର୍ଟଙ୍କୁ ଭ୍ରାନ୍ତ ତଥ୍ୟ ଦେଇଛି ଯେ ସେମାନେ ଲୋକଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ପ୍ରକୃତରେ ସେମାନେ କୌଣସି ବନ୍ଡ ଉଲ୍ଲଂଘନ କରିନଥିଲେ। ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପକେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ସରକାର ନିଜ ନାଗରିକଙ୍କ ସହିତ ଆଲୋଚନା କରିବା ବଦଳରେ ସେମାନଙ୍କୁ ଜେଲରେ ରଖିବାକୁ ପସନ୍ଦ କରୁଛନ୍ତି।

ଅନ୍ୟପକ୍ଷରେ, ଏହି ସମ୍ପୂର୍ଣ୍ଣ ଘଟଣାକୁ ନେଇ ଅଭିନେତା ପ୍ରକାଶ ରାଜ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ ନିଜ ଅଧିକାର ପାଇଁ ପ୍ରଶ୍ନ ପଚାରୁଥିବା ନାଗରିକଙ୍କୁ କାହିଁକି ବାରମ୍ବାର ଅଟକ ରଖାଯାଉଛି? ପ୍ରତିବାଦର ସ୍ଥାନକୁ ଜନ୍ତର ମନ୍ତରରୁ ବାଦ୍ ଦେଇ ରାମଲୀଳା ମଇଦାନକୁ ସ୍ଥାନାନ୍ତର କରାଯିବା ଏବଂ ସେଠାରେ ୫୦ ହଜାର ଟଙ୍କା ଫି' ତଥା ଜମା ରାଶି ଧାର୍ଯ୍ୟ କରାଯିବା ନିଷ୍ପତ୍ତିକୁ ସେ ତୀବ୍ର ବିରୋଧ କରିଛନ୍ତି। ସାଧାରଣ ଜନତା ସରକାରଙ୍କୁ ପ୍ରଶ୍ନ ପଚାରିବା ପାଇଁ ଏତେ ଟଙ୍କା କାହିଁକି ଦେବେ ବୋଲି ସେ ପ୍ରଶ୍ନ କରିଛନ୍ତି।

## ପତାକା ଅଲଗା, କିନ୍ତୁ ଉଦ୍ଦେଶ୍ୟ ଗୋଟିଏ

**ସିଜେପି ସମର୍ଥନରେ ବାହାରିଲେ ରାହୁଲ**

ନୂଆଦିଲ୍ଲୀ, ୧୪।୧୦: ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରକ୍ରିୟା ବିରୋଧରେ ଚାଲିଥିବା ଆନ୍ଦୋଳନ ଏବେ ଜାତୀୟ ରାଜନୀତିରେ କମ୍ପନ ସୃଷ୍ଟି କରିଛି। ଜନ୍ତର ମନ୍ତରରେ ଜାତୀୟ ପତାକା ଉତ୍ତୋଳନ କରି ଗିରଫ ହୋଇଥିବା 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ର ନେତାମାନଙ୍କ ସମର୍ଥନରେ କଂଗ୍ରେସ ସାଂସଦ ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଥମ ଥର ପାଇଁ ଖୋଲାଖୋଲି ମୈଦାନକୁ ଓହ୍ଲାଇଛନ୍ତି। ସୋସିଆଲ ମିଡିଆରେ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରି ରାହୁଲ ଗାନ୍ଧୀ କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ଭାବେ ଜନ୍ତର ମନ୍ତରରେ ତ୍ରିରଙ୍ଗା ଉଡ଼ାଇବା କୌଣସି ଅପରାଧ ନୁହେଁ। ଏହାକୁ ବନ୍ଦ କରିବା ଏବଂ ଯୁବକମାନଙ୍କୁ ଜେଲ୍ ପଠାଇବା ସରକାରଙ୍କ 'କାପୁରୁଷପଣ'କୁ ଦର୍ଶାଉଛି। ଛାତ୍ର, ଯୁବକ ଏବଂ ବିରୋଧୀ ଦଳଗୁଡ଼ିକର ପତାକା ଅଲଗା ହୋଇପାରେ, କିନ୍ତୁ ସମସ୍ତଙ୍କର ଉଦ୍ଦେଶ୍ୟ ଗୋଟିଏ। ତାହା ହେଲା ନାଗରିକଙ୍କ ସାମ୍ବିଧାନିକ ଅଧିକାର ରକ୍ଷା କରିବା। ଜନ୍ତର ମନ୍ତର ଭାରତୀୟ ଜନସାଧାରଣଙ୍କର ଏବଂ ଏହାକୁ ପୁଣି ଥରେ ଫେରି ପାଇବା ପାଇଁ ସଂଗ୍ରାମ ଜାରି ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଆଗ ବାହାହୁଅ, ପରେ ଆଇ ଲଭ୍ ୟୁ କୁହ

### ଯୁବକଙ୍କୁ ଅସଦୁଦ୍ଦିନ୍ ଓୱେସି ଦେଲେ ଅଜବ ପରାମର୍ଶ



**ହାଇଦ୍ରାବାଦ,୧୪।୧୦:** ଅଲ୍ ଇଣ୍ଡିଆ ମଜଲିସ୍-ଇ-ଇତ୍ତେହାଦୁଲ୍ ମୁସଲିମିନ୍ (ଏଆଇଏମଆଇଏମ୍) ସୁପ୍ରିମୋ ତଥା ହାଇଦ୍ରାବାଦ ସାଂସଦ ଅସଦୁଦ୍ଦିନ୍ ଓୱେସିଙ୍କ ବୈବାହିକ ପରାମର୍ଶ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଯୁବକମାନଙ୍କୁ କୌଣସି ମହିଳାଙ୍କୁ 'ଆଇ ଲଭ୍ ୟୁ' କହିବା ପୂର୍ବରୁ ପ୍ରଥମେ ସେମାନଙ୍କୁ ବିବାହ କରିବା ପାଇଁ ଓୱେସି ପରାମର୍ଶ ଦେଇଛନ୍ତି।

ନିଜର ସ୍ପଷ୍ଟବାଦୀ ଏବଂ ଚର୍ଚ୍ଚିତ ମନ୍ତବ୍ୟ ପାଇଁ ଜଣାଶୁଣା ଓୱେସି ଏକ ସଭାକୁ ସମ୍ବୋଧିତ କରି ପ୍ରେମ ନିବେଦନ ପୂର୍ବରୁ ବିବାହକୁ ପ୍ରାଥମିକତା ଦେବାକୁ ଯୁକ୍ତି ଦର୍ଶାଇଛନ୍ତି, ଯାହାର ଏକ ଭିଡିଓ ଦଳ ପକ୍ଷରୁ ଶେୟାର କରାଯାଇଛି। ସଭାରେ ଓୱେସି କହିଛନ୍ତି, ଆମେ ପ୍ରତ୍ୟେକ ଭାଷଣରେ ଲୋକଙ୍କୁ ସେମାନଙ୍କ ସ୍ତ୍ରୀଙ୍କୁ 'ଆଇ ଲଭ୍ ୟୁ' କହିବାକୁ ପରାମର୍ଶ ଦେଇଥାଉ। ହେଲେ ଯୁବକମାନେ ଯଦି କାହାକୁ ଭଲପାଉଛନ୍ତି, ତେବେ ପ୍ରଥମେ ସେମାନଙ୍କୁ ବିବାହ କରନ୍ତୁ ଏବଂ ତା'ପରେ 'ଆଇ ଲଭ୍ ୟୁ' କୁହନ୍ତୁ। ବିବାହ କରିବା ଦ୍ୱାରା ଆପଣଙ୍କ ଧର୍ମର ଅଧା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥାଏ। ଜଣେ ରାଜନେତାଙ୍କ ଘରକୁ ଯିବା ସମୟର ଏକ ସ୍ମୃତି ସେୟାର କରି ଓୱେସି କହିଛନ୍ତି ଯେ, ସେହି ରାଜନେତାଙ୍କ ପୁଅକୁ ବିବାହ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। କିନ୍ତୁ ଯୁବକ ଜଣକ ପ୍ରଥମେ ନିଜ ଜୀବନରେ ସେଟଲ୍ ହେବାକୁ ଚାହୁଁଛନ୍ତି ବୋଲି କହିଥିଲେ। ଏହାକୁ ନେଇ କଟାକ୍ଷ କରି ଓୱେସି କହିଥିଲେ, ମୋର ଦାଢ଼ି ପାଚି ଧଳା ହୋଇଗଲାଣି, କିନ୍ତୁ ମୁଁ ଆଜି ପର୍ଯ୍ୟନ୍ତ ସେଟଲ୍ ହୋଇପାରିନାହିଁ। ପ୍ରଥମେ କେହି ସେଟଲ୍ ହୁଅନ୍ତି ନାହିଁ। ଆଗ ବିବାହ କର, ସବୁକିଛି ନିଜେ ନିଜେ ସ୍ଥିର ହୋଇଯିବ।

### ବିହାର ଡଙ୍ଗାବୁଡ଼ି ଦୁର୍ଘଟଣା

## ସହାୟତା ଘୋଷଣା କଲେ ପ୍ରଧାନମନ୍ତ୍ରୀ



ପାଟନା, ୧୪।୧୦: ବିହାରର ବୈଶାଳୀ ଜିଲ୍ଲା ଅନ୍ତର୍ଗତ ରାଘୋପୁର ବ୍ଲକସ୍ଥିତ ରାମପୁର ଶ୍ୟାମଚନ୍ଦ ଗାଁ ନିକଟରେ ଗଙ୍ଗା ନଦୀରେ ଏକ ମର୍ମନ୍ତୁଦ ଡଙ୍ଗା ଦୁର୍ଘଟଣା ଘଟିଛି। ଏହି ଜରାଜୀର୍ଣ୍ଣ ଡଙ୍ଗା ଓଲଟିପଡ଼ିବାରୁ ୧୩ ଜଣ ନିରୀହ ଶିଶୁଙ୍କ ଜୀବନ ଚାଲିଯାଇଛି। ମୃତକଙ୍କ ମଧ୍ୟରେ କେବଳ ଗୋଟିଏ ପରିବାରର ୭ ଜଣ ଶିଶୁ ରହିଥିବାରୁ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଏହି ଦୁଃଖଦ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦେବାକୁ ଘୋଷଣା କରାଯାଇଛି। ଅନ୍ୟପଟେ ନାଆଟି ଅତ୍ୟନ୍ତ ପୁରୁଣା ଓ ଜରାଜୀର୍ଣ୍ଣ ଥିଲା।

## ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ, ଝରକାରୁ ଡେଇଁଲେ ଲୋକେ



ନୂଆଦିଲ୍ଲୀ, ୧୪।୧୦: ପୂର୍ବ ଦିଲ୍ଲୀର ଜାଫରାବାଦର ଉଦୟମ୍ ଫିସ୍ ପଏଣ୍ଟ ରେଷ୍ଟୁରାଣ୍ଟରେ ମଙ୍ଗଳବାର ମଧ୍ୟରାତ୍ରିରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ରେଷ୍ଟୁରାଣ୍ଟର ରୋଷେଇ ଘରରୁ ଲାଗିଥିବା ନିଆଁ ଦ୍ରୁତ ଗତିରେ ବ୍ୟାପି ଯାଇଥିଲା। ଫଳରେ ଧୂଆଁ ଭର୍ତ୍ତି ହୋଇଯାଇଥିଲା। ଆଖି ଆଗରେ ଅଗ୍ନିକାଣ୍ଡ ଦେଖି ଲୋକମାନେ ନିଜ ଜୀବନ ବଞ୍ଚାଇବା ପାଇଁ ଉପର ମହଲାର ଝରକାରୁ ଡେଇଁ ପଡ଼ିବାକୁ ବାଧ୍ୟ ହୋଇଥିଲେ। ଘଟଣାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ତେବେ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ରିପୋର୍ଟ ଆସିନାହିଁ। ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ ଏବଂ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ଏବେ ଅଗ୍ନିକାଣ୍ଡର କାରଣ ତଦନ୍ତ କରୁଛି। ନିଆଁ ଏତେ ଭୟଙ୍କର ଥିଲା ଯେ କିଛି ପୁରୁଷ ଏବଂ ମହିଳା ନିଜ ଜୀବନ ବଞ୍ଚାଇବା ପାଇଁ ଉପର ମହଲାର ଝରକାରୁ ଡେଇଁ ପଡ଼ିଥିବାର ଦେଖାଯାଇଛି। ସ୍ଥାନୀୟ ଲୋକମାନେ ମଧ୍ୟ ଲୋକଙ୍କୁ ଉଦ୍ଧାର କରିବାରେ ସାହାଯ୍ୟ କରିଥିଲେ। ଭିଡିଓରେ ମଧ୍ୟ ଲୋକମାନେ ଝରକାରୁ ଡେଇଁ ପଡ଼ିଥିବାର ଦେଖାଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କ ଜୀବନ ବଞ୍ଚାଯାଇଥିଲା।

### ବହୁଚର୍ଚ୍ଚିତ ନୀଳ ଡ୍ରମ୍ ହତ୍ୟାକାଣ୍ଡ ମାମଲା

## ସାହିଲ-ମୁସ୍କାନକୁ ମିଳିଲା ମୃତ୍ୟୁ ଦଣ୍ଡ



ନୂଆଦିଲ୍ଲୀ, ୧୪।୧୦: ଉତ୍ତରପ୍ରଦେଶ ମେରଠର ବହୁଚର୍ଚ୍ଚିତ 'ନୀଳ ଡ୍ରମ୍ କାଣ୍ଡ' ମାମଲାରେ ଆସିଛି ବଡ଼ ରାୟ। ବୁଧବାର ଅର୍ଥାତ୍ ୨୦୨୬ ଅକ୍ଟୋବର ୧୪ରେ ମେରଠ ଜିଲ୍ଲା ଅଦାଲତ ଏହି ବର୍ବରୋଚିତ ହତ୍ୟାକାଣ୍ଡରେ ମୃତ ସୌରଭ ରାଜପୁତଙ୍କ ପତ୍ନୀ ମୁସ୍କାନ୍ ରସ୍ତୋଗୀ ଏବଂ ତା'ର ପ୍ରେମିକ ସାହିଲ୍ ଶୁକ୍ଲାଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି। ଏହା ସହିତ କୋର୍ଟ ଉଭୟଙ୍କ ଉପରେ ୨୦,୦୦୦ ଟଙ୍କାର ଜରିମାନା ମଧ୍ୟ ଲଗାଇଛନ୍ତି। ୨୦୨୫ ମାର୍ଚ୍ଚ ୩ ତାରିଖରେ ମେରଠର ବ୍ରହ୍ମପୁରୀ ଅଞ୍ଚଳରେ ଘଟିଥିଲା ଏହି ଭୟଙ୍କର ହତ୍ୟାକାଣ୍ଡ। ମୁସ୍କାନ୍ ନିଜ ସ୍ୱାମୀ ସୌରଭଙ୍କ ଖାଦ୍ୟରେ ପ୍ରଥମେ ନିଦ ବଟିକା ମିଶାଇ ଦେଇଥିଲା। ସୌରଭ ବେହୋସ ହେବା ପରେ ମୁସ୍କାନ୍ ଓ ପ୍ରେମିକ ସାହିଲ୍ ମିଶି ସୌରଭଙ୍କ ଛାତିରେ ଛୁରୀ ଭୁସି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। କେବଳ ସେତିକି ନୁହେଁ, ପାପ ଲୁଚାଇବା ପାଇଁ ସେମାନେ ଶବକୁ ଖଣ୍ଡ ଖଣ୍ଡ କରି ଏକ ନୀଳ ରଙ୍ଗର ପ୍ଲାଷ୍ଟିକ୍ ଡ୍ରମ୍ ଭିତରେ ଭର୍ତ୍ତି କରି ସେଥିରେ ସିମେଣ୍ଟ ଭର୍ତ୍ତି କରିଦେଇଥିଲେ।

# ଆକାଶରେ ମହାଶୂନ୍ୟ ଜେଲିଫିସ୍

### ଏଲିଅନ ଆଶଙ୍କାରେ ଆତଙ୍କିତ ସାଧାରଣ ଲୋକ



ୱାଶିଂଟନ୍, ୧୪।୧୦: ଆମେରିକାର ଆକାଶରେ ଦେଖିବାକୁ ମିଳିଛି ଏକ ଆଶ୍ଚର୍ଯ୍ୟଜନକଦୃଶ୍ୟ। ମଙ୍ଗଳବାର ସକାଳେ ହଠାତ୍ ନୀଳ ଆକାଶରେ ଏକ ବିଶାଳ, ଉଜ୍ଜ୍ୱଳ ଏବଂ ଜେଲିଫିସ୍ ଆକୃତିର ଆଲୋକିତ ମେଘ ଭାସୁଥିବାର ଦେଖାଯାଇଥିଲା। ଏହି ରହସ୍ୟମୟ ଆକୃତିକୁ ଦେଖି ସାଧାରଣ ନାଗରିକଙ୍କ ମଧ୍ୟରେ ଭୟ ଏବଂ ଆଶଙ୍କା ଖେଳିଯାଇଥିଲା। ଅନେକ ଏହାକୁ ଅନ୍ୟ ଗ୍ରହର ଜୀବ ବା ଏଲିଅନଙ୍କ ସାପେକ୍ଷିକ ପ୍ରଭାବ ବୋଲି ସନ୍ଦେହ କରିଛନ୍ତି।

ଏହି ଅଦ୍ଭୁତ ଦୃଶ୍ୟ କୌଣସି ଅଲୌକିକ ଘଟଣା ନୁହେଁ, ବରଂ ସ୍ପେସ୍-ଏକ୍ସର 'ଫାଲକନ୍ ୯' ରକେଟ୍ ଉତକ୍ଷେପଣର ନାଟକୀୟ ପରିଣାମ। ଫ୍ଲୋରିଡାସ୍ଥିତ କେପ୍ କାନାଭେରାଲ ସ୍ପେସ୍ ଫୋର୍ସ ଷ୍ଟେସନରୁ ମଙ୍ଗଳବାର ଅପରାହ୍ଣ ୪ଟା ୦୩ ମିନିଟ୍‌ରେ (ଭାରତୀୟ ସମୟ) ଏହି ରକେଟ୍ ମହାକାଶକୁ ଉତକ୍ଷେପଣ କରାଯାଇଥିଲା। ଏହି ରକେଟ୍ ମାଧ୍ୟମରେ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ୍‌କୁ ୨,୮୬୦ କିଲୋଗ୍ରାମରୁ ଅଧିକ ଓଜନର ବୈଜ୍ଞାନିକ ପରୀକ୍ଷଣ ନିମନ୍ତେ ଆବଶ୍ୟକୀୟ ସାମଗ୍ରୀ, ଉପକରଣ ଏବଂ ନୂତନ ସୌର ରୋଲ୍-ଆଉଟ୍ ଆରେ ପ୍ରେରଣ କରାଯାଇଛି। ନାସା ପାଇଁ ସ୍ପେସ୍-ଏକ୍ସର ଏହା ୩୫ତମ ବ୍ୟାବସାୟିକ ମାଲବାହୀ ଅଭିଯାନ ଥିଲା।

ଏହି ରହସ୍ୟମୟ ଆକୃତିର ନିର୍ମାଣ ପଛରେ ରହିଛି ବିଜ୍ଞାନର ଏକ ସୂକ୍ଷ୍ମ କୌଶଳ। ସୂର୍ଯ୍ୟୋଦୟର କିଛି ସମୟ ପୂର୍ବରୁ କିମ୍ବା ସୂର୍ଯ୍ୟାସ୍ତ ପରେ ଯେତେବେଳେ ରକେଟ୍ ଉତକ୍ଷେପଣ ହୋଇଥାଏ, ସେତେବେଳେ ଭୂପୃଷ୍ଠରେ ଅନ୍ଧକାର ଥିଲେ ମଧ୍ୟ ବାୟୁମଣ୍ଡଳର ଉପରିଭାଗରେ ସୂର୍ଯ୍ୟାଲୋକ ପଡୁଥାଏ। ଫାଲକନ୍ ୯ ରକେଟ୍ ଉପରକୁ ଗଲାବେଳେ ସେଥିରୁ ନିର୍ଗତ ଗ୍ୟାସ୍ ଓ ଧୂଆଁ ବାୟୁମଣ୍ଡଳରେ ବ୍ୟାପିଯାଇଥିଲା। ସେହି ଗ୍ୟାସ୍ ଉପରେ ସୂର୍ଯ୍ୟର ସିଧାସଳଖ ଆଲୋକ ପଡ଼ିବାରୁ ଏହା ଏକ ଉଜ୍ଜ୍ୱଳ, ଗୋଲାକାର ମେଘ ସହ ଜେଲିଫିସ୍‌ର ଗୋଡ଼ ଭଳି ଲମ୍ବା ଆଲୋକିତ ଗାର ସୃଷ୍ଟି କରିଥିଲା, ଯାହା ଶହ ଶହ କିଲୋମିଟର ଦୂରରୁ ସ୍ପଷ୍ଟ ଦୃଶ୍ୟମାନ ହୋଇଥିଲା।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସମ୍ମାନାର୍ଥେ ଆୟୋଜିତ ବିଦାୟକାଳୀନ ରାତ୍ରିଭୋଜନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ବରିଷ୍ଠ ମନ୍ତ୍ରୀ ଓ ଅଧିକାରୀଗଣ।

● କେଏମସିର 'ଆପଣ କେମିତି ଅଛନ୍ତି?'

## ବରିଷ୍ଠ ଶିକ୍ଷାବିତ୍ ଦମ୍ପତିଙ୍କୁ ସମ୍ବର୍ଦ୍ଧନା



କଟକ,୧୪।୧୦(ସଂଚାର ବ୍ୟୁରୋ): କଟକ ମହାନଗର ନିଗମ (କେଏମସି) ପକ୍ଷରୁ ପରିଚାଳିତ 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମରେ ମହାନଦୀ ବିହାର ସେକ୍ଟର-୩ର ଶିକ୍ଷାବିତ୍ ରବୀନ୍ଦ୍ରନାଥ ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ପ୍ରମୋଦିନୀ ମହାନ୍ତିଙ୍କୁ ତାଙ୍କ ବାସଭବନରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଟକ ମହାନଗର ନିଗମର ମାନ୍ୟବର ମେୟର ସୁବାସ ସିଂହ ଓ କମିଶନର କିରନଦୀପ କୌର ସହୋତା ସମେତ ସ୍ଥାନୀୟ କର୍ପୋରେଟର ଇଞ୍ଜିନିଅର ସୁବ୍ରତ ଘଡେଇ, ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନ୍‌ର ସଭାପତି ସଞ୍ଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ କଟକ ମହାନଗର ନିଗମ ପକ୍ଷରୁ ମହାନ୍ତି ଦମ୍ପତିଙ୍କୁ ଶୁଭକାମନା ଜଣାଯାଇଥିଲା। କଟକ ମହାନଗର ନିଗମର ଏହି ପଦକ୍ଷେପ ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ଓ ସମ୍ବେଦନଶୀଳତା ବୃଦ୍ଧି କରିବା ସହ ପରିବାର, ସମାଜ ଓ ପ୍ରଶାସନ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ।

## ଶ୍ରୀସେତୁ ଭେଣ୍ଡିଂ ଜୋନ୍ ପାଇଁ ଉଠା ଦୋକାନୀ ଅମଙ୍ଗ



ପୁରୀ,୧୪।୧୦(ସଂଚାର ବ୍ୟୁରୋ): ସରକାରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ପ୍ରଶାସନ ସଫଳ ହୋଇନି। ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀଙ୍କୁ ନବନିର୍ମିତ ଶ୍ରୀସେତୁ ବ୍ରିଜ୍ ତଳ ଭେଣ୍ଡିଂ ଜୋନ୍‌ରେ ଥଇଥାନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବଡ଼ଦାଣ୍ଡରୁ ହଟିଥିବା ଉଠା ଦୋକାନୀଙ୍କୁ ମନେଇପାରିନି ପ୍ରଶାସନ। ବର୍ତ୍ତମାନ ସ୍ଥିତିରେ ଶ୍ରୀସେତୁ ଭେଣ୍ଡିଂ ଜୋନ୍‌ରେ କିଭଳି ବ୍ୟବସାୟ ସମ୍ଭବ ହେବ, ସେନେଇ ପ୍ରଶ୍ନ ଉଠାଉଛନ୍ତି ବଡଦାଣ୍ଡରୁ ଉଚ୍ଛେଦ ହୋଇଥିବା ଉଠା ଦୋକାନୀ। ଶ୍ରୀସେତୁ ତଳ ରାସ୍ତା ଦେଇ ଶ୍ରୀମନ୍ଦିରକୁ କୌଣସି ଯାତ୍ରୀ ଯାତାୟାତ କରୁନାହାନ୍ତି। ଏନେଇ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ନାହିଁ। ଯେଉଁଠି ଲୋକଙ୍କ ଯାତାୟାତ ନାହିଁ ସେଠାରେ କିଭଳି ଉଠା ଦୋକାନୀ ମାନେ ବ୍ୟବସାୟ କରିବେ ବୋଲି ଉଠା ଦୋକାନୀ ପ୍ରଶ୍ନ କରିଛନ୍ତି। ପୂର୍ବରୁ ଜଗନ୍ନାଥ ବଲ୍ଲଭ ମଲ୍ଟି ଲେବଲ ପାର୍କିଂ ନିକଟରେ ଅଟୋଷ୍ଟାଣ୍ଡ ନିର୍ମାଣ ହେବାର ପ୍ରସ୍ତାବ ରହିଥିଲା। ବସଷ୍ଟାଣ୍ଡ ଓ ଷ୍ଟେସନ୍‌ରୁ ଆସୁଥିବା ଯାତ୍ରୀମାନେ ଜଗନ୍ନାଥ ବଲ୍ଲଭ ଭିତରେ ଓହ୍ଲାଇ ଶ୍ରୀମାର୍ଗ ଦେଇ ଶ୍ରୀମନ୍ଦିରକୁ ଯାଇଥାନ୍ତେ। ଏହାଦ୍ୱାରା ଯାତ୍ରୀମାନେ ମଧ୍ୟ ଶ୍ରୀସେତୁ ମାର୍କେଟ ଯାଇ ବିଭିନ୍ନ ଜିନିଷ କିଣିପାରିବେ। ଏହାଦ୍ୱାରା ଉଠା ଦୋକାନୀମାନଙ୍କ ବ୍ୟବସାୟ ହୋଇପାରିବ। ମାତ୍ର ଏହି ଯୋଜନା ଏବେ ଯୋଜନାରେ ହିଁ ରହିଯାଇଛି। ସରକାର ବଦଳିବା ପରେ ପୂର୍ବ ପ୍ରକଳ୍ପକୁ ରୂପ ଦେବା ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଏଭଳି ହେଲେ ଶ୍ରୀସେତୁ ମାର୍କେଟରେ ବ୍ୟବସାୟ ଏକପ୍ରକାର ଅସମ୍ଭବ ବୋଲି ଉଠା ଦୋକାନୀମାନେ କହିଛନ୍ତି। ବଡଦାଣ୍ଡକୁ ଟ୍ରାଫିକ ମୁକ୍ତ କରିବା ଓ ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁଗମ ଯାତାୟାତ ପାଇଁ ତତ୍କାଳୀନ ସରକାର ୨୦୨୩ ଡିସେମ୍ବରରେ ବଡ଼ଦାଣ୍ଡରେ ଥିବା ଉଠା ଦୋକାନୀଙ୍କୁ ଉଚ୍ଛେଦ କରିଥିଲେ। ଶ୍ରୀମନ୍ଦିର ଠାରୁ ବଡ଼ଦାଣ୍ଡ ବଳଗଣ୍ଡି ଛକ ପର୍ଯ୍ୟନ୍ତ ମୋଟ ୧୨୦୮ ଉଠା ଦୋକାନୀଙ୍କୁ ସରକାର ଉଚ୍ଛେଦ କରିଥିଲେ। ଶ୍ରୀଜଗନ୍ନାଥ ବଲ୍ଲଭ ମଲ୍ଟି ଲେବଲ୍ କାର ପାର୍କିଂକୁ ସଂଯୋଗ କରୁଥିବା ଶ୍ରୀସେତୁ ତଳେ ଏକ ମାର୍କେଟ କରି ଦୋକାନୀମାନଙ୍କୁ ଥଇଥାନ କରିବେ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। କ୍ୟାବିନ ପାଇଁ ୫୦ ହଜାର ଟଙ୍କା ସହାୟତା ରାଶି ସହ ଦୋକାନ ସ୍ଥାନାନ୍ତର ପାଇଁ ୫ ହଜାର ଟଙ୍କା ସହାୟତା ରାଶି ଦେବେ ବୋଲି ଘୋଷଣା କରାଯାଇଥିଲା। ଶ୍ରୀସେତୁ ମାର୍କେଟ ନିର୍ମାଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ମାସିକ ୧୫ ହଜାର ଟଙ୍କା ଦିଆଯାଇଥିଲା। ହେଲେ ଏବେ ଆଉ ସହୟତା ମିଳୁନି ବୋଲି ଅଭିଯୋଗ କରିଛନ୍ତି ଉଠାଦୋକାନୀ।

ହୋପ୍‌ଙ୍କ ଆଉ ଏକ ଦମ୍‌ଦାର ଶତକ

# ଚତୁର୍ଥ ଟି-୨୦: ସିରିଜ୍ ବରାବର କଲା ଇଣ୍ଡିଜ୍



ହାଇଦ୍ରାବାଦ,୧୪।୧୦: ଚଳିତ ଟି-୨୦ ସିରିଜ୍‌ରେ ଆଜି ଚତୁର୍ଥ ମ୍ୟାଚ୍ ଖେଳାଯାଇଥିବା ବେଳେ ଏଥିରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ୨୪ ରନ୍‌ରେ ବିଜୟୀ ହୋଇ ସିରିଜ୍‌କୁ ବରାବର କରିଛି। ପୂର୍ବରୁ ଘରୋଇ ଭାରତ ୨-୧ରେ ଆଗୁଆ ଥିଲେ ହେଁ ଆଜି ଅଧିନାୟକ ସାଇ ହୋପ୍‌ଙ୍କ ଆଉ ଏକ ଦମ୍‌ଦାର ଶତକ ବଳରେ ଇଣ୍ଡିଜ୍ ସିରିଜ୍‌କୁ ୨-୨ରେ ପହଞ୍ଚାଇଛି। ପ୍ରଥମେ ବ୍ୟାଟିଂ ପାଇ ଇଣ୍ଡିଜ୍ ହୋପ୍‌ଙ୍କ ୧୦୨ ରନ୍‌ର ବଳିଷ୍ଠ ଇନିଂସ ବଳରେ ୩ ୱିକେଟ୍‌ରେ ୨୪୭ ରନ୍ କରିଥିଲା। ଦଳ ପକ୍ଷରୁ ହୋପ ମାତ୍ର ୫୦ଟି ବଲ୍ ଖେଳି ୪ଟି ଚୌକା ଓ ୮ଟି ଛକା ମାରିଥିଲେ। ସେହିପରି ଶିମରୋନ୍ ହେଟମେୟର୍ ୪ଟି ଚୌକା ଓ ୨ଟି ଛକା ସହ ୩୩, ରୋଭମାନ୍ ପାୱେଲ୍ ୨ଟି ଚୌକା ଓ ଗୋଟିଏ ଛକା ସହ ୨୪ ଏବଂ ଶରଫେନ୍ ରଦରଫୋର୍ଡ ୪ଟି ଚୌକା ଓ ୩ଟି ଛକା ଜରିଆରେ ଅପରାଜିତ ୪୯ ରନ୍ କରିଥିଲେ।

ଭାରତ ପକ୍ଷରୁ ଅର୍ଶଦୀପ ସିଂହ, ପ୍ରିନ୍ସ ଯାଦବ ଓ ଅକ୍ଷର ପଟେଲ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଦଳ ଯଦିଓ ପ୍ରାରମ୍ଭରୁ ଓପନର ସଞ୍ଜୁ ସାମ୍‌ସନ୍‌ଙ୍କଠାରୁ ମାତ୍ର ୨୩ ବଲ୍‌ରେ ୫୬ ରନ୍‌ର ଦମ୍‌ଦାର ଇନିଂସ ପାଇଥିଲା, କିନ୍ତୁ ଶେଷ ପର୍ଯ୍ୟନ୍ତ ଅଧିକ ଦ୍ରୁତ ଗତିରେ ରନ୍ ସଂଗ୍ରହରେ ବିଫଳ ହୋଇଥିଲା। ସାମ୍‌ସନ୍‌ଙ୍କ ବିସ୍ଫୋରକ ଇନିଂସରେ ୬ଟି ଚୌକା ଓ ୪ଟି ଛକା ରହିଥିବା ବେଳେ ତାଙ୍କ ଯୋଡ଼ିଦାର ଅଭିଷେକ ଶର୍ମା ୨୯ ରନ୍ କରିଥିଲେ। ଏହାଛଡ଼ା ଶେଷ ଭାଗରେ ତିଲକ ବର୍ମା ୨ଟି ଚୌକା ଓ ୩ଟି ଛକା ସହ ୪୩ ଏବଂ ନୀତୀଶ କୁମାର ରେଡ୍ଡୀ ଗୋଟିଏ ଚୌକା ଓ ୪ଟି ଛକା ଜରିଆରେ ୪୧ ରନ୍ କରିଥିଲେ। ଦଳ ୧୯.୩ ଓଭରରେ ୯ ୱିକେଟ୍ ହରାଇ ୨୨୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ଇଣ୍ଡିଜ୍ ପକ୍ଷରୁ କୀମୋ ପଲ୍ ୫ ୱିକେଟ୍‌ର ସଫଳତା ପାଇଥିବା ବେଳେ ଗୁଡାକେଶ ମୋଟୀ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ହୋପ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସିରିଜ୍‌ର ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍ ଆସନ୍ତା ୧୭ ତାରିଖରେ ବେଙ୍ଗାଲୁରୁଠାରେ ଖେଳାଯିବ।

ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ବିଜେଡି ଜନସମ୍ପର୍କ ପଦଯାତ୍ରା

# ଡବଲ ଇଞ୍ଜିନ ସରକାରରେ ଚାଷୀ, ମହିଳା, ମଧ୍ୟବିତ୍ତ ସମସ୍ତେ ହଇରାଣ



ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ): ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆଜି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ

**ଜେନ-ଜି'ର ଭବିଷ୍ୟତ ଅନ୍ଧାର, କିନ୍ତୁ ସରକାର ନିଦାବିଷ୍ଟ**

ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ ବିଜେଡି ସରକାରରେ ବିକାଶ ଥିଲା ମୁଖ୍ୟ ଏଜେଣ୍ଡା। କିନ୍ତୁ ଏ ଡବଲ ଇଞ୍ଜିନ ସରକାର ପାଇଁ ତାଙ୍କ ଦଳର ବିକାଶ ମୁଖ୍ୟ ଏଜେଣ୍ଡା ହୋଇଛି।

ନବୀନ କହିଥିଲେ ଯେ ଏ ସରକାର ଅମଳରେ ସମସ୍ତେ ହଇରାଣ ହେଉଛନ୍ତି। ଚାଷୀ, ମହିଳା, ବୁଢ଼ାବୁଢ଼ୀ ସମସ୍ତେ ହଇରାଣ ହରକତ ହେଉଛନ୍ତି। ଗରିବ ଲୋକ ଓ ମଧ୍ୟବିତ୍ତ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି। ଜେନ-ଜି' ବା ଯୁବପିଢ଼ିର ଭବିଷ୍ୟତ ସମ୍ପୂର୍ଣ୍ଣ ଅନ୍ଧାର। ଅତ୍ୟାବଶକ ଦ୍ରବ୍ୟର ଦରଦାମ ବଢ଼ିଚାଲିଛି। ଏହାଦ୍ୱାରା ସବୁ ବର୍ଗର ଲୋକଙ୍କ ଆର୍ଥିକ ସ୍ଥିତି ପ୍ରଭାବିତ ହେଉଛି। ଲୋକଙ୍କ ରୋଜଗାରଠାରୁ ଖର୍ଚ୍ଚ ବଢ଼ିଯାଉଛି। ଦୈନନ୍ଦିନ ରୋଷେଇଘର ବଜେଟ୍ ଅନିୟନ୍ତ୍ରିତ ହୋଇଯାଉଛି। କିନ୍ତୁ ସରକାର ନିଦାବିଷ୍ଟ ସାଜି ବସିଛନ୍ତି, ହସ୍ତକ୍ଷେପ କରୁନାହାଁନ୍ତି। ଅପାରଗତାରେ ଓଡ଼ିଶା ସରକାର ସାରା ଦେଶରେ ଏବେ ନମ୍ବର ୱାନ୍ ବୋଲି ନବୀନ କଟାକ୍ଷ କରିଥିଲେ। ତେଣୁ ଲୋକଙ୍କ ସହ ରହି ଏ ଅପାରଗ ସରକାରର ମୁଖା ଖୋଲି ଦେବାକୁ ନବୀନ ଦଳର କର୍ମୀମାନଙ୍କୁ ଅପିଲ କରିଥିଲେ।

ଦଶହରା ପୂର୍ବରୁ ଦ୍ୱୈତ ନଗରୀ ରାସ୍ତା ମରାମତିର ସମୀକ୍ଷା

# ମରାମତି କାମ ଦୁଇ ଦିନ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ




ଭୁବନେଶ୍ୱର,୧୪।୧୦ (ସଂଚାର ବ୍ୟୁରୋ): ଆଗାମୀ ଦଶହରାକୁ ଦୃଷ୍ଟିରେ ରଖି ରାସ୍ତା ମରାମତି ନେଇ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶର କେତେ ଅନୁପାଳନ ହୋଇଛି, ସେଥିନେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଦ୍ୱୈତ ନଗରୀ କଟକ ଓ ଭୁବନେଶ୍ୱର ସମେତ ଆଖପାଖ ଅଞ୍ଚଳରେ ଖରାପ ଅବସ୍ଥାରେ ଥିବା ଅଧିକାଂଶ ରାସ୍ତା ମରାମତି ଶେଷ ହୋଇଥିବା ସୂଚନା ଦିଆଯାଇଥିଲା। ଏଥିସହ ଉପସ୍ଥିତ ବିଧାୟକମାନେ ନିଜ ଅଞ୍ଚଳରେ ତ୍ୱରିତ ବେଗରେ ରାସ୍ତା ମରାମତି ହୋଇଥିବାରୁ ରାଜ୍ୟ ସରକାର ଓ ପୂର୍ତ୍ତ ବିଭାଗକୁ ଧନ୍ୟବାଦ ଦେଇଥିଲେ। ତେବେ ମରାମତି ଆବଶ୍ୟକ କରୁଥିବା ବଳକା ଯେଉଁ ଅଳ୍ପ କେତେକ ରାସ୍ତା ଅଛି ତାହାକୁ ଆସନ୍ତା ଦୁଇ ଦିନ ମଧ୍ୟରେ ଶେଷ କରିବାକୁ ମନ୍ତ୍ରୀ ମୁଖ୍ୟ ଯନ୍ତ୍ରୀ ତଥା ଅକ୍ଷୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆଗାମୀ ଦିନରେ ନୂତନ କରି ନିର୍ମାଣ ହେବାକୁ ଥିବା ରାସ୍ତାଗୁଡ଼ିକ ନିର୍ମାଣ ବେଳେ ରାସ୍ତାଗୁଡ଼ିକ ଯେପରି ଦୀର୍ଘସ୍ଥାୟୀ ହୋଇପାରିବ ସେଥିନେଇ ଆଧୁନିକ ପଦ୍ଧତିକୁ ଆପଣାଇବା ପାଇଁ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଲେ ଯେ ଏବେ ଦେଖାଯାଉଛି ଅନେକ ଅନୁଷ୍ଠାନ ବିଭାଗର ବିନାନୁମତିରେ ଭଲ ଥିବା ରାସ୍ତାକୁ ଖୋଳି ପକାଉଛନ୍ତି। ଏଭଳି କ୍ଷେତ୍ରରେ ଦାୟିତ୍ୱରେ ଥିବା ଅଧୀକ୍ଷଣ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ସଜାଗ ରହିବା ସହ ଉକ୍ତ ଅନୁଷ୍ଠାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ଜାତୀୟ ରାଜପଥ ତଳେ ଥିବା ଭେହିକିଲ ଅଣ୍ଡର ପାସଗୁଡ଼ିକର ସ୍ଥିତି ଯାଞ୍ଚ କରି ବିଭାଗକୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥଲେ। ଚଳିତ ବର୍ଷ ଦୁର୍ଗାପୂଜା ପୂର୍ବରୁ ଯେପରି ଅନେକ ରାସ୍ତା ମରାମତି ହୋଇପାରିଲା ସେହିପରି ଆଗାମୀ ବର୍ଷଗୁଡ଼ିକରେ ଆହୁରି ଆଗରୁ ଅର୍ଥାତ ଗଣେଶ ପୂଜା ସୁଦ୍ଧା ସବୁ ରାସ୍ତା ମରାମତି ଶେଷ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ଛାତ୍ର ସଂସଦ ନିର୍ବାଚନରେ ରାଜନୈତିକ ହସ୍ତକ୍ଷେପ ଅଭିଯୋଗ

# ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ କଂଗ୍ରେସର ଦାବି




ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ): ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ହେବାକୁ ଯାଉଥିବା ଛାତ୍ର ସଂସଦ ନିର୍ବାଚନରେ ପକ୍ଷପାତିତାକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦିକା ସୋନାଲି ସାହୁ ଅଭିଯୋଗ କରିଛନ୍ତି ଯେ ଜେନ୍-ଜି' ଯୁବପିଢ଼ିର ବଢୁଥିବା ରାଜନୈତିକ ସଚେତନତା ଓ ସରକାରଙ୍କ କ୍ରମାଗତ ହ୍ରାସ ପାଉଥିବା ଲୋକପ୍ରିୟତାକୁ ନେଇ ବିଜେପି ସରକାର ଭୟଭୀତ। ତେଣୁ କଲେଜ ଓ ବିଶ୍ୱବିଦ୍ୟାଳୟରେ ରାଜନୈତିକ ହସ୍ତକ୍ଷେପ କରି ନିର୍ବାଚନକୁ ପ୍ରଭାବିତ କରିବାକୁ ଉଦ୍ୟମ ହେଉଛି। ଶାସକ ଦଳର ନେତା ଓ ବାହାର ଲୋକଙ୍କ କ୍ୟାମ୍ପସ୍ ପ୍ରବେଶ, ପ୍ରଶାସନର ପକ୍ଷପାତିତା ଓ ଅନେକ କଲେଜରେ ନିର୍ବାଚନ ବନ୍ଦ ହେବା ଘଟଣା କ୍ୟାମ୍ପସ୍ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଛି। ହିଂସା ଓ ଧମକକୁ ରୋକିବା ପାଇଁ ସେ ସରକାରଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେହିପରି ବରିଷ୍ଠ ମୁଖପାତ୍ର ଡ. ମନୀସା ଦାସ ପଟ୍ଟନାୟକ ନିର୍ବାଚନ ପୂର୍ବରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଘଟିଥିବା ହିଂସାତ୍ମକ ଘଟଣା ନେଇ ଚିନ୍ତା ପ୍ରକାଶ କରିଛନ୍ତି। ବାଙ୍କୀ ଓ ନର୍ଲା କଲେଜରେ ଉତ୍ତେଜନା ଓ ହିଂସା, ଯାଜପୁରର ଭିଏନ୍ କଲେଜରେ ବୋମାମାଡ଼, ରେଭେନ୍ସା, ବ୍ରହ୍ମପୁର ଓ ରମାଦେବୀ ବିଶ୍ୱବିଦ୍ୟାଳୟକୁ ନେଇ ଉଠିଥିବା ନିର୍ବାଚନୀ ବିବାଦ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି।

କଟକ ଲାଇଟ୍ ହାଉସର ତୃତୀୟ ବର୍ଷ ପୂର୍ତ୍ତି ଉତ୍ସବ

# ନିଜ ନାମକୁ ସାର୍ଥକ କରୁଛି ମଣିଷଗଢ଼ା କାରଖାନା



କଟକ,୧୪।୧୦(ସଂଚାର ବ୍ୟୁରୋ): କେସିଏମର ୪୨ ନମ୍ବର ୱାର୍ଡସ୍ଥିତ କଟକ ଲାଇଟ ହାଉସର ଆଜି ତୃତୀୟ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ହୋଇଛି। ଯୁବପିଢ଼ିଙ୍କୁ ଦକ୍ଷତା ପ୍ରଦାନ କରି ତାଙ୍କୁ ସ୍ୱାବଲମ୍ବୀ କରାଇବାର ଉଦ୍ଦେଶ୍ୟ ନେଇ ୨୦୨୩ ଅଗଷ୍ଟ ୨୩ରେ ଆରମ୍ଭ ହୋଇଥିବା ଲାଇଟ୍ ହାଉସକୁ ଏବେ ୩ ବର୍ଷ ପୂରିଛି। ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓ କଟକ ମହାନଗର ନିଗମର ସହଯୋଗ ପାଇଁ ଏହା ସମ୍ଭବ ହୋଇପାରିଛି। ଯୁବପିଢ଼ିଙ୍କୁ ବିଭିନ୍ନ ବୃତ୍ତିଭିତ୍ତିକ ଦକ୍ଷତା ପ୍ରଦାନ କରି ଆତ୍ମନିର୍ଭରଶୀଳ ହେବାର ସୁଯୋଗ ଦେଇଆସୁଛି ଲାଇଟ୍ ହାଉସ୍। ଦକ୍ଷତା ବିକାଶ ସହ ନିଯୁକ୍ତିର ସୁଯୋଗ ସୃଷ୍ଟି କରି ଏହା ଯୁବପିଢ଼ିଙ୍କ ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ଏହି ଉତ୍ସବରେ କଟକ ମହାନଗର ନିଗମର ମେୟର ସୁବାସ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉତ୍ସବରେ ଯୋଗ ଦେଇ ମେୟର କହିଥିଲେ ଯେ ଓଡ଼ିଶାରେ କୌଶଳ ଓ ଦକ୍ଷତାଭିତ୍ତିକ ତାଲିମ ପ୍ରଦାନ କରି ଯୁବପିଢ଼ିଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ କଟକ ଲାଇଟ୍ ହାଉସ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଦକ୍ଷତା ବିକାଶ ମାଧ୍ୟମରେ ନୂଆ ସୁଯୋଗ ସୃଷ୍ଟି କରିବା ସହ ଅନେକଙ୍କ ଜୀବନରେ ଆଶା ଓ ଆତ୍ମବିଶ୍ୱାସର ଆଲୋକ ଭରିଦେଉଛି ଏହି ଅନୁଷ୍ଠାନ। ଆଜି ଅନ୍ଧାରରେ ଆଲୋକର ଦୀପ ଜାଳି ଯୁବପିଢ଼ିଙ୍କୁ ନୂଆ ଦିଗ ଦେଖାଉଛି କଟକ ଲାଇଟ୍ ହାଉସ୍। କମିଶନର କିରନଦୀପ କୌର ସହୋତା କହିଥିଲେ ଯେ ଆଗ୍ରହୀ ଯୁବକଯୁବତୀଙ୍କୁ ଏହା ସ୍କିଲଡ୍ କରିବାରେ ସାହାଯ୍ୟ କରୁଛି। ଏହି ଯାତ୍ରାରେ ଲାଇଟ୍ ହାଉସ୍ ନିଜ ନାମକୁ ସାର୍ଥକ କରିପାରିଛି।

# ପୁଲିସ ଏସଆଇ ପରୀକ୍ଷା ପାଇଁ ପ୍ରକ୍ରିୟା ଆରମ୍ଭ

● ଆଜିଠୁ ଅନଲାଇନରେ ତଥ୍ୟ ଯାଂଚ କରିବେ ପରୀକ୍ଷାର୍ଥୀ

ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ପୁଲିସ ଏସଆଇ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇ ତଦନ୍ତ ଜାରି ରହିଥିବାବେଳେ ଏହି ପରୀକ୍ଷାକୁ ପୁଣିଥରେ କରିବା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ନୂତନ ଭାବେ ଗଠିତ କମିଶନ ପକ୍ଷରୁ ଆଜି ପରୀକ୍ଷାର୍ଥୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସୂଚନା ଜାରି ହୋଇଛି। ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆରବି) ଦ୍ୱାରା ପରିଚାଳିତ ଏସଆଇ ପରୀକ୍ଷା ବିବାଦ ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ 'ଓଡ଼ିଶା ୟୁନିଫର୍ମଡ୍ ସର୍ଭିସେସ୍ ସିଲେକ୍ସନ କମିଶନ' (ଓୟୁଏସଏସଏସସି) ପକ୍ଷରୁ କମ୍ବାଇଣ୍ଡ ପୁଲିସ ସର୍ଭିସ ପରୀକ୍ଷା-୨୦୨୪ (ସିପିଏସଇ-୨୦୨୪) ପାଇଁ ଆବେଦନ କରିଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ଆସନ୍ତାକାଲିଠାରୁ ସେମାନଙ୍କର ସମସ୍ତ ତଥ୍ୟ ଅନଲାଇନରେ ଯାଞ୍ଚ, ବୈଧିକରଣ ଓ ଅପଡେଟ୍ କରିବାକୁ କୁହାଯାଇଛି। କମିଶନ ପକ୍ଷରୁ ଜାରି ସଦ୍ୟତମ ସୂଚନା ଅନୁଯାୟୀ, ବୟସ କୋହଳ ସୁବିଧା ପାଇବାକୁ ଥିବା ଯୋଗ୍ୟ ପ୍ରାର୍ଥୀଙ୍କ ସମେତ ସମସ୍ତ ଆବେଦନକାରୀ ଆସନ୍ତାକାଲି ସକାଳ ୧୦ଟାରୁ ୨୯ ତାରିଖ ରାତି ୧୦ଟା ମଧ୍ୟରେ ନିଜ ତଥ୍ୟ ଯାଞ୍ଚ କରିବାକୁ ପଡ଼ିବ। ଏଥିପାଇଁ ପରୀକ୍ଷାର୍ଥୀଙ୍କୁ ଓୟୁଏସଏସଏସସିର ସରକାରୀ ୱେବସାଇଟରେ ଲଗ୍-ଇନ୍ କରି ନିଜର ପ୍ରମାଣପତ୍ର ଓ ଆବେଦନ ତଥ୍ୟକୁ ପୁନଃ-ଯାଞ୍ଚ ଏବଂ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟସୀମା ମଧ୍ୟରେ ଯାଞ୍ଚ ହୋଇଥିବା ତଥ୍ୟକୁ ହିଁ ପରୀକ୍ଷାର ସମସ୍ତ ଭବିଷ୍ୟତ ପର୍ଯ୍ୟାୟ ତଥା ପରବର୍ତ୍ତୀ ପ୍ରକ୍ରିୟା ପାଇଁ ସମ୍ପୂର୍ଣ୍ଣ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯିବ ଓ ପରେ ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚାନ୍ଦିପୁରରେ କ୍ୱାଣ୍ଟମ୍...

ଏହି ଗୁପ୍ତ ଡିଜିଟାଲ୍ ଚାବି ତିଆରି ଓ ଆଦାନପ୍ରଦାନରେ ସହାୟତା କରେ। ଏହାର ଏକ ବିଶେଷ ଦିଗ ହେଉଛି, ଯୋଗାଯୋଗ ସମୟରେ କେହି ଅନଧିକୃତ ବ୍ୟକ୍ତି ତଥ୍ୟ ଚୋରି କରିବାକୁ କିମ୍ବା ଯୋଗାଯୋଗରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କଲେ, ତାହାର ସଙ୍କେତ ମିଳିପାରେ। ଫଳରେ ଗୁପ୍ତ ତଥ୍ୟର ସୁରକ୍ଷାକୁ ଆହୁରି ମଜବୁତ କରିବାରେ ସହାୟତା ମିଳିବ। ତେବେ ଏହାର ଅର୍ଥ ନୁହେଁ ଯେ ସବୁ ପ୍ରକାର ସାଇବର ଆକ୍ରମଣକୁ ଏହା ନିଜେ ରୋକିପାରିବ। ଡିଆରଡିଓ ନିଜର ମାଇକ୍ରୋ ଇଲେକ୍ଟ୍ରୋନିକ୍ ଡିଭାଇସେସ୍, କମ୍ପ୍ୟୁଟେସନାଲ୍ ସିଷ୍ଟମ୍ସ ଆଣ୍ଡ ସାଇବର ସିକ୍ୟୁରିଟି କ୍ଲଷ୍ଟର ଅଧୀନରେ ଉତ୍ପାଦନ ସହଯୋଗୀ ଟ୍ୟାକ୍‌ବିଟ୍ ଲ୍ୟାବ୍ସ ସହ ମିଶି ଏହି କ୍ୟୁକେଡି ପ୍ଲାଟଫର୍ମର ଡିଜାଇନ୍ ଓ ବିକାଶ କରିଛି। ଚାନ୍ଦିପୁରର ଲାଇଭ୍ ନେଟୱର୍କରେ ଏହାର ସଫଳ ପରୀକ୍ଷଣ ପ୍ରତିରକ୍ଷା କ୍ଷେତ୍ରରେ କ୍ୱାଣ୍ଟମ୍ ପ୍ରଯୁକ୍ତିର ବ୍ୟବହାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

### କଳିଙ୍ଗନଗରରେ ଶିଳ୍ପାୟନର...

ବର୍ତ୍ତମାନ ଦେଶରେ ପୁଞ୍ଜି ଆକର୍ଷଣ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ଆମ ସରକାରଙ୍କ ଉପରେ ଶିଳ୍ପ ଜଗତର ଦୃଢ଼ ଆସ୍ଥାର ପ୍ରମାଣ ଦେଉଛି। ଯାଜପୁରର କଳିଙ୍ଗନଗର ଅଞ୍ଚଳ ଆଜି ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାର ପ୍ରମୁଖ କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ସମାରୋହରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସଏଲ) ଗ୍ରୁପ୍‌ର କାର୍ବନ୍ ଷ୍ଟିଲ୍ ଓ ଷ୍ଟେନଲେସ୍ ଷ୍ଟିଲ୍ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ନୂତନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ସେହିପରି ଟାଟା ଷ୍ଟିଲ୍‌ର ନୂତନ ଡାଉନଷ୍ଟ୍ରିମ୍ ସୁବିଧା, ସ୍ଲରୀ ପାଇପ୍‌ଲାଇନ୍, ଗ୍ରାଇଣ୍ଡିଂ ଏବଂ ଫିଲ୍ଟରେସନ୍ ୟୁନିଟ୍ ଆଦି ପ୍ରକଳ୍ପ ରାଜ୍ୟରେ ହାଇ-ଭାଲ୍ୟୁ ଷ୍ଟିଲ୍ ଉତ୍ପାଦନକୁ ଆହୁରି ମଜବୁତ କରିବ। ଏଥିସହ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଅଲୋୟେଜ୍ ଲିମିଟେଡ୍, ଜଟିଆ ଷ୍ଟିଲ୍ ଲିମିଟେଡ୍, ବିକେ ଉତ୍କଳ ଷ୍ଟିଲ୍ ଓ ଶ୍ରୀ ଏମ୍‌କେ ଷ୍ଟିଲ୍ ଭଳି ପ୍ରତିଷ୍ଠିତ କମ୍ପାନୀଗୁଡ଼ିକର ପ୍ରକଳ୍ପଗୁଡ଼ିକ ଏହି କ୍ଷେତ୍ରର ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବ ବୋଲି ଜଣାପଡିଛି। ଏହି ଶିଳ୍ପଗୁଡ଼ିକ ରାଜ୍ୟର ୧୪ଟି ଜିଲ୍ଲାରେ ସ୍ଥାପନ କରାଯାଇଛି। ଏଗୁଡିକ ହେଲା- ଅନୁଗୋଳ, ବରଗଡ଼, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଯାଜପୁର, ଜଗତସିଂହପୁର, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼। ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଶିଳ୍ପ କେବଳ କିଛି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମିତ ନ ରହି ରାଜ୍ୟର ପ୍ରାୟସବୁ ଅଞ୍ଚଳରେ ସ୍ଥାପିତ ହେବା ଉଚିତ। ଏହି ନୀତିକୁ ଆଧାର କରି କେନ୍ଦୁଝର ଓ ସୁନ୍ଦରଗଡ଼ରେ ଇସ୍ପାତ ଶିଳ୍ପ, ଅନୁଗୋଳ ଓ ଢେଙ୍କାନାଳରେ ଅକ୍ଷୟ ଶକ୍ତି ପ୍ରକଳ୍ପ, ଖୋର୍ଦ୍ଧାରେ ଖାଦ୍ୟ ପ୍ରକ୍ରିୟାକରଣ ଓ ପୁରୀ, କଟକ, ବରଗଡ଼, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନ, ହସ୍ପିଟାଲିଟି ଓ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ସ୍ଥାନ ଦିଆଯାଇଛି। ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ୧୫୧ ଗୋଟି ପ୍ରକଳ୍ପର ଭୂମିପୂଜନ କିମ୍ବା ଉଦ୍‌ଘାଟନ କରାଯାଇ ୩ ଲକ୍ଷ ୧୧ ହଜାର କୋଟିରୁ ଅଧିକ ପୁଞ୍ଜି ନିବେଶ ହୋଇଥିବା ବେଳେ ଏହାଦ୍ୱାରା ୨ ଲକ୍ଷ ୪୦ ହଜାରରୁ ଅଧିକ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ପଥ ଉନ୍ମୁକ୍ତ ହୋଇଛି। ଆଜିର ପ୍ରକଳ୍ପକୁ ମିଶାଇଲେ ରାଜ୍ୟରେ ସମୁଦାୟ ୩ ଲକ୍ଷ ୫୦ ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପର ଗ୍ରାଉଣ୍ଡିଂ ବା ଶୁଭାରମ୍ଭ ହେଲା। ରାଜ୍ୟର ଯୁବକଯୁବତୀମାନେ ଯେପରି ବାଧ୍ୟବାଧକତାରେ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ନ ଯାଆନ୍ତି, ସେଥିପାଇଁ ରାଜ୍ୟ ସରକାର ଶ୍ରମ ଭିତ୍ତିକ ଶିଳ୍ପ ଯେପରିକି ବୟନ ଓ ପୋଷାକ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଫାର୍ମାସ୍ୟୁଟିକାଲ୍ସ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଗତ ବର୍ଷ ଅନୁଷ୍ଠିତ ଟେକ୍ସଟାଇଲ କନ୍‌କ୍ଲେଭ୍ ମାଧ୍ୟମରେ ୫୩ ହଜାର ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଥିବାବେଳେ କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ ଓ ଭଦ୍ରକ ଆଦି ସ୍ଥାନରେ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା କରାଯାଉଛି। ୱାର୍ଲ୍ଡ ସ୍କିଲ୍ ସେଣ୍ଟର ମାଧ୍ୟମରେ ଯୁବବର୍ଗଙ୍କୁ ଅଟୋମେସନ୍, ଅକ୍ଷୟ ଶକ୍ତି, ଇଲେକ୍ଟ୍ରୋନିକ୍ସ ଏବଂ ଡିଜିଟାଲ୍ ସେବା ଭଳି ଆଧୁନିକ କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯାଉଛି। ଏହା ସହିତ ବୟନଶିଳ୍ପ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ସେବା ଭଳି କ୍ଷେତ୍ରରେ ମହିଳାମାନଙ୍କୁ ଅଧିକରୁ ଅଧିକ ନିଯୁକ୍ତି ଦେବା ପାଇଁ ଶିଳ୍ପସଂସ୍ଥାଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି। ନିବେଶକମାନଙ୍କୁ ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରକଳ୍ପର ପ୍ରସ୍ତାବ ସମୟଠାରୁ ଗ୍ରାଉଣ୍ଡିଙ୍ଗ୍ ହେବା ପର୍ଯ୍ୟନ୍ତ ପୁରା ସମୟଚକ୍ରରେ ନିବେଶକମାନଙ୍କୁ ଓଡିଶା ସରକାର ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେଉଛନ୍ତି। ସିଙ୍ଗଲ ୱିଣ୍ଡୋ ସିଷ୍ଟମ ଏବଂ ନୂତନ ଶିଳ୍ପନୀତି ମାଧ୍ୟମରେ ପ୍ରକଳ୍ପ ଅନୁମୋଦନ ପ୍ରକ୍ରିୟାକୁ ଅଧିକ ସରଳ ଓ ସ୍ୱଚ୍ଛ କରାଯାଇଛି। ଏପର୍ଯ୍ୟନ୍ତ ୧୨.୦୭ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ନିବେଶ ସହିତ ୫୬୦ଟି ଶିଳ୍ପ ପ୍ରସ୍ତାବ ଅନୁମୋଦିତ ହୋଇସାରିଛି। ଏହା ମାଧ୍ୟମରେ ପ୍ରାୟ ୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶିଳ୍ପପତି ମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ସମସ୍ତ ପ୍ରକଳ୍ପ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ଶୁଭାରମ୍ଭ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଏହି ସମାରୋହରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜେଏସଏଲ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ, ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ବିରୋଧୀ ରାଜନୀତିରେ...

ସେମାନଙ୍କ ଗୋଟେ କାମ ନୂଆ ନୂଆ ଆନ୍ଦୋଳନ କରିବା, ଧାରଣା ଦେବା ଓ ବିରୋଧର ନାଟକ ତିଆରି କରିବା। ସେମାନେ ଆନ୍ଦୋଳନରେ ବ୍ୟସ୍ତ ଆମେ ବିକାଶରେ ବ୍ୟସ୍ତ। ସେମାନେ ରାଜନୀତିରେ ବ୍ୟସ୍ତ ଆମେ ଦେଶର ପ୍ରଗତିକୁ ଗୁରୁତ୍ୱ ଦେଉଛୁ। ଯେତେବେଳେ ଆମେ ପ୍ରଗତି ପାଇଁ ବ୍ୟସ୍ତ, ସେମାନେ ରାଜନୀତି କରିବା ବାହାନାରେ ରାଷ୍ଟ୍ର ବିରୋଧୀ କାର୍ଯ୍ୟ କରିବାରେ ବ୍ୟସ୍ତ। ପ୍ରଧାନମନ୍ତ୍ରୀ ଦେଶକୁ ବିଶ୍ୱ ଗୁରୁ କରିବା ପାଇଁ କାମ କରୁଛନ୍ତି, ସେତେବେଳେ ସେମାନେ ରାଜନୀତି କରିବାରେ ଲାଗିଛନ୍ତି, ନିଜର ପତିଆରା ବଢେଇବା ପାଇଁ ଅହରହ ଉଦ୍ୟମ କରୁଛନ୍ତି।

### କହିଲେ ବିଜେପି ପାଇଁ...

ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଆଶୀର୍ବାଦରେ ତାଙ୍କୁ ଏହି ସାମ୍ବିଧାନିକ ପଦ ମିଳିଥିବା କଥା ମଧ୍ୟ ସେ ଉଲ୍ଲେଖ କରିଥିଲେ। ଯାହାର ଭିଡିଓ ଏବେ ଚାରିଆଡ଼େ ଘୂରିବୁଲୁଥିବା ବେଳେ ନୂଆ ରାଜ୍ୟପାଳଙ୍କ ଏଭଳି ଦଳଭିତ୍ତିକ ବୟାନ ନେଇ ଆପତ୍ତି ଉଠିଛି। ତାଙ୍କର ଏଭଳି ବୟାନକୁ ନେଇ ବିଜେଡି ସାଂସଦ ସନ୍ତୃପ୍ତ ମିଶ୍ର ସୋସିଆଲ ମିଡିଆରେ ପ୍ରତିକ୍ରିୟା ଦେଇଛନ୍ତି। ରାଜ୍ୟପାଳ ଏକ ସାମ୍ବିଧାନିକ ପଦବୀରେ ରହୁଥିବାରୁ ତାଙ୍କୁ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରହିବା ଉଚିତ ବୋଲି ସେ କହିଛନ୍ତି। ବିଜେଡି ପକ୍ଷରୁ ଏହି ବୟାନକୁ ନିନ୍ଦା କରାଯାଇଛି। ତେବେ ବିବାଦ ବଢ଼ିବା ପରେ ବ୍ରଜ ମୋହନ ରାମ ଏନେଇ ସଫେଇ ଦେଇ କହିଛନ୍ତି ଯେ ସେ ଏପର୍ଯ୍ୟନ୍ତ ବିଜେପିରୁ ଇସ୍ତଫା ଦେଇନାହାନ୍ତି ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଭାବନାରୁ ଏପରି କହିଥିଲେ। ତେବେ ରାଜ୍ୟପାଳ ଭାବେ ସାମ୍ବିଧାନିକ ପଦର ମର୍ଯ୍ୟାଦା ପାଳନ କରିବେ ବୋଲି ମଧ୍ୟ ସେ ଆଶ୍ୱାସନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ୧୨ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବ୍ରଜ ମୋହନ ରାମଙ୍କୁ ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ କରିଥିଲେ। ସେ ଝାଡ଼ଖଣ୍ଡର ପଲାମୁ ଆସନରୁ ତିନି ଥର ଲୋକସଭା ସାଂସଦ ରହିଛନ୍ତି। ଏବେ ତାଙ୍କ ବୟାନକୁ ପ୍ରଶ୍ନ ଉଠିଛି ଯେ ସେ ଏବେ ରାଜ୍ୟପାଳ ଭାବେ ଓଡ଼ିଶାର ସାମ୍ବିଧାନିକ ଦାୟିତ୍ୱ ତୁଲାଇବେ ନା ବିଜେପିର ସଂଗଠନକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦେବେ? ବ୍ରଜ ମୋହନ ରାମଙ୍କ ବୟାନକୁ ନେଇ ଏବେ ରାଜ୍ୟ ରାଜନୀତିରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି।

### ଟେଣ୍ଡର ପାଇଁ ଆଗ୍ରହ...

ନେବାକୁ ହେଲେ ଅର୍ଥ ବିଭାଗର ଅନୁମତି ଆବଶ୍ୟକ। ନୂଆ କାର୍ଯ୍ୟାଳୟ ଖୋଲିଲେ କିମ୍ବା ନୂଆ ଅନୁମୋଦିତ ପଦବୀ ପାଇଁ ଗାଡ଼ି ଆବଶ୍ୟକ ହେଲେ ମଧ୍ୟ ଏହି ନିୟମ ଲାଗୁ ହେବ। ସରକାରୀ ଗାଡ଼ି ଭଡ଼ା ପ୍ରକ୍ରିୟାରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏଣିକି ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓରେଡା) ମାଧ୍ୟମରେ ବିଭାଗଗୁଡ଼ିକ ଗାଡ଼ି ଭଡ଼ାରେ ନେବେ ନାହିଁ। ପ୍ରତ୍ୟେକ କାର୍ଯ୍ୟାଳୟ ନିଜ ସ୍ତରରେ ଟେଣ୍ଡର ଡାକି ଗାଡ଼ି ଭଡ଼ାରେ ନେବେ। ଏଥିପାଇଁ ସକ୍ଷମ ଅଧିକାରୀଙ୍କ ପୂର୍ବ ଅନୁମତି ନେବାକୁ ପଡ଼ିବ। ବର୍ତ୍ତମାନ ଓରେଡା ମାଧ୍ୟମରେ ବିଭିନ୍ନ କାର୍ଯ୍ୟାଳୟରେ ଚାଲୁଥିବା ଇଭିଗୁଡ଼ିକ ଚୁକ୍ତି ଅବଧି ଶେଷ ହେବା ପର୍ଯ୍ୟନ୍ତ ଚାଲିବ। ଚୁକ୍ତି ସରିବା ପରେ ଓରେଡା ଗାଡ଼ି ଭଡ଼ାରେ ଦେବା କାମରୁ ଓହରିଯିବ। ଅର୍ଥ ବିଭାଗର ଏହି ନୂଆ ନିର୍ଦ୍ଦେଶ ଜାରି ହେବା ଦିନଠାରୁ ଲାଗୁ ହୋଇଛି।

### ଦେବଗଡ଼ରେ ସଡ଼କ...

ନିର୍ମାଣ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଏହାଛଡ଼ା ସହରର ସୀମା ନିକଟରେ ରାଜ୍ୟ ରାଜପଥ ତଥା ଦେବଗଡ଼-ଅନୁଗୋଳ ରୋଡ୍ ଦେଇ ଯାଇଥିବା ରାଜ୍ୟ ରାଜପଥ -୨୧ ଓ ଜାତୀୟ ରାଜପଥ -୪୯ ଏକାଠି ହୋଇଥିବା ବିର୍ସା ମୁଣ୍ଡା ଛକରେ ଦ୍ରୁତଗାମୀ ଗାଡ଼ି ସହ ସ୍ଥାନୀୟ ଯାନବାହନ ମୁହାଁମୁହିଁ ହେଉଥିବାରୁ ଗୁରୁତର ଦୁର୍ଘଟଣା ଘଟୁଛି। ଏହି ଅବସ୍ଥା ବଡ଼ ଧରଣର ଦୁର୍ଘଟଣାର ଆଶଙ୍କା ବୃଦ୍ଧି କରୁଛି। ଏହି ବିପଦପୂର୍ଣ୍ଣ ସଂଘର୍ଷ ପଏଣ୍ଟଗୁଡ଼ିକୁ ଦୂର କରିବା ପାଇଁ ଏନ୍‌ଏଚ୍ ୪୯ରେ ସୁସଙ୍ଗଠିତ ସ୍ଲିପ୍ ରୋଡ୍ ଓ ଏକ ଯାନବାହନ ଚଳାଚଳ ଉପଯୋଗୀ ଅଣ୍ଡରପାସ୍ ନିର୍ମାଣ କରାଯିବା ଆବଶ୍ୟକ। ଏହି ଅଞ୍ଚଳରେ ଦ୍ରୁତ ସହରୀକରଣ କାରଣରୁ କଲା, କନ୍ଧଳ ଏବଂ ତିଲେଇବଣି ଭଳି ଜନବସତିରେ ଆବାସିକ ଜନସଂଖ୍ୟା କ୍ରମାଗତ ବୃଦ୍ଧି ପାଉଛି। ଫଳରେ ହାଇୱେ ଉପରେ ସ୍ଥାନୀୟ ପଥଚାରୀ ଯାନବାହନର ଚଳାଚଳ ବୃଦ୍ଧି ପାଇବାରୁ ସେମାନଙ୍କର ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିଛନ୍ତି ଶ୍ରୀ ପ୍ରଧାନ। ସ୍ଥାନୀୟ ଟ୍ରାଫିକ୍‌କୁ ଦ୍ରୁତଗାମୀ ଯାତାୟାତଠାରୁ ପୃଥକ କରିବା ପାଇଁ ରାସ୍ତା ପାର୍ଶ୍ୱରେ ଡ୍ରେନ୍, ପଥଚାରୀଙ୍କ ପାଇଁ ପୃଥକ ଗାର୍ଡ ରେଲ୍ ଓ ହାଇୱେ ଲାଇଟିଂ ସୁବିଧା ସହ ସର୍ଭିସ୍ ରୋଡ୍ ନିର୍ମାଣ ଜରୁରୀ ରହିଛି ବୋଲି ସେ ଅନୁଭବ କରିଛନ୍ତି। ଏହି ଜରୁରୀକାଳୀନ ରାସ୍ତା ସୁରକ୍ଷା ଆବଶ୍ୟକତାଗୁଡ଼ିକୁ ଦୃଷ୍ଟିରେ ରଖି ବ୍ୟକ୍ତିଗତ ସ୍ତରରେ ଏହି ପ୍ରସଙ୍ଗରେ ଦୃଷ୍ଟି ଦେବାକୁ ଓ ଦେବଗଡ଼ବାସୀଙ୍କ ବୃହତ୍ତର ସ୍ୱାର୍ଥରେ ଏହି ପ୍ରସ୍ତାବଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଆବଶ୍ୟକ ମଞ୍ଜୁରୀ ପ୍ରଦାନ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ସାଂସଦ ଶ୍ରୀ ପ୍ରଧାନ ଶ୍ରୀ ଗଡକରୀଙ୍କୁ ଅନୁରୋଧ କରିଛନ୍ତି।

ଓସଡମା ପକ୍ଷରୁ ଜାତୀୟ ବଜ୍ରପାତ ସୁରକ୍ଷା କର୍ମଶାଳା

# ବଜ୍ରପାତ ସୁରକ୍ଷା ପାଇଁ ପ୍ରସ୍ତୁତ ହେବ ଏସଓପି ଓ କାର୍ଯ୍ୟଯୋଜନା

ଭୁବନେଶ୍ୱର,୧୪।୧୦ (ସଂଚାର ବ୍ୟୁରୋ): ବଜ୍ରପାତଜନିତ ମୃତ୍ୟୁ ଓ କ୍ଷୟକ୍ଷତି ହ୍ରାସ କରିବା ନିମନ୍ତେ ବୈଜ୍ଞାନିକ, ବୈଷୟିକ ତଥା ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ଲକ୍ଷ୍ୟରେ ଆସନ୍ତାକାଲି ଓ ୧୬ ତାରିଖ ଦୁଇ ଦିନ ଧରି ଏଠାରେ ଏକ ଜାତୀୟ ବଜ୍ରପାତ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହେବ। ଏହି କର୍ମଶାଳାର ଉଦ୍‌ଘାଟନୀ ସମାରୋହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେବେ।

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା)ଙ୍କ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଦେଶର ପ୍ରମୁଖ ବୈଜ୍ଞାନିକ ଓ ବୈଷୟିକ ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ବିପର୍ଯ୍ୟୟ ପରିଚାଳନା ସଂସ୍ଥା, ଗବେଷକ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେବେ। ବଜ୍ରପାତର ପୂର୍ବାନୁମାନ, ବିପଦ ଆକଳନ, ଆଗୁଆ ସତର୍କ ସୂଚନାର ପ୍ରସାର ଓ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ବିଶେଷକରି କୃଷକ, କୃଷି ଶ୍ରମିକ, ବାହାରେ ଖୋଲା ସ୍ଥାନରେ କାର୍ଯ୍ୟ କରୁଥିବା ଶ୍ରମଜୀବୀ, ଛାତ୍ରଛାତ୍ରୀ ଓ ବିପଦପ୍ରବଣ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନ ସୁରକ୍ଷା ନିମନ୍ତେ ବୈଜ୍ଞାନିକ ଜ୍ଞାନ ଓ ଆଧୁନିକ ବୈଷୟିକ ପ୍ରଗତିକୁ କିପରି ବ୍ୟାବହାରିକ ପଦକ୍ଷେପରେ ପରିଣତ କରାଯାଇପାରିବ, ତାହା ଉପରେ ଏହି କର୍ମଶାଳାରେ ବିଶେଷ ଗୁରୁତ୍ୱ ଦିଆଯିବ। କର୍ମଶାଳାର ପ୍ରଥମ ଦିନରେ ଉପଗ୍ରହ ତଥ୍ୟର ସମନ୍ୱୟ, ସଂଖ୍ୟାତ୍ମକ ପାଣିପାଗ ପୂର୍ବାନୁମାନ, କୃତ୍ରିମ ବୁଦ୍ଧିମତ୍ତା ଓ ମେସିନ୍ ଲର୍ଣ୍ଣିଂର ନୂତନ ପ୍ରୟୋଗ ଓ ପଞ୍ଚାୟତସ୍ତରୀୟ ନିଷ୍ପତ୍ତି ସହାୟକ ବ୍ୟବସ୍ଥା ମାଧ୍ୟମରେ ବଜ୍ରପାତ ଚିହ୍ନଟ, ନିରୀକ୍ଷଣ ଓ ପୂର୍ବାନୁମାନ ବ୍ୟବସ୍ଥାର ଉନ୍ନତି ଉପରେ ଆଲୋଚନା କରାଯିବ।

କର୍ମଶାଳାରେ ବିଶେଷଜ୍ଞ ଓ ସରକାରୀ ପ୍ରତିନିଧି ଏକତ୍ରିତ ହୋଇ ବଜ୍ରପାତ ସୁରକ୍ଷା ପାଇଁ ଏକ ମାନକ ପରିଚାଳନା ପ୍ରକ୍ରିୟା ଖସଡ଼ା (ଏସଓପି) ଓ ୨୦୨୭ ପାଇଁ ଏକ ପ୍ରସ୍ତାବିତ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ଦିଗରେ ଆଲୋଚନା କରିବେ। ଏଥିରେ ସତର୍କ ସୂଚନାର ବିଭିନ୍ନ ସ୍ତର ନିର୍ଦ୍ଧାରଣ, ବିଭିନ୍ନ ବିଭାଗ ଓ ପ୍ରଶାସନିକ ସ୍ତରର ଦାୟିତ୍ୱ ଚିହ୍ନଟ, ଜରୁରୀକାଳୀନ ପ୍ରତିକ୍ରିୟା ପ୍ରକ୍ରିୟା ସ୍ଥିର କରିବା ଏବଂ କାର୍ଯ୍ୟାନ୍ୱୟନର ଅଗ୍ରଗତି ଅନୁଧ୍ୟାନ ପାଇଁ ମାନକ ସୂଚକ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯିବ।

# ରାଜ୍ୟପାଳ ପଦବୀର ମର୍ଯ୍ୟାଦା ରଖନ୍ତୁ ବ୍ରଜମୋହନ ରାମ




ଭୁବନେଶ୍ୱର,୧୪।୧୦ (ସଂଚାର ବ୍ୟୁରୋ): ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ଶପଥ ନେବା ପୂର୍ବରୁ ଦେଇଥିବା ବିବାଦୀୟ ମନ୍ତବ୍ୟ ପାଇଁ ଓଡ଼ିଶା କଂଗ୍ରେସ ଦ୍ୱାରା ସମାଲୋଚିତ ହୋଇଛନ୍ତି। ପିଟିଆଇକୁ ଏକ ସାକ୍ଷାତକାରରେ ଶ୍ରୀ ରାମ ଅତୀତରେ ଝାଡ଼ଖଣ୍ଡ ପରି ଓଡ଼ିଶାରେ ମଧ୍ୟ ବିଜେପି ଏସସି ମୋର୍ଚ୍ଚା ପାଇଁ କାମ କରିବେ ବୋଲି କହିଥିବା ନେଇ ଗଣମାଧ୍ୟମ ରିପୋର୍ଟ ଉପରେ ବୁଧବାର ସାମ୍ବାଦିକଙ୍କୁ ସମ୍ବୋଧନ କରି ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଥିଲେ ଯେ ରାଜ୍ୟପାଳ ପରି ଏକ ମର୍ଯ୍ୟାଦାପୂର୍ଣ୍ଣ ପଦବୀ ପାଇବା ପରେ ଓଡ଼ିଶାରେ ବିଜେପିର ଭୋଟ ବଢ଼ାଇବା ପାଇଁ କାମ କରିବେ ବୋଲି କହିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ଏହା ବିଜେପିର ଅସଲ ଚରିତ୍ରକୁ ସ୍ପଷ୍ଟ କରୁଛି। ବିଜେପି ସରକାର ଦେଶର ଗୋଟିଏ ପରେ ଗୋଟିଏ ସାମ୍ବିଧାନିକ ସଂସ୍ଥାକୁ ଦଳର କବ୍‌ଜା କରିଚାଲିଛନ୍ତି। ତେବେ ଏତେ ଉଚ୍ଚ ପଦବୀରେ ଯୋଗଦେବାକୁ ଯାଉଥିବା ପୂର୍ବରୁ କେହି ଏପରି ଖୋଲାଖୋଲି ଦଳୀୟ ରାଜନୀତି କରି ନ ଥିଲେ।

ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହେବା ପରେ ସେ ସମ୍ବିଧାନର ଧାରା ୧୫୨ରୁ ୧୬୨ ଓ ୨୧୩, ୩୫୬ ପରି ସମ୍ପର୍କିତ ଧାରାଗୁଡ଼ିକ ପଢ଼ି ନିଜ ଦାୟିତ୍ୱବୋଧ ବିଷୟରେ ସଚେତନ ହେବା ବଦଳରେ ଏପରି ନିମ୍ନ ସ୍ତରର ମନ୍ତବ୍ୟ ଦେବା ନିନ୍ଦନୀୟ। ଏପରି ବ୍ୟକ୍ତିଙ୍କୁ କେନ୍ଦ୍ର ତୁରନ୍ତ ପ୍ରତ୍ୟାହାର କରନ୍ତୁ କିମ୍ବା ହାଇକୋର୍ଟ ମୁଖ୍ୟ ବିଚାରପତି ତାଙ୍କୁ ଶପଥ କରାଇବାରେ ନିଜର ଆପତ୍ତି ଦର୍ଶାନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି।

# ପୂଜାରେ ଡମ୍ପିଂ ୟାର୍ଡକୁ ଅଳିଆଗାଡ଼ି ବନ୍ଦ ନକଲେ ଅନଶନ



ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ): ସୈନିକ ସ୍କୁଲ ବେଆଇନ ବିଷାକ୍ତ ଅଳିଆ ଗଦା ସ୍ଥାନାନ୍ତର ପାଇଁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଏହି ଗୌରବମୟ ଅନୁଷ୍ଠାନ ନିକଟରୁ ତୁରନ୍ତ ଅଳିଆ ଗଦା ହଟାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଅଳିଆ ଗଦା ହଟାଅ ଅଭିଯାନ ଦୀର୍ଘଦିନ ଧରି ଦାବି ଧାରଣା, ଧର୍ମଘଟ, ଅନଶନ କରି ଗାଡ଼କଣ ବେଆଇନ ଅଳିଆ ଗଦା ହଟାଇବା ପାଇଁ ଅହରହ ଉଦ୍ୟମ କରି ଆସୁଛି। ପ୍ରଦୂଷଣ ବୋର୍ଡ ଚୁପ ରହି ବହୁ ବିଳମ୍ବରେ କେବଳ ତାଗିଦଭରା ଚିଠି ଲେଖି ବିଏମସିକୁ ସମୟ ଦେଇ ଆଇନଗତ ପଦକ୍ଷେପ ପାଇଁ ତାଗିଦ କରିଛନ୍ତି। ଅଳିଆ ଗଦାର ବିଷାକ୍ତ ଗ୍ୟାସ ଓ ପ୍ରଦୂଷଣ ଯୋଗୁଁ ଉକ୍ତ ଅଞ୍ଚଳର ଅନେକ ଲୋକଙ୍କ ମୃତ୍ୟୁ ସହ ବିଭିନ୍ନ ମାରାତ୍ମକ ରୋଗରେ ପୀଡ଼ିତ ହେଉଛନ୍ତି। ପ୍ରଦୂଷଣ ବୋର୍ଡ ବିଏମସିକୁ ଦଣ୍ଡ ଦେବା ପରିବର୍ତ୍ତେ କେବଳ ତାଗିଦଯୁକ୍ତ ଚିଠି ଦେଇ ଚୁପ ହୋଇ ବସିପଡ଼ିଛି। ଆଜି ପ୍ରଦୂଷଣ ବୋର୍ଡ ସଦସ୍ୟ ସଚିବଙ୍କୁ ଭେଟି ତୁରନ୍ତ ସୈନିକ ସ୍କୁଲ ନିକଟରୁ ଅଳିଆ ଗଦା ହଟାଇବା ସହ ଅଭିଯାନର ଦାବି ଅନୁଯାଇ ଟିଟିଏସ୍ ବା ଡମ୍ପିଂୟାର୍ଡକୁ ସମ୍ପୂର୍ଣ୍ଣ ବନ୍ଦ ବା ସ୍ଥାୟୀ ସ୍ଥାନାନ୍ତର ପର୍ଯ୍ୟନ୍ତ କୌଣସି ଅଳିଆ ଡମ୍ପ୍ ନ କରିବା ପାଇଁ ଦାବି କରାଯାଇଛି। ଯଦି ଅଳିଆ ଗାଡ଼ି ପ୍ରବେଶ ବନ୍ଦ ନ ହୁଏ, ତା'ହେଲେ ଆଗାମୀ ଦଶହରା ସମୟରେ ବାଧ୍ୟ ହୋଇ ଅଭିଯାନ ପ୍ରଦୂଷଣ ବୋର୍ଡ ସମ୍ମୁଖରେ ଅନଶନରେ ବସିବା ସହ ଅଳିଆ ଗଦା ନିକଟରେ ଆନ୍ଦୋଳନ କରିବ। ଏହି ବ୍ୟତିକ୍ରମ ପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ମଧ୍ୟ ଅଭିଯାନ ଚେତାବନୀ ଦେଇଛି। ଆଜି ବାସୁଦେବ ଭଟ୍ଟ, ଅଶୋକ ପାଇକରାୟ, ପ୍ରସନ୍ନ ବିଷୋୟୀ, ଦିଲ୍ଲୀପ ଦାଶଶର୍ମା, ସନ୍ଦୀପ୍ତ ଦାସ, ଶଙ୍କର୍ଷଣ ବାରିକ ଆଦି କାର୍ଯ୍ୟକର୍ତ୍ତା ଭେଟି ଆଲୋଚନା କରିଥିଲେ।

ସେକ୍ଟର-୧୦ ପାଇପ୍‌ଲାଇନ୍ ଅଗ୍ନିକାଣ୍ଡ

## ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ



କଟକ, ୧୪।୧୦ (ସଂଚାର ବ୍ୟୁରୋ): କଟକ କେଡିଏ ସେକ୍ଟର-୧୦ରେ ଗେଲ୍ ଇଣ୍ଡିଆର ପାଇପ୍‌ଲାଇନ୍ ଦୁର୍ଘଟଣାରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ପ୍ରକୃତ କାରଣ ଅନୁଧ୍ୟାନ କରିବା ସହ ଅଞ୍ଚଳର ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରି ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି।ଏହି କ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛି। ଏହି ଟିମ୍‌ରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ, ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ପାତ୍ର ପ୍ରମୁଖ ସାମିଲ ଥିଲେ। ଅଧିକାରୀମାନେ ଘଟଣାସ୍ଥଳରେ ଅଗ୍ନିକାଣ୍ଡ ଘଟିବାର ସମ୍ଭାବ୍ୟ କାରଣ, ପାଇପ୍‌ଲାଇନ୍‌ର ସ୍ଥିତି ଏବଂ ଏହାର ଆଖପାଖ ଅଞ୍ଚଳର ପାରିପାର୍ଶ୍ୱିକ ପରିସ୍ଥିତି ସମ୍ପର୍କରେ ଯାଞ୍ଚ କରିଛନ୍ତି। ତଦନ୍ତ ପରେ ଘଟଣା ସମ୍ପର୍କିତ ତଥ୍ୟ ସଂଗ୍ରହ କରି ଜିଲ୍ଲା ପ୍ରଶାସନ ନିକଟରେ ରିପୋର୍ଟ ଦାଖଲ କରାଯିବ। ଅନ୍ୟପକ୍ଷରେ, ଏହି ଅଗ୍ନିକାଣ୍ଡ ଘଟଣାରେ ଜଣେ ବ୍ୟକ୍ତି ଆହତ ହୋଇଥିବା ସୂଚନା ମିଳିଛି। ଆହତ ବ୍ୟକ୍ତିଙ୍କୁ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ପାଇପ୍‌ଲାଇନ୍ ଯୋଗେ ଗ୍ୟାସ୍ ଯୋଗାଣ ଓ ସଂଯୋଗ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ଗେଲ୍ ଇଣ୍ଡିଆ ପକ୍ଷରୁ ପଦକ୍ଷେପ ନିଆଯାଉଛି।

## 'ଧ୍ୟାନର ଅଭାବ ଓ ଅତିସକ୍ରିୟତା ବିକାର' ସଚେତନତା ପାଇଁ ଗଣଦୌଡ଼



ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ): ଅକ୍ଟୋବର ମାସକୁ 'ଧ୍ୟାନର ଅଭାବ ଓ ଅତିସକ୍ରିୟତା ବିକାର' (ଏଡିଏଚଡି) ସଚେତନତା ମାସ' ଭାବେ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ସମାଜର ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କ ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା 'ଅଭିଷ୍ଟ ଚାରିଟେବଲ୍ ଟ୍ରଷ୍ଟ' ପକ୍ଷରୁ ଏକାମ୍ର କାନନ ବଟାନିକାଲ୍ ଗାର୍ଡେନ୍‌ରେ ଏକ ଗଣଦୌଡ଼ର ଆୟୋଜିତ ହୋଇଛି। ଶହେରୁ ଅଧିକ ଲୋକ ଏହି ଉଦ୍ଦେଶ୍ୟକୁ ସମର୍ଥନ କରି ଦୌଡ଼ରେ ଅଂଶଗ୍ରହଣ କରିଥିଲେ। ଏହି ଦୌଡ଼ର ଲକ୍ଷ୍ୟ ଥିଲା 'ଧ୍ୟାନର ଅଭାବ ଓ ଅତିସକ୍ରିୟତା ବିକାର' ବିଷୟରେ ସଚେତନତା ସୃଷ୍ଟି କରିବା। ଏଡିଏଚଡି ହେଉଛି ଛୋଟପିଲା ଓ ବୟସ୍କମାନଙ୍କ ମଧ୍ୟରେ ଦେଖାଯାଉଥିବା ଏକ ସ୍ନାୟୁଗତ ବିକାରଜନିତ ସମସ୍ୟା। ଏଥିରେ ପୀଡ଼ିତ ଜଣେ ବ୍ୟକ୍ତି ମନୋଯୋଗର ଅଭାବ କିମ୍ବା ଅତ୍ୟଧିକ ଚଞ୍ଚଳତା ବା ଆବେଗିକ ପ୍ରତିକ୍ରିୟାଶୀଳତା କିମ୍ବା ଉଭୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଆମେରିକାର 'ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ୍' ଅନୁଯାୟୀ, ଆମେରିକୀୟ ନାଗରିକମାନଙ୍କ ୬ ପ୍ରତିଶତ (୧୫.୫ ନିୟୁତ) ଲୋକଙ୍କ ପାଖରେ ଏହି ସମସ୍ୟା ଦେଖାଯାଏ।

## ଷ୍ଟିଅରିଂ ପଛରେ ଶୁଭଲକ୍ଷ୍ମୀ: ପ୍ରଥମ ମହିଳା ଇଲେକ୍ଟ୍ରିକ୍ ବସ୍ ଚାଳକ

### ମହିଳାଙ୍କ ଦକ୍ଷତା, ଆତ୍ମନିର୍ଭରତାର ପ୍ରତିଫଳନ

ଭୁବନେଶ୍ୱର,୧୪।୧୦ (ସଂଚାର ବ୍ୟୁରୋ): ପ୍ରତିଦିନ ସକାଳେ କେନ୍ଦୁଝରର ରାସ୍ତାରେ ଗଡ଼ିଥାଏ ଏକ ଇଲେକ୍ଟ୍ରିକ୍ ବସ୍। ଯାତ୍ରୀଙ୍କୁ ନିଜ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ପାଇଁ ଆଗକୁ ବଢ଼ୁଥିବା ଏହି ବସ୍‌ର ଷ୍ଟିଅରିଂ ଧରିଥାନ୍ତି



ଶୁଭଲକ୍ଷ୍ମୀ ମହାନନ୍ଦ। ଯାତ୍ରୀଙ୍କ ପାଇଁ ଏହା ହୁଏତ ଦୈନନ୍ଦିନ ଯାତାୟାତର ଏକ ଅଂଶ। କିନ୍ତୁ ଶୁଭଲକ୍ଷ୍ମୀଙ୍କ ପାଇଁ ଏହା ଏକ ସ୍ୱତନ୍ତ୍ର ପରିଚୟର ଯାତ୍ରା। ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ମହିଳା ଇଲେକ୍ଟ୍ରିକ୍ ବସ୍ ଚାଳକ। ଦୀର୍ଘଦିନ ଧରି ପୁରୁଷପ୍ରଧାନ ବୃତ୍ତି ଭାବେ ପରିଚିତ ବସ୍ ଚାଳନା କ୍ଷେତ୍ରରେ ଶୁଭଲକ୍ଷ୍ମୀଙ୍କ ଉପସ୍ଥିତି ଏକ ବଦଳୁଥିବା ସମୟର ସଙ୍କେତ। ଏହି କାର୍ଯ୍ୟ ପାଇଁ କେବଳ ଗାଡ଼ି ଚାଳନାର ଦକ୍ଷତା ଯଥେଷ୍ଟ ନୁହେଁ; ଏଥିପାଇଁ ଆବଶ୍ୟକ ଏକାଗ୍ରତା, ଶୃଙ୍ଖଳା ଓ ପ୍ରତ୍ୟେକ ଯାତ୍ରୀଙ୍କ ସୁରକ୍ଷା ପ୍ରତି ଦାୟିତ୍ୱବୋଧ। ଏହି ଦାୟିତ୍ୱ ତୁଲାଇ ଶୁଭଲକ୍ଷ୍ମୀ ପ୍ରମାଣ କରୁଛନ୍ତି ଯେ ଦକ୍ଷତାର କୌଣସି ଲିଙ୍ଗ ନାହିଁ।

କ୍ୟାପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ଅଧୀନରେ କାର୍ଯ୍ୟରତ ଶୁଭଲକ୍ଷ୍ମୀଙ୍କ ଏହି ଯାତ୍ରା କେବଳ ବୃତ୍ତିଗତ ସଫଳତାର କାହାଣୀ ନୁହେଁ, ବରଂ ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଓ କର୍ମକ୍ଷେତ୍ରରେ ସମାନ ସୁଯୋଗର ଗୁରୁତ୍ୱକୁ ମଧ୍ୟ ଉଜାଗର କରୁଛି। ପରିବହନ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଲେ ନିଯୁକ୍ତିର ନୂଆ ଦିଗ ଖୋଲିବା ସହ ପାରମ୍ପରିକ ଧାରଣାରେ ମଧ୍ୟ ପରିବର୍ତ୍ତନ ଆସିପାରିବ। ଶୁଭଲକ୍ଷ୍ମୀଙ୍କ ଉଦାହରଣ ଅନ୍ୟ ମହିଳାଙ୍କୁ ଏପରି ବୃତ୍ତିକୁ ନିଜ କ୍ୟାରିୟର୍ ଭାବେ ବାଛିବା ପାଇଁ ପ୍ରେରିତ କରିପାରେ।

ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା ଘଟଣା

# ସତ୍ୟବାଦୀରେ ଆଇନର ଶାସନ ନାହିଁ

ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲାର ପିପିଲି ଅଞ୍ଚଳର ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ବିଜେପି କର୍ମୀଙ୍କ ଦ୍ୱାରା ଭଙ୍ଗାରୁଜା କରାଯାଇଛି, ଯାହାକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଆଜି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ସଞ୍ଜୟ ଦାସବର୍ମା ଓ ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ ବିଜେପି ସରକାରଙ୍କୁ ସମାଲୋଚନା କରିଛନ୍ତି।



ଶ୍ରୀ ଦାସବର୍ମା କହିଛନ୍ତି ଯେ ବିଜେପି ସରକାର ଅପରାଧିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଛି, ଯାହାକୁ ନେଇ ରାଜ୍ୟ ବ୍ୟାପୀ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଯାଇଛି। କାର୍ଯ୍ୟାଳୟର ଆସବାବପତ୍ର ଓ ଅନ୍ୟାନ୍ୟ ସମ୍ପତ୍ତି ନଷ୍ଟ କରାଯିବା ସହ ଗୁରୁତ୍ୱପୂର୍ଣ୍ଣ ସରକାରୀ କାଗଜପତ୍ର ଏଣେତେଣେ ଫିଙ୍ଗାଯାଇଥିବା ଅଭିଯୋଗ ଅତ୍ୟନ୍ତ ଉଦ୍‌ବେଗଜନକ। ଏହା ଗଣତାନ୍ତ୍ରିକ ଅନୁଷ୍ଠାନ ପ୍ରତି ସମ୍ମାନ, ଆଇନର ଶାସନ ଓ ସରକାରୀ ସମ୍ପତ୍ତିର ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି। ସରକାରୀ କାର୍ଯ୍ୟାଳୟ ହେଉଛି ଜନସାଧାରଣଙ୍କ ଅନୁଷ୍ଠାନ। ଏହାକୁ ରାଜନୈତିକ ବିବାଦ, ଭୟଭୀତ କରିବା କିମ୍ବା ହିଂସାର କେନ୍ଦ୍ରରେ ପରିଣତ କରାଯିବା ଉଚିତ ନୁହେଁ। ରାଜନୈତିକ ମତଭେଦକୁ ଆଲୋଚନା ଓ ଆଇନସମ୍ମତ ଗଣତାନ୍ତ୍ରିକ ପଦ୍ଧତି ମାଧ୍ୟମରେ ସମାଧାନ କରାଯିବା ଉଚିତ। ଗୁରୁତ୍ୱପୂର୍ଣ୍ଣ ସରକାରୀ କାଗଜପତ୍ରକୁ ଫିଙ୍ଗି ଦିଆଯିବା ଓ ସେଗୁଡ଼ିକର ସମ୍ଭାବ୍ୟ ଅବ୍ୟବସ୍ଥିତ ପରିଚାଳନା ନେଇ ଅଭିଯୋଗ ଅଧିକ ଚିନ୍ତାଜନକ। ନିରପେକ୍ଷ ତଦନ୍ତ ପାଇଁ ଉପଲବ୍ଧ ସମସ୍ତ ସିସିଟିଭି ଫୁଟେଜ୍ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ପ୍ରମାଣକୁ ସୁରକ୍ଷିତ ରଖିବାକୁ ଦଳ ଦାବି କରିଛି।

**ବିଜେପି ସରକାରଙ୍କ ହାତବାରିସି ସାଜିଛି ପୁଲିସ ପ୍ରଶାସନ**

ସରକାରୀ ସମ୍ପତ୍ତିର କ୍ଷୟକ୍ଷତିର ପରିମାଣ ଆକଳନ କରିବା, କାର୍ଯ୍ୟାଳୟର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ଏବଂ ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଦଳ ଦାବି କରିଛି। ସେହିପରି ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ ଗଣତନ୍ତ୍ର ନିୟମ ଅନୁସାରେ ସରକାର ପରିବର୍ତ୍ତନ ହେବ।

ରାଜ୍ୟ କ୍ୟାବିନେଟ୍‌ର ଐତିହାସିକ ନିଷ୍ପତ୍ତିକୁ ବିଜେପିର ସ୍ୱାଗତ

# ଯୁବପିଢ଼ି ଭବିଷ୍ୟତ ନିର୍ମାଣରେ ବଡ଼ ମାଇଲଖୁଣ୍ଟ ହେବ: ଦିଲୀପ




ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ): ଗତକାଲି ରାଜ୍ୟ କ୍ୟାବିନେଟ୍‌ରେ ୧୧ଟି ବିଭାଗର ୧୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ପୂର୍ବ ସରକାର ସମୟରେ ମାତ୍ର କିଛି ମିନିଟ୍‌ରେ କ୍ୟାବିନେଟ୍ ବୈଠକ ସରିଯାଉଥିଲା। ମାତ୍ର ରାଜ୍ୟରେ ବିଜେପି ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ବୈଠକ ବସୁଛି। ଏଥିରେ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଦୀର୍ଘ ସମୟ ଧରି ଆଲୋଚନା କରି ରାଜ୍ୟର ବିକାଶ ନିମନ୍ତେ ନିଷ୍ପତ୍ତି ନେଉଛନ୍ତି, ଯାହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ରାଜ୍ୟ କ୍ୟାବିନେଟ୍‌ରେ ଗତକାଲି ୧୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହୋଇଥିବାରୁ ବିଜେପି, ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ପଦକ୍ଷେପ ଗୁଡ଼ିକ ଓଡ଼ିଶାର ସାମଗ୍ରିକ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଗୁଣାତ୍ମକ ଶିକ୍ଷାରୁ ଯେପରି କେହି ବଞ୍ଚିତ ହେବେନାହିଁ ସେଥିପାଇଁ ରାଜ୍ୟ କ୍ୟାବିନେଟ୍ ପକ୍ଷରୁ ନିଆଯାଇଥିବା ଏହି ଐତିହାସିକ ନିଷ୍ପତିକୁ ରାଜ୍ୟ ବିଜେପି ପକ୍ଷରୁ ସ୍ୱାଗତ କରାଯାଉଛି। କ୍ୟାବିନେଟ୍ ନିଷ୍ପତ୍ତି ରାଜ୍ୟର ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ଯୁବପିଢ଼ିଙ୍କ ଭବିଷ୍ୟତ ନିର୍ମାଣରେ ଏକ ବଡ଼ ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି।

ସେ କହିଛନ୍ତି ଯେ ଶାସନ ମୁଖ୍ୟ ଭାବେ ସଫଳତାର ସହ ୨୫ ବର୍ଷ ପୂରଣ କରିଥିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ନେତୃତ୍ୱକୁ ସମ୍ମାନ ଜଣାଇ ରାଜ୍ୟ କ୍ୟାବିନେଟ୍‌ରେ 'ଅଭିନନ୍ଦନ ସଂକଳ୍ପ' ପାରିତ ହୋଇଛି। ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି।

ନିଶୁଳ୍କ ପାଠ୍ୟ ପୁସ୍ତକ ଯୋଗାଣ ଯୋଜନାରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାଗଣା ବହି ପ୍ରଦାନ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ରାଜ୍ୟର ଚାଷୀଙ୍କୁ ସମୟ ସୀମା ମଧ୍ୟରେ ସାର ଓ ବିହନ ଯୋଗାଇବା ଓ ଏହାର ସୁପରିଚାଳନା ପାଇଁ ୧୩୬୦ କୋଟି ଟଙ୍କାର କର୍ପସ ପାଣ୍ଠି ମଞ୍ଜୁର କରାଯାଇଛି। ଏହା କୃଷି କ୍ଷେତ୍ରରେ ନୂତନ ବିପ୍ଳବ ଆଣିଦେବ।

ବିଜେପି ସରକାରଙ୍କୁ ବିଜେଡିର ସମାଲୋଚନା

# ଦକ୍ଷତା ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ

ଭୁବନେଶ୍ୱର,୧୪।୧୦ (ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପି ସରକାରଙ୍କ ଦକ୍ଷତା ବିକାଶ ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତାକୁ ନେଇ ଆଜି ବିଜେଡି ଗଭୀର ଉଦବେଗ ପ୍ରକାଶ କରିଛି। ଆଧୁନିକ ଶିଳ୍ପ, ନୂତନ ଜ୍ଞାନକୌଶଳ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ଉପଲବ୍ଧ ନିଯୁକ୍ତି ସୁଯୋଗର ଆବଶ୍ୟକତା ଅନୁଯାୟୀ ରାଜ୍ୟରେ ଥିବା ଦକ୍ଷତା ପ୍ରଶିକ୍ଷଣ ବ୍ୟବସ୍ଥା ଯୁବକଯୁବତୀଙ୍କୁ ପ୍ରସ୍ତୁତ କରିବାରେ କେତେଦୂର ସଫଳ ହେଉଛି, ସେନେଇ ଦଳ ପ୍ରଶ୍ନ ଉଠାଇଛି। ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ କହିଥିଲେ ଯେ ଦକ୍ଷତା ବିକାଶ କେବଳ ଘୋଷଣା, ଭିତ୍ତିଭୂମି ନିର୍ମାଣ ଓ ପ୍ରଚାରପ୍ରସାର ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ। ଯେକୌଣସି ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରକୃତ ସଫଳତା ହେଉଛି ପ୍ରଦାନ କରାଯାଉଥିବା ପ୍ରଶିକ୍ଷଣର ଗୁଣବତ୍ତା ଓ ଦୀର୍ଘସ୍ଥାୟୀ ନିଯୁକ୍ତି ସୁଯୋଗର ଉପଲବ୍ଧତା। ଦଳ ପକ୍ଷରୁ କୁହାଯାଇଛି ଯେ ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ଶିଳ୍ପ ତାଲିମ ପ୍ରତିଷ୍ଠାନ, ଆଇଟିଆଇ ଓ ପଲିଟେକ୍ନିକ୍ ଭଳି ଅନୁଷ୍ଠାନଗୁଡ଼ିକ ଏକ ଦକ୍ଷ କର୍ମଶକ୍ତି ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ତେବେ ଏହି ଅନୁଷ୍ଠାନଗୁଡ଼ିକର କାର୍ଯ୍ୟଦକ୍ଷତାକୁ ବୈଷୟିକ ଶିକ୍ଷାର ଗୁଣବତ୍ତା, ଶିଳ୍ପଭିତ୍ତିକ ପ୍ରଶିକ୍ଷଣ ଅନୁଯାୟୀ ନିଯୁକ୍ତି ପାଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଭଳି ମାପଯୋଗ୍ୟ ମାନଦଣ୍ଡ ଆଧାରରେ ମୂଲ୍ୟାଙ୍କନ କରାଯିବା ଆବଶ୍ୟକ।

# ଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାର ଭୋଜିଭାତରେ ନିଲାମ

ଭୁବନେଶ୍ୱର,୧୪।୧୦: ଗଣତନ୍ତ୍ରର ସୁରକ୍ଷା ପାଇଁ ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ 'ଜେନ୍-ଜ'' ଭାବେ ପରିଚିତ ଯୁବକ ଓ ଛାତ୍ରମାନେ ସଂଘର୍ଷ ଚଳାଇଥିବା ବେଳେ ଓଡ଼ିଶାରେ କିନ୍ତୁ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାର ଚିକେନ୍, ମଟନ୍, ଗୁପ୍‌ଚୁପ୍, ଦହିବରା, ଆଇସକ୍ରିମ୍ ଆଦିରେ ଖୋଲା ନିଲାମ ହେଉଛି। ଏଥିଘେନି ବହୁ ପୂର୍ବତନ ଛାତ୍ରନେତା ତଥା ଚିନ୍ତକ ଘୋର ଉଦବେଗ ପ୍ରକାଶ କରୁଛନ୍ତି। ବିଧାନସଭା ଓ ଲୋକସଭା ନିର୍ବାଚନ ଲଢ଼ୁଥିବା ବିଭିନ୍ନ ଦଳର ପ୍ରାର୍ଥୀମାନେ ଯେଭଳି ସଂଖ୍ୟାଧିକ କ୍ଷେତ୍ରରେ ଧାର୍ଯ୍ୟ ଖର୍ଚ୍ଚ ସୀମାର ବହୁଗୁଣ ଅର୍ଥ ଖର୍ଚ୍ଚ କରୁଥିଲେ ବି ମିଥ୍ୟା ସତ୍ୟପାଠ ଦାଖଲ କରିବା ଏକ କଳଙ୍କିତ ପରମ୍ପରାରେ ପରିଣତ ହୋଇଛି, ତାହାର ପୁନରାବୃତ୍ତି ଏଥର ଛାତ୍ର ସଂସଦ ନିର୍ବାଚନରେ ଦେଖାଯାଇଛି।

ଲିଙ୍ଗଡୋ କମିଶନଙ୍କ ସୁପାରିସ୍‌କୁ ଆଧାର କରି ଜଣେ ପ୍ରାର୍ଥୀ ୫ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ କରିପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶାବଳୀ ରହିଥିବା ବେଳେ ଚିକେନ, ମଟନ ଭୋଜିଭାତଠାରୁ ଡିଜେ ଶୋଭାଯାତ୍ରା ଓ ଥର୍ ଗାଡ଼ି ବ୍ୟବହାର ସମେତ ରଙ୍ଗିନ ଓ ଦାମୀ ହୋର୍ଡିଂମାନ କିଭଳି ବ୍ୟବହାର କରାଯାଉଛି, ସେଥିଘେନି ପ୍ରଶ୍ନ ଉଠୁଛି। ନିର୍ବାଚନ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ବି ସ୍ପଷ୍ଟ ନିର୍ଦ୍ଦେଶ ଥିବା ବେଳେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରଗୋଷ୍ଠୀ ମଧ୍ୟରେ ମାରପିଟ୍ ସାଙ୍ଗକୁ ସ୍ଥଳ ବିଶେଷରେ ବୋମା ବିସ୍ଫୋରଣ ପରିସ୍ଥିତିକୁ ଅଧିକ ସାଂଘାତିକ କରୁଛି। ଏମିତିକି କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ମାଗଣା ଖାଦ୍ୟ ଓ ଉପଢୌକନ ବଣ୍ଟନ ଚାଲୁଥିବା କର୍ତ୍ତୃପକ୍ଷ ଦେଖୁଥିଲେ ବି କାହିଁକି ଆଖିବୁଜି ଦେଉଛନ୍ତି ତାହା ଏବେ ପ୍ରଶ୍ନବାଚୀ।

୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେଉଛି। ଛାତ୍ର ନେତୃତ୍ୱ ଗଣତନ୍ତ୍ରର ଏନ୍ତୁଡ଼ିଶାଳ ବୋଲି କୁହାଯାଉଥିବା ବେଳେ ରାଜନୈତିକ ଦଳମାନେ ଲାଜସରମ ଭୁଲି ଯେଭଳି ଖୋଲାଖୋଲି ଭାବେ ଶିକ୍ଷାୟତନ ପରିବେଶକୁ ପ୍ରଦୂଷିତ କରୁଛନ୍ତି ଓ ବର୍ଷ ବର୍ଷ ଧରି ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରିଆସୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦଳଗତ ବିଭେଦର ବିଷ ବୁଣୁଛନ୍ତି ତାହା ଆଗାମୀ ଦିନରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରିପାରେ ବୋଲି ଅନେକ ପୂର୍ବତନ ଅଧ୍ୟକ୍ଷ, ପ୍ରଫେସର ଓ ଅଧ୍ୟାପକ ମଧ୍ୟ ଆଶଙ୍କା ବ୍ୟକ୍ତ କରୁଛନ୍ତି।

ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ଯେପରି ବ୍ୟୟବହୁଳ ହୋଇଛି, ତାହା ଅତୀତରେ କେବେ ଦେଖା ନ ଥିଲା। ଏଥିପାଇଁ ଛାତ୍ରଛାତ୍ରୀମାନେ କେଉଁଠୁ ପଇସା ପାଉଛନ୍ତି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। ଏହାଛଡ଼ା ଅନେକ ପ୍ରାର୍ଥୀ ଛାତ୍ରଛାତ୍ରୀମାନଙ୍କ ମୋବାଇଲ ଫୋନ୍ ରିଚାର୍ଜ ପାଇଁ ମଧ୍ୟ ପ୍ରଚୁର ଅର୍ଥ ବ୍ୟୟ କରୁଛନ୍ତି। କେବଳ ସେତିକି ନୁହେଁ, ନବାଗତ ଭୋଟରମାନଙ୍କୁ ଆକର୍ଷିତ କରିବା ଲାଗି କେତେକ ସ୍ଥଳରେ ମଧ୍ୟ ନିଶା ସାମଗ୍ରୀ ବ୍ୟବହୃତ ହେଉଥିବା ଛାତ୍ରଛାତ୍ରୀମାନେ ଉଦ୍‌ବେଗର ସହ କହୁଛନ୍ତି।

ଛାତ୍ରଛାତ୍ରୀମାନଙ୍କ ସଂଘବଦ୍ଧ ଉଦ୍ୟମ ଯୋଗୁଁ ସିଜେପି ନେତୃତ୍ୱରେ ଦିଲ୍ଲୀରେ ନିଟ୍ ଦୁର୍ନୀତି ସଂକ୍ରାନ୍ତରେ ଚାଲିଥିବା ଆନ୍ଦୋଳନ ସଫଳ ହେବା ପରେ ଏବେ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟର ଅନେକ ଛାତ୍ରଛାତ୍ରୀ ଗଣତନ୍ତ୍ରର ସୁରକ୍ଷା ପାଇଁ ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ରାଜରାସ୍ତାକୁ ଆସୁଛନ୍ତି। ଏମିତିକି କେତେକ ମଧ୍ୟ ପୁଲିସ୍ ଆକ୍ରୋଶର ଶିକାର ହେବା ସହ ଜେଲ୍ ବି ଯାଉଛନ୍ତି। ଅନ୍ୟ ରାଜ୍ୟର ଛାତ୍ରଛାତ୍ରୀଙ୍କ ଭିତରେ ଏଭଳି ଜାତୀୟତାବୋଧର ବାତାବରଣ ସୃଷ୍ଟି ହେଉଥିବା ବେଳେ ଓଡ଼ିଶାରେ ଉଚ୍ଚଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀମାନେ ସେମାନଙ୍କ ମୂଲ୍ୟବାନ୍ ଭୋଟକୁ କିଭଳି ଚିକେନ୍, ମଟନ୍, ଗୁପ୍‌ଚୁପ୍ ଆଦି ବଦଳରେ ବିକିପାରୁଛନ୍ତି ସେ ସଂକ୍ରାନ୍ତରେ ଆତ୍ମସମୀକ୍ଷା କରିବା ଆବଶ୍ୟକ ବୋଲି ଅନେକ ପ୍ରାକ୍ତନ ଛାତ୍ରନେତା ମତ ବ୍ୟକ୍ତ କରିଛନ୍ତି। (ତଥ୍ୟ)


OFFICE OF THE DIVISIONAL FOREST OFFICER, ATAHMALLIK FOREST DIVISION.
AT/PO: ATAHMALLIK, DIST-ANUGOLA-759125.

E-mail: dfoathmallikt@gmail.com Mob: +91 9437004236.

Letter No: 4986 /1F / (23/2026-27)/Dt. 14 Oct, 2026.

INVITATION FOR BIDS (IFB)

E- Procurement Bid Identification No. DFO(ALK)-FE & CC-02/2026-27

1. The Divisional Forest Officer, Athmallik, Odisha on behalf of Governor of Odisha, invites percentage rate in Single cover system in ONLINE MODE only, for the work **Construction of Vana Surakhya Samiti (VSS) Building at Thelkanali VSS underBamur Range of Athamallik Forest Division.**

2. Nature of Work : Building Works
3. Class of Contractor : As per OPWD code
4. Estimated Cost : **12,84,000.00**
5. Completion Period : 3 Calendar Months
6. Availability of Bid Documents : 16.10.2026 (11.00 AM) to 31.10.2026 (05.00 PM)
7. Last Date for Receipt of Bids : 31.10.2026 up to 05.00 PM
8. Opening of Bids : 02.11.2026 at 11:30 AM

Furter details can be seen from the e-Procurement portal www.tendersodisha.gov.in. The Addendum/ Corrigendum/Cancellation of tender, if any, will be hosted on the website only.

Sd/-
Divisional Forest Officer
Athamallik Forest Division

### ଏକାମ୍ର ରେସିଡେନ୍ସି: ଆବେଦନକାରୀ ଫେରସ୍ତ ପାଇବେ ଆବେଦନ ରାଶି

# ଶୀଘ୍ର କାର୍ଯ୍ୟକାରୀ ହେବ ୧୦ଟି ସହର ପରିକଳ୍ପନା ଯୋଜନା



ଭୁବନେଶ୍ୱର,୧୪।୧୦ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସୁବୁଦ୍ଧିପୁରସ୍ଥିତ 'ଏକାମ୍ର ରେସିଡେନ୍ସି' ଆବାସିକ ପ୍ରକଳ୍ପ ପାଇଁ ଧାର୍ଯ୍ୟ ୧୦,୦୦୦ ଟଙ୍କାର ଆବେଦନ ଶୁଳ୍କକୁ ଫ୍ଲାଟ୍‌ର ମୂଲ୍ୟ ସହ ସମାୟୋଜିତ କରିବାକୁ ନିଷ୍ପତ୍ତି ନେଇଛି। ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ବିଡିଏ ଅଧ୍ୟକ୍ଷ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ତ୍ତୃପକ୍ଷଙ୍କ ୧୫୩ତମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

କର୍ତ୍ତୃପକ୍ଷଙ୍କ ଅନୁମୋଦନ ଅନୁଯାୟୀ, ସଫଳ ଆବେଦନକାରୀଙ୍କ କ୍ଷେତ୍ରରେ ଏହି ଅର୍ଥରାଶି

### ଡ୍ରେନ୍ ନଂ.୧୦ ଉପରେ ଲେକ୍ ଜୋନ୍ ବିକାଶ ପାଇଁ ଅନୁମୋଦନ

ଯୋଜନା ଅଧୀନରେ ଫ୍ଲାଟ୍‌ର ମୂଲ୍ୟ ବାବଦ ଦେୟ ସହ ସମାୟୋଜିତ କରାଯିବ। ଯେଉଁ ଆବେଦନକାରୀ ଆବଣ୍ଟନ ପ୍ରକ୍ରିୟାରେ ସଫଳ ହେବେ ନାହିଁ, ସେମାନଙ୍କୁ ଜମା କରାଯାଇଥିବା ସମୁଦାୟ ୨ ଲକ୍ଷ ୧୦ ହଜାର ଟଙ୍କା ଫେରସ୍ତ କରାଯିବ। ଆବାସ ଯୋଜନା ଅଧୀନରେ ଚୟନିତ ସଫଳ ଆବେଦନକାରୀଙ୍କୁ ସାମଗ୍ରୀ ଓ ସେବା କର (ଜିଏସଟି)ରୁ ମୁକ୍ତ କରାଯିବା ସହ ଷ୍ଟାମ୍ପ ଡ୍ୟୁଟିରେ ୫ ପ୍ରତିଶତ ଛାଡ଼ କରାଯିବ। ଯୋଜନା ଅଧୀନରେ ନିର୍ମାଣାଧୀନ ଫ୍ଲାଟଗୁଡ଼ିକ ସ୍ଥାନାନ୍ତର ପାଇଁ ପ୍ରସ୍ତୁତ ଥିବା ବେଳେ ସେଗୁଡ଼ିକ ଫ୍ରିହୋଲ୍ଡ ଭିତ୍ତିରେ ଉପଲବ୍ଧ ହେବ। ଏଥିସହ ଆବଣ୍ଟନକାରୀମାନେ ଏକ ବର୍ଷ ପାଇଁ ମାଗଣା ରକ୍ଷଣାବେକ୍ଷଣ ସୁବିଧା ପାଇବେ। ଏହି ଯୋଜନା ଅଧୀନରେ ଫ୍ଲାଟ ଆବଣ୍ଟନ ପାଇଁ ଆବେଦନ ପ୍ରକ୍ରିୟା ବର୍ତ୍ତମାନ ଜାରି ରହିଛି। ଆଗ୍ରହୀ ଆବେଦନକାରୀମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଆବେଦନ କରିପାରିବେ।

ସୁବୁଦ୍ଧିପୁରରେ ୭.୩୬ ଏକର ବିସ୍ତୃତ ଜମି ଉପରେ ଏକାମ୍ର ରେସିଡେନ୍ସି ପ୍ରକଳ୍ପ ନିର୍ମିତ ହୋଇଛି। ଏଥିରେ ୩ଟି ଟାୱାର ରହିଛି, ଯାହା ପ୍ରଶସ୍ତ ଦୁଇ ଶୟନ କକ୍ଷ ଓ ଦୁଇ ଶୟନ କକ୍ଷ ସହ ଅଧ୍ୟୟନ କକ୍ଷ ବିଶିଷ୍ଟ ଆପାର୍ଟମେଣ୍ଟ ପ୍ରଦାନ କରୁଛି। ଏହି ଆଧୁନିକ ବାସଗୃହ ପ୍ରକଳ୍ପ ଏକ ସ୍ଥାୟୀ ଓ ସୁବିଧାଯୁକ୍ତ ଜୀବନଯାପନ ଅଭିଜ୍ଞତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଡିଜାଇନ୍ କରାଯାଇଛି। ନିର୍ମାଣରେ ଆରସିସି ଫ୍ରେମ୍ଡ ଭୂମିକମ୍ପପ୍ରତିରୋଧୀ ବ୍ୟବସ୍ଥା ରହିଥିବା ସହ ଖୋଲା ସ୍ଥାନ, ସୁଇମିଂ ପୁଲ, ଜିମ୍ନାଜିୟମ୍, କମ୍ୟୁନିଟି ହଲ୍, ପିଲାମାନଙ୍କ ଖେଳ ପଡିଆ ଏବଂ ଜଗିଂ ଟ୍ରାକ୍ ରହିଛି। ଏଥିସହ ବାସିନ୍ଦାଙ୍କ ପାଇଁ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ, ୱାଟର ରିଚାର୍ଜ ବ୍ୟବସ୍ଥା, ପାୱାର ବ୍ୟାକଅପ୍, ସିସିଟିଭି ନିରୀକ୍ଷଣ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସହାୟକ ଭିତ୍ତିଭୂମି ଭଳି ସୁରକ୍ଷିତ ଓ ସ୍ୱାସ୍ଥ୍ୟପ୍ରଦ ବାତାବରଣ ସୃଷ୍ଟି କରାଯାଇଛି। ପ୍ରକଳ୍ପଟି ଆଧୁନିକ ସହରୀ ଜୀବନଧାରା ସହ ପ୍ରାକୃତିକ ସନ୍ତୁଳନ ରକ୍ଷା କରିବା ଉଦ୍ଦେଶ୍ୟରେ ବିକଶିତ ହୋଇଛି।

ସେହିପରି ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ମୌଜାର ମୋଟ ୧,୮୧୫ ଏକର ଜମି ଉପରେ ହେବାକୁ ଥିବା ୧୦ଟି ଟାଉନ୍ ପ୍ଲାନିଂ (ଟିପି) ସ୍କିମ୍‌ର କାର୍ଯ୍ୟାନ୍ୱୟନ ଉପରେ ବୈଠକରେ ଆଲୋଚନା ହୋଇଛି। ଟିପି-୩୨ରୁ ଟିପି ୪୧ ପର୍ଯ୍ୟନ୍ତ ଟାଉନ୍ ପ୍ଲାନିଂ ସ୍କିମ୍‌ଗୁଡ଼ିକ ଶୀଘ୍ର କାର୍ଯ୍ୟାନ୍ୱୟନ ହେବ। ଏଥିସହ ବିଦ୍ୟୁତ୍ ମାର୍ଗ ଓ ସଚିବାଳୟ ମାର୍ଗ ମଧ୍ୟରେ ଥିବା ଡ୍ରେନ୍ ନଂ-୧୦ କଡ଼ରେ 'ଲେକ୍ ଜୋନ୍-୧' ର ବିକାଶ ପାଇଁ କର୍ତ୍ତୃପକ୍ଷ ପ୍ରଶାସନିକ ଅନୁମୋଦନ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପର ଅନ୍ୟତମ ମୁଖ୍ୟ ଅଂଶ ଭାବରେ ଦୈନିକ ୧୨ ନିୟୁତ ଲିଟର କ୍ଷମତାବିଶିଷ୍ଟ ଏକ ବର୍ଜ୍ୟଜଳ ବିଶୋଧନ କେନ୍ଦ୍ର (ଏସଟିପି) ସ୍ଥାପନ ପାଇଁ ପ୍ରସ୍ତାବ ଦିଆଯାଇଛି।

### ନନ୍ଦନକାନନ ପାଇଁ ଖୁସି ଖବର

# ପ୍ରଥମ ଥର ପାଇଁ ମା' ହେଲା ସିଂହୀ ଶ୍ରେୟା



ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ): ନନ୍ଦନକାନନକୁ ଆସିଲା ନୂଆ ଅତିଥି। ପ୍ରଥମ ଥର ପାଇଁ ମା' ହେଲା ସିଂହୀ ଶ୍ରେୟା। ଗୋଟିଏ ଶାବକକୁ ଜନ୍ମ ଦେଇଛି ଶ୍ରେୟା। ଶାବକକୁ ନନ୍ଦନକାନନର ଶିଶୁ ଲାଳନପାଳନ କେନ୍ଦ୍ରରେ ରଖାଯାଇଛି। କିନ୍ତୁ ସିଂହୀ ଶ୍ରେୟା ଛୁଆକୁ ଗ୍ରହଣ କରିନାହିଁ। ପ୍ରଥମ ଥର ପାଇଁ ମା' ହୋଇଥିବାରୁ ତା' ନିକଟରେ ମାତୃସୁଲଭ ଆଚରଣ ଦେଖିବାକୁ ମିଳିନାହିଁ। ସିଂହୀ ଶ୍ରେୟା ମା' ହେବା ପରେ ବର୍ତ୍ତମାନ ନନ୍ଦନକାନନରେ ସିଂହ ସଂଖ୍ୟା ୨୩କୁ ବୃଦ୍ଧି ପାଇଛି। ଶାବକର ଖାଦ୍ୟ ଓ ସ୍ୱାସ୍ଥ୍ୟ ଉପରେ ଡାକ୍ତରୀ ଟିମ୍ ନଜର ରଖିଛି। ସୂଚନାଯୋଗ୍ୟ ଯେ ଗତ ମାସରେ ମା' ହୋଇଥିଲା ସିଂହୀ ମାୟା। ପ୍ରଥମ ଶାବକ ରାତି ପ୍ରାୟ ୨ଟା ୪୧ ମିନିଟ୍‌ରେ ଜନ୍ମ ହୋଇଥିଲା। ସେହିପରି ଦ୍ୱିତୀୟ ଶାବକଟି ଭୋର୍ ୫ଟା ୪୯ ମିନିଟ୍ ସମୟରେ ଜନ୍ମ ହୋଇଥିଲା। ତେବେ ପ୍ରଥମ ଶାବକଟି ମୃତ ଜନ୍ମ ହୋଇଥିବା ବେଳେ ଅନ୍ୟଟି ସୁସ୍ଥ ଥିଲା। ଉଭୟ ମା' ଓ ଶାବକକୁ ନନ୍ଦନକାନନର ବରିଷ୍ଠ ପ୍ରାଣୀ ଚିକିତ୍ସକଙ୍କ ନିରୀକ୍ଷଣରେ ରଖାଯାଇଥିଲା। ସେହିପରି ସିଂହୀ ମାୟା ମଧ୍ୟ ତା'ର ଛୁଆକୁ ଗ୍ରହଣ କରି ନ ଥିଲା। ଫଳରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଶାବକଟିକୁ ନନ୍ଦନକାନନର ଶିଶୁ ଲାଳନପାଳନ କେନ୍ଦ୍ରକୁ ସ୍ଥାନାନ୍ତରଣ କରାଯାଇଥିଲା। ସେଠାରେ ଶାବକକୁ କ୍ଷୀର ଦିଆଯାଇ ତାପମାତ୍ରା ନିୟନ୍ତ୍ରଣ କୋଠରୀ ମଧ୍ୟରେ ରଖାଯାଇଥିଲା। କିନ୍ତୁ କିଛି ଦିନ ଭିତରେ ଆଖି ବୁଜିଥିଲେ ନବଜନ୍ମିତ ସିଂହ ଶାବକ।

### ● ସିଆରପି ଛକ ନିକଟରେ ଦୁର୍ଘଟଣା

## କାର୍ ଧକ୍କାରେ ଜଣେ ଗୁରୁତର



ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ): ଭୁବନେଶ୍ୱରର ସିଆରପି ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତ ଗତିରେ ଆସୁଥିବା ଏକ କାର୍ ଧକ୍କାରେ ପ୍ରାୟ ୫୫ ବର୍ଷ ବୟସର ଜଣେ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା କାର୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଆହତ ବ୍ୟକ୍ତି ଜଣଙ୍କ ତାଙ୍କ କାର୍‌ରେ ସିଆରପି ଛକ ନିକଟକୁ ଆସିଥିଲେ। ସେଠାରେ ନିଜ କାର୍ ରଖି ସେ ରାସ୍ତାର ଅପର ପାର୍ଶ୍ୱରେ ଥିବା ଏକ ମିଠା ଦୋକାନରୁ ମିଠା କିଣିଥିଲେ। ମିଠା କିଣିବା ପରେ ସେ ଚାଲି ଚାଲି ନିଜ କାର୍ ନିକଟକୁ ଫେରୁଥିବା ସମୟରେ ଏକ ଦ୍ରୁତ ଗତିରେ ଆସୁଥିବା କାର୍ ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ତାଙ୍କ ମୁଣ୍ଡ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରିବା ସହ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ତେବେ ଆହତ ବ୍ୟକ୍ତିଙ୍କ ପରିଚୟ ଏଯାବତ୍ ମିଳିପାରିନାହିଁ। ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା କାର୍‌କୁ ଚିହ୍ନଟ କରିବା ପାଇଁ ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଆରମ୍ଭ କରିବ ବୋଲି ସୂଚନା ଦେଇଛି।

## ଗୁଟ୍‌ଖା ଗାଡ଼ି ଅଟକାଇ ଡକାୟତି ଘଟଣାରେ ୫ ଗିରଫ

ଲକ୍ଷ୍ମୀପୁର,୧୪।୧୦(ସଂଚାର ବ୍ୟୁରୋ): ଗୁଟ୍‌ଖା ଗାଡ଼ି ଅଟକାଇ ଡକାୟତି ଘଟଣାରେ ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ବ୍ରହ୍ମପୁରରୁ ତମାଖୁ ଗୁଟ୍‌ଖା ନେଇ ଜୟପୁର ଯାଉଥିବା ଏକ ପିକ୍‌ଅପ୍ ଗାଡ଼ିକୁ ଅଟକାଇ ଡକାୟତି କରାଯାଇଥିବା ବେଳେ ଏହି ଘଟଣାରେ କାକିରିଗୁମ୍ମା ପୁଲିସକୁ ସଫଳତା ମିଳିଛି। ବିପୁଳ ପରିମାଣର ତମାଖୁ ସହ ଗାଡ଼ି, ମୋବାଇଲ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଗାଡ଼ିଟି ଜୟପୁର ଯାଉଥିବା ବେଳେ ୩ଟି ମୋଟର ସାଇକେଲରେ ଆସିଥିବା ଦୁର୍ବୃତ୍ତ ଗାଡ଼ିକୁ ଅଟକାଇ ଡ୍ରାଇଭରଙ୍କୁ ଭୟଭୀତ କରି ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେମାନଙ୍କଠାରୁ ଦୁର୍ବୃତ୍ତମାନେ ଦୁଇଟି ମୋବାଇଲ୍ ଫୋନ୍, ନଗଦ ୭ ହଜାର ୫ ଶହ ଟଙ୍କା ଓ ଗୋଟିଏ ଜିପିଏସ୍ ମେସିନ୍ ନେଇଯାଇଥିଲେ। ପରେ ଦୁର୍ବୃତ୍ତମାନେ ଗୁଟଖା ବୋଝେଇ ଥିବା ପିକ୍‌ଅପ୍ ଗାଡ଼ିକୁ ଦାମନଯୋଡ଼ି ବେଜାପୁଟ ନିକଟକୁ ନେଇ ଅନ୍ୟ ଏକ ପିକ୍‌ଅପ୍ ଗାଡ଼ିରେ ଗୁଟଖା ଅନଲୋଡ୍ କରିଥିଲେ। ପରେ ସେମାନେ ଏହାକୁ ଜୟପୁରର ଜଣେ ବ୍ୟବସାୟୀଙ୍କ ନିକଟକୁ ନେଇ ବିକ୍ରି କରିଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତଙ୍କଠାରୁ ବିଭିନ୍ନ ସାମଗ୍ରୀ ମଧ୍ୟ ଜବତ କରିଛି।

### ସମ୍ ହସ୍ପିଟାଲ ମୁଖ୍ୟ ରାସ୍ତାରେ କଳା ସ୍କର୍ପିଓ ଆତଙ୍କ

## ଘଟଣାସ୍ଥଳରେ ୨ ମୃତ, ୪ ଗୁରୁତର



ଭୁବନେଶ୍ୱର,୧୪।୧୦ (ସଂଚାର ବ୍ୟୁରୋ): ମୃତ୍ୟୁର ତାଣ୍ଡବ ରଚିଲା ସ୍କର୍ପିଓ। ରାଜଧାନୀରେ ପୁଣି ହିଟ୍ ଆଣ୍ଡ ରନ୍ ମାମଲା। ସମ୍ ହସ୍ପିଟାଲ ମୁଖ୍ୟ ରାସ୍ତାରେ ଏକ କଳା ସ୍କର୍ପିଓରେ ଆତଙ୍କ ଦେଖିବାକୁ ମିଳିଛି। ଭରତପୁର ଥାନା ସାମପୁର ଅଞ୍ଚଳରେ ଏହି ସ୍କର୍ପିଓ ଘଟାଇଛି ସିରିଜ ଦୁର୍ଘଟଣା, ଯେଉଁଥିରେ ଉକ୍ତ ଗାଡ଼ି ୧୦ରୁ ଉର୍ଦ୍ଧ୍ୱ ଗାଡ଼ିକୁ ଧକ୍କା ଦେଇଛି। ଫଳତଃ ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମାମଲାରେ ଡ୍ରାଇଭରକୁ ଭରତପୁର ଥାନା ପୁଲିସ୍ ଅଟକ ରଖି ତଦନ୍ତ ଚଳାଇଛି। ସେହିପର ଖବର ପାଇ ଦୁର୍ଘଟଣାସ୍ଥଳରେ ପହଞ୍ଚିଛନ୍ତି ଭୁବନେଶ୍ୱର ଡିସିପି ଡାକ୍ତର ସର୍ବଣା ବିବେକ ଏମ୍। ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ସହ ସେ ସ୍ଥିତିକୁ ନିୟନ୍ତ୍ରଣାଧୀନ କରିଛନ୍ତି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବେଳେ ଖବର ପାଇବାର ମାତ୍ର ୫ ମିନିଟ୍ ମଧ୍ୟରେ ପୁଲିସ ପହଞ୍ଚିଥିବା ଡିସିପି ଡାକ୍ତର ସର୍ବଣା କହିଛନ୍ତି। ଘଟଣାସ୍ଥଳରେ ବ୍ୟାପକ ପୁଲିସ ମୁତୟନ କରାଯାଇ ସ୍ଥିତିକୁ ନିୟନ୍ତ୍ରଣକୁ ଅଣାଯାଇଛି। ସେପଟେ ଦୁର୍ଘଟଣା ପରେ ଉତ୍ୟକ୍ତ ସ୍ଥାନୀୟ ଲୋକେ ଗାଡ଼ି ଚାଳକଙ୍କୁ ଆକ୍ରମଣ କରିଥିବା ସୂଚନା ମିଳିଛି। ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି।

## ହାତୀ ଆକ୍ରମଣରେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

ବଡ଼ବିଲ,୧୪।୧୦(ସଂଚାର ବ୍ୟୁରୋ): ଚମ୍ପୁଆ ରେଞ୍ଜ ଅଧୀନସ୍ଥ ଉଖୁଣ୍ଡା ସେକ୍ସନ ସିଲିପୁଞ୍ଜି ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କର ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣଙ୍କ ବାରିଆ ଥାନା ଅନ୍ତର୍ଗତ ମଣ୍ଡମା ଗ୍ରାମର କେଦାର ମହାନ୍ତଙ୍କ ପୁଅ ଆକାଶ ମହାନ୍ତ (୧୪) ବୋଲି ଜଣାପଡ଼ିଛି। ଗତ କିଛି ଦିନ ଧରି ଚମ୍ପୁଆ ରେଞ୍ଜର୍ ମଙ୍ଗଳପୁର ଓ କାଶୀପାଳ ଜଙ୍ଗଲରେ ଏକ ୨୫ଟିକିଆ ହାତୀପଲ ଡେରା ପକାଇ ରହିଥିଲେ। ସନ୍ଧ୍ୟା ହେଲେ ଏହି ପଲ ଗାଁମୁହାଁ ହେଉଥିବାରୁ ସ୍ଥାନୀୟ ଚାଷୀ ଓ ଲୋକଙ୍କ ନିଦ ହଜିଯାଇଥିଲା। ଏହି ସମୟରେ କିଛି ସ୍ଥାନୀୟ ଯୁବକ ହାତରେ ଠେଙ୍ଗାବାଡ଼ି ଓ ମୋବାଇଲ୍ ଧରି ହାତୀପଲ ପଛରେ ଗୋଡ଼ାଇବା ଓ ସେଲ୍‌ଫି-ଭିଡିଓ ଉଠାଇବାର ଏକ ଦୁଃସାହସିକ ଦୃଶ୍ୟ ସାମ୍ନାକୁ ଆସିଥିଲା, ଯାହା ସୋସିଆଲ ମିଡିଆରେ ଭାଇରାଲ ହୋଇ ଚର୍ଚ୍ଚାର ବିଷୟ ପାଲଟିଥିଲା। ବନ ବିଭାଗ ପକ୍ଷରୁ ସାଧାରଣ ଲୋକଙ୍କୁ ହାତୀଙ୍କ ନିକଟକୁ ନ ଯିବା ପାଇଁ ଲଗାତାର ସତର୍କ କରାଉଥିଲେ ମଧ୍ୟ ଏହି ଅମାନିଆ ଯୁବକମାନେ ତାହାକୁ ଖାତିର କରୁ ନ ଥିଲେ। ଏହି ହାତୀପଲ ଗତକାଲି ରାତିରେ ସିଲିପୁଞ୍ଜି ଜଙ୍ଗଲ ଆଡ଼କୁ ଚାଲିଯାଇଥିଲେ। ତେବେ ଆଜି ପୂର୍ବାହ୍ନରେ କିଛି ଲୋକ ହାତୀ ଦେଖିବାକୁ ଜଙ୍ଗଲ ଭିତରକୁ ଯାଇଥିବା ବେଳେ ମଣ୍ଡମା ଗ୍ରାମର ଆକାଶ ମହାନ୍ତ ମଧ୍ୟ ସେଠାକୁ ଯାଇଥିଲେ। କିନ୍ତୁ ଅସାବଧାନତା ଯୋଗୁଁ ଆକାଶ ଏକ ଦନ୍ତା ହାତୀ ସାମ୍ନାରେ ପଡ଼ିଯାଇଥିଲେ। ଉତ୍ୟକ୍ତ ହାତୀଟି ଆକାଶଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ବନ କର୍ମଚାରୀ ତୁରନ୍ତ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ।

ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଆକାଶ ଝୁମ୍ପୁରା ବ୍ଲକ ଗୁଣ୍ଡୁଣିଆ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ବୋଲି ଜଣାପଡିଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। କେବଳ ମୋବାଇଲ୍ ଭିଡିଓ, ସେଲ୍‌ଫି ନିଶା ଓ ଅସାବଧାନତା ଯୋଗୁଁ ଏପରି ଅପୂରଣୀୟ କ୍ଷତି ଘଟିଥିବା ବେଳେ ବନ୍ୟଜନ୍ତୁ ସୁରକ୍ଷା ଆଇନକୁ ଉଲ୍ଲଂଘନ କରୁଥିବା ତଥା ହାତୀଙ୍କୁ ଉତ୍ୟକ୍ତ କରୁଥିବା ଅମାନିଆଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦୃଢ଼ ଦାବି ହୋଇଛି।

### ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକା

# ସ୍ଥାନ ପାଇଛନ୍ତି ସୋଆର ୩୮ ଗବେଷକ



ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ): ଆମେରିକାର ସମ୍ମାନଜନକ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଓ ନେଦରଲାଣ୍ଡ୍‌ସର ପ୍ରମୁଖ ଶିକ୍ଷା ଓ ଗବେଷଣା ପ୍ରକାଶନ ସଂସ୍ଥା ଏଲସେଭିୟର ପକ୍ଷରୁ ପ୍ରକାଶିତ ୨୦୨୬ର ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ୩୮ ଜଣ ଗବେଷକ ସ୍ଥାନ ପାଇଛନ୍ତି। ତାଲିକାରେ ଗବେଷକଙ୍କୁ ଦୁଇଟି ବର୍ଗରେ ଅର୍ଥାତ୍ କ୍ୟାରିୟର ଲଙ୍ଗ ଇମ୍ପାକ୍ଟ ଲିଷ୍ଟ (ସାମଗ୍ରିକ ଗବେଷଣା ଜୀବନର ପ୍ରଭାବ) ଓ ସିଙ୍ଗଲ ଇୟର ଇମ୍ପାକ୍ଟ ଲିଷ୍ଟ (ଗୋଟିଏ ବର୍ଷର ଗବେଷଣାତ୍ମକ ପ୍ରଭାବ) ସ୍ଥାନିତ କରାଯାଇଛି। ସୋଆର ୩୮ ଜଣ ଗବେଷକଙ୍କ ମଧ୍ୟରୁ ୩୫ ଜଣ ସିଙ୍ଗଲ ଇୟର ଇମ୍ପାକ୍ଟ ଲିଷ୍ଟ ତାଲିକାରେ ଓ ୨୦ ଜଣ କ୍ୟାରିୟର ଲଙ୍ଗ ଇମ୍ପାକ୍ଟ ଲିଷ୍ଟ ତାଲିକାରେ ସ୍ଥାନ ପାଇଛନ୍ତି। ତାଲିକାରେ ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ତଥା ସୋଆର ପ୍ରମୁଖ ପରାମର୍ଶଦାତା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ଓ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ମଲ୍ଟି-ଡିସିପ୍ଲିନାରୀ ରିସର୍ଚ୍ଚ ସେଲ୍‌ର ପୂର୍ବତନ ନିର୍ଦ୍ଦେଶକ ସ୍ୱର୍ଗତ ପ୍ରଫେସର ପ୍ରଦୀପ୍ତ କୁମାର ଦାଶ ସ୍ଥାନ ପାଇଛନ୍ତି। ଗବେଷକମାନଙ୍କୁ ସୋଆ ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଅଭିନନ୍ଦନ ଜଣାଇଛନ୍ତି।

ଏହାଛଡ଼ା ନାନୋ ସାଇନ୍ସେସ୍ ଆଣ୍ଡ ନାନୋ ଟେକ୍ନୋଲୋଜି କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର କୁଳମଣି ପରିଡ଼ା, ବାୟୋଫ୍ୟୁଏଲ୍ସ ବାୟୋପ୍ରୋସେସିଂ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଲାଲା ବିହାରୀ ଶୁକ୍ଳା, ସେଣ୍ଟର ଫର ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚର ନିର୍ଦ୍ଦେଶକ ପ୍ରଫେସର ହୃଦୟନାଥ ଥାଟୋଇ, ସେଣ୍ଟର୍ ଫର ବାୟୋଟେକ୍ନୋଲୋଜିର ମୁଖ୍ୟ ପ୍ରଫେସର ସଂଘମିତ୍ରା ନାୟକ, ଏସ୍‌ପିଏସ୍‌ର ପ୍ରଫେସର ଗୌତମ ରଥ ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର କେନ୍ଦ୍ରୀୟ ଗବେଷଣାଗାରର ପ୍ରଫେସର ରବୀନ୍ଦ୍ରନାଥ ପାଢ଼ୀ ତାଲିକାରେ ରହିଛନ୍ତି।

ସେହିପରି ଆଇଟିଇଆରରୁ ସ୍ଥାନ ପାଇଥିବା ଗବେଷକ ହେଲେ ପ୍ର. ଆରଏନ୍‌ପି. ଚୌଧୁରୀ, ପ୍ର. ମନୋହର ମିଶ୍ର, ପ୍ର. ସତ୍ୟରଞ୍ଜନ ମିଶ୍ର, ପ୍ର. ରଶ୍ମି ଆଚାର୍ଯ୍ୟ, ପ୍ର. ତାପସ ରଞ୍ଜନ ରାଉତରାୟ, ପ୍ର. ବିନୋଦ କୁମାର ସାହୁ, ପ୍ର. ରେଣୁ ଶର୍ମା, ପ୍ର. ନିହାରବାଳା ଦେବୀ, ପ୍ର. ପିଜିଆର ଆଚାରୀ, ଡ. ଲୋପାମୁଦ୍ରା ଆଚାର୍ଯ୍ୟ, ଡ. ସତ୍ୟବ୍ରତ ସୁବୁଦ୍ଧି, ଡ. ଶେଖର ଚନ୍ଦ୍ର ରାୟ, ଡ. ଶୁଭଶ୍ରୀ ଚୌଧୁରୀ, ଡ. ସନ୍ତୋଷ କୁମାର ପରିଡ଼ା, ଡ. ରାହୁଲ ପ୍ରିୟଦର୍ଶୀ, ଡ. ଦେବାଶିଷ ପଣ୍ଡା, ଡ. ସୁଧାଂଶୁ ଶେଖର ହୋତା, ଡ. ରୂପା ବଇଠାଲୁ, ଡ. ସୁସଙ୍ଗିନୀ ନାୟକ, ଡ. ସୁଭଜିତ ପଣ୍ଡା, ଡ. ସୁଲଗ୍ନା ପଟ୍ଟନାୟକ, ଡ. ଦୀପ୍ତିପ୍ରଭା ସାହୁ, ଡ. ଦେବବ୍ରତ ପ୍ରଧାନ ଓ ଡ. ସୁରେଶ କୁମାର ପାତ୍ର ଏବଂ ସେଂଟର ଫର ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚର ଆଡ୍‌ଜଙ୍କ୍ଟ ପ୍ରଫେସର ରମେଶ ଚନ୍ଦ୍ର ରାୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍ସେସ୍‌ର ପ୍ରଫେସର ଜ୍ଞାନରଞ୍ଜନ ରାଉତ, ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସେସ୍‌ର ପ୍ରଫେସର ଅମିତ କୁମାର ନାୟକ, ଡକ୍ଟର ବିନୀତ କୁମାର ରାୟ ଓ ଡକ୍ଟର ଜର୍ଜ କେରୀ ରାଉତ ଏବଂ ସେଣ୍ଟର୍ ଫର୍ ବାୟୋଟେକ୍ନୋଲୋଜିର ଡକ୍ଟର ସୁଯୋଗ୍ୟ କୁମାର ପଣ୍ଡା।

### ୪୩ଟିକିଆ ହାତୀପଲ ଆତଙ୍କ

## ଘର ଭାଙ୍ଗିବା ସହ ନଷ୍ଟ କରୁଛନ୍ତି ବ୍ୟାପକ ଫସଲ



ଯୋଡ଼ା,୧୪।୧୦(ସଂଚାର ବ୍ୟୁରୋ): ଚମ୍ପୁଆ ରେଞ୍ଜରେ ୪୩ଟିକିଆ ହାତୀପଲ। ଚାରି ଭାଗରେ ବିଭକ୍ତ ହୋଇ ଉତ୍ପାତ ମଚାଇଛନ୍ତି। ଚମ୍ପୁଆ ରେଞ୍ଜ୍‌ରେ କିଛିଦିନ ହେବ ୨୫ଟିକିଆ ହାତୀପଲ ଡେରା ପକାଇବା ସହ ଫସଲ ନଷ୍ଟ କରିଚାଲିଛନ୍ତି। ପୂର୍ବରୁ ୨୫ଟିକିଆ ହାତୀପଲ ଥିବା ବେଳେ ଆଜି ସକାଳୁ ଚାରି ଭାଗରେ ୪୩ଟିକିଆ ହାତୀପଲ ଦେଖିବାକୁ ମିଳିଛି। ଚମ୍ପୁଆ ରେଞ୍ଜ୍‌ର ବିଭିନ୍ନ ସେକ୍ସନରେ ୪ ଭାଗରେ ବିଭକ୍ତ ହୋଇ ହାତୀପଲ ବ୍ୟାପକ କ୍ଷୟକ୍ଷତି କରିବା ସହ ଲୋକଙ୍କ ନିଦ ହଜାଇ ଦେଇଛନ୍ତି। ଘର ଭାଙ୍ଗିବା ସହ ହାତୀପଲ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି, ଯାହା ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି ଚମ୍ପୁଆ ରେଞ୍ଜ୍‌ର ଉଖୁଣ୍ଡା ସେକ୍ସନରେ ୨୬ଟିକିଆ ହାତୀପଲ କୁସୁମନାଳି ଜଙ୍ଗଲରେ ଥିବା ବେଳେ ସନ୍ଧ୍ୟା ହେଲା ମାତ୍ରେ ସେମାନେ ଗାଁମୁହାଁ ହୋଇ ଆଖପାଖ ଗାଁରେ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଚମ୍ପୁଆ ସେକ୍ସନ୍‌ର ରଜିଆ ଜଙ୍ଗଲରେ ଗୋଟିଏ ହାତୀ ରହିଛି। ବାଲିବନ୍ଧ ସେକ୍ସନର ଚମକପୁର ଜଙ୍ଗଲରେ ୧୦ଟିକିଆ ହାତୀପଲ ଦୀର୍ଘଦିନ ହେବ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ସେହିଭଳି ସାନଯୋଡ଼ା ଗାଁରେ ୬ଟିକିଆ ହାତୀପଲ ଉତ୍ପାତ ମଚାଇଛନ୍ତି। ବନ ବିଭାଗର ବିଫଳତା ଯୋଗୁଁ ହାତୀପଲ ଚମ୍ପୁଆ ରେଞ୍ଜ ଛାଡ଼ି ଯାଉ ନ ଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ।

## ଜଙ୍ଗଲ ଜମିରେ ବେଆଇନ ପଥର ଖାଦାନ, ବନ ବିଭାଗର ଚଢ଼ାଉ




ରାଉରକେଲା,୧୪।୧୦(ସଂଚାର ବ୍ୟୁରୋ): ପଥର ଖାଦାନରେ ଚଢ଼ାଉ ହୋଇଛି। ଜଙ୍ଗଲ ଜମିରେ ବେଆଇନ ଭାବେ ଚାଲିଥିବା ପଥର ଖାଦାନ ଉପରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ରାଉରକେଲା ଫର୍ଟିଲାଇଜର ଓ ଟାଙ୍ଗରପାଲ୍ଲୀ ଅଞ୍ଚଳରେ ଥିବା ଏହି ପଥର ଖାଦାନରୁ ପଥର ଉତ୍ତୋଳନ କରି ଚିପ୍ ତିଆରି ପାଇଁ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଏକ ଘରୋଇ କମ୍ପାନୀକୁ ପ୍ରଶାସନ ପକ୍ଷରୁ ଦିଆଯାଇଥିଲା। ତେବେ ପ୍ରଶକ୍ତିକରଣ କାର୍ଯ୍ୟ ସରିବା ପରେ ମଧ୍ୟ ସେହି ଖାଦାନରୁ ପଥର ଉତ୍ତୋଳନ ପାଇଁ ଖଣି ବିଭାଗ କାହାକୁ ଅନୁମତି ଦେଇ ନଥିଲା। ଖବର ପାଇ ପାନପୋଷ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ସେହି ଖାଦାନରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଲୋକେ ଖାଦାନ ପରିଚାଳନା ପାଇଁ କୌଣସି ବୈଧ କାଗଜପତ୍ର କିମ୍ବା ଖଣି ବିଭାଗର ଅନୁମତିପତ୍ର ଦେଖାଇ ପାରି ନ ଥିଲେ। ପରେ ବନ କର୍ମଚାରୀମାନେ ପଥର ପରିବହନ ଓ ଉତ୍ତୋଳନରେ ବ୍ୟବହୃତ ହେଉଥିବା କ୍ରସର, ଜେସିବି, ଡମ୍ପର ଓ ଅନ୍ୟାନ୍ୟ ଯାନବାହନକୁ ଜବତ କରିଛନ୍ତି।

### ଭୋଟ୍ ଆଗରୁ କ୍ୟାମ୍ପସରେ ହିଂସା

# ବାଣୀ ବିହାର କନ୍‌ଭେନସନ୍ ହଲ୍ ପାଲଟିଲା ରଣକ୍ଷେତ୍ର



ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ): ରାତି ପାହିଲେ ଛାତ୍ର ସଂସଦ ନିର୍ବାଚନ। କିନ୍ତୁ ତା' ପୂର୍ବରୁ ରାଜ୍ୟର ବିଭିନ୍ନ କ୍ୟାମ୍ପସରେ ଦେଖିବାକୁ ମିଳିଛି ଖଣ୍ଡଯୁଦ୍ଧ। ଏସବୁ ଭିତରେ ସବୁ ସୀମା ଟପିଯାଇଥିଲା ଉତ୍କଳ ବିଶ୍ୱବିଦ୍ୟାଳୟର ସଂଘର୍ଷ। ଆଜି ହ୍ୱାଏ ଆଇ ଷ୍ଟାଣ୍ଡ ଫର ମିଟିଂ ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟର କନ୍‌ଭେନ୍‌ସନ୍ ହଲ୍ ପାଲଟି ଯାଇଥିଲା ରଣକ୍ଷେତ୍ର। ହାତରେ ଯିଏ ଯାହା ପାଇଲା ଛିନଛତ୍ର କଲା। କାହାର ଓଠ ଖଣ୍ଡିଆ ହେଲା ତ ଆଉ କାହାର ଗୋଡ଼ହାତ। ବିସିଜେଡି ପ୍ରାର୍ଥୀ କନଭେନସନ୍ ହଲକୁ ପଶିବା ପୂର୍ବରୁ ଏବିଭିପି ସମର୍ଥକମାନେ ସବୁ ଚେୟାର ଦଖଲ କରିସାରିଥିଲେ। ଏହାକୁ ନେଇ ବଚସାରୁ ୨ ଗୋଷ୍ଠୀଙ୍କ ସଂଘର୍ଷରେ ରଣକ୍ଷେତ୍ର ପାଲଟିଯାଇଥିଲା ପୂରା କନ୍‌ଭେନ୍‌ସନ୍ ହଲ୍। ଶେଷରେ ପୁଲିସ ଫୋର୍ସ ଧରି ପହଞ୍ଚିଥିଲେ ଡିସିପି ସର୍ବଣା ବିବେକ ଏମ୍। ଆଉ ଷ୍ଟେଜ୍ ଉପରକୁ ଚଢ଼ି ଅଣଛାତ୍ରଙ୍କୁ ହଲ୍ ଭିତରୁ ୧୦ ମିନିଟ୍ ଭିତରେ ବାହାରିଯିବାକୁ ମାଇକରେ ଚେତାବନୀ ଦେଇଥିଲେ। କିଛି ସମୟ ଭିତରେ ନିଜେ ପୁଲିସ କମିଶନର ବି ପହଞ୍ଚିଥିଲେ। ଶେଷରେ ୩ ଘଣ୍ଟାର କସରତ ପରେ ଶାନ୍ତ ପଡ଼ିଥିଲା କ୍ୟାମ୍ପସ। ଅପରାହ୍ଣ ପ୍ରାୟ ସାଢ଼େ ଗୋଟାଏରେ ଆରମ୍ଭ ହୋଇଥିଲା ହ୍ୱାଇ ଆଇ ଷ୍ଟାଣ୍ଡ୍ ଫର୍ ମିଟିଂ।

ଗତକାଲି ରମାଦେବୀ ବିଶ୍ୱବିଦ୍ୟାଳୟର ମୁହାଁମୁହିଁ ହୋଇଥିଲେ ଏବିଭିପି ଓ ବିସିଜେଡି ସମର୍ଥିତ ଛାତ୍ରୀ ଗୋଷ୍ଠୀ। ବାଲଟ୍ ପେପର୍ ନମ୍ବର ବଦଳ ନେଇ ବିସିଜେଡିର ଅଭିଯୋଗକୁ ନେଇ ଦେଖାଦେଇଥିଲା ଉତ୍ତେଜନା। ଆଜି କିନ୍ତୁ ଏଠାରେ ସୁରୁଖୁରୁରେ ସରିଥିଲା ହ୍ୱାଇ ଆଇ ଷ୍ଟାଣ୍ଡ ଫର୍ ମିଟିଂ।

ଅପରପକ୍ଷରେ ବାରିପଦା ଉପକଣ୍ଠ ବାଇଗଣ ବାଡ଼ିଆସ୍ଥିତ ବାବା ବଳିଆ କଲେଜ ସମ୍ମୁଖରେ ହୋଇଥିଲା ବାଡ଼ିଆପିଟା, ଯାହାକୁ ଦେଖି ହ୍ୱାଇ ଆଇ ଷ୍ଟାଣ୍ଡ ଫର୍ ମିଟିଂରେ ଯୋଗ ଦେବାକୁ ଆସିଥିବା ଜଣେ ସଭାପତି ପ୍ରାର୍ଥୀ ମୂର୍ଚ୍ଛା ହୋଇଯାଇଥିଲେ।

ବଲାଙ୍ଗୀର ସର୍କିଟ ହାଉସରେ ଏବିଭିପି ଓ ବିସିଜେଡି ମଧ୍ୟରେ ଉପୁଜିଥିବା ଗଣ୍ଡଗୋଳ ଥାନା ଯାଏ ପହଞ୍ଚିଥିଲା। ଢେଙ୍କାନାଳ ଓଡ଼ାପଡ଼ା କଲେଜରେ ସଭାପତି ପ୍ରାର୍ଥୀ ଟୁନା ରାଉତଙ୍କ ନିଖୋଜ ଅଭିଯୋଗ ହେବା ପରେ କଲେଜକୁ ସାଇନ-ଏ-ଡାଏ ଘୋଷଣା କରିଥିଲେ ପ୍ରିନ୍ସିପାଲ୍। ଉଦଳା, ନୂଆପଡ଼ା କଲେଜ, କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ବି ଟେନସନ୍ ଦେଖାଦେଇଛି।

### ● ଚଳନ୍ତା ଗାଡ଼ିରେ ଲାଗିଲା ନିଆଁ

## ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର

ମୟୂରଭଞ୍ଜ,୧୪।୧୦(ସଂଚାର ବ୍ୟୁରୋ): ରାସ୍ତା ମଝିରେ ହୁତୁହୁତୁ ହୋଇ ଜଳିଗଲା ଗାଡ଼ି। ତେବେ ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର। ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ୧୮ ନମ୍ବର ଜାତୀୟ ରାଜପଥ ଦାନ୍ତିଆମୁହାଁଠାରେ ଚଳନ୍ତା ଗାଡ଼ିରେ ଲାଗିଲା ନିଆଁ। ରାସ୍ତା ମଝିରେ ଦେଖୁ ଦେଖୁ ହୁହୁ ହୋଇ ଜଳିଗଲା ଟାଟା ଏସି ଗାଡ଼ି। ଖବର ପାଇ ବେତନଟୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି। ଗାଡ଼ିଟି ବାରିପଦା ପଟୁ ବାଲେଶ୍ୱର ଅଭିମୁଖେ ଯାଉଥିଲା।

ସୂଚନାନୁଯାୟୀ, ଟାଟା ଏସି ଗାଡ଼ିଟି ବାରିପଦା ପଟୁ ବାଲେଶ୍ୱର ଅଭିମୁଖେ ଯାଉଥିଲା। ଏହି ସମୟରେ ଦାନ୍ତିଆମୁହାଁ ନିକଟରେ ଚଳନ୍ତା ଗାଡ଼ିରେ ହଠାତ୍ ନିଆଁ ଲାଗିଯାଇଥିଲା। ଗାଡ଼ିରେ ନିଆଁ ଲାଗିବା ଦେଖି ଚାଳକ ତୁରନ୍ତ ନିଜକୁ ସୁରକ୍ଷିତ କରିଥିଲେ। ଫଳରେ ଏକ ବଡ଼ ଅଘଟଣରୁ ସେ ଅଳ୍ପକେ ରକ୍ଷା ପାଇଯାଇଥିଲେ। ଜାତୀୟ ରାଜପଥରେ ଚଳନ୍ତା ଗାଡ଼ିରେ ନିଆଁ ଲାଗିବା ଘଟଣାକୁ ନେଇ କିଛି ସମୟ ପାଇଁ ଉକ୍ତ ଅଞ୍ଚଳରେ ଚିନ୍ତାର ପରିସ୍ଥିତି ସୃଷ୍ଟି ହୋଇଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar / ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash / ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

**ଯୋଡ଼ା,୧୪।୧୦ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଜାତୀୟ ରାଜପଥ-୫୨୦ରେ ରଣାଶାଳ ଘାଟିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଏକ ଅଜଣା ଗାଡ଼ି ବାଇକ୍‌କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚାଲିଯାଇଥିବା ଜଣାପଡ଼ିଛି। ମୃତକ ହେଉଛନ୍ତି ବଡ଼ବିଲର ସାଧୁ ସିଂ ହଟିଂ ଅଞ୍ଚଳର ମୋହନ ପାତ୍ର। ଦୁର୍ଘଟଣାରେ ରାଜେନ୍ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ବଡ଼ବିଲ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ସୂଚନା ପାଇ ଯୋଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ମୁଖ୍ୟମନ୍ତ୍ରୀଙ୍କ କଳିଙ୍ଗନଗର ଗସ୍ତକୁ ବିରୋଧ

## ଓଜେସିର ୧୫ ନେତା ଗିରଫ



**ଯାଜପୁର ରୋଡ଼, ୧୪।୧୦ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କଳିଙ୍ଗନଗର ଗସ୍ତ ବେଳେ ୫ ଦଫା ଦାବି ନେଇ ପ୍ରତିବାଦ କରିବାକୁ ଯାଉଥିବା ଓଡିଶା ଜନତା କଂଗ୍ରେସ ପାର୍ଟିର ୧୫ ଜଣ ନେତାଙ୍କୁ ପୋଲିସ ଗିରଫ କରିଛି। କଳିଙ୍ଗନଗର ଶିଳ୍ପାଅଚଳର ମିଲିଟାରୀ ଛକ ଠାରେ ଯାଜପୁର ରୋଡ ଆଇଆଇସି ଆଶିଷ କୁମାର ସାହୁଙ୍କ ନେତୃତ୍ୱରେ ବ୍ୟାରିକେଡ ଲଗାଇ ସେମାନଙ୍କୁ ଅଟକାଯାଇ ଦଳାଠାରେ ଥିବା ଗୋଦାମ ଘରେ ରଖାଯାଇଥିଲା। ଗିରଫ ହୋଇଥିବା ନେତାଙ୍କ ମଧ୍ୟରେ ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି, ଯୁବ ନେତା ସେକ ବଦ୍ରିଉଦ୍ଦିନ, ପ୍ରଦୀପ ସେଠୀ, ବିଦ୍ୟାଧର ଜେନା ଓ ନିନା ଖାନ ପ୍ରମୁଖ ଅଛନ୍ତି। ଡୁବୁରୀରୁ ଯାଜପୁର ରୋଡ ଓ ମିଲିଟାରୀ ଛକରୁ ଥାନା ଗୋଲେଇ ଛକ ରାସ୍ତାର ସ୍ଥାୟୀ ନିର୍ମାଣ, ଅସୁରକ୍ଷିତ ମାନପୁର ଓଭରବ୍ରିଜର ସ୍ଥାୟୀ ନିର୍ମାଣ କଳିଙ୍ଗନଗର ଶିଳ୍ପାଅଂଚଳରେ ଅଣଓଡିଆ ନିଯୁକ୍ତି ବନ୍ଦ, ସ୍ଥାନୀୟ ଶିକ୍ଷିତ ବେକାରଙ୍କୁ ନିଯୁକ୍ତି, କଳିଙ୍ଗନଗରକୁ ପ୍ରଦୂଷଣ ମୁକ୍ତ ଏହି ୫ ଦାବିରେ ଲଢେଇ ଜାରି ରହିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

### ଅବ୍ୟବସ୍ଥାରେ ସଇଁତଳା ବ୍ଲକ ଅଫିସର କଲୋନୀ

# ରିଲିଫ୍ ପଲିଥିନ ଭରସାରେ ଅଧିକାରୀଙ୍କ ବାସଗୃହ

**ସଇଁତଳା,୧୪।୧୦ (ସଂଚାର ବ୍ୟୁରୋ):** ସଇଁତଳା ବ୍ଲକ କର୍ମଚାରୀ ଙ୍କ ସରକାରୀ ବାସଗୃହର ଅବସ୍ଥା ଯଦି ଏପରି ହୁଏ, ତେବେ ପଞ୍ଚାୟତ ବା ଅନ୍ୟ ସରକାରୀ କୋଠାର ରକ୍ଷଣାବେକ୍ଷଣ କିପରି ହେଉଥିବ, ତାହା ସହଜରେ ଅନୁମେୟ। ସଇଁତଳା ବ୍ଲକ ଅଫିସର କଲୋନୀରେ ଥିବା ବିଡିଓ, ତହସିଲଦାର ଓ ଯନ୍ତ୍ରୀଙ୍କ ବାସଭବନର ମରାମତି ବଦଳରେ ଛାତ ଉପରେ ରିଲିଫ୍ ପଲିଥିନ ଢାଙ୍କି ଦିଆଯାଇଥିବା ଦେଖିବାକୁ ମିଳିଛି।

ସୂଚନା ଅନୁସାରେ ବର୍ଷା ଦିନେ ଛାତରୁ ପାଣି ଗଳିବା ଯୋଗୁଁ ଅଧିକାରୀଙ୍କ ବାସଗୃହରେ ରହିବା ଏକପ୍ରକାର ଅସୁବିଧାଜନକ ହୋଇପଡ଼ିଛି। ଏପରି ସ୍ଥିତିରେ ଛାତର ଆବଶ୍ୟକ ମରାମତି କରାଯିବା ପରିବର୍ତ୍ତେ ରିଲିଫ୍ ପଲିଥିନ ଢାଙ୍କି କାମ ଚଳାଇବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଗ୍ରାମାଞ୍ଚଳରେ ବର୍ଷା ଋତୁରେ ଅନେକ ଗରିବ ଲୋକଙ୍କ ଘର ଭାଙ୍ଗୁ ଥିବାବେଳେ ପଲିଥିନଟିଏ ପାଇବା ପାଇଁ ଆରଆଇ ଅଫିସ, ତହସିଲଦାର ଅଫିସକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିବା ବେଳେ ସରକାରୀ ବାସଭବନ ରିଲିଫ ପଲିଥିନ ଢଙ୍କା ଯାଇଥିବା ଦୃଶ୍ୟ ଚର୍ଚ୍ଚାର ବିଷୟ ପାଲିଟିଛି। ସରକାରୀ କର୍ମଚାରୀଙ୍କ ଆବାସସ୍ଥଳୀର ଏଭଳି ଅବସ୍ଥା ବ୍ଲକ ପ୍ରଶାସନର ରକ୍ଷଣାବେକ୍ଷଣ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି।

ତେବେ ଅଧିକାରୀଙ୍କ ବାସଗୃହର ଏଭଳି ଦୂରବସ୍ଥା ତେବେ ସରକାରଙ୍କ ବିଭିନ୍ନ ଯୋଜନାରେ ଗ୍ରାମାଞ୍ଚଳରେ ନିର୍ମାଣ ହେଉଥିବା କୋଠାର ଅବସ୍ଥା କେମିତି ହେଉଥିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



### ଦୋକାନ ଗୃହ ବଣ୍ଟନରେ ଅନିୟମିତତା ଅଭିଯୋଗ

## ରାଜ୍ୟ ମାନବାଧିକାର କମିଶନଙ୍କ ରିପୋର୍ଟ ତଲବ

**ମାଲକାନଗିରି,୧୪।୧୦ (ସଂଚାର ବ୍ୟୁରୋ):** ଗୋବିନ୍ଦପାଲ୍ଲୀ ଗ୍ରାମରେ ପଞ୍ଚାୟତ ତରଫରୁ ନିର୍ମାଣ କରାଯାଇଥିବା ଦୋକାନ ଗୃହ ଗୁଡ଼ିକ ବଣ୍ଟନ ବ୍ୟବସ୍ଥାରେ ଅନିୟମିତତା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଗୋବିନ୍ଦପାଲ୍ଲୀ ବଜାର ଉପରେ ଥିବା ପଂଚାୟତ ଦୋକାନ ଗୃହ ଗୁଡ଼ିକ ବିନା ଟେଣ୍ଡରରେ ଓ ବିନା ଏଗ୍ରିମେଣ୍ଟରେ କିଛି ବ୍ୟବସାୟଙ୍କୁ ଦିଆ ଯାଇଛି। ଏବଂ ଯୋଉ କିଛି ଲୋକଙ୍କ ସହିତ ଏଗ୍ରିମେଣ୍ଟ ହେଇଛି ସେ ସବୁ ବି ଜାଲି ଭଳି ଜଣା ପଡୁଛି। କାରଣ ଅନେକ ଗୁଡ଼ିଏ ଏଗ୍ରିମେଣ୍ଟ ପେପରରେ ପଞ୍ଚାୟତ କତୃପକ୍ଷଙ୍କ ହସ୍ତାକ୍ଷର ନ ଥିବା ଦେଖିବାକୁ ମିଳିଛି। ଆଉ କିଛି ଲୋକ ପଞ୍ଚାୟତ ଦୋକାନ ଗୃହ ନେଇକି ଅନ୍ୟ ମାନଙ୍କୁ ଭଡ଼ା ସୂତ୍ରରେ ଲଗେଇ ଦେଇଛନ୍ତି।

ଏ ସବୁ ବାବଦରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମାନାବାଧିକାର କର୍ମୀ ତଥା ରାଷ୍ଟ୍ରିୟ ବିକାଶ ସେନାର ରାଜ୍ୟ ସଭାପତି ଶ୍ରୀ କେ ବାଲାରାଜୁ ଆଚାରୀ ଓ ତାଙ୍କ ଟିମ୍ ତା ୭/୦୫/୨୦୨୫ ରିଖରେ ଖଇରପୁଟ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। କିନ୍ତୁ ଖଇରପୁଟ ବିଡ଼ିଓ ସେ ବାବଦରେ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କଲେ ନାହିଁ। ସେଥିପାଇଁ ପୁଣିଥରେ ସେ ବାବଦରେ ତା ୧୪/୦୫/୨୫ ରିଖ ଦିନ ଶ୍ରୀ କେ ବାଲାରାଜୁ ଆଚାରୀଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ବିକାଶ ସେନାର ଏକ ପ୍ରତିନିଧୀ ମଣ୍ଡଳୀ ମାଲକାନଗିରି ଜିଲ୍ଲା ପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏସବୁ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଶ୍ରୀ କେ ବାଲାରାଜୁ ଆଚାରୀ ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ଦ୍ୱାରସ୍ଥ ହୋଇଥିଲେ।

ଉକ୍ତ ବିଷୟକୁ ବିଚାରକୁ ନେଇ ରାଜ୍ୟ ମାନବାଧିକାର ଆୟୋଗ ଙ୍କ କେସ ନମ୍ବର-୩୨୧୪/୨୦୨୬, ତା- ୧୩/୦୮/୨୦୨୬ ଅନୁଯାଇ ମାଲକାନଗିରି ଜିଲ୍ଲାପାଳଙ୍କୁ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିଠି କରିଛନ୍ତି। ଏବଂ ରାଜ୍ୟ ମାନବାଧିକାର ଆୟୋଗଙ୍କ ଉକ୍ତ ଚିଠିକୁ ଆଧାର କରି ମାଲକାନଗିରି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା -୯୯୪ଭିଆଇ-୧୦୪ ତା- ୭/୧୦/୨୦୨୬ ରିଖ ଅନୁଯାୟୀ ଖଇରପୁଟ ବିଡ଼ିଓଙ୍କୁ ଉକ୍ତ ବିଷୟରେ କଣ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିଛନ୍ତି ସେ ବାବଦରେ ରିପୋର୍ଟ ତଲବ କରିଛନ୍ତି।

### ସୁନ୍ଦରଗଡ଼ରେ ଜମିବ ରାସ୍ ଗର୍ବା ସିଜନ୍-୩

## ୧୬ରେ ରଙ୍ଗାରଙ୍ଗ ଆସର




**ସୁନ୍ଦରଗଡ଼,୧୪।୧୦(ସଂଚାର ବ୍ୟୁରୋ):** ନବରାତ୍ରରେ ସୁନ୍ଦରଗଡ଼ବାସୀଙ୍କୁ ଇନ୍‌ଫିନାଇଟ୍ ସୁନ୍ଦରଗଡ଼ର ନିଆରା ଭେଟି। ଆସନ୍ତା ୧୬ ଅକ୍ଟୋବର ସନ୍ଧ୍ୟା ୬ ଟା ରେ ଜେଡିଆର ହୋଟେଲ ପରିସରରେ ଆୟୋଜିତ ହେବ ରାସ୍ ଗର୍ବା ସିଜନ୍-୩। ଏଥର ମୁଖ୍ୟ ଆକର୍ଷଣ ରହିବେ 'ଝାନ୍ସୀ କି ରାନୀ' ଧାରାବାହିକର ଅଭିନେତ୍ରୀ ଉଲ୍କା ଗୁପ୍ତା। ଏ ନେଇ ଜେଡିଆର ହୋଟେଲରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି ଆୟୋଜକ କମିଟି।

ରଙ୍ଗ, ସଙ୍ଗୀତ ଓ ପାରମ୍ପରିକ ନୃତ୍ୟରେ ଝଲସିବ ସୁନ୍ଦରଗଡ଼। ଭୁବନେଶ୍ୱରର ଦେବ ଡିଜେ ସଙ୍ଗୀତର ତାଳରେ ମାହୋଲ ଜମାଇବାକୁ ଥିବାବେଳେ, ରାୟପୁରର ହରିଶ ଆଙ୍କରିଂ କରିବେ। ଆୟୋଜକଙ୍କ କହିବା ଅନୁଯାୟୀ, ପୂର୍ବ ବର୍ଷଗୁଡ଼ିକର ତୃଟିକୁ ସୁଧାରିବା ସହ ସୁନ୍ଦରଗଡ଼ବାସୀ, ଅତିଥି ଓ କଳାକାରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରି ଏଥର ଏକ ନୂଆ ଅନୁଭୂତି ଦେବାକୁ ଲକ୍ଷ୍ୟ ରଖିଛି ଇନ୍‌ଫିନାଇଟ୍ ସୁନ୍ଦରଗଡ଼। ଏହି ସାଂସ୍କୃତିକ ଉତ୍ସବରେ ସାମିଲ ହେବା ସହ ଆୟୋଜକଙ୍କୁ ସହଯୋଗ କରିବାକୁ ଜିଲ୍ଲାବାସୀଙ୍କୁ ନିବେଦନ କରିଛି କମିଟି।

### ହରିଡ଼ାପାଳ ପ୍ରାଥମିକ ସମବାୟ ସମିତିକୁ ନେଇ ବଢୁଛି ବିବାଦ

## ଚାକିରି ନାଁରେ ଲାଞ୍ଚ ନେଇଥିବା ଅଭିଯୋଗ, ତଦନ୍ତ ଦାବି



**ଆନନ୍ଦପୁର,୧୪।୧୦ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ହରିଡ଼ାପାଳ ପ୍ରାଥମିକ ସେବା ସମବାୟ ସମିତିର କାର୍ଯ୍ୟଶୈଳୀ ଓ ନିଯୁକ୍ତି ପ୍ରକ୍ରିୟାକୁ ନେଇ ଏବେ ବିବାଦ ତେଜିବାରେ ଲାଗିଛି। ସମିତିର ସମ୍ପାଦକ ପ୍ରଦୀପ କୁମାର ସିଂଙ୍କ ବିରୋଧରେ ଚାକିରି ଦେବା ନାଁରେ ଲାଞ୍ଚ ନେବା, କର୍ମଚାରୀଙ୍କ ପାରିଶ୍ରମିକ ପ୍ରଦାନରେ ଅବହେଳା କରିବା ଏବଂ ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ ନକରିବା ଭଳି ସଙ୍ଗିନ ଅଭିଯୋଗ ଉଠିଛି। ଏହି ଅଭିଯୋଗଗୁଡ଼ିକର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଉଚିତ୍ ପଦକ୍ଷେପ ଗ୍ରହଣ ପାଇଁ ଦାବି ଜୋର୍ ଧରିଛି।

ଅଭିଯୋଗ ଅନୁଯାୟୀ, ଟୋଲଙ୍ଗପଡ଼ା ଗ୍ରାମର ସସ୍ମିତା ସାହୁଙ୍କଠାରୁ ଚାକିରି ଦେବା ପାଇଁ ୧୫ ହଜାର ଟଙ୍କା ନିଆଯାଇଥିଲା। ସସ୍ମିତା ଦୀର୍ଘ ଏକ ବର୍ଷ ଧରି କାର୍ଯ୍ୟ କରିଥିଲେ ମଧ ତାଙ୍କୁ ନିୟମିତ ପାରିଶ୍ରମିକ ମିଳିନଥିବା ଅଭିଯୋଗ ହୋଇଛି। ପାରିଶ୍ରମିକ ପାଇବା ପାଇଁ ସେ ପ୍ରାୟ ଦୁଇ ବର୍ଷ ଧରି ସମ୍ପାଦକଙ୍କ ନିକଟକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଶେଷରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ତାଙ୍କୁ ମାତ୍ର ତିନି ମାସର ପାରିଶ୍ରମିକ ମିଳିଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ସମିତିର ଆର୍ଥିକ ସମସ୍ୟା ଦର୍ଶାଇ ସସ୍ମିତାଙ୍କୁ କାମ ବନ୍ଦ କରିବାକୁ କୁହାଯାଇଥିବା ଏବଂ ପରବର୍ତ୍ତୀ ସମୟରେ ପୁନର୍ବାର ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ଅଭିଯୋଗରେ କୁହାଯାଇଛି। କିନ୍ତୁ ଏବେ ସେହି ସମିତିରେ ଅନ୍ୟ ଜଣେ ଯୁବକଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ଚର୍ଚ୍ଚା ହେବା ପରେ ନିଯୁକ୍ତି ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି।

ଏପଟେ, ଘଟଣାର ପୁନର୍ବାର ନିରପେକ୍ଷ ତଦନ୍ତ କରିବା ସହ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରି ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜନ ଅସନ୍ତୋଷ ପରେ ହଟିଲେ ଆଇଆଇସି




### ଚୋରି, ଦଲାଲରାଜ ବଢ଼ିବା ନେଇ ହୋଇଥିଲା ବିଦ୍ରୋହ

### ପାର୍ବଣ ପୂର୍ବରୁ ବିଦା ହେଲେ ବିଦିତା

### ୮ ମାସ ଅପାରଗତାର ଲମ୍ବା ଚିଠା

**କାକଟପୁର/ଅସ୍ତରଙ୍ଗ,୧୪।୧୦ (ସଂଚାର ବ୍ୟୁରୋ):** ଅବଶେଷରେ ଅସ୍ତରଙ୍ଗ ଥାନା ଅଧିକାରିଣୀ ବିଦିତା ନାୟକଙ୍କୁ ବଦଳି କରାଯାଇଛି। ପୁରୀ ଏସପିଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ଚିଠି ନଂ ୨୪୯୦ ଅନୁଯାୟୀ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟାଳୟ ଶାଖାକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ପେଣ୍ଠକଟା ସାମୁଦ୍ରିକ ଥାନା ଅଧିକାରିଣୀ ରୀତା ବେହେରା ଅସ୍ତରଙ୍ଗ ଥାନାର ନୂଆ ଆଇଆଇସି ଭାବେ ଯୋଗ ଦେବେ ବୋଲି ଜିଲ୍ଲା ପୁଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡ ସୂତ୍ରରୁ ଜଣାପଡିଛି। ଏହି ବଦଳି ଖବର ପ୍ରଚାରିତ ହେବା ପରେ ଅସ୍ତରଙ୍ଗ ବଜାର ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ଖୁସିର ଚର୍ଚ୍ଚା ଜୋର ଧରିଛି। ପାର୍ବଣ ପୂର୍ବରୁ ଏହା ଅସ୍ତରଙ୍ଗ ବାସୀଙ୍କ ପାଇଁ ଏକ ବଡ ଉପହାର ଭାବେ ବିବେଚନା କରାଯାଉଛି।

ସୂଚନା ଅନୁଯାୟୀ ବିଦିତା ନାୟକ ଗତ ଫେବୃଆରୀ ମାସରେ ଅସ୍ତରଙ୍ଗ ଥାନାରେ ଯୋଗ ଦେଇଥିଲେ। ଯୋଗ ଦେବା ସମୟରେ ଅଞ୍ଚଳରେ ଶାନ୍ତି ଫେରିବ ବୋଲି ଲୋକେ ଆଶା କରିଥିଲେ। କିନ୍ତୁ ଯୋଗ ଦେବାର ୮ ମାସ ମଧ୍ୟରେ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବ୍ୟବସାୟୀ ମହାସଂଘର ଅଭିଯୋଗ ଅନୁଯାୟୀ ଏହି ସମୟରେ ଭେଡାବନ୍ଧ, ବନ୍ତିଲୋ, ପୋଟଳଛକ, ବରଡି ସମେତ ବିଭିନ୍ନ ଗାଁର ମଠ, ମନ୍ଦିର, ଅଙ୍ଗନବାଡ଼ି, ସରକାରୀ ସ୍କୁଲରୁ କ୍ରମାଗତ ଚୋରି ହୋଇଛି। ଲୋକେ ଥାନାରେ ଲିଖିତ ଅଭିଯୋଗ କଲେ କେବଳ ମାମଲା ରୁଜୁ ହୋଇ ଫାଇଲ ଧୂଳି ଖାଉଛି, ଗୋଟିଏ ବି ଚୋରି ଜିନିଷ କି ଚୋର ଧରାପଡିନାହିଁ ବୋଲି ଅଭିଯୋଗ।

ସବୁଠୁ ବଡ ଘଟଣା ଘଟିଥିଲା ଅଗଷ୍ଟ ୧୭ ରାତିରେ। ଥାନାଠାରୁ ମାତ୍ର ୩ ଶହ ମିଟର ଦୂର ମୁଖ୍ୟ ବଜାରରେ ଦୁର୍ବୃତ୍ତମାନେ ଏକ ମୋବାଇଲ ଦୋକାନର ସଟର ତାଡି ଲକ୍ଷାଧିକ ଟଙ୍କାର ଦାମୀ ମୋବାଇଲ ଫୋନ ଓ ନଗଦ ଟଙ୍କା ଚୋରି କରି ନେଇଥିଲେ। ଥାନା ପାଖରେ ଏଭଳି ବଡ ଚୋରି ହେବା ପରେ ଥାନା ଅଧିକାରିଣୀଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ଘଟଣାରେ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ ମଧ ଅସ୍ତରଙ୍ଗ ପୋଲିସ କୌଣସି ସୁରାକ ପାଇପାରିନଥିଲା। ଏହି ପରିସ୍ଥିତିରେ ବ୍ୟବସାୟୀ ମହାସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ଅସ୍ତରଙ୍ଗ ବଜାର ବନ୍ଦ କରି ଥାନା ସାମ୍ନାରେ ଧାରଣା ଦେବା ସହ ତୁରନ୍ତ ବଦଳି ଦାବୀରେ ଏସପିଙ୍କ ନିକଟକୁ ଦାବୀ ପତ୍ର ପଠାଇଥିଲା। ଏହା ସହ ତାଙ୍କ ସମୟରେ ନିଶା କାରବାର ବୃଦ୍ଧି, ଚୋରା ବାଲି ଚାଲାଣ ବଢ଼ିଥିବା ଓ ରାତ୍ରି ପାଟ୍ରୋଲିଂ ଠିକରେ ହେଉନଥିବା ଅଭିଯୋଗ ହୋଇଛି। ସରକାରୀ ପାଟ୍ରୋଲିଂ ବାଇକ ବ୍ୟକ୍ତିଗତ କାମରେ ବ୍ୟବହାର ହେଉଥିବା ନେଇ ମଧ ଚର୍ଚ୍ଚା ହୋଇଥିଲା।

ପାର୍ବଣ ପୂର୍ବରୁ ଏହି ବଦଳି ନିଷ୍ପତ୍ତିକୁ ସାଧାରଣ ଲୋକେ ସ୍ୱାଗତ କରିଛନ୍ତି। ନୂଆ ଆଇଆଇସି ରୀତା ବେହେରାଙ୍କ ଠାରୁ ଲୋକଙ୍କ ଆଶା ବଢ଼ିଛି। ସେ ଯୋଗ ଦେଲେ ଅସ୍ତରଙ୍ଗରେ ପୁଣି ରାତ୍ରି ପାଟ୍ରୋଲିଂ ବଢ଼ିବ ଏବଂ ଚୋରି, ନିଶା କାରବାର ନିୟନ୍ତ୍ରଣକୁ ଆସିବ ବୋଲି ଆଶା କରାଯାଉଛି। ଆସନ୍ତା ଦୁଇ ଦିନ ମଧ୍ୟରେ ନୂଆ ଆଇଆଇସି ଯୋଗ ଦେବେ ବୋଲି ଜଣାପଡିଛି।

## ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ: ୭ ଦଣ୍ଡିତ, ୭ ହଜାର ଟଙ୍କା ଜୋରିମାନା ଆଦାୟ



**ସୁନ୍ଦରଗଡ଼, ୧୪।୧୦ (ସଂଚାର ବ୍ୟୁରୋ):** ରାସ୍ତାରେ ଟିକିଏ ଅସାବଧାନତା, ଜୀବନ ପାଇଁ ହୋଇପାରେ ବିପଦ। ହେଲମେଟ୍ ନ ପିନ୍ଧିବା ହେଉ କି ସିଟ୍ ବେଲ୍ଟ ନ ବାନ୍ଧିବା, ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ଧରୁଆଡିହି ବୁଲିସ। କୁଆଁରମାଲ ଛକ ନିକଟରେ ଯାଞ୍ଚ ବେଳେ ୭ ଜଣ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ମାମଲା ରୁଜୁ ସହ ୭ ହଜାର ଟଙ୍କା ଜୋରିମାନା ଆଦାୟ କରିଛି ପୁଲିସ। ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ସାବାଡ଼ କରିବା ସହ ସଡ଼କ ସୁରକ୍ଷା ନେଇ ସଚେତନତା ସୃଷ୍ଟି ପାଇଁ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ ହେଲମେଟ୍ ନ ପିନ୍ଧି ଗାଡ଼ି ଚାଳନା ଏବଂ ସିଟ୍ ବେଲ୍ଟ ନ ବାନ୍ଧି ଗାଡ଼ି ଚଳାଇବା ଭଳି ନିୟମ ଉଲ୍ଲଂଘନ ଅଭିଯୋଗରେ ୭ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି ପୁଲିସ। ଏଥିସହ ୭ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି।

## ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ନିମନ୍ତେ ଛତୁ ଚାଷ ତାଲିମ ଓ କର୍ମଶାଳା



**ଖୋର୍ଦ୍ଧା, ୧୪।୧୦ (ସଂଚାର ବ୍ୟୁରୋ):** ବୁଧବାର ସକାଳ ୧୦ ଘଟିକା ସମୟରେ ମହିଳାମାନଙ୍କୁ ଉଦ୍ୟାନ କୃଷି କ୍ଷେତ୍ରରେ ସଶକ୍ତ କରିବା ତଥା ସେମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ମହିଳା ସଶକ୍ତୀକରଣ ଅଧୀନସ୍ଥ ଉଦ୍ୟାନ କୃଷି ଛତୁ ମିଶନ ଅନ୍ତର୍ଗତ ଏକ ଦିବସୀୟ ଛତୁ ଚାଷ ତାଲିମ ଓ କର୍ମଶାଳା ଖୋର୍ଦ୍ଧା ଉପଖଣ୍ଡସ୍ଥିତ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଉପଖଣ୍ଡର ୬ଟି ବ୍ଲକ୍‌ରୁ ମୋଟ ୬୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଅଂଶଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଓ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ପ୍ରଫେସର ନିରଞ୍ଜନ ଚିନ୍ନରା ମୁଖ୍ୟ ଅତିଥି ତଥା ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ ଛତୁ ଚାଷର ଗୁରୁତ୍ୱ, ଏହାର ବିଭିନ୍ନ ପଦ୍ଧତି, ପୁଷ୍ଟିକର ଉପାଦେୟତା, ରୋଜଗାର ସୃଷ୍ଟିର ସମ୍ଭାବନା ଏବଂ ମହିଳାମାନଙ୍କ ଆର୍ଥିକ ସ୍ୱାବଲମ୍ବନ କ୍ଷେତ୍ରରେ ଏହାର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

ଏହି ଅବସରରେ ବୋଲଗଡ଼ ଅଞ୍ଚଳର ସଫଳ ଉଦ୍ୟାନ କୃଷି ଉଦ୍ୟୋଗୀ ସୁକାନ୍ତ ଦଳାଇ ଛତୁ ଚାଷ ପାଇଁ ବେଡ୍ ପ୍ରସ୍ତୁତିର ପ୍ରାୟୋଗିକ ପ୍ରଦର୍ଶନ କରିଥିଲେ। ସେ ଛତୁ ଚାଷର ବିଭିନ୍ନ ପର୍ଯ୍ୟାୟ ଓ ଆବଶ୍ୟକ ସତର୍କତା ବିଷୟରେ ଉପସ୍ଥିତ ମହିଳାମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା ଶ୍ରୀୟା ଶାଶ୍ୱତୀ ଏହି ସଭାରେ ଅଧକ୍ଷତା କରିଥିଲେ। ସେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଛତୁ ଚାଷ ମାଧ୍ୟମରେ ଆତ୍ମନିଯୁକ୍ତି ସୃଷ୍ଟି କରିବା, ପାରିବାରିକ ଆୟ ବୃଦ୍ଧି କରିବା ଏବଂ ଉଦ୍ୟାନ କୃଷି କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିବାକୁ ଆହ୍ୱାନ ଦେଇଥିଲେ।

ଛତୁ ଚାଷ ପ୍ରତି ମହିଳାମାନଙ୍କ ଆଗ୍ରହ ବୃଦ୍ଧି କରିବା ଏବଂ ସେମାନଙ୍କୁ ଚାଷ କାର୍ଯ୍ୟ ଆରମ୍ଭ କରିବାରେ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ଉପସ୍ଥିତ ସମସ୍ତ ୬୦ ଜଣ ସଦସ୍ୟାଙ୍କୁ ଛତୁ ବିହନ ବୋତଲ, ବେସନ ଓ ପଲିଥିନ୍ ଯୋଗାଇ ଦିଆଯାଇଥିଲା। ଏହି ସାମଗ୍ରୀଗୁଡ଼ିକ ସେମାନଙ୍କୁ ନିଜ ନିଜ ଅଞ୍ଚଳରେ ପ୍ରାରମ୍ଭିକ ଭାବେ ଛତୁ ଚାଷ ଆରମ୍ଭ କରିବା ସହ ଏହାକୁ ଏକ ଆୟକାରୀ ଉଦ୍ୟୋଗ ଭାବେ ଗଢ଼ିତୋଳିବା ପାଇଁ ପ୍ରୋତ୍ସାହିତ କରିବ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି




**ନୀଳଗିରି,୧୪।୧୦ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ ଶ୍ରୀପତି ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟ ପରିଷରରେ ପାଳିତ ହୋଇଯାଇଛି। ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ଅନୁଷ୍ଠାନିକ ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ମଙ୍ଗଳ ଅଧିକାରୀ ଶୈଳେନ୍ଦ୍ର ଶତପଥି, ସମ୍ମାନିତ ଅତିଥି ଭାବେ ଏବିଡ଼ିଓ ଶ୍ରୀ ରାମ ଚନ୍ଦ୍ର ବେହେରା,ଏବିଇଓ ତଥା ବିଆରସିସି ଲମ୍ବୋଧର ସିଂ, ମାଟିଆଳି ଆଞ୍ଚଳିକ ସାଧନ କେନ୍ଦ୍ରର ସିଆରସିସି ଅରବିନ୍ଦ ପଣ୍ଡା, ଶ୍ରୀପତି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବରଜୁ ପ୍ରସାଦ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ବିଧାୟକ ସନ୍ତୋଷ ଖଟୁଆ ସମସ୍ତ ପ୍ରତିଯୋଗୀ ମାନଙ୍କୁ ସୁରଭିର ବାସ୍ନାରେ ତରଙ୍ଗାୟିତ ହୋଇ ଜୀବନର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ କହିଥିଲେ।

ଏହି ଉତ୍ସବରେ ବ୍ଲକର ୧୯ଟି ଆଞ୍ଚଳିକ ସାଧନ କେନ୍ଦ୍ରରୁ ସମସ୍ତ ପ୍ରତିଯୋଗୀ ବକ୍ତୃତା, ନାଚ ଗୀତା, ସାଧାରଣ ଜ୍ଞାନ, ପୋଷଣ ପ୍ରଭୃତି ପ୍ରତିଯୋଗିତାରେ ଭାଗ ନେଇ ନିଜର ନୈପୁର୍ଣ୍ୟତା ପ୍ରଦାନ କରିଥିଲେ। ସମସ୍ତ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ଆଗାମୀ ଜିଲ୍ଲା ସ୍ତରରେ ପ୍ରତିଯୋଗିତା କରିବା ପାଇଁ ବିବେଚନା କରାଯାଇଥିଲା।

# ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରେ ବିଜେପି କର୍ମୀଙ୍କ ତାଣ୍ଡବ

### ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଭଙ୍ଗାରୁଜା

### ନ୍ୟାୟ ନମିଳିଲେ ଆତ୍ମାହୁତି ଦେବେ ବ୍ଲକ ଅଧ୍ୟକ୍ଷ

### ଘଟଣାକୁ ନେଇ ଉତ୍ତେଜନା ଜାରି



**ସତ୍ୟବାଦୀ,୧୪।୧୦ (ସଂଚାର ବ୍ୟୁରୋ):** ସତ୍ୟବାଦୀରେ ରାଜନୈତିକ ହିଂସା ଉଗ୍ରରୂପ ଧାରଣ କରିଛି। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ମିନିଟରେ କିଛି ବିଜେପି କର୍ମୀ ବେକରେ ଦଳୀୟ ଉତ୍ତରୀୟ ପକାଇ ସ୍ଥାନୀୟ ବିଧାୟକଙ୍କ ଜୟଗାନ କରିବା ସହ ବିଜେଡି ବିରୋଧରେ ନାରାବାଜି ଦେଇ ବ୍ଲକ ପରିସରରେ ଉତ୍ପାତ ମଚାଇଛନ୍ତି। ସେହି ସମୟରେ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାର ସୁଯୋଗ ନେଇ କର୍ମୀମାନେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠର କବାଟ ଭାଙ୍ଗି ଭିତରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି।

ଉତ୍ୟକ୍ତ କର୍ମୀମାନେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଥିବା ଲକ୍ଷାଧିକ ଟଙ୍କାର ଟିଭି, ପ୍ରିଣ୍ଟର ମେସିନ, ଲାପଟପ୍, ସିସିଟିଭି ହାର୍ଡଡିସ୍କ, ସରକାରୀ ଆଲମାରୀରେ ଥିବା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ଆସବାବପତ୍ର ଭାଙ୍ଗି ଚୁରମାର କରିଦେଇଛନ୍ତି ଏବଂ ଅନେକ ଜରୁରୀ ଦସ୍ତାବିଜ ନେଇଯାଇଥିବା ଅଭିଯୋଗ ହୋଇଛି। ନିକଟସ୍ଥ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟକୁ ମଧ ସେମାନେ ଟାର୍ଗେଟ୍ କରିଥିଲେ। ଉତ୍ତେଜନା ସମୟରେ ବିଡିଓ ଦେବାଶିଷ ନାୟକ ସଭାଗୃହରୁ ବାହାରି ଆସିଥିଲେ ମଧ ସ୍ଥିତି ନିୟନ୍ତ୍ରଣ ବାହାରେ ଥିବାରୁ ସେ ତୁରନ୍ତ ଥାନା ଓ ତହସିଲଦାରଙ୍କୁ ସୂଚନା ଦେଇଥିଲେ।

ଘଟଣାସ୍ଥଳକୁ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା ଓ ତାଙ୍କ ଭାଇ ସୁବୋଧ ପଣ୍ଡା ଆସିବା ପରେ ଉତ୍ତେଜନା ଆହୁରି ବଢ଼ିଯାଇଥିଲା। ବିଜେପି କର୍ମୀମାନେ ଅଧ୍ୟକ୍ଷଙ୍କ ଭାଇ ସୁବୋଧଙ୍କୁ ମରଣାନ୍ତକ ଆକ୍ରମଣ କରିବାରୁ ତାଙ୍କ ନାକରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସାକ୍ଷୀଗୋପାଳ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଘଟଣା ପ୍ରଚାରିତ ହେବା ପରେ ପୁରୀ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ବିଧାୟକ ରୁଦ୍ର ମହାରଥୀ, ଧରଣୀଧର ସାହୁ ଏବଂ ଯୁବନେତା ସୁବ୍ରତ ଛାଟୋଇ ଘଟଣାସ୍ଥଳରେ ପହଞ୍ଚି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ହିଂସାକାଣ୍ଡ ପାଇଁ ସ୍ଥାନୀୟ ବିଧାୟକ ଓମପ୍ରକାଶ ମିଶ୍ରଙ୍କୁ ଦାୟୀ କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଗିରଫଦାରୀ ନହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ବ୍ଲକ ଅଧ୍ୟକ୍ଷ ଶ୍ରୀ ପଣ୍ଡା ଗଣମାଧ୍ୟମ ଆଗରେ କ୍ଷୋଭ ପ୍ରକାଶ କରି କହିଛନ୍ତି, ସରକାରୀ ଦଳର ଗୁଣ୍ଡାରାଜ ଯୋଗୁଁ ଆଜି ନିରାପତ୍ତା ବିପନ୍ନ। ଯଦି ପ୍ରଶାସନ ପକ୍ଷରୁ ସଠିକ୍ ନ୍ୟାୟ ନମିଳେ, ତେବେ ବ୍ଲକ କାର୍ଯ୍ୟାଳୟ ପରିସରରେ ସମସ୍ତ ତଥ୍ୟ ଉଲ୍ଲେଖ କରି ଆତ୍ମାହୁତି ଦେବି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବା ପର୍ଯ୍ୟନ୍ତ ସେ ବ୍ଲକ ପରିସରରେ ଅହୋରାତ୍ର ଧାରଣାରେ ବସି ରହିବେ ବୋଲି ଜଣାଇଛନ୍ତି।

ଘଟଣାକୁ ନେଇ ବିଡିଓଙ୍କ ତରଫରୁ ଏବଂ ବ୍ଲକ ଅଧ୍ୟକ୍ଷଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଅଭିଯୁକ୍ତଙ୍କ ନାମରେ ଦୁଇଟି ପୃଥକ ଏତଲା ଦାଏର କରାଯାଇଛି। ଖବର ପାଇ ଏସଡିପିଓ ଦେବାଶିଷ ମିଶ୍ର, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା ଏବଂ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକ ବ୍ୟାପକ ପୋଲିସ ଫୋର୍ସ ସହ ମୁତୟନ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି।

## ଘରୋଇ ହିଂସା ନିବାରଣ କର୍ମଶାଳା



**କଟକ, ୧୪।୧୦ (ସଂଚାର ବ୍ୟୁରୋ):** ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ଘରୋଇ ହିଂସା ଓ ଯୌତୁକ ପ୍ରଥା ଭଳି ସାମାଜିକ ବ୍ୟାଧିର ନିବାରଣ ଉଦ୍ଦେଶ୍ୟରେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ମହିଳାଙ୍କ ଅଧିକାରର ସୁରକ୍ଷା ଏବଂ ଘରୋଇ ହିଂସା ଓ ଯୌତୁକଜନିତ ନିର୍ଯ୍ୟାତନାର ମୂଳୋତ୍ପାଟନ ପାଇଁ ଜନସଚେତନତା ଓ ସାମୂହିକ ଉଦ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବିନୋଦିନୀ ବେହେରା ପ୍ରମୁଖ ଯୋଗଦେଇ ଘରୋଇ ହିଂସା ନିବାରଣ ଆଇନ, ଯୌତୁକ ନିଷେଧ ଆଇନ, ମହିଳାଙ୍କ ଆଇନଗତ ଅଧିକାର ଓ ଘରୋଇ ହିଂସା ଓ ଯୌତୁକ ପ୍ରଥା ଭଳି ସାମାଜିକ ସମସ୍ୟାଗୁଡ଼ିକର ପ୍ରତିରୋଧ ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ।

# ନେତାଙ୍କ ପିସି କାରବାରରେ ପେଷି ହେଉଛି ଡିଏମଏଫ

**ଡିଏମଏଫ୍‌ରେ କଳାହାଣ୍ଡି ପାଇଛି ୧୫୦ କୋଟି**
**ଖର୍ଚ୍ଚ ହୋଇନି ୩୦ କୋଟି**

ଭବାନୀପାଟଣା,୧୪।୧୦ (ସଂଚାର ବ୍ୟୁରୋ): ଖଣି ଖୋଲି ରାଜସ୍ୱ ଆଦାୟ ହେଉଛି । ଖଣି ପ୍ରଭାବିତଙ୍କ ବିକାଶ ପାଇଁ କୋଟି କୋଟି ଟଙ୍କା ପାଣ୍ଠି ବି ଖର୍ଚ୍ଚ ହେଉଛି । ହେଲେ ଯେଉଁମାନଙ୍କ ଜୀବନଧାରଣର ମାନ ବଦଳାଇବା ପାଇଁ ଏହି ଅର୍ଥ ବିନିଯୋଗ ହେଉଛି ,ସେମାନଙ୍କ ପାଖରେ ବିକାଶର ସୁଫଳ ପହଞ୍ଚି ପାରୁନାହିଁ ।

କଳାହାଣ୍ଡି ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ୍) ବିନିଯୋଗରେ ଗତ ୩ ବର୍ଷ ରେ ହାତକୁ ନିଆଯାଇଥିବା ୮୨୦ ପ୍ରକଳ୍ପ ମଧ୍ୟରୁ ୪୫୦ ଟି ସମ୍ପୂର୍ଣ୍ଣ ହୋଇଥିବା ବେଳେ ୨୨୬ଟି ଅଧାପନ୍ତରିଆ ହୋଇପଡିଛି। ୧୪୪ଟି ପ୍ରକଳ୍ପର କାମ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ । ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ସୁଧାର ଆଣିବା, ଡ଼ିଏମଏଫ ପାଣ୍ଠିର ମୁଖ୍ୟ ଉଦ୍ଦେଶ୍ୟ। କିନ୍ତୁ କଳାହାଣ୍ଡିରେ ଏହି ଅର୍ଥ ବିନିଯୋଗ ଓ ପ୍ରକଳ୍ପର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି।

ଥୁଆମୂଳ ରାମପୁର ବ୍ଲକର ଖଣି ପ୍ରଭାବିତ ଆଡ୍ରୀ, ମାଳି ଗାଁ ଓ ଗୋପୀନାଥପୁର, ପଞ୍ଚାୟତର ୬ ଗାଁରେ ଅଧିକାଂଶ ଅର୍ଥ ଖର୍ଚ୍ଚ ହୋଇଛି । ବିଶେଷ କରି ଅଡ୍ରୀ ପଞ୍ଚାୟତ ରେ ଗତ ୩ ବର୍ଷ ରେ ୯୦ ଟି ପ୍ରକଳ୍ପ ହାତକୁ ନିଆଯାଇଛି । ସେଥି ମଧ୍ୟରୁ ୫ କୋଟି ୭୩ ଲକ୍ଷ୍ୟ ୫୦ ହଜାର ଟଙ୍କା ବ୍ୟୟରେ ୫୨ଟି ପ୍ରକଳ୍ପର ନିର୍ମାଣ ସରିଛି। ଅନ୍ୟ ପକ୍ଷରେ ୭ କୋଟି ୮୧ ଲକ୍ଷ୍ୟ ୫୦ ହଜାର ଟଙ୍କା ବ୍ୟୟ ଅଟକଳ ରେ ୩୨ ଟି ପ୍ରକଳ୍ପର କାମ ଅଧାରେ ଝୁଲି ରହିଛି ପ୍ରାୟ ଅଢ଼େଇ କୋଟି ଟଙ୍କା ବ୍ୟୟ ଅଟକଳ ଥିବା ୬ଟି ପ୍ରକଳ୍ପର କାମ ଆରମ୍ଭ ହୋଇନାହିଁ।

ଅଡ୍ରି ପଞ୍ଚାୟତରେ ଡିଏମ୍ଏଫ୍ ପାଣ୍ଠିରୁ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥିଲେ ସୁଦ୍ଧା ତାହାର ଉପଯୋଗିତାକୁ ନେଇ ଲମ୍ବା ଅଭିଯୋଗ ରହିଛି। ପ୍ରତିବର୍ଷ ଗୋଟିଏ ସ୍ଥାନରେ ଦୁଇଥର କାମ ହେଉଛି। ଦୁର୍ଗମ ଗାଁଗୁଡ଼ିକରେ ସୋଲାର ଲାଇଟ୍ ସ୍ଥାପନ ପାଇଁ ବିପୁଳ ଅର୍ଥ ବ୍ୟୟ ହୋଇଥିଲେ ମଧ୍ୟ କିଛି ମାସ ଜଳିବା ପରେ ସେଗୁଡ଼ିକ ଅଚଳ ହୋଇପଡ଼ିଛି। ନିମ୍ନମାନର କାମ ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହେଉଥିବାବେଳେ ଏଥିପାଇଁ କାହାକୁ ଉତ୍ତରଦାୟୀ କରାଯାଉନାହିଁ। ସାମଗ୍ରୀ କିଣାରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ଡିଏମ୍ଏଫ୍ ପାଣ୍ଠି ରାଜନେତା ଓ ଠିକାଦାରଙ୍କ ପାଇଁ ଦୁଧିଆଳି ଗାଈ ପାଲଟିଛି। କାମ ବାଣ୍ଟିବା ପାଇଁ ୧୦ରୁ ୨୦ ପ୍ରତିଶତ ରାଜନେତାମାନେ ନେଉଥିବାବେଳେ ଗୋଟିଏ କାମକୁ ଦେଖାଇ ବିଭିନ୍ନ ସ୍ଥାନରେ ପାଣ୍ଠି ହରିଲୁଟ୍ ନେଇ ସଙ୍ଗିନ ଅଭିଯୋଗ ହେଉଛି।

ତଥ୍ୟ ଅନୁଯାୟୀ, ୨୦୧୫-୧୬ ମସିହାରୁ ଜିଲ୍ଲାର ଖଣି ପ୍ରଭାବିତ ଅଞ୍ଚଳ ପାଇଁ ଡିଏମ୍ଏଫ୍ ପାଣ୍ଠି ଖର୍ଚ୍ଚ କରାଯାଉଛି। ଗତ ୩ ବର୍ଷରେ ଜିଲ୍ଲାରେ ମୋଟ ୭୯ କୋଟି ୭୯ ଲକ୍ଷ ୬୮ ହଜାର ୬୪୭ ଟଙ୍କା ଖର୍ଚ୍ଚ ହୋଇଛି। ବର୍ଷୱାରୀ ହିସାବ ଅନୁଯାୟୀ ୨୦୨୩-୨୪ରେ ୨୩ କୋଟି ୮୨ ଲକ୍ଷ ୮୦ ହଜାର ୬୯୦ ଟଙ୍କା, ୨୦୨୪-୨୫ରେ ୧୩ କୋଟି ୭୬ ଲକ୍ଷ ୬୪ ହଜାର ୧୬୯ ଟଙ୍କା ଏବଂ ୨୦୨୫-୨୬ରେ ୪୨ କୋଟି ୨୦ ଲକ୍ଷ ୨୩ ହଜାର ୭୮୮ ଟଙ୍କା ବ୍ୟୟ ହୋଇଛି। ସେହିପରି ଏହି ତିନି ବର୍ଷରେ ଡିଏମ୍ଏଫ୍ ପାଣ୍ଠିକୁ ୨୦୨୩-୨୪ରେ ୧୮ କୋଟି ୫୧ ଲକ୍ଷ ୨୪ ହଜାର ୪୦୦ ଟଙ୍କା, ୨୦୨୪-୨୫ରେ ୯ କୋଟି ୩୩ ଲକ୍ଷ ୪ ହଜାର ୯୨୦ ଟଙ୍କା ଏବଂ ୨୦୨୫-୨୬ରେ ୨୬ କୋଟି ୭୩ ଲକ୍ଷ ୭୪ ହଜାର ୧୫୭ ଟଙ୍କା ଆଦାୟ ହୋଇଛି। ପାଣ୍ଠିରେ ୩୦ କୋଟି ଟଙ୍କା ଖର୍ଚ୍ଚ ନହୋଇ ପଡ଼ିରହିଛି।

ଏ ସମ୍ପର୍କରେ ଡିଏମ୍ଏଫ୍‌ର ପ୍ରକଳ୍ପ ମୁଖ୍ୟ ପ୍ରଶାନ୍ତ ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ୨୦୧୫-୧୬ ମସିହାରୁ ଏପର୍ଯ୍ୟନ୍ତ ପ୍ରାୟ ୧୫୦ କୋଟି ଟଙ୍କା ଅନୁଦାନ ଆସିଛି। ସେଥିରୁ ୧୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି ଏବଂ ଅନ୍ୟ କାର୍ଯ୍ୟଗୁଡ଼ିକ ଚାଲୁ ରହିଛି। ଡିଏମ୍ଏଫ୍ ପାଣ୍ଠିରେ ପଞ୍ଚାୟତ ସମିତି ଓ ଆଇ ଟି ଡି ଏ,ଜରିଆରେ କାର୍ଯ୍ୟ କରାଯାଉଛି । ପ୍ରକଳ୍ପ ଅଧାରେ ଅଟକିବା,କାମ ଆରମ୍ଭ ନ ହେବା, ସୋଲାର ଲାଇଟ ଅଚଳ ହେବା ଏବଂ ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସ୍ଥିତି ସାମନାକୁ ଆସିବା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଗୁଡୁଗୁଡା ନାଳର ବନ୍ଧ ପାଣିରେ ବୁଡ଼ି ଜଣେ ବୃଦ୍ଧ ମୃତ



ଫୁଲବାଣୀ,୧୪।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଭଣ୍ଡାରଙ୍ଗୀ ପଞ୍ଚାୟତ ଅନ୍ତର୍ଗତ ବାରା ବଣ ଗ୍ରାମର ଗୁଦୁ ଗୁଦା ନାଳର ବନ୍ଧ ପାଣି ବାଦୀମୁଣ୍ଡା ଠାରେ ବୁଡ଼ି ଜଣେ ମୃତ ହୋଇଥିବା ନେଇ ଆଜି ବୁଧବାର ପୂର୍ବାହ୍ନରେ ଜଣା ପଡ଼ିଛି। ସେ ହେଲେ ମାସ୍କ ଗୁଡ଼ା ଗ୍ରାମର କିକିରା ମାଝୀ(୬୦)। ଘଟଣା ସ୍ଥଳରେ ବେଲଘର ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ୦୩/୨୬ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା ସହିତ ତଦନ୍ତ ଜାରି ରହିଛି।

ସ୍ତ୍ରୀ ଲଳିତା ମାଝିଙ୍କ ଏତଲା ପ୍ରକାରେ ଗତ ସୋମବାର ସକାଳ ୧୦ ଘଣ୍ଟା ସମୟରେ ସ୍ୱାମୀ କିକିରା ଟାଙ୍ଗିଆ ଧରି ଘରୁ ବାହାରି ଗଲା। ସନ୍ଧ୍ୟା ହେଲା ସେ ଘରକୁ ଫେରିଲା ନାହିଁ। ଆଖ ପାଖ ବନ୍ଧୁ ବାନ୍ଧବ ଘରକୁ ଯାଇଥିବା ବୋଲି ସେହି ରାତ୍ର ପରିବାର ଲୋକେ ଖୋଜିଲେ ନାହିଁ। ମଙ୍ଗଳବାର ସକାଳୁ ମଧ୍ୟ ସେ ଘରକୁ ଫେରିଲେ ନାହିଁ। ସେଠାରୁ ପରିବାର ଲୋକ ପାଖ ପଡ଼ିଶା ଥିବା ବନ୍ଧୁ ବାନ୍ଧବ ମାନଙ୍କୁ ଫୋନରେ ଯୋଗାଯୋଗ କରି ନିରାଶ ହୋଇ ଖୋଜିବାକୁ ଆରମ୍ଭ କରି ବାରାବଣ ଗ୍ରାମର ଗୁଦଗୁଦା ନାଳ ବନ୍ଧର ପାଣିରେ ବୁଡି ଥିବା ଖବର ପାଇ ସେଠାକୁ ପହଞ୍ଚି ଥିଲେ ପରିବାର ଓ ଗ୍ରାମବାସୀମାନେ। ଏହାପରେ ବେଲଘର ଥାନାକୁ ଯାଇ ଲିଖିତ ଏତଲା ଦେଇଥିଲେ।

## ରାଜ୍ୟ ସ୍ତରୀୟ ୧୪ବର୍ଷରୁ କମ୍ ବାଳକ ଫୁଟବଲ ପ୍ରତିଯୋଗିତା



ସୁବର୍ଣ୍ଣପୁର,୧୪।୧୦ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁରଠାରେ ଚାଲିଥିବା ପ୍ରଥମ ଓଡିଶା ରାଜ୍ୟସ୍ତରୀୟ ୧୪ବର୍ଷରୁ କମ ବାଳକ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତାର ପ୍ରଥମ ଦିନର ଖେଳରେ ୨୦ଟି ଶିକ୍ଷାଜିଲ୍ଲାର ଫୁଟବଲ ଦଳ ଗାନ୍ଧୀ ଷ୍ଟାଡିୟମ,ରିଜର୍ଭ ପୋଲିସ ପଡିଆ ଓ ରାମେଶ୍ୱର ଷ୍ଟାଡିୟମ ଖେଳ ପଡିଆରେ ପ୍ରତିପକ୍ଷଙ୍କ ସହ ଖେଳିଛନ୍ତି। ଏହି କ୍ରମରେ ଆଜି ପୁଲ ଏ ରୁ ଭଦ୍ରକ,ନୂଆଁପଡା,ପୁଲ ବି ରୁ ନବରଙ୍ଗପୁର,ସମ୍ବଲପୁର ପୁଲ ସି ରୁ ଝାରସୁଗୁଡା ଓ କେନ୍ଦ୍ରାପଡା ଏବଂ ପୁଲ ଡି ରୁ ଢେଙ୍କାନାଳ,ସୁବର୍ଣ୍ଣପୁର ବିଜୟୀ ହୋଇ ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛନ୍ତି । ଠିକ ସେହିପରି, ପୁଲ ଇ ରୁ ଦେବଗଡ଼,ଜଗତସିଂହପୁର ପୁଲ ଏଫ ରୁ ବଲାଙ୍ଗୀର,ମୟୁରଭଞ୍ଜ ପୁଲ ଜି ରୁ ସୁନ୍ଦରଗଡ଼ ଓ ଖୋର୍ଦ୍ଧା ବିଜୟୀ ହୋଇଛନ୍ତି ।

ସାନ୍ଧ୍ୟ ଅଧିବେଶନ ରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ଯୁଗଳେଶ୍ୱରୀ ଦାଶ ସମେତ ଜିଲ୍ଲାପାଳ ସୁବର୍ଣ୍ଣପୁର ଦେବାଶିଷ ସିଂ, ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଜିଲ୍ଲା ଅଗ୍ନିଶମ ଅଧିକାରୀ, ଆଞ୍ଚଳିକ ପରିବହନ ଅଧିକାରୀ,ତଥା ଜିଲ୍ଲା ର ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନେ ମଞ୍ଚାସୀନ ହୋଇଥିଲେ ତଥା ବାଳକ ଫୁଟବଲ ତାରକା ମାନଙ୍କୁ ପ୍ରେରଣା ପ୍ରଦ ଉଦବୋଧନ ପ୍ରଦାନ କରିଥିଲେ।

## ମିଡାବାଲି କଳାକାର ସଙ୍ଘର ବାର୍ଷିକ ନୂଆଁଖାଇ ପରବ




କନ୍ଧମାଳ,୧୪।୧୦ (ସଂଚାର ବ୍ୟୁରୋ): ଓଡିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଆନୁକୂଲ୍ୟରେ କଳା ର ପ୍ରଚାର ପ୍ରସାର ଓ କଳାକାର ମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷରେ ଏବେ ଗାଁଗାଁ ରେ କଳାକାର ସମାବେଶ ଅନୁଷ୍ଠିତ ହେଉଥିବା ବେଳେ ଅନୁରୂପ ଭାବରେ କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ବୁର୍ବିନାଜୁ ପଞ୍ଚାୟତ ମିଡାବାଲି ଠାରେ ମଧ୍ୟ ଏହି କଳାକାର ସମାବେଶ ବା ବାର୍ଷିକ ନୂଆଁଖାଇ ପରବ ପାଳନ ହୋଇଯାଇଛି। ତେବେ ମିଡାବାଲି ଠାରେ ଥିବା ମା ବସୁମାତା କଳା ସାଂସ୍କୃତିକ ଦଳ ସିଙ୍ଗାନାଚ, ମିଡାବାଲି ଏହାକୁ ଆୟୋଜନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପାରମ୍ପରିକ ଲୋକକଳା ସଙ୍ଘ ର ଜିଲ୍ଲା ସଭାପତି ଅକ୍ଷୟ କୁମାର କର୍ଣ୍ଣ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ସଂଜିତ ମଣ୍ଡଳ, ବୁର୍ବିନାଜୁ ସରପଞ୍ଚ ସଲିମା ପ୍ରଧାନ,ବୁର୍ବିନାଜୁ ସମିତି ସଭ୍ୟ କାଳିସଦାସ ପ୍ରଧାନ, ପାବୁରିଆ ସମିତି ସଭ୍ୟ ଲଳିତ, ଦଳ ମୁଖ୍ୟା ସୁରେଶ ପ୍ରଧାନ, ଚମ୍ପି ପ୍ରଧାନ,ମଣିମା ପ୍ରଧାନ,ରବିନ୍ଦ୍ର ପ୍ରଧାନ, ଅଙ୍ଗନବାଡ଼ି କର୍ମୀ ସହ ବହୁ ବରିଷ୍ଠ କଳାକାର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ରେ ଜିଲ୍ଲା ର ବିଭିନ୍ନ ସ୍ଥାନରୁ ୫୦୦ ଉର୍ଦ୍ଧ କଳାକାରମାନେ ବାର୍ଷିକ ନୂଆଁଖାଇ ପରବ ପାଳନ ଉତ୍ସବ ଭାଗ ନେଇଥିଲେ । ଶେଷରେ ଅନୁଷ୍ଠାନ ତରଫରୁ କଳାକାର ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା ।

## ସଇଁତଲା ବ୍ଲକରେ ସେବା ସଂକଳ୍ପ ଅଭିଯାନରେ ରଙ୍ଗୋଲି କାର୍ଯ୍ୟକ୍ରମ



ସଇଁତଲା,୧୪।୧୦ (ସଂଚାର ବ୍ୟୁରୋ): ସଇଁତଲା ବ୍ଲକ କାର୍ଯ୍ୟାଳୟ ପରିସରରେ ବିକଶିତ ଓଡିଶା, ବିକଶୀତ ଭାରତ, ସେବା ସଂକଳ୍ପ ଅଭିଯାନ ଅବସରରେ ସମବାୟ ବିଭାଗ ଓ ହସ୍ତତନ୍ତ, ବୟନଶିଳ୍ପ ବିଭାଗ ର ମିଳିତ ଆନୁକୂଲ୍ୟରେ ଏକ ରଙ୍ଗୋଲି ପ୍ରତିଯୋଗିତା ହୋଇଯାଇଛି

ଟିଟିଲାଗଡ଼ ଏଆରସିଏସ୍ ସୁରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଇଁତଲା ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ସିଡିପିଓ ଗୁଲାପି ନାୟକ ଓ ଅତିରିକ୍ତ ନିବନ୍ଧକ ଫାରାକ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ। ସଇଁତଲା ପ୍ୟାକ୍ସ ସମ୍ପାଦକ ରୋହିତ ସାହୁ ସଭା ପରିଚାଳନା କରିଥିଲେ

ଏଥିରେ ବ୍ଲକ ର ୧୮ ଜଣ ମହିଳା ପଞ୍ଜିକରଣ କରିଥିବା ବେଳେ ନମିତା ପୁଟେଲ ପ୍ରଥମ ସ୍ଥାନ ଅଧିକାର କରି ୧୫୦୦ ଟଙ୍କା ପୁରସ୍କାର ପାଇଥିବା ବେଳେ ସୁଷମା ଖମାରୀ ଦ୍ୱିତୀୟ ସ୍ଥାନ ହାସଲ କରି ୧୦୦୦ ଟଙ୍କା ପାଇଥିଲେ। ସେହିପରି ଦୀପ୍ତିମୟୀ ସାହୁ ଓ ଝରଣା କିସାନ ତୃତୀୟ ସ୍ଥାନରେ ରହି ୫୦୦ ଟଙ୍କା ଲେଖାଏଁ ପୁରସ୍କାର ଲାଭ କରିଥିଲେ। ଅନ୍ୟ ଅଂଶଗ୍ରହଣକାରୀ ମହିଳାଙ୍କୁ ମଧ୍ୟ ୧୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା।

ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ସମବାୟ ସମିତିଗୁଡ଼ିକରେ ସଦସ୍ୟ ସଂଖ୍ୟା ବୃଦ୍ଧି ସହ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ କ୍ଷେତ୍ରର ବିକାଶକୁ ପ୍ରୋତ୍ସାହନ ଦେବା। ସହ ମହିଳାମାନଙ୍କ ପାରମ୍ପରିକ କଳା ଓ ଦକ୍ଷତାକୁ ଉତ୍ସାହିତ କରିବା ସହ ସେମାନଙ୍କୁ ସୃଜନଶୀଳ କାର୍ଯ୍ୟରେ ଅଧିକ ସୁଯୋଗ ଯୋଗାଇଦେବା ଉପରେ ଅତିଥି ମାନେ ବକ୍ତବ୍ୟ ଦେଇଥିଲେ

କାର୍ଯ୍ୟକ୍ରମରେ ବ୍ଲକର ଘୁନସର ପ୍ୟାକ୍ସ ସମ୍ପାଦକ ମନୋଜ ସାହୁ, ଦିଗାମ୍ବର ସାହୁ, ତେଜଭୂଷଣ ଭୋଇ, ଡମନା ସାହୁ ଜୟଚନ୍ଦ୍ର ରଣା ଓ ରୋହିତ ତାଣ୍ଡି , ସରୋଜ କ୍ଷେତି ଙ୍କ ସମେତ ବ୍ଲକ ର ୧୨ ଗୋଟିପ୍ୟାକ୍ସ ର ସମ୍ପାଦକମାନେ ଉପସ୍ଥିତ ଥିଲେ। ପଞ୍ଜୀକରଣ ଦାୟିତ୍ୱ ଚନ୍ଦ୍ର ଚନ୍ଦନ ତୁଲାଇଥିଲେ।

## ଜିଲ୍ଲାପାଳଙ୍କ ସହିତ ଓଡ଼ିଶା ରାଜସ୍ୱ ଅମଲା ସଂଘର ସୌଜନ୍ୟମୂଳକ ସାକ୍ଷାତ



ନବରଙ୍ଗପୁର,୧୪।୧୦ (ସଂଚାର ବ୍ୟୁରୋ): ଜିଲ୍ଲାପାଳ, ନବରଙ୍ଗପୁର ଭାବେ ଶ୍ରୀମତୀ ମଧୁମିତା ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ଓଡିଶା ରାଜସ୍ୱ ଅମଲା ସଂଘ,ଜିଲ୍ଲା ଶାଖା ନବରଙ୍ଗପୁରର କର୍ମକର୍ତ୍ତା ବୃନ୍ଦ ଏକ ସୌଜନ୍ୟ ମୂଳକ ସାକ୍ଷାତ କରି ପୁଷ୍ପ ଗୁଚ୍ଛ ପ୍ରଦାନ କରିଥିଲେ । ଏହି ସାକ୍ଷାତ ସମୟରେ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ ଯୋଜନାକୁ ଜନସାଧାରଣ ନିକଟରେ ପହଞ୍ଚାଇବା ପାଇଁ ସମସ୍ତ ପ୍ରକାର ସହଯୋଗ କରିବୁ ବୋଲି ସଂଘ କର୍ମକର୍ତ୍ତା ପ୍ରକାଶ କରିଥିଲେ । ସାକ୍ଷାତ ସମୟରେ ସେକସନ ଅଫିସର ତଥା ଓଡିଶା ରାଜସ୍ୱ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ, ଜିଲ୍ଲା ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ଦାସ, ଜିଲ୍ଲା ସଭାପତି ବିବେକ ନାୟକ, ଉପ ସଭାପତି ଶୌରଭ ଦାସ, ସମ୍ପାଦକ ଦେବାଶିଷ ସୁଆର,କୋଷାଧକ୍ଷ ମହମ୍ମଦ ସହିଦ ଆକତର, ସହ ସମ୍ପାଦକ ମୈଥିଲୀ ପଟ୍ଟନାୟକ, ଅକ୍ଷୟ ଭକ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ନୀତି ନିବାରଣ ସପ୍ତାହ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର,୧୪।୧୦ (ସଂଚାର ବ୍ୟୁରୋ): ଆସନ୍ତା ଦୁର୍ନୀତି ନିବାରଣ ସପ୍ତାହ ପାଳନ ନିମନ୍ତେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମିନି କନଫରେନ୍ସ ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଦେବାଶିଷ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାଏକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ସୋନପୁର ଉପଜିଲ୍ଲାପାଳ ଡ. ସୌମ୍ୟା ରୂପା ରଥଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଯୋଗଦେଇଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ଭିଜିଲାନ୍ସ ଡିଏସ୍‌ପି ଶ୍ରୀମତୀ ରିତାଞ୍ଜଳି ପ୍ରଧାନ ବୈଠକର ସଂଯୋଜନା କରିଥିଲେ।

ଚଳିତ ବର୍ଷ ଦୁର୍ନୀତି ନିବାରଣ ସପ୍ତାହ ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଅବସରରେ ଦୁର୍ନୀତି ନିବାରଣ, ସ୍ୱଚ୍ଛତା ଓ ସାଧୁତାର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ। ଏହି ସପ୍ତାହର ଚଳିତ ବର୍ଷର ବିଷୟବସ୍ତୁ ରହିଛି "ସାଧୁତାରୁ ସମୃଦ୍ଧି" ।

ବୈଠକରେ ସମସ୍ତ ଅଧିକାରୀଙ୍କୁ ସାଧୁତା ଓ ଅଖଣ୍ଡତାର ଶପଥ ଗ୍ରହଣ କରିବା ସହ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଓ ସଚ୍ଚୋଟତା ବଜାୟ ରଖିବାକୁ କୁହାଯାଇଥିଲା। ଏଥିସହ ଦୁର୍ନୀତି ବିରୋଧରେ ଜନସଚେତନତା ବୃଦ୍ଧି ନିମନ୍ତେ ପଦଯାତ୍ରା ଆୟୋଜନ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ସମ୍ପର୍କିତ ସଚେତନତାମୂଳକ ଘୋଷଣା ଓ ପ୍ରଚାର କରାଯିବ। ନଭେମ୍ବର ୧ ତାରିଖରେ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଉଦ୍‌ଯାପନ କରାଯିବ। ସେହିପରି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ବିଦ୍ୟାଳୟସ୍ତରରେ ପଦଯାତ୍ରା ଆୟୋଜନ କରିବା ସହ "ସାଧୁତା ରୁ ସମୃଦ୍ଧି " ବିଷୟବସ୍ତୁ ଉପରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଆଦି ବିଭିନ୍ନ ସଚେତନତାମୂଳକ ପ୍ରତିଯୋଗିତା ଆୟୋଜନ କରିବାକୁ କୁହାଯାଇଛି।

ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେ ଜନସାଧାରଣଙ୍କୁ ସଚେତନ କରାଯିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବୈଠକରେ ପ୍ରକାଶିତ ହୋଇଛି ।

### ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ-୨୦୨୭

## ମାଷ୍ଟର ଟ୍ରେନର ଓ ନିର୍ବାଚନୀ ଅଧିକାରୀଙ୍କ ତାଲିମ ଶିବିର



ମାଲକାନଗିରି,୧୪।୧୦ (ସଂଚାର ବ୍ୟୁରୋ): ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ - ୨୦୨୭ ପାଇଁ ଭୋଟର ତାଲିକା ପ୍ରସ୍ତୁତି, ନିର୍ବାଚନୀ ମଣ୍ଡଳୀ ପୁନଃନିର୍ଦ୍ଧାରଣ ଏବଂ ସମଗ୍ର ପରିଚାଳନା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ପଞ୍ଚାୟତ ଅଫିସର ବିମଳ କୁମାର ଲେଙ୍କା, ସମସ୍ତ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନରମାନେ ଉପସ୍ଥିତ ରହି ନିର୍ବାଚନ ସମ୍ପର୍କିତ ବିଭିନ୍ନ ଆଇନଗତ ଓ ପ୍ରଶାସନିକ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ସଭାକୁ ସମ୍ବୋଧିତ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ କହିଛନ୍ତି ଗଣତନ୍ତ୍ରର ମୂଳଦୁଆ ହେଉଛି ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ। ଆଗାମୀ ୨୦୨୭ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତିଠାରୁ ଆରମ୍ଭ କରି ନିର୍ବାଚନ ପରିଚାଳନା ପର୍ଯ୍ୟନ୍ତ ପ୍ରତ୍ୟେକଟି କାର୍ଯ୍ୟକୁ ସମ୍ପୂର୍ଣ୍ଣ ନିରପେକ୍ଷ, ସ୍ୱଚ୍ଛ ଏବଂ ତ୍ରୁଟିମୁକ୍ତ କରିବା ଆମର ପ୍ରାଥମିକ ଦାୟିତ୍ୱ। ସମସ୍ତ ମାଷ୍ଟର ଟ୍ରେନର ଏବଂ ନିର୍ବାଚନୀ ଅଧିକାରୀମାନେ ସମ୍ପୂର୍ଣ୍ଣ ନିଷ୍ଠାର ସହ ଏହି ପ୍ରଶିକ୍ଷଣର ନିୟମାବଳୀକୁ କ୍ଷେତ୍ର ସ୍ତରରେ କାର୍ଯ୍ୟକାରୀ କରିବା ଆବଶ୍ୟକ।

ଏହାସହ କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ଜିଲ୍ଲା ପଞ୍ଚାୟତ ଅଫିସର ବିମଳ କୁମାର ଲେଙ୍କା ନିର୍ବାଚନୀ ପ୍ରସ୍ତୁତି ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀମାନଙ୍କୁ ନିଜ ନିଜ ଅଞ୍ଚଳରେ ନିର୍ବାଚନୀ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରସ୍ତୁତି ଶୀଘ୍ର ଓ ନିର୍ଭୁଲ ଭାବେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ମା' ସୁରେଶ୍ୱରୀଙ୍କ ସମେତ ତିନି ଦେବୀଙ୍କ କୁଷ୍ମାଣ୍ଡା ବେଶ

**ଦେବୀପୀଠରେ ଭକ୍ତଙ୍କ ଭିଡ଼, ଆଧ୍ୟାତ୍ମିକ ପରିବେଶରେ ମହମହ ସୁବର୍ଣ୍ଣପୁର**




ସୁବର୍ଣ୍ଣପୁର,୧୪।୧୦ (ସଂଚାର ବ୍ୟୁରୋ): ଶାରଦୀୟ ନବରାତ୍ରୀର ଚତୁର୍ଥ ଦିବସରେ ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ସମେତ ମା' ଭଗବତୀ ଓ ମା' ଦୁର୍ଗା ଦେବୀ କୁଷ୍ମାଣ୍ଡା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ତିନି ଦେବୀଙ୍କ ଏହି ଦିବ୍ୟ ବେଶ ଦର୍ଶନ ପାଇଁ ବିଭିନ୍ନ ଦେବୀପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ସମଗ୍ର ସହର ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠିଛି।

ପୌରାଣିକ ବିଶ୍ୱାସ ଅନୁସାରେ, ସୃଷ୍ଟିର ଆରମ୍ଭରେ ସମଗ୍ର ବ୍ରହ୍ମାଣ୍ଡ ଘନ ଅନ୍ଧକାରରେ ଆଚ୍ଛାଦିତ ଥିଲା। ସେହି ସମୟରେ ମା' କୁଷ୍ମାଣ୍ଡା ନିଜର ମନ୍ଦ ହାସ୍ୟରେ ସୃଷ୍ଟିରେ ଆଲୋକ ସଞ୍ଚାର କରିଥିଲେ ବୋଲି ଧାର୍ମିକ ମାନ୍ୟତା ରହିଛି। ମା'ଙ୍କ ଏହି ସ୍ୱରୂପ ସୃଷ୍ଟି, ଶକ୍ତି, ଜୀବନ ଓ ଉତ୍ସାହର ପ୍ରତୀକ। ତାଙ୍କର ଅଷ୍ଟଭୁଜା ରୂପ ଓ ହସ୍ତରେ ଶୋଭା ପାଉଥିବା ବିଭିନ୍ନ ଆୟୁଧ ଦିବ୍ୟ ଶକ୍ତି ଓ ଧର୍ମରକ୍ଷାର ସନ୍ଦେଶ ପ୍ରଦାନ କରେ।

ମା' କୁଷ୍ମାଣ୍ଡାଙ୍କ ଆରାଧନା ମାଧ୍ୟମରେ ଭକ୍ତମାନେ ଜୀବନରେ ସୁଖ, ଶାନ୍ତି, ସମୃଦ୍ଧି ଓ ଶକ୍ତି ଲାଭ କରିବା ସହ ଦୁଃଖ ଓ ନିରାଶାରୁ ମୁକ୍ତି ପାଇଁ ପ୍ରାର୍ଥନା କରିଥାନ୍ତି। ଅନ୍ଧକାରରୁ ଆଲୋକ, ନିରାଶାରୁ ଆଶା ଏବଂ ଦୁର୍ବଳତାରୁ ଆତ୍ମବିଶ୍ୱାସ ଆଡ଼କୁ ଅଗ୍ରସର ହେବାର ପ୍ରେରଣା ଦିଏ ମା'ଙ୍କ ଏହି ଦିବ୍ୟ ସ୍ୱରୂପ।

ନବରାତ୍ରୀର ଏହି ପବିତ୍ର ଅବସରରେ ସୁବର୍ଣ୍ଣପୁରର ଦେବୀପୀଠଗୁଡ଼ିକରେ ପୂଜାର୍ଚ୍ଚନା, ମନ୍ତ୍ରୋଚ୍ଚାରଣ ଓ ଘଣ୍ଟଘଣ୍ଟାର ଧ୍ୱନି ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ଧୂପ, ଦୀପ, କର୍ପୂର ଓ ଚନ୍ଦନର ସୁଗନ୍ଧରେ ଦେବୀପୀଠଗୁଡ଼ିକ ମହକି ଉଠୁଛି। ମା'ଙ୍କ ଦର୍ଶନ ପାଇଁ ପ୍ରଭାତରୁ ଶ୍ରଦ୍ଧାଳୁଙ୍କ ଆଗମନ ଆରମ୍ଭ ହୋଇଥିବା ବେଳେ ଦିନତମାମ ଭକ୍ତଙ୍କ ଭିଡ଼ ଲାଗି ରହିଛି।

ମା' ସୁରେଶ୍ୱରୀଙ୍କ ସମେତ ମା' ଭଗବତୀ ଓ ମା' ଦୁର୍ଗାଙ୍କ ଦିବ୍ୟ କୁଷ୍ମାଣ୍ଡା ବେଶ ଦର୍ଶନ କରି ଶ୍ରଦ୍ଧାଳୁମାନେ ନିଜକୁ ଧନ୍ୟ ମନେ କରୁଛନ୍ତି। ନବରାତ୍ରୀର ଏହି ପବିତ୍ର ମାହେନ୍ଦ୍ର ବେଳାରେ ଭକ୍ତି, ଆସ୍ଥା ଓ ଆଧ୍ୟାତ୍ମିକ ଚେତନାରେ ଭରିଉଠିଛି ସୁବର୍ଣ୍ଣପୁର। ପ୍ରଭାତରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଆଗମନ ସହରର ଧାର୍ମିକ ମହିମାକୁ ଆହୁରି ଉଜ୍ଜ୍ୱଳ କରିଛି।

## ଦୈନିକ ଆଶା ସାମ୍ବାଦିକଙ୍କ ମାତୃ ବିୟୋଗ



ଛତ୍ରପୁର,୧୪।୧୦ (ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକର ଦୈନିକ ଆଶା ସାମ୍ବାଦିକ କୃଷ୍ଣଚନ୍ଦ୍ର ଦାଶଙ୍କ ମାତା କୁମୁଦିନୀ ଦାସ (୭୨)ଙ୍କ ଆଜି ପରଲୋକ ଘଟିଛି। ସେ ଗଞ୍ଜାମ ଏନ୍‌ଏସିର ପଣ୍ଡା ସାହିର ବାସିନ୍ଦା ଥିଲେ। ଗତକାଲି ରକ୍ତଚାପ ବୃଦ୍ଧି ଯୋଗୁଁ ମସ୍ତିଷ୍କରେ ରକ୍ତସ୍ରାବ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେ ଜଣେ ଧର୍ମପରାୟଣ ଓ ମିଷ୍ଟଭାଷୀ ଥିଲେ। ତାଙ୍କ ବିୟୋଗରେ ସାମ୍ବାଦିକ ମହଲ, ବନ୍ଧୁବର୍ଗ ଓ ଶୁଭେଚ୍ଛୁଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ଭିଡ଼ ଓ ଚୋରିକୁ ରୋକିବାକୁ ମା' ଦୁର୍ଗା କ୍ଲବର ମାଷ୍ଟର ପ୍ଲାନ

**ସିସିଟିଭି ଓ ପାଟ୍ରୋଲିଂ ହେବ ଭିଡ଼ ନିୟନ୍ତ୍ରଣ**
**୫ଟି ପ୍ରସଙ୍ଗରେ ବ୍ଲୁ ପ୍ରିଣ୍ଟ ରେଡି**



କାକଟପୁର/ଅସ୍ତରଙ୍ଗ,୧୪।୧୦ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ପ୍ରସିଦ୍ଧ ମା' ଦୁର୍ଗା କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ୫୮ତମ ଶାରଦୀୟ ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଏଥି ନେଇ ବୁଧବାର ଅପରାହ୍ନରେ ଦୁର୍ଗା ମଣ୍ଡପ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗା କ୍ଲବ ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଶାସନର ସମସ୍ତ ବିଭାଗ ଏକାଠି ହୋଇଥିଲେ।

ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ଅତିରିକ୍ତ ତହସିଲଦାର ଅମିତ ରୟ, ଅସ୍ତରଙ୍ଗ ଥାନା ଏସଆଇ ଦିବ୍ୟ ରଞ୍ଜନ ସାହୁ, ଅସ୍ତରଙ୍ଗ ଅଗ୍ନିଶମ ଷ୍ଟେସନ ଅଧିକାରୀ ଗଗନ ମହାନ୍ତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡା. ସୁଜିତ ମହାନ୍ତି, ବିଦ୍ୟୁତ ବିଭାଗ ଯନ୍ତ୍ରୀ ରାକେଶ ସାହୁ ଯୋଗ ଦେଇଥିଲେ। କ୍ଲବ ପକ୍ଷରୁ ଉପ-ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ସମ୍ପାଦକ ରବୀନ୍ଦ୍ର ମହାନ୍ତି ଏବଂ ଅସ୍ତରଙ୍ଗ ମିଡିଆ ଫୋରମ ସଭାପତି ବିଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରେ କ୍ଲବ ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇ ପୂଜାର ଇତିହାସ ବର୍ଣ୍ଣନା କରିଥିଲେ। ପରେ ଅସ୍ତରଙ୍ଗ ମିଡିଆ ଫୋରମ ସଭାପତି ବିଜୟ ବେହେରା ଗତବର୍ଷର ତିକ୍ତ ଅଭିଜ୍ଞତାକୁ ମନେ ପକାଇ ଦେଇଥିଲେ। ସେ କହିଥିଲେ, ଗତବର୍ଷ ପୂଜା ସମୟରେ ମଣ୍ଡପ ନିକଟରେ ଚୋରି ଘଟଣା ଘଟିବା ସହ ଶହ ଶହ ଶ୍ରଦ୍ଧାଳୁ ଘଣ୍ଟା ଘଣ୍ଟା ଧରି ଭିଡ଼ରେ ଫସି ରହିଥିଲେ। ପୋଲିସ ପ୍ରଶାସନ ନିଷ୍କ୍ରିୟ ଥିବାରୁ ବାଇକ ଚୋରି ବି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ୫ଟି ପ୍ରସଙ୍ଗରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି।

ଏସଆଇ ଦିବ୍ୟ ରଞ୍ଜନ ସାହୁ କହିଥିଲେ ଯେ ଚଳିତ ବର୍ଷ ମଣ୍ଡପରେ ୧୬ଟି ହାଇ ରେଜୋଲ୍ୟୁସନ ସିସିଟିଭି କ୍ୟାମେରା ଲଗାଯିବ ପୂଜା କମିଟି ତରଫରୁ । ରାତ୍ରି ପାଟ୍ରୋଲିଂ ବଢ଼ାଇବା ସହ କ୍ଲବ ତରଫରୁ ୨୦ ଜଣ ସ୍ୱେଚ୍ଛାସେବୀ ଓ ପୋଲିସ ମିଳିତ ଭାବେ ଭିଡ଼ ନିୟନ୍ତ୍ରଣ କରିବେ। ଅତିରିକ୍ତ ତହସିଲଦାର ଅମିତ ରୟ ସ୍ପଷ୍ଟ କରିଥିଲେ ଯେ ଲାଉଡ ସ୍ପିକର ପାଇଁ ପ୍ରଶାସନର ଅନୁମତି ବାଧ୍ୟତାମୂଳକ। ନିକଟରେ ବ୍ଲକ ଥିବାରୁ ଦିନରେ ସାଉଣ୍ଡ କଟକଣା ରହିବ ଡିଜେ ସମ୍ପୂର୍ଣ୍ଣ ବନ୍ଦ ରହିବ। ଡା. ସୁଜିତ ମହାନ୍ତି କହିଥିଲେ ଯେ ମଣ୍ଡପ ପାଖରେ ଆମ୍ବୁଲାନ୍ସ, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ପାନୀୟ ଜଳ ଓ କମିଟି ତରଫରୁ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରାଯିବ। ଡେଙ୍ଗୁ ରୋକିବା ପାଇଁ ଔଷଧ ଛିଞ୍ଚନ କରାଯିବ। ଅଗ୍ନିଶମ ଅଧିକାରୀ ଗଗନ ମହାନ୍ତି ଓ ଯନ୍ତ୍ରୀ ରାକେଶ ସାହୁ କହିଥିଲେ ଯେ ମଣ୍ଡପରେ ୪ଟି ଫାୟାର ଏକ୍ସଟିଙ୍ଗୁଇସର ରହିବ, ସର୍ଟ ସର୍କିଟ ଯାଞ୍ଚ କରାଯିବ ଓ ଅସ୍ଥାୟୀ ବିଦ୍ୟୁତ ସଂଯୋଗ ପାଇଁ ଆଗୁଆ ଅନୁମତି ନିଆଯିବ।ଶେଷରେ ପୂଜାକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ସମସ୍ତ ବିଭାଗ ସହଯୋଗ କରିବେ ବୋଲି ନିଷ୍ପତ୍ତି ହୋଇଛି।

## ମା' କନକଦୁର୍ଗାଙ୍କ ପୀଠ ପରିଦର୍ଶନ କଲେ ବିଡିଓ



ବାଲିପାଟଣା,୧୪।୧୦ (ସଂଚାର ବ୍ୟୁରୋ): ବାଲିପାଟଣା ବ୍ଲକ ଅନ୍ତର୍ଗତ ବାଗଲପୁର ସ୍ଥିତ ଆରାଧ୍ୟ ଦେବୀ ମା' କନକଦୁର୍ଗାଙ୍କ ପୀଠକୁ ବ୍ଲକ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ ପରିଦର୍ଶନ କରିଛନ୍ତି। ମା'ଙ୍କ ଦର୍ଶନ ଆଶୀର୍ବାଦ ଲାଭ କରିବା ସହ ସେ ପୀଠର ଚତୁଃପାର୍ଶ୍ୱ ବୁଲି ଏହାର ସାମ୍ପ୍ରତିକ ସ୍ଥିତିର ଅନୁଧ୍ୟାନ କରିଥିଲେ।ଏହି ଅବସରରେ ମନ୍ଦିରର ସର୍ବାଙ୍ଗୀନ ବିକାଶ ଓ ଭିତ୍ତିଭୂମି ସଜାଡ଼ିବା ଦିଗରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ହୋଇଥିଲା। ଦୀର୍ଘ ଦିନ ଧରି ଥିବା ଅଞ୍ଚଳବାସୀଙ୍କ ଆଶାକୁ ପୂରଣ କରି, ପୀଠର ଉନ୍ନତିକରଣ,ପ୍ରାଚୀର ନିର୍ମାଣ ସହିତ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଶାସନ ତରଫରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ଶ୍ରୀ ପାଢ଼ୀ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଆଦର୍ଶ ୟୁଥ୍ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଳୟ କୁମାର ଦାସ, ପୀଠର ଟ୍ରଷ୍ଟି ବିଜୟ କୁମାର ଦାସ,କାହ୍ନୁଚରଣ ଦାସଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।






# ଶରୀରରୁ ଅପରିଷ୍କାର ପଦାର୍ଥ ବାହାର କରିବାର ଉପାୟ

ଆୟୁର୍ବେଦ ସହ ଭାରତର ବିଶେଷ ସଂପର୍କ ରହିଛି। ଆଜିର ଆଧୁନିକ ଦୁନିଆରେ ଲୋକେ ଆୟୁର୍ବେଦିକ ଓ ନ୍ୟାଚୁରାଲ ଉପାୟକୁ ପୁନର୍ବାର ଆପଣାଉଛନ୍ତି। ଅନେକ ବର୍ଷ ପୂର୍ବରୁ ଦେଶରେ ଅନେକ ରୋଗର ଚିକିତ୍ସାରେ ଆୟୁର୍ବେଦିକ ଚିକିତ୍ସାର ସାହାଯ୍ୟ ନିଆ ଯାଉ ଥିଲା। ସମୟାନୁସାରେ ଏଲୋପାଥି ଲୋକପ୍ରିୟ ହେଲା , ଆୟୁର୍ବେଦ ମଧ୍ୟ ଅନନ୍ୟ ଗୁରୁତ୍ୱ ବଜାୟ ରଖିଲା। ଏମିତି ଭାବେ ଏବେ ଲୋକେ ସୁସ୍ଥ ରହିବାର ଆଧୁନିକ ଉପାୟରେ ଆୟୁର୍ବେଦର ସାହାଯ୍ୟ ମଧ୍ୟ ନିଅନ୍ତି। ଏଠାରେ ଆମେ ବଡ଼ି ଡିଟକ୍ସ ଓ ଆୟୁର୍ବେଦିକ ଚିକିତ୍ସାକୁ ଏକାଠି ବ୍ୟବହାର କରିବା କଥା ଆଲୋଚନା କରିବା। ଆୟୁର୍ବେଦ କହେ ଆମ ଶରୀର ନିଜେ ଟକ୍ସିନ୍ ଅର୍ଥାତ୍ ବିଷାକ୍ତ ପଦାର୍ଥକୁ ବାହାରକୁ ବାହାର କରିଦିଏ । ଏହାକୁ ଡିଟକ୍ସିଫିକେସନ କୁହାଯାଏ।

ଡିଟକ୍ସିଫିକେସନ ପାଇଁ ଫାଷ୍ଟିଂ, ଜୁସ୍ ପିଇବା, ଡାଇଟ୍‌ର ବିଶେଷ ଧ୍ୟାନ, ଜଡ଼ିବୁଟି ଓ କୋଲନ ଥେରାପୀ ଭଳି ଅନେକ ଉପାୟର ସାହାଯ୍ୟ ନିଆଯାଏ। ଏହ୍ପର୍ଜକ ମାଧ୍ୟମରେ ଜାଣନ୍ତୁ ଯେ, ଆପଣ କେଉଁ କେଉଁ ଆୟୁର୍ବେଦିକ ଉପାୟରେ ଶରୀରକୁ ନ୍ୟାଚୁରାଲୀ ଡିଟକ୍ସ କରିପାରିବେ? ଏନଆଇଏଚ୍ ମୁତାବିକ ଡିଟକ୍ସିକେଶନ ପାଇଁ ଡାଇଟ୍ ଓ ଥେରାପିର ବ୍ୟବହାର କରାଯାଏ , ଯାହାକୁ ଡିଟକ୍ସ ଓ କ୍ଲିଞ୍ଜେସ୍ କୁହାଯାଏ। ଏହି ପ୍ରକ୍ରିୟାରେ ଶରୀରରୁ ନିର୍ଗତ ହେଉଥିବା ଟକ୍ସିନ୍ ସହଜରେ ବାହାରକୁ ଆସେ। ଏହା ବ୍ୟତୀତ ଓଜନ ହ୍ରାସ କରିବା ଓ ସୁସ୍ଥ ରହିବା ଭଳି ଅନ୍ୟାନ୍ୟ ଫାଇଦା ମଧ୍ୟ ମିଳିଥାଏ। ଆମେରିକାର ସେଣ୍ଟର୍ସ ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ (ସିଡିସି)ର କହିବାନୁସାରେ , କିଛି ବିଶେଷ ଓ ଗୁରୁତର ମାମଲାରେ ଶରୀରରୁ ବିଷାକ୍ତ ପଦାର୍ଥକୁ ବାହାର କରିବା ପାଇଁ କିଲେସନ ଥେରାପିର ସୁପାରିଶ କରାଯାଏ। ସାର୍ଟିଫାଇଡ୍ ଯୋଗା ଇନଷ୍ଟ୍ରକ୍ଟର କାମ୍ୟା ଇନଷ୍ଟାରେ ଭିଡ଼ିଓ ସେୟାର କରି କହିଛନ୍ତି ଯେ, ଶରୀରକୁ କେମିତି ପ୍ରାକୃତିକ ଉପାୟରେ ଡିଟକ୍ସ କରିପାରିବା। ତାଙ୍କର କାମ୍ୟା ମଳାସନ , ତେଲ ମାଲିସ , ଅଏଲ ପୁଲିଂ, ହେବି ଲଞ୍ଚ, ସଠିକ୍ ସମୟରେ ଶୋଇବା ଓ ଫାଷ୍ଟିଂ ଭଳି ଆୟୁର୍ବେଦିକ ଉପାୟ ଗୁଡ଼ିକୁ ଆପଣାଇବାକୁ ପରାମର୍ଶ ଦେଇଛନ୍ତି।

ମଳାସନ କରି ଗରମ ପାଣି ପିଇବା: ଆୟୁର୍ବେଦ ଓ ଯୋଗ ଉଭୟ ହିଁ ବର୍ଷ ବର୍ଷ ଧରି ସୁସ୍ଥ ରହିବାର ସବୁଠୁ ସହଜ ମାଧ୍ୟମ ହୋଇ ରହିଛି। ପ୍ରତିଦିନ ସକାଳେ ଖାଲି ପେଟରେ ମଳାସନ ଅଭ୍ୟାସ କରିବା ସମୟରେ ଉଷୁମ ପାଣି ପିଇବା ଦ୍ୱାରା ପେଟ, ଯକୃତ ଏବଂ କିଡନୀ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗର ସ୍ୱାସ୍ଥ୍ୟରେ ଉନ୍ନତି ହୁଏ। ପ୍ରତିଦିନ ଅଭ୍ୟାସ କଲେ, ଏହା ସ୍ୱାଭାବିକ ଭାବରେ ଶରୀରକୁ ବିଷମୁକ୍ତ କରେ ଏବଂ ଅନେକ ଲାଭ ପ୍ରଦାନ କରେ।

ତେଲ ମାଲିସ: ଆୟୁର୍ବେଦରେ ଏହାକୁ ଅଭ୍ୟଙ୍ଗ କହାଯାଏ ,ଯାହା ପ୍ରାକୃତିକ ଶରୀରେ କଠିନତା ଏବଂ ଥକାପଣକୁ ପ୍ରାକୃତିକ ଭାବେ ହ୍ରାସ କରେ। ତେଲର ମାଲିସ ରକ୍ତ ସଞ୍ଚାଳନକୁ ବଢ଼ାଇ ଥାଏ। ଚର୍ମକୁ ଚମକ ଦେବାରେ ମଧ୍ୟ ସାହାଯ୍ୟ କରେ। ଯଦି କେହି ବାତ ଦୋଷରେ ପୀଡ଼ିତ, ତେବେ ଶୀତଦିନେ ମାଲିସ ଦ୍ୱାରା ଆରାମ ମିଳି ପାରିବ।

ମଧ୍ୟାହ୍ନରେ ଭଲ ଭୋଜନ କରିବା: ଆୟୁର୍ବେଦ ଅନୁସାରେ, ମଧ୍ୟାହ୍ନ ସମୟରେ ଆମର ପାଚନ ଶକ୍ତି ସବୁଠାରୁ ଶକ୍ତିଶାଳୀ ଥାଏ। ଭାରୀ ବା ଭଲଭାବେ ମଧ୍ୟାହ୍ନ ଭୋଜନ ଖାଇବା ଦ୍ୱାରା ସାରା ଦିନ ଶକ୍ତି ମିଳିଥାଏ। ଏହା ଏସିଡ଼ିଟି ଏବଂ ଗ୍ୟାସ ଦୂର କରିବାରେ ମଧ୍ୟ ସାହାଯ୍ୟ କରେ। ଆୟୁର୍ବେଦ ଅନୁସାରେ, ପେଟ ପୁରା ଭୋଜନ କରିବା ଦ୍ୱାରା ଆପଣଙ୍କ ସଠିକ୍ ଭାବେ ଖାଦ୍ୟ ହଜମ କରେ, ଏପରି ଆପଣଙ୍କ ଲିଭର ଏବଂ କିଡନୀ ଠିକ୍‌ରେ ବିଷାକ୍ତ ପଦାର୍ଥ (ଟକ୍ସିନ୍)କୁ ବାହାର କରି ପାରେ।

ଠିକ୍ ସମୟରେ ଶୋଇବା: ଆୟୁର୍ବେଦ ଠିକ୍ ସମୟରେ ଶୋଇବାକୁ ପରାମର୍ଶ ଦିଏ। କାରଣ ଏହା ପ୍ରାକୃତିକ ରିପେୟାରିଂ ପ୍ରକ୍ରିୟା ସକ୍ରିୟ ହୁଏ। ହର୍ମୋନ ସନ୍ତୁଳନକୁ ଉନ୍ନତ କରେ ଏବଂ ମାନସିକ ଚାପକୁ ହ୍ରାସ କରେ। ଏହା ବ୍ୟତୀତ, ଆପଣ ଯେବେ ଭଲ ନିଦ ଯାଇ ଶେଯରୁ ଉଠିଥାନ୍ତି ତ ଶରୀରକୁ ସତେଜ କରି ଥାଏ।

ଫାଷ୍ଟିଂ ଅର୍ଥାତ୍ ଉପବାସ ରହିବା: ଯୋଗ ଏବଂ ଉପବାସର ଆୟୁର୍ବେଦରେ ବିଶେଷ ମହତ୍ତ୍ୱ ରହିଛି। ଉପବାସରେ ଆମେ ଭୋକରେ ରହିବା ସହ ଏହା ପ୍ରାକୃତିକ ଭାବରେ ଶରୀରକୁ ବିଷମୁକ୍ତ (ଡିଟକ୍ସିଫାଏ) କରିଥାଏ। ଆୟୁର୍ବେଦରେ କୁହାଯାଇଛି ଯେ ଯେତେବେଳେ ଆପଣ ଉପବାସ କରନ୍ତି, ଶରୀର ନିଜକୁ ସଫା ଏବଂ ସନ୍ତୁଳିତ କରିବା ଆରମ୍ଭ କରେ। ଏହା ଶରୀରରେ ଅଗ୍ନି ଉପାଦାନକୁ ଶକ୍ତିଶାଳୀ କରିଥାଏ, ବିଷାକ୍ତ ପଦାର୍ଥର ଜମାକୁ ହ୍ରାସ କରିଥାଏ। ପ୍ରକୃତରେ, ବଦହଜମୀ କିମ୍ବା ଅପାଚ୍ୟ ଖାଦ୍ୟ ଯୋଗୁଁ ହେଉଥିବା ବିଷାକ୍ତ ପଦାର୍ଥ ଧୀରେ ଧୀରେ ଶରୀରରୁ ବାହାର ହୋଇଯାଏ। ତାଙ୍କର କାମ୍ୟା କୁହନ୍ତି ଯେ ଏହି ଆୟୁର୍ବେଦିକ ଅଭ୍ୟାସଗୁଡ଼ିକ ଅନେକ ଲାଭ ପ୍ରଦାନ କରେ, ଯେଉଁଥିରେ ଉନ୍ନତ ପାଚନ, ସୁଦୃଢ଼ ଅନ୍ତନଳୀ ସ୍ୱାସ୍ଥ୍ୟ, ହରମୋନ ସନ୍ତୁଳନ ଏବଂ ମେଟାବୋଲିଜିମକୁ ବୃଦ୍ଧି ଅନ୍ତର୍ଭୁକ୍ତ। ଏହା ଆପଣଙ୍କୁ ପ୍ରାକୃତିକ ଭାବରେ ଆପଣଙ୍କ ଶରୀରକୁ ସଫା କରିବାକୁ ଅନୁମତି ଦିଏ।

## ପରଫ୍ୟୁମ୍ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ



ସାଧାରଣତଃ ଖରାଦିନେ ଅଧିକାଂଶ ଲୋକ ପରଫ୍ୟୁମ୍ ବ୍ୟବହାର କରିଥାନ୍ତି। ଏହା ଶରୀରରୁ ଝାଳ ଗନ୍ଧ ଦୂର କରେ ସତ କିନ୍ତୁ ଅତ୍ୟଧିକ ପରଫ୍ୟୁମ୍ ଶରୀର ପାଇଁ କ୍ଷତିକାରକ ହୋଇଥାଏ। ଜାଣନ୍ତୁ ଅଧିକ ପରଫ୍ୟୁମ୍ ବ୍ୟବହାର କଲେ କ'ଣ କ୍ଷତି ହୁଏ। ଯେକୌଣସି ସମୟ ହେବା ବା ଋତୁ ଆଜିକାଲି ପ୍ରାୟ ସମସ୍ତେ ପରଫ୍ୟୁମ୍ ଲଗାଇବାକୁ ପସନ୍ଦ କରନ୍ତି। ଏହା ସୁଗନ୍ଧିତ ହୋଇଥିଲେ ମଧ୍ୟ ଶରୀର ପ୍ରତି ବହୁ ହାନିକାରକ ହୋଇଥାଏ। ଏଥିରେ ଥିବା କେମିକାଲ ଶରୀର ପ୍ରତି ହାନିକାରକ ହେବା ସହ ତ୍ୱଚାରେ ସଂକ୍ରମଣର କାରଣ ପାଲଟିଥାଏ। ଏହାର ବ୍ୟବହାରରୁ ଅନେକଙ୍କୁ ଶ୍ୱାସ, କର୍କଟ ଏବଂ ସଂକ୍ରମଣ ଜନିତ ରୋଗ ଆଦି ହୋଇଥାଏ। ପରଫ୍ୟୁମରେ ପ୍ରାପିଲିନ୍ ଏବଂ ଗ୍ଲାୟସୋଲ୍ ଆଦି କେମିକାଲ ରହିଥାଏ। ଏହି ଦୁଇ ରସାୟନ ଶରୀରରେ ସଂକ୍ରମଣର ମୁଖ୍ୟ କାରଣ ହୋଇଥାଏ। ଆପଣ ବୋଧ ହୁଏ ଜାଣିନଥିବେ କିନ୍ତୁ ଏହା ଦ୍ୱାରା କିଡ଼ନି ଖରାପ ହେବା ସମସ୍ୟା ମଧ୍ୟ ଉପୁଜିଥାଏ। ଏହା ଛଡ଼ା ଡ଼ିଓ ବା ପରଫ୍ୟୁମକୁ ଆଣ୍ଟିବ୍ୟାକ୍ଟେରିଆଲ କରିବା ପାଇଁ ଟ୍ରାଇକ୍ଲୋସନ ନାମକ କେମିକାଲ ବ୍ୟବହାର କରାଯାଇଥାଏ। ଏହି କେମିକାଲ ଶରୀରରେ ଥିବା ରୋଗପ୍ରତିରୋଧକ କ୍ଷମତା କମ କରିଥାଏ। ତେବେ ଗର୍ଭବତୀ ସମୟରେ ଭୁଲରେ ମଧ୍ୟ ପରଫ୍ୟୁମ୍ ବ୍ୟବହାର କରିବା ଉଚିତ ନୁହଁ। କାରଣ ଏହା ଦ୍ୱାରା ଶିଶୁ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ଯାହା ଫଳରେ ଶିଶୁର ସଠିକ୍ ଶାରୀରିକ ବିକାଶ ହୋଇପାରି ନଥାଏ। ପରଫ୍ୟୁମ୍ କାରଣରୁ ତ୍ୱଚାରେ କୌଣସି ପ୍ରକାରର ସଂକ୍ରମଣ ଦେଖାଗଲେ ତୁରନ୍ତ ଥଣ୍ଡା ପାଣିରେ ସେହି ସ୍ଥାନକୁ ଧୁଅନ୍ତୁ। ଏହା ଦ୍ୱାରା ଆପଣଙ୍କୁ ଆରାମ ମିଳିବା ସହ ଏହା କମ ମଧ୍ୟ ହେବ। ପରଫ୍ୟୁମ୍‌ରେ କେମିକାଲ ମିଶିଥାଏ। ଫଳରେ ଏହା ତ୍ୱଚା ଉପରେ କୁପ୍ରଭାବ ପକାଇବା ସହ ଜଳାପୋଡ଼ା ହୋଇଥାଏ। ଖାଲି ଏତିକି ନୁହେଁ, ଏଥିରେ ମିଶିଥିବା ଆଲକହଲ ତ୍ୱଚା ପ୍ରତି ମଧ୍ୟ ହାନିକାରକ। ପ୍ରାକୃତିକ ତ୍ୱଚାକୁ ନଷ୍ଟ କରି ଦେଇଥାଏ। ଅନେକ ସମୟରେ ପରଫ୍ୟୁମ୍ ବ୍ୟବହାର ଯୋଗୁ ସେହି ସ୍ଥାନ କୁଣ୍ଡେଇ ହୋଇ ଫଳି ଯାଇଥାଏ। ବେଳେବେଳେ ଏହି ଜାଗାରେ ଘା' ମଧ୍ୟ ସୃଷ୍ଟି ହୋଇଥାଏ। ହରମୋନ୍‌ଙ୍କୁ ମଧ୍ୟ ପ୍ରଭାବିତ କରିଥାଏ। ତେଣୁ ପରଫ୍ୟୁମ୍ ବ୍ୟବହାର କରୁଥିଲେ ଆବଶ୍ୟକତାଠାରୁ ଅଧିକ ବ୍ୟବହାର କରନ୍ତୁ ନାହିଁ।

## ବାସିଦହି ପଖାଳ ଶରୀର ପାଇଁ ଲାଭଦାୟକ



ବର୍ତ୍ତମାନ ସମୟରେ ଲୋକଙ୍କ ମଧ୍ୟରେ ଖାଦ୍ୟକୁ ନେଇ ଭିନ୍ନ ଭିନ୍ନ ପ୍ରକାରର ଭାବନା ରହିଛି। ତେବେ ଆପଣମାନେ ଜାଣିଥିବେ ଯେ ଲୋକଙ୍କୁ ସବୁବେଳେ ଟେଷ୍ଟି ଖାଦ୍ୟ ଦରକାର ହୋଇଥାଏ। ତେବେ ଆପଣମାନେ ଜାଣିଛନ୍ତି କି ଦହି ପଖାଳକୁ ଭାରତ ସଂସ୍କୃତିର ଏକ ପ୍ରସିଦ୍ଧ ଖାଦ୍ୟ ଭାବେ ବିବେଚନା କରାଯାଏ। ଖରାଦିନେ ବାସି ପଖାଳ ଖାଇବା ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ସେତିକି ହିତକର। ତେବେ ଆଜି ଆମେ ଆପଣଙ୍କୁ ଜଣାଇବୁ ଯେ ଦହି ପଖାଳ କିପରି ଭାବେ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ।

ପ୍ରୋବାୟୋଟିକ୍ସରେ ଭରପୁରଃ ବାସି ଦହି ପଖାଳ ପ୍ରୋବାୟୋଟିକ୍ସରେ ଭରପୁର ହୋଇଥାଏ। ଏଥିରେ ଯେଉଁ ସବୁ ଲାଭକାରୀ ବ୍ୟାକ୍ଟେରିଆ ରହିଥାନ୍ତି, ତାହା ଆମ ପେଟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ବାସି ଦହିରେ ଥିବା ପ୍ରୋବାୟୋଟିକ୍ସ ହଜମ କରିବାରେ ଅନେକ ସାହାଯ୍ୟ କରିଥାଏ। ଏଥିରେ ଥିବା ପୋଷକ ତତ୍ତ୍ୱ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ।

ସହଜରେ ହଜମ କରେଃ ବାସି ଦହି ପଖାଳରେ କାର୍ବୋହାଇଡ୍ରେଟ୍ ଏବଂ ପ୍ରୋଟିନ୍ ଭରପୁର ମାତ୍ରାରେ ରହିଥାଏ। ଯାହା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିଥାଏ। ତେବେ ଯେଉଁ ଲୋକମାନଙ୍କର ହଜମ ସମସ୍ୟା ରହିଛି ସେମାନଙ୍କ ପାଇଁ ଏହା ଅଧିକ ଲାଭକାରୀ ହୋଇଥାଏ।

ହାଡ ଓ ଦାନ୍ତକୁ ମଜବୁତ କରେଃ ଏହା ପୋଷକ ତତ୍ତ୍ୱରେ ଭରପୁର। ଦହି ପଖାଳରେ କ୍ୟାଲସିୟମ୍, ଭିଟାମିନ୍-ଡି ଓ ପ୍ରୋଟିନ୍ ସହିତ ଅନେକ ପୋଷକ ତତ୍ତ୍ୱ ଭରପୁର ରହିଥାଏ। ଏଥିରେ ଥିବା କ୍ୟାଲସିୟମ୍ ହାଡ ଓ ଦାନ୍ତକୁ ମଜବୁତ କରିଥାଏ। ଭିଟାମିନ୍-ଡି କ୍ୟାଲସିୟମ୍ ଅବଶୋଷଣ କରିବାରେ ସହାୟକ କରେ। ଖରାଦିନେ ଦହି ପଖାଳ ଖାଇବା ଦ୍ୱାରା ଆମକୁ ଆକ୍ଟିଭ ଅନୁଭବ ହୋଇଥାଏ।

ଶରୀର ଓ ପେଟକୁ ଠିକ୍ ରଖିଥାଏଃ କେତେକ ସଂସ୍କୃତିରେ ଦହି ପଖାଳକୁ ଥଣ୍ଡା ଖାଦ୍ୟ ବୋଲି ବିବେଚନା କରାଯାଏ। ଏହା ଗରମ ଦିନରେ ଖାଇବାଫଳରେ ପେଟକୁ ଥଣ୍ଡା ରଖିବା ସହ ଆରାମ ପ୍ରଦାନ କରିଥାଏ। ଦହି ପଖାଳ ଶରୀରକୁ ଥଣ୍ଡା ରଖି ଶରୀରର ତାପମାତ୍ରାକୁ ମଧ୍ୟ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ।

ଓଜନକୁ ନିୟନ୍ତ୍ରଣ ରଖିଥାଏଃ ଦହି ପଖାଳରେ ଥିବା ପ୍ରୋବାୟୋଟିକ୍ସ କେବଳ ହଜମ କରିବାରେ ସାହାଯ୍ୟ କରିନଥାଏ ବରଂ ଓଜନ ପାଇଁ ଲାଭକାରୀ ହୋଇଥାଏ। ଶରୀରରେ ତାପମାତ୍ରାକୁ ନିୟନ୍ତ୍ରଣ କରିଥାଏ । ଏଥି ସହ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ମଜବୁତ କରି ରଖିଥାଏ। ଏଥିରେ ଅନେକ ପୋଷାକ ତତ୍ତ୍ୱ ରହିଛି। ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ହୋଇଥାଏ। ବିଶେଷକରି ଏହା ଖରାଦିନ ପାଇଁ ବେଷ୍ଟ ହୋଇଥାଏ ବୋଲି ଏହାକୁ ବିବେଚନା କରାଯାଏ। ସେଥିପାଇଁ ଖରାଦିନେ ପ୍ରତିଦିନ ଦହି ପଖାଳ ଆପଣଙ୍କ ଖାଦ୍ୟରେ ସାମିଲ କରିପାରିବେ।

## ସକାଳେ ଖାଲିପେଟରେ ଖଜୁରୀ ନା କଦଳୀ

ଅଧିକାଂଶ ଲୋକ ଚା' ଏବଂ କଫିରୁ ସେମାନଙ୍କ ସକାଳର ଆରମ୍ଭ କରିଥାଆନ୍ତି। କିନ୍ତୁ ବିଶେଷଜ୍ଞଙ୍କ ମତରେ, ସଠିକ୍ ଖାଦ୍ୟ ସହିତ ଦିନ ଆରମ୍ଭ କରିବା ଖୁବ୍ ଜରୁରୀ ହୋଇଥାଏ। ଯାହାଦ୍ୱାରା ସୁସ୍ଥ ଶରୀର ଗଠନ କରାଯାଇପାରିବ। ତେଣୁ ସୁସ୍ଥ ରହିବାକୁ ଚାହୁଁଥିଲେ ପ୍ରଥମେ ସକାଳର ଖାଇବା ଉପରେ ଗୁରୁତ୍ୱ ଦେବା ଉଚିତ୍। କିଛି ଲୋକ ସକାଳେ ଫଳ ଏବଂ ଡ୍ରାଏ ଫ୍ରୁଟ୍ସ ଖାଇବାକୁ ଉଚିତ୍ ବୋଲି ଭାବିଥାଆନ୍ତି। ପ୍ରତ୍ୟେକ ଖାଦ୍ୟର ଭିନ୍ନ ଭିନ୍ନ ପ୍ରଭାବ ଆମ ଶରୀର ଉପରେ ପଡିଥାଏ। ସକାଳେ ଏଭଳି କିଛି ଖାଦ୍ୟ ଖାଇବା ଉଚିତ୍ ଯାହା ସହଜରେ ହଜମ କରିଥାଏ। ଅନେକ ଲୋକ ସକାଳୁ ଖାଲି ପେଟରେ କଦଳୀ ଖାଇଥାଆନ୍ତି ତ ଆଉ ପୁଣି କିଏ ଖଜୁରୀ ଖାଇଥାଆନ୍ତି। ତେବେ ଖାଲି ପେଟରେ କଦଳୀ ନା ଖଜୁରୀ କେଉଁ ଖାଦ୍ୟଟି ଖାଇବା ଉଚିତ୍ ଆସନ୍ତୁ ଆମେ ଆଜି ସେସମ୍ପର୍କରେ ଜାଣିବା। ଯାହା ଖାଇବା ଦ୍ୱାରା ଶରୀର ଉପରେ ସୁପ୍ରଭାବ ପକାଇବ।

କଦଳୀଃ କଦଳୀ ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ପ୍ରାକୃତିକ ଶର୍କରାରେ ଭରପୂର, ଯାହା ଏହାକୁ ଶକ୍ତିର ଏକ ଭଲ ଉତ୍ସ କରିଥାଏ। ତଥାପି, ଖାଲି ପେଟରେ କଦଳୀ ଖାଇବା ସମସ୍ତଙ୍କ ପାଇଁ ଉପଯୁକ୍ତ ନୁହେଁ। କଦଳୀ ଖାଇବା ଦ୍ୱାରା ତୁରନ୍ତ ଶକ୍ତି ମିଳିଥାଏ। ଏଥିରେ ପୋଟାସିୟମ୍ ଭରପୂର ମାତ୍ରାରେ ଥିବାରୁ ଏହା ହାର୍ଟ ଏବଂ ମାଂସପେଶୀ ପାଇଁ ଲାଭଦାୟକ ହୋଇଥାଏ। ଏଥିରେ ଅନେକ ଲାଭକାରୀ ଗୁଣ ରହିଛି। କିନ୍ତୁ ଏହାକୁ ଖାଇବାର ସାଇଡ ଇଫେକ୍ଟ ମଧ୍ୟ ହୋଇପାରେ। ଏଥିରେ ଥିବା ମ୍ୟାଗ୍ନେସିୟମ୍ ସନ୍ତୁଳନ ଠିକ୍ ନ ରହିବାରୁ ଏସିଡିଟି ଏବଂ ପେଟ ଫୁଲିବା ଭଳି ସମସ୍ୟା ଦେଖାଦେଇଥାଏ। କଦଳୀକୁ ସକାଳୁ ଖାଲି ପେଟରେ ଖାଇବା ପରିବର୍ତ୍ତେ ଟିକେ ବିଳମ୍ବରେ ଖାଆନ୍ତୁ।

ଖଜୁରୀଃ ଖଜୁରୀକୁ ଖାଲି ପେଟରେ ଖାଇବା ସବୁଠାରୁ ଲାଭଦାୟକ ହୋଇଥାଏ। ଏହା ଶରୀର ପାଇଁ ଖୁବ୍ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ଏହାକୁ ଖାଇବା ଦ୍ୱାରା ତୁରନ୍ତ ଶକ୍ତି ମିଳିଥାଏ। ଏଥିରେ ଥିବା ଫାଇବର ଗୁଣ ହଜମ କରିବାରେ ସାହାଯ୍ୟ କରେ। ଏଥିସହ କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ରୋକିବାରେ ମଧ୍ୟ ସହାୟକ କରେ। ଏହାକୁ ଖାଇବା ଦ୍ୱାରା ପେଟ ହାଲୁକା ରହିବା ସହ ଏସିଡିଟିର ଆଶଙ୍କାକୁ କମ୍ କରିଥାଏ। ଏତିକି ନୁହେଁ ଏହା ଅନ୍ତନଳୀ ସ୍ୱାସ୍ଥ୍ୟକୁ ମଧ୍ୟ ଉନ୍ନତ କରେ। ଏହା ମେଟାବୋଲେଜିୟମକୁ ବୃଦ୍ଧି କରେ। ଏଥିରେ ଆଇରନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରପୁର ମାତ୍ରାରେ ଥାଏ। ଯାହା ଥକ୍କାପଣକୁ ଦୂର କରିଥାଏ। ବିଶେଷଜ୍ଞଙ୍କ ମତରେ, ରାତିସାରା ପାଣିରେ ୨ରୁ ୩ଟି ଖଜୁର ଭିଜାଇ ସକାଳେ ଖାଇବା ଦ୍ୱାରା ଭଲ ହଜମ ଏବଂ ପୋଷକ ତତ୍ତ୍ୱ ଅବଶୋଷଣରେ ସାହାଯ୍ୟ ମିଳିଥାଏ। ଅଧିକାଂଶ ଲୋକଙ୍କ ପାଇଁ ଖାଲି ପେଟରେ ଖଜୁରୀ ଖାଇବା ଏକ ସୁସ୍ଥ ବିକଳ୍ପ। ଯାହା ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ ଏବଂ ଦୀର୍ଘସ୍ଥାୟୀ ଶକ୍ତି ପ୍ରଦାନ କରେ। ସୁସ୍ଥ ଶରୀର ଗଠନ କରିବାକୁ ଚାହୁଁଥିଲେ ଖଜୁରୀକୁ ଖାଇବାରେ ସାମିଲ କରିପାରିବେ।



## କାଜୁ ସ୍ୱାସ୍ଥ୍ୟ ପାଇଁ ହିତକର



ସୁସ୍ଥ ଶରୀର ପାଇଁ କିଏ ବା ନଚାହେଁ। କାହିଁକିନା ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯାଏ। ସମୟ ବଦଳିବା ସହିତ ମଣିଷମାନେ ମଧ୍ୟ ପରିବର୍ତ୍ତନ ହୋଇଛନ୍ତି। ଖାଇବା ପିଇବାକୁ ନେଇ ଅନେକ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳୁଛି। ଅଧିକାଂଶ ଲୋକେ ଏବେ ସକାଳୁ ସକାଳୁ ଡ୍ରାଏଫ୍ରୁଟସ୍ ଖାଉଛନ୍ତି। ସେଥି ମଧ୍ୟରୁ କାଜୁ ଅନ୍ୟତମ। ସାଧା ଖାଦ୍ୟରେ ସ୍ୱାଦ ବଢ଼ାଇବା ପାଇଁ ରୋଷେଇରେ କାଜୁକୁ ବ୍ୟବହାର କରାଯାଇଥାଏ । ତେଣୁ କାଜୁର ଅଧିକ ଚାହିଦା ରହିଛି। ଏହା ଆମକୁ ସ୍ୱାଦିଷ୍ଟ ଲାଗିବା ସହିତ ଶରୀର ପାଇଁ ମଧ୍ୟ ଲାଭପ୍ରଦ ହୋଇଥାଏ। ଯାହା ଲମ୍ବା ସମୟ ଧରି ପେଟକୁ ଭାରି କରି ରଖିଥାଏ। ଲୋକେ ସେମାନଙ୍କ ଡାଏଟ୍ ପ୍ଲାନରେ କାଜୁକୁ ସାମିଲ କରୁଛନ୍ତି। କାଜୁରେ ଓମେଗା -୩ ଫ୍ୟାଟି ଏସିଡ୍, ବାୟୋଟିନ୍, ଭିଟାମିନ୍ ଇ, ଜିଙ୍କ୍ ଏବଂ ପ୍ରୋଟିନ ଭଳି ଅନେକ ପୋଷକ ତତ୍ତ୍ୱ ପ୍ରଚୁର ମାତ୍ରାରେ ରହିଛି । ଫଳରେ କାଜୁକୁ ଶରୀର ପାଇଁ ବେଷ୍ଟ ହୋଇଥାଏ। ଯାହା ଖାଇବା ଦ୍ୱାରା ଶରୀରକୁ ଅନେକ ଫାଇଦା ଦେଇଥାଏ। ଯାହା ଅନେକ ରୋଗରୁ ମୁକ୍ତି ଦେଇଥାଏ। ସଠିକ୍ ଉପାୟରେ କାଜୁକୁ ଖାଇବା ଦ୍ୱାରା ଏହା ଶରୀରରେ ଉପରେ ଅଧିକ ଭଲ ପ୍ରଭାବ ପକାଇଥାଏ। ଯାହା ଆମ ସୁସ୍ଥ ଶରୀର ଗଠନ କରିବାରେ ସାହାଯ୍ୟ କରିଥାଏ। ତେଣୁ ପ୍ରତିଦିନ କାଜୁ ଖାଇବା ଦ୍ୱାରା ଆମ ଶରୀରରେ ପରିବର୍ତ୍ତନ ଆଣିଥାଏ। ତେବେ ଆସନ୍ତୁ କାଜୁ ଆମ ସ୍ୱାସ୍ଥ୍ୟ ଉପରେ କେଉଁ ସବୁ ପ୍ରଭାବ ପକାଏ ସେ ସମ୍ପର୍କରେ ଜାଣିବା।

**ହାର୍ଟଃ** କାଜୁ ହାର୍ଟ ସମସ୍ୟାରେ ଉନ୍ନତି ଆଣିଥାଏ। ଏହା ନିୟମିତ ଖାଇବା ଦ୍ୱାରା ବ୍ଲଡପ୍ରେସର କମାଇ ହାର୍ଟ ସମସ୍ୟାରୁ ରକ୍ଷା କରିଥାଏ। ଖରାପ କୋଲେଷ୍ଟ୍ରୋଲକୁ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

**ଓଜନ ହ୍ରାସଃ** କାଜୁରେ ଫାଇବର, ପ୍ରୋଟିନ ଥିବାରୁ ଓଜନ ହ୍ରାସ କରିବାରେ ସହାୟକ କରିଥାଏ। କାଜୁ ଖାଇବା ଦ୍ୱାରା ଲମ୍ବା ସମୟ ପର୍ଯ୍ୟନ୍ତ ଭୋକ ଲାଗି ନଥାଏ। ତେଣୁ ଓଜନ ହ୍ରାସ ଯାତ୍ରାକୁ ସହଜ କରିଥାଏ।

**ଡାଇବେଟିସ କଣ୍ଟ୍ରୋଲଃ** ଡାଇବେଟିସ ରୋଗୀଙ୍କ ପାଇଁ କାଜୁ ପ୍ରଭାବଶାଳୀ। ଏଥିରେ ଥିବା ମ୍ୟାଗ୍ନେସିୟମ ବ୍ଲଡ୍ ଲେବଲକୁ କମାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

**ଇମ୍ୟୁନିଟି ସିଷ୍ଟମରେ ବୃଦ୍ଧିଃ** କାଜୁରେ ଭିଟାମିନ ଓ ଜିଙ୍କର ଗୁଣ ରହିଛି। ଯାହା ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିବା ସହିତ ଶରୀରରେ ଥିବା ରୋଗ ସହିତ ଲଢେଇ କରିଥାଏ।

**ସ୍କିନ୍ ଓ ଚୁଟି ପାଇଁ ଲାଭକାରୀଃ** ଏତିକି ନୁହେଁ ବରଂ ଓମେଗା-୩ ଏବଂ ଭିଟାମିନ୍ ଇ ଥିବାରୁ ଏହା ଚୁଟି ଓ ସ୍କିନ୍ ପାଇଁ ଫଳପ୍ରଦ। ଯାହା ଖାଇବା ଦ୍ୱାରା ତ୍ୱଚାରେ ଚମକ ଆଣିବା ସହିତ ଚୁଟିକୁ ମଜବୁତ କରି ରଖିଥାଏ।

ବ୍ରେନ୍ଃ କାଜୁ ସ୍ମରଣ ଶକ୍ତି ବଢ଼ାଇବାରେ ବଡ ଦାୟିତ୍ୱ ବହନ କରିଥାଏ। ମ୍ୟାଗ୍ନେସିୟମର ଗୁଣ କାରଣରୁ ବ୍ରେନକୁ ସୁସ୍ଥ ରଖିଥାଏ।

**ହାଡକୁ ମଜବୁତ କରେଃ** କ୍ୟାଲସିୟମ ଆମ ହାଡ ଗଣ୍ଠିକୁ ମଜବୁତ କରି ରଖିଥାଏ। ଯାହା ଦ୍ୱାରା ହାଡଗଣ୍ଠି ସମସ୍ୟାରୁ ମୁକ୍ତି ଦେଇଥାଏ।

କାଜୁକୁ ଖାଇବା ଫଳରେ ଶରୀରକୁ ଆବଶ୍ୟକ ଅନୁସାରେ ସଠିକ୍ ପୋଷଣ ଆମକୁ ମିଳିଥାଏ। ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ଶରୀରରେ ଥିବା ସମସ୍ୟାକୁ ଦୂର କରିଥାଏ। ଏହା କେବଳ ଶାରୀରିକ ସମସ୍ୟାକୁ ନୁହେଁ ବରଂ ମାନସିକ ସମସ୍ୟାକୁ ମଧ୍ୟ ଦୂର କରିବା ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ। ତେଣୁ କାଜୁ ନିୟମିତ ଖାଇବା ଉଚିତ।

ପାଦ ଚଲା ରାସ୍ତା ହିଁ ଭରସା

# ବିଭାଗୀୟ ଅବହେଳା ଯୋଗୁଁ ଗାଁକୁ ନାହିଁ ରାସ୍ତା



କନ୍ଧମାଳ,୧୪।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ଚାଞ୍ଚେଡି ପଞ୍ଚାୟତ ର ଏକ ନମ୍ବର ଉଆଡ଼ ର ଟୁଟାମାହା ଗାଁ କୁ ରାସ୍ତା ନାହିଁ। କାରଣ ଗାଁକୁ ଯିବା ପାଇଁ ରାସ୍ତା ନାହିଁ ଅଞ୍ଚଳବାସୀ ଯାତାୟାତ ପାଇଁ ଅସୁବିଧା ସମ୍ମୁଖୀନ ହେଉଛି ! ଗାଁ କୁ ଭଲ ରାସ୍ତା ନଥିବାରୁ ରୋଗୀ ଏବଂ ଗର୍ଭବତୀ ମହିଳା ଙ୍କ ଚିକିତ୍ସା ଲାଗି ଦୋଳା ହିଁ ଏକ ମାତ୍ର ସାହାରା ସାଜିଛି। ରାସ୍ତା ଉପରେ ୧୫୦ ଉର୍ଦ୍ଧ୍ୱ ଲୋକେ ଏହି ରାସ୍ତା ଉପରେ ନିର୍ଭର କରି ଆସୁଛନ୍ତି। ଟୁଟାମାହା ଗାଁ ର ଲୋକ ମାନେ ଆଜି ମୌଳିକ ସୁବିଧା ରୁ ବଞ୍ଚିତ ହୋଇରହିଛନ୍ତି। ଏହି ଗାଁ ରେ ୧୫୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଏବେ ମଧ୍ୟ ଗାଁ କୁ ଯିବା ଲାଗି ଭଲ ରାସ୍ତା ଖଣ୍ଡେ ନାହିଁ। ପର୍ବତ ପାହାଡ଼ ଘେରା ଆବୁଡାଖାବୁଡା ମାଟି ରାସ୍ତା ରେ ନିତିଦିନିଆ ଯାଆସ କରୁଛନ୍ତି। ବର୍ଷା ଦିନେ ବାଇକ୍ ଯିବା ଦୂରର କଥା ଚାଲିକି ଯିବା କଷ୍ଟକର । ଗାଁ ରେ ଯାହାର ଦେହ ଅସୁସ୍ଥ ହେଲେ କିମ୍ବା ଗର୍ଭବତୀ ମହିଳା ଙ୍କୁ ପ୍ରସବ ଲାଗି ମେଡିକାଲ ଯିବାକୁ ହେଲେ ଖଟିଆ କିମ୍ବା ଦୋଳାରେ ବୋହିବାକୁ ପଡୁଛି। ରାସ୍ତା ଲାଗି ଗ୍ରାମବାସୀ ମାନେ ବାରମ୍ବାର ଅଭିଯୋଗ କରିଆସିଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇପାରୁ ନାହିଁ। ସେପଟେ ନିର୍ବାଚନ ଆସିଲେ ଏହି ଗାଁ କୁ ଭୋଟ ମାଗିବାକୁ ନେତା ମନ୍ତ୍ରୀ ଙ୍କ ସୁଅ ଛୁଟିଥାଏ। ବାନ୍ଧାପାଜୁ ଠାରୁ ଟୁଟାମାହା ଖାଲଖମା ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ନୂତନ ପକ୍କା ଭାବେ ନିର୍ମାଣ କରିବା ଲାଗି ଗ୍ରାମବାସୀ ଦାବି କରିଛନ୍ତି। ଦିନେ ନୁହେଁ କି ମାସେ ନୁହେଁ ବର୍ଷ ବର୍ଷ ଧରି ଲାଗି ରହିଛି ଏହି ରାସ୍ତା ସମସ୍ୟା। ଏହି ଖାଲଖମା ରାସ୍ତା ଦେଇ ଭଡା ଠାରୁ ରାସନ୍ ସାମଗ୍ରୀ ଓ ଅନ୍ୟାନ୍ୟ ଜରୁରୀ କାମ ଅଞ୍ଚଳର ଗ୍ରାମବାସୀ ମାନଙ୍କୁ ନାଇ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ବିଶେଷ କରି ଗୁରୁତ୍ୱ ରୋଗୀ ଓ ସ୍କୁଲ କଲେଜ କୁ ଯାଉଥିବା ଛାତ୍ର ଛାତ୍ରୀ ଙ୍କ ଲାଗି ଖାଲଖମା ରାସ୍ତା ଟି ସମସ୍ୟା ସୃଷ୍ଟି କରୁଛି। ତେବେ ଏହି ରାସ୍ତା କୁ ପକ୍କା ରାସ୍ତା ନିର୍ମାଣ ଏବେ ଜରୁରୀ ସୋଇପଡ଼ିଛି ବୋଲି ମଞ୍ଜୁଳା ମଲିକ, ରେଶମା ପ୍ରଧାନ, ମିନତି ପ୍ରଧାନ, ବିନିତା ଦିଗାଲ, ରିତା ପ୍ରଧାନ, ବୁଦ୍ଧଦେବ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ମନୋଜ ପ୍ରଧାନ, ସୁବାଷ ପ୍ରଧାନ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ଖଣି ବିଭାଗର ରେଡ୍ ୪ ବାଲି ବୋଝେଇ ଟ୍ରାକ୍ଟର ଜବତ



ବାଲିଆପାଳ,୧୪।୧୦ (ସଂଚାର ବ୍ୟୁରୋ): ଆକ୍ସନ ମୋଡ୍ରେ ଖଣି ବିଭାଗ ଅଧିକାରୀ। ପଶ୍ଚିମବଙ୍ଗକୁ ବେଆଇନ ବାଲି ଚାଲାଣ ବେଳେ ମାଡ଼ି ବସିଲେ ଖଣି ଅଧିକାରୀ। ଅଚାନକ ଚଢ଼ାଉ କରି ୪ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କଲା ଖଣି ବିଭାଗ। ଜଳେଶ୍ୱର ଅଞ୍ଚଳର ଦହମୁଣ୍ଡା ନିକଟ ସୁବର୍ଣ୍ଣରେଖା ନଦୀପଠାରୁ ଦୀର୍ଘଦିନ ଧରି ବେଆଇନ ବାଲି ଉତ୍ତୋଳନ କରି ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ଖଣି ବିଭାଗର ଏହି ଚଢ଼ାଉକୁ ନେଇ ବାଲି ମାଫିଆଙ୍କ ମଧ୍ୟରେ ଛନକା ପଶିଛି। ବେଆଇନ ବାଲି ଚାଲାଣ ଉପରେ ଖଣି ବିଭାଗର କଡ଼ା କାର୍ଯ୍ୟାନୁଷ୍ଠାନ। ସୁବର୍ଣ୍ଣରେଖା ନଦୀପଠାରୁ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିବା ବେଳେ ଖଣି ବିଭାଗ ଅଧିକାରୀମାନେ ଅଚାନକ ଚଢ଼ାଉ କରି ୪ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ସୂଚନା ଅନୁଯାୟୀ, ଜଳେଶ୍ୱର ଅଞ୍ଚଳର ଦହମୁଣ୍ଡା ନିକଟ ସୁବର୍ଣ୍ଣରେଖା ନଦୀପଠାରୁ ଦୀର୍ଘଦିନ ଧରି ବାଲି ଓ ମାଟି ଉତ୍ତୋଳନ କରି ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଥିବା ଅଭିଯୋଗ ରହିଛି। ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ଓ ମାଟି ଚାଲାଣ ହେଉଥିବାରୁ ଏହାଦ୍ୱାରା ମାଫିଆମାନେ ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଥିବା କୁହାଯାଉଛି।ଏ ସମ୍ପର୍କରେ ଖବର ପାଇ ଖଣି ବିଭାଗର ଜୁନିୟର ଅଧିକାରୀ ଜଗନ୍ନାଥ ଦାସ ଓ ଅଭିଷେକଙ୍କ ନେତୃତ୍ୱରେ ଅଧିକାରୀମାନେ ଦହମୁଣ୍ଡା ନିକଟରେ ଚଢ଼ାଉ କରିଥିଲେ। ଏହି ସମୟରେ ବାଲି ବୋଝେଇ ୪ଟି ଟ୍ରାକ୍ଟରକୁ ଜବତ କରି କମର୍ଦ୍ଦା ଥାନାରେ ଜିମା ଦିଆଯାଇଛି।ଦୀର୍ଘଦିନ ଧରି ଚାଲିଥିବା ବେଆଇନ ବାଲି ଓ ମାଟି ଚାଲାଣ ଉପରେ ଖଣି ବିଭାଗର ଏହି ଅଚାନକ ଚଢ଼ାଉକୁ ନେଇ ବାଲି ମାଫିଆଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ଏହି ଚଢ଼ାଉ ପରେ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ଉପରେ କେତେ ମାତ୍ରାରେ ରୋକ୍ ଲାଗୁଛି, ତାହା ଏବେ ଦେଖିବାର କଥା।

## କିନ୍ନରଙ୍କ ଅଧିକାର ସମ୍ପର୍କୀତ ଜିଲ୍ଲାସ୍ତରୀୟ କର୍ମଶାଳା



କନ୍ଧମାଳ,୧୪।୧୦ (ସଂଚାର ବ୍ୟୁରୋ): ସରକାର ଙ୍କ ସ୍ତରରେ କିନ୍ନର ମାନଙ୍କୁ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବା ନିମନ୍ତେ ୨୦୧୯ ମସିହାରେ ଟ୍ରାନ୍ସଜେଣ୍ଡର ବ୍ୟକ୍ତି ଅଧିକାର ସୁରକ୍ଷା ଆଇନ୍ ଆଣିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହାର ସଚେତନତା ତଳ ସ୍ତରରେ ପହଂଚି ପାରିନଥିବାରୁ କିନ୍ନର ମାନେ ଏହାର ଲାଭ ପାଇନାହାନ୍ତି। ଏହାକୁ ଆଖି ଆଗରେ ରଖି ସ୍ୱେଚ୍ଛାସେବି ଅନୁଷ୍ଠାନ ସ୍ୱାତୀ ଆଇ.ଇ.ସି. କ୍ୟାମ୍ପେନ ୩.୦ ସମାପନ ଦିବସରେ କିନ୍ନର ମାନଙ୍କ ଅଧିକାର ସମ୍ପର୍କିତ ଏକ ଦିନିକିଆ କର୍ମଶାଳା ଫୁଲବାଣୀ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ର ବୈଠକ ଗୃହରେ ଆୟୋଜିତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ଅନୁଷ୍ଠାନ ତରଫରୁ ଜିଲ୍ଲାରେ ଚାଲିଥିବା ଏ.ଡ଼ି.ସ. ସମ୍ପର୍କିତ କାର୍ଯ୍ୟକ୍ରମ କୁ ସମ୍ୟକ ରୂପେ ଉପସ୍ଥାପନା କରିବା ସହିତ ନିକଟ ରେ ଅଗଷ୍ଟ ୧୨ ତାରିଖ ଠାରୁ ଅକ୍ଟୋବର ୧୨ ତାରିଖ ପର୍ଯ୍ୟନ୍ତ ଚାଲିଆସିଥିବା ଆଇ.ଇ.ସି. କ୍ୟାମ୍ପେନ ର ତଥ୍ୟ ଉପସ୍ଥାପନା କରିଥିଲେ। ତତ୍ପରେ ଅନୁଷ୍ଠାନର କର୍ମୀ ବିଶ୍ୱରଞ୍ଜନ କର ଟ୍ରାନ୍ସଜେଣ୍ଡର ମାନଙ୍କ ଅଧିକାର ଓ ବ୍ୟବସ୍ଥା ବିଷୟରେ ଏକ ଉପସ୍ଥାପନା ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରି ଡାକ୍ତର ଅରବିନ୍ଦ ଦାସ ଉପସ୍ଥିତ ରହି ଏହି ଆଇନରେ କିନ୍ନର ମାନଙ୍କର ଜୀବନ ଜିବିକା ନିମନ୍ତେ ଥିବା ବ୍ୟବସ୍ଥା କୁ ନେଇ ଆଲୋଚନା କରିଥିବା ବେଳେ ଏହାର ଲାଭ ନେବା ପାଇଁ ଉପସ୍ଥିତ ସମସ୍ତ କିନ୍ନର ମାନଙ୍କୁ ଅନୁରୋଧ କରିଥିଲେ। ଏଥି ସହିତ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ନିବେଦିତା ଜାନି ଯୋଗଦେଇ କିନ୍ନର ମାନଙ୍କ ର ପଞ୍ଜିକରଣ ଠାରୁ ଆରମ୍ଭ କରି ପେନସନ୍ ଯୋଜନା ପର୍ଯ୍ୟନ୍ତ ଯାହା ସୁବିଧା ସବୁ ଅଛି ତାହା ଜଣାଇଥିଲେ।

ନୂତନ ବସଷ୍ଟାଣ୍ଡ ନିର୍ମାଣ

## ଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ



ସୁବର୍ଣ୍ଣପୁର,୧୪।୧୦ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ସହରରେ ନିର୍ମାଣାଧୀନ ନୂତନ ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟକୁ ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂହ ପରିଦର୍ଶନ କରିଛନ୍ତି। ନିର୍ମାଣ ସ୍ଥଳକୁ ଯାଇ ସେ କାମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୟରେ ଠିକା ସଂସ୍ଥାର ଅଧିକାରୀ ଓ ଉପସ୍ଥିତ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରି କାର୍ଯ୍ୟକୁ ଗୁଣାତ୍ମକ ମାନ ବଜାୟ ରଖି ଶୀଘ୍ର ଶେଷ କରିବାକୁ କଡ଼ା ତାଗିଦ କରିଛନ୍ତି ଜିଲ୍ଲାପାଳ। ବର୍ତ୍ତମାନ ଫାଉଣ୍ଡେସନ ଓ ପିଲର ପାଇଁ ରଡ ବାନ୍ଧିବା କାମ ଚାଲିଥିବା ବେଳେ ଜିଲ୍ଲାପାଳ ନିଜେ ନିର୍ମାଣ କାର୍ଯ୍ୟ ଦେଖିଥିଲେ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବସଷ୍ଟାଣ୍ଡ କାମ ସାରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ନୂତନ ବସଷ୍ଟାଣ୍ଡ ନିର୍ମାଣ ହେଲେ ସୁବର୍ଣ୍ଣପୁର ବାସୀଙ୍କ ଦୀର୍ଘଦିନ ର ସମସ୍ୟା ବହୁ ମାତ୍ରାରେ ଦୂର ହେବ ବୋଲି ଆଶା କରାଯାଉଛି।

## ଗଞ୍ଜେଇ ଚାଲାଣ, ସମିତି ସଭ୍ୟ ଗିରଫ

ଫୁଲବାଣୀ,୧୪।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫୁଲବାଣୀ ଟାଉନ ଥାନା ପୋଲିସ ଗଞ୍ଜେଇ ଚାଲାଣ ମାମଲାରେ ଜଣେ ସମିତି ସଭ୍ୟଙ୍କୁ ଗିରଫ କରିଛି। ସେ ହେଲେ ପଲାବୁଡ଼ି ସମିତି ସଭ୍ୟ ଜିତେନ୍ଦ୍ର ଦିଗାଲ। ଗତ ୧୦ ତାରିଖ ରାତିରେ ଗୋଚ୍ଛାପଡ଼ା ଥାନା ପଲାବୁଡ଼ି ପଞ୍ଚାୟତର ମୁସେଲିପାଙ୍ଗାରେ ବନରକ୍ଷୀ ବିଷ୍ଣୁ ପ୍ରସାଦ ରାଏ ଗାଡ଼ି ଯାଞ୍ଚ କରୁଥିବା ବେଳେ କିଛି ବ୍ୟକ୍ତି ତାଙ୍କ ସହ ପାତିତୁଣ୍ଡ କରିଥିଲେ। ଏହାକୁ ନେଇ ବନରକ୍ଷୀ ଗୋଚ୍ଛାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଏନେଇ ଗୋଚ୍ଛାପଡ଼ା ଥାନା ଅଧିକାରୀ ଶୁଭଜିତ ସାମନ୍ତରାୟ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲେ। ଜିତେନ୍ଦ୍ରଙ୍କ ସମେତ ୨ ଜଣଙ୍କୁ ଥାନାକୁ ନେଇ ପଚରାଉଚରା କରାଯାଇଥିଲା। ତଦନ୍ତ ବେଳେ ସମିତି ସଭ୍ୟ ଜିତେନ୍ଦ୍ରଙ୍କ ନାଁରେ ଫୁଲବାଣୀ ଟାଉନ ଥାନାରେ ପୂର୍ବରୁ ଗଞ୍ଜେଇ ଚାଲାଣ ମାମଲା ଥିବା ଏବଂ ୱାରେଣ୍ଟ ଜାରି ହୋଇଥିବା ଜଣାପଡ଼ିଥିଲା। ଟାଉନ ପୋଲିସ ଜିତେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଛାତ୍ର ସଂସଦ ନିର୍ବାଚନ

## ଭୋଟ ଦେଇ ନିଜର ଛାତ୍ର ନେତା ବାଛିବେ ଛାତ୍ରଛାତ୍ରୀ



ବାଲିଆପାଳ,୧୪।୧୦ (ସଂଚାର ବ୍ୟୁରୋ): ଆସନ୍ତା କାଲି ଛାତ୍ର ସଂସଦ ନିର୍ବାଚନ। ଭୋଟ ଦେଇ ନିଜର ଛାତ୍ର ନେତା ବାଛିବେ ଛାତ୍ରଛାତ୍ରୀ। ସେଥିପାଇଁ ଆଜି ରହିଛି ଡଷଛ ସ ଗ୍ବଗ୍ବବଭୟ ଲକ୍ଟକ୍ସ ମୀଟିଙ୍ଗ। ପ୍ରାଥୀ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବା ଠାରୁ ପିଲାଙ୍କ ଭିତରେ ଉତ୍ସାହ ଦେଖିବା ପାଇଁ ମିଳିଥିଲା। ସମସ୍ତ ସଂଗଠନର ଛାତ୍ର ପ୍ରତିନିଧି ମାନେ ୬ ଦିନ ଧରି ଜୋର ସୋର ରେ କ୍ୟାମ୍ପେନିକ କରି ଛାତ୍ରଛାତ୍ରୀ ମାନଂକୁ ନିଜ ସପକ୍ଷକୁ ନେବ ପାଇଁ ବହୁତ କଳ ବଳ ଲଗାଇଥିଲେ। ଏହାକୁ ନେଇ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଓ ନିର୍ବାଚନମଣ୍ଡଳୀର ପ୍ରମୁଖ କଲେଜ ଦିନକୃଷ୍ଣ କଲେଜ, ଏବଂଭୋଗରାଇ ନିର୍ବାଚନ ମଣ୍ଡଳୀ ର ସୁରେନ୍ଦ୍ର ନାଥ ମହାବିଦ୍ୟାଳର କଲେଜର ମଧ୍ୟ୍ୟ ଆୟୋଜନ କରାଯାଇଛି। ଆଉ ଏଥି ପାଇଁ କଲେଜ ସାମ୍ନାରେ ଭିଡ଼ ଜମାଇଲେଣି। କହିବାକୁ ଗଲେ ଏବିଭିପି, ମଧ୍ୟରେ କଡା ଟକ୍କର ହେବା ନେଇ ଆଶଙ୍କା କରାଯାଉଛି। ସେପଟେ ଆଇନ ଶୃଙ୍ଖଳା ପାଇଁପୋଲିସ ନିଜେ ଘଟଣା ସ୍ଥଳରେ ଉପସ୍ଥିତ ଅଛନ୍ତି। ପୂର୍ବ ନିର୍ବାଚନ ଗୁଡିକରେ ଅଣ ଛାତ୍ର ମାନେ ଗଣ୍ଡଗୋଳ କରି ଛାତ୍ର ନିର୍ବାଚନକୁ ବିଶୃଙ୍ଖଳା ଉପଜାଇଛନ୍ତି। ଏହାକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ମୁଣ୍ଡାରୀ ସମାଜର ଦେଶୁଆ କରମ ପୂଜା

ବୈଶିଙ୍ଗା,୧୪।୧୦ (ସଂଚାର ବ୍ୟୁରୋ): ମଙ୍ଗଳବାର ସନ୍ଧ୍ୟାରୁ ଆରମ୍ଭ ହୋଇ ବୁଧବାର ସକାଳେ ଶେଷ ହୋଇଛି ମୁଣ୍ଡାରୀ ସମ୍ପ୍ରଦାୟର ଦେଶୁଆ କରମ ପୂଜା।ଏହି କରମ ପୂଜା ଦେଖିବାକୁ ମିଳିଥିଲା ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧିନ ଗଡ଼ଦେଉଳିଆ ପଞ୍ଚାୟତର ବାଲକା ଉପକଣ୍ଠ ଭଣ୍ଡାରଶୋଳ ଗ୍ରାମରେ। ପୂଜା



କମିଟି ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏହି ପୂଜା ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି।ସୂଚନା ମୁତାବକ ଏହି ପୂଜା ଆରମ୍ଭରେ ଗ୍ରାମବାସୀ ମାନେ ସମସ୍ତେ ପାରମ୍ପାରିକ ବାଦ୍ୟ ନୃତ୍ୟ ସହ ପୂଜକଙ୍କୁ ନେଇ ଗ୍ରାମ ନିକଟରେ ଥିବା କରମ ବୃକ୍ଷରେ ପୂଜା କରି ସେଥିରୁ ଡାଳ ଆଣି ପୂଜାସ୍ଥାନରେ ପୋତି ସେଠାରେ 'କୋର୍ମୁ ଓ ଧର୍ମୁ' ନାମକ ଦୁଇଟି ମାଟିରେ ନିର୍ମିତ ମୂର୍ତ୍ତିକୁ ସ୍ଥାପନ କରି ରାତିସାରା ପୂଜା ହେବା ସହ ପାରମ୍ପାରିକ ବାଦ୍ୟ ବଜାଇ ରାତିସାରା ନୃତ୍ୟ ପରିବେଶଣ କରାଯାଇଥାଏ। ଏହି ନାଚଗୀତରେ ଗ୍ରାମବାସୀ ସମେତ ପାଖ ପୋଡଶି ଗ୍ରାମର ଲୋକମାନେ ସାମିଲ ହୋଇଥାନ୍ତି। ରାତିସାରା ପୂଜା ପରେ ସକାଳ ସୂର୍ଯ୍ୟ ଉଦୟ ପରେ ପୁଣି ବାଜା ବଜାଇ ନାଚିନାଚି ଯାଇ ପୂଜା କରାଯାଇଥିବା ମୂର୍ତ୍ତି ଓ ଡାଳକୁ ଗ୍ରାମ ନିକଟ ପୋଖରୀରେ ବିସର୍ଜନ କରି ପୂଜାକୁ ଶେଷ କରିଥାନ୍ତି। ତେବେ ଏହି ପୂଜାର ପୂଜକ କୁନା ସିଂ ପୂଜା କରିଥିବା ବେଳେ ଆୟୋଜକ କମିଟିର ସଭାପତି ଶିବ ସିଂ ସିଂ, ଉପ-ସଭାପତି ରୁହ୍ୟା ସିଂ, ସମ୍ପାଦକ ସମ୍ଭୁଆ ସିଂ, ସହ-ସମ୍ପାଦକ ଡାକ୍ତର ମାଝି ଓ ରଥ ସିଂ ସମେତ ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ ପ୍ରସ୍ତୁତି ବୈଠକ

କନ୍ଧମାଳ,୧୪।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ରମା ଆଳୟା କଲ୍ୟାଣ ମଣ୍ଡପ ଠାରେ ଆନ୍ତର୍ଜାତୀୟ ମାନବାଧିକାର ରକ୍ଷକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କ ନୂଆଗାଁ ସଭାପତି ଶୁଶାନ୍ତ କୁମାର ପାଢ଼ୀ ଅଧ୍ୟକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଡ଼ଃ ମୀନକେତନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ କାର୍ଯ୍ୟକ୍ରମ କୁ ଆରମ୍ଭ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ



ରାଜ୍ୟ ସମ୍ପର୍କ ଅଧିକାରୀ ପବନ କୁମାର ପଟ୍ଟନାୟକ, ଜିଲ୍ଲା ସଭାପତି ପୁରଷୋତ୍ତମ ବେହେରା, ରାଜ୍ୟ ମହିଳା ସଭାନେତ୍ରୀ ପ୍ରଭାସିନୀ ନନ୍ଦ, ସାରଙ୍ଗଡ଼ ସରପଞ୍ଚ ବରୁଣ କହଁର, ବଣ୍ଡଗୁଡା ସରପଞ୍ଚ ସଞ୍ଜୟ ପ୍ରଧାନ, କ ନୂଆଗାଁ ସମ୍ପାଦକ ସନ୍ତୋଷ କୁମାର ପାଣିଗ୍ରାହୀ ଙ୍କ ସହ ସମସ୍ତ ବ୍ଲକ୍ ର ସଭାପତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ରେ ମାନବାଧିକାର ମହତ୍ତ୍ୱ, ସାଧାରଣ ଲୋକଙ୍କ ମୌଳିକ ଅଧିକାର, ମହିଳା ଓ ଶିଶୁଙ୍କ ଅଧିକାର, ଶିକ୍ଷା ଓ ସ୍ୱାସ୍ଥ୍ୟ ଅଧିକାର ଏବଂ ସରକାରୀ ଯୋଜନାରେ ଲୋକଙ୍କ ଅଧିକାର ସମ୍ପର୍କରେ ଜନସଚେତନତା ସୃଷ୍ଟି ଉପରେ ଆଲୋଚନା କରିଥିଲେ। ମାନବାଧିକାର ସମ୍ପର୍କରେ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସଚେତନତା ପହଞ୍ଚାଇବା ସହିତ ଶାନ୍ତି ପୂର୍ଣ୍ଣ ଉପାୟରେ ସ୍ୱର ଉତ୍ତୋଳନ କରିବା ପାଇଁ ଲୋକଙ୍କୁ ସଚେତନ କରାଯିବ ବୋଲି ବୈଠକରେ ଆଲୋଚନା କରିଥିଲେ।

## ନିଶା ମୁକ୍ତ କରିବା ପାଇଁ ଥାନାରେ ଦାବିପତ୍ର

ବାଲିଆପାଳ,୧୪।୧୦ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଅନ୍ତର୍ଗତ ବେତଗଡ଼ିଆ ପଞ୍ଚାୟତର ଚାରିଟା ଚୋରା ମଦ ଦୋକାନ, ଗୋଟିଏ ଡ୍ରକ୍ସ ଦୋକାନ ଏବଂ ଛକ ଛକରେ ଗଞ୍ଜେଇ ଭାଟି ଗୁଡିକର ମୂଳ ଉତ୍ପାଟନ ପାଇଁ ବୁଧବାର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ବାଲିଆପାଳ ଥାନାରେ ଦାବି ପତ୍ର ପ୍ରଦାନ କରିଛନ୍ତି। ସୁଚନାରୁ ପ୍ରକାଶ ଏହି ପଞ୍ଚାୟତରେ ଥିବା ଗାଁ ଗୁଡିକରେ ବହୁଳ ଭାବରେ ନିଶାଦ୍ରବ୍ୟ ବିକ୍ରୀ ହେଉଛି। ବିଶେଷ କରି ନରାଛକ ଠାରେ ଥିବା ନାରାୟଣପୁର ଗ୍ରାମରରେ ଏହାର ମାତ୍ର ଏତେ ପରିମାଣରେ ବଢ଼ି ଯାଇଛି ଯେ ଏବେ ଚିନ୍ତାରେ ସଚେତନ ଗ୍ରାମବାସୀ ଏବଂ ମହିଳା ମାନେ। ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ନିଶାଗ୍ରସ୍ତ ହୋଇ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବା ସହ ଚୋରି ଛିନ୍ନତାଇ ଡକାୟତି ପରି ଘଟଣା ବଢ଼ି ବଢ଼ି ଚାଲିଛି। ମା କୁ ପୁଅ ମାରୁଛି ତ ସ୍ତ୍ରୀକୁ ସ୍ୱାମୀ। ଛାତ୍ର ମାନଙ୍କର ଏକରକମ



ପାଠରେ ଡୋରି ଲାଗିଗଲାଣି। ଅଧିକାଂଶ ମହିଳା ମାନେ ତାଙ୍କର ଗହଣା ଗାଣ୍ଠି ବିକ୍ରି କରି ନିବାରଣ କେନ୍ଦ୍ରରେ ନିଶାଡି ମାନଙ୍କୁ ରଖିଆସୁଛନ୍ତି। କିଛି ମାସ ପରେ ପୁଣି ସମାନ କଥା ଘଟୁଛି। ନିଶାଗ୍ରସ୍ତ ହୋଇ ରାସ୍ତାରେ ଏମିତି ଗଣ୍ଡଗୋଳ କରୁଛନ୍ତି ରାସ୍ତା ଦେଇ ଶହେ ଆଠ ଗାଡ଼ି ମଧ୍ୟ ଯାଇପାରୁ ନାହିଁ। ଗ୍ରାମବାସୀ ଦୀର୍ଘ ଦିନ ଧରି ଥାନା, ଅବକାରୀ ବିଭାଗକୁ ଜଣାଇଆସୁଥିଲେ ମଧ୍ୟ ଫଳ ଶୂନ। ଏନେଇ ବାଲିଆପାଳ ଥାନାରେ ପହଞ୍ଚିଥିଲେ ଗ୍ରାମବାସୀ। ଦାବି ପତ୍ର ପ୍ରଦାନ ସମୟରେ ବାଲିଆପାଳ ଥାନାରେ ବସ୍ତା ଏସଡିପିଓ ସମର୍ଥ କୁମାର ବେହେରା ଘଟଣା ସମ୍ପର୍କରେ ବୁଝିଥିଲେ ଏବଂ ଦାବି ପତ୍ର ଗ୍ରହଣ କରି ନିଶ୍ଚିତ ଚୋରା ନିଶା କାରବାରକୁ ବନ୍ଦ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ସୁଚନା ଥାଉ କି ବାଲିଆପାଳ ଥାନା ସମେତ ବାଲେଶ୍ୱର ଏସପି ଏବଂ ଅବକାରୀ ବିଭାଗକୁ ଏକ ଦିନରେ ଦାବି ପତ୍ର ପ୍ରଦାନ କରିଛନ୍ତି ଗ୍ରାମବାସୀ।

## ଛାତ୍ର ନିର୍ବାଚନକୁ ନେଇ ଉତ୍ତେଜନା, ୩ ଅଟକ



ବଲାଙ୍ଗୀର,୧୪।୧୦ (ସଂଚାର ବ୍ୟୁରୋ): କଲେଜ ଛାତ୍ର ସଂସଦ ନିର୍ବାଚନକୁ ନେଇ ବଲାଙ୍ଗୀରର ବିଜେଡି ଓ ଭାଜପା ମଧ୍ୟରେ ଉତ୍ତେଜନା ଚରମ ସ୍ଥିତିରେ ପହଞ୍ଚିଛି। ମଙ୍ଗଳବାର ସର୍କିଟ ହାଉସ୍‌ଠାରେ ଏବିଭିପି ଓ ବିଜେଡି ମୁହାଁମୁହିଁ ହୋଇଥଲେ। ଆଜି ପୁଣି ଥରେ ବିଜେଡି ଓ ଭାଜପା ମଧ୍ୟରେ ବଚସା ହୋଇଥିଲା। ପୋଲିସ ଜଣେ ଛାତ୍ରନେତାଙ୍କ ସମେତ ୩ ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ବହୁ ବିଜେଡି ନେତା ଓ ସମର୍ଥକ ଲକ୍ଷ୍ମୀଯୋର ଥାନା ସମ୍ମୁଖରେ ଅଟକି ରହିଛନ୍ତି। ଅନ୍ୟପଟେ ଭାଜପା ସମର୍ଥକମାନେ ମଧ୍ୟ ଲକ୍ଷ୍ମୀଯୋର ଥାନାରେ ଅଟକି ରହିଛନ୍ତି। ବଲାଙ୍ଗୀର ଆଡସନାଲ ଏସପି ଗୁଣନିଧି ମଲ୍ଲିକ ଲକ୍ଷ୍ମୀଯୋର ଥାନାରେ ପହଞ୍ଚିଛନ୍ତି। ସ୍ଥିତିକୁ ନଜରେ ରଖି ପୋଲିସ ଫୋର୍ସ ମୁତୟନ କରାଯାଇଛି। ବିଜେଡି ପକ୍ଷରୁ ଜିଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା ଓ ବିଜୁ ଛାତ୍ର ଜନତା ଦଳ ସଭାପତି ସୁମନ ନନ୍ଦଙ୍କୁ ଅଗଣତାନ୍ତ୍ରିକ ଭାବେ ଅଟକ ରଖାଯାଇଥିବା ଅଭିଯୋଗ କରାଯାଇଛି। ସେମାନଙ୍କୁ ଛଡ଼ା ନ ଗଲେ ଆନ୍ଦୋଳନ କରାଯିବ ବୋଲି ବିଜେଡି ନେତାମାନେ କହିଛନ୍ତି।

● ଆବାସ ବଣ୍ଟନରେ ଦୁର୍ନୀତି

## ଅଭିଯୋଗରେ କଳମା ପଞ୍ଚାୟତବାସୀଙ୍କ ଧାରଣା



ବୈଶିଙ୍ଗା,୧୪।୧୦ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ପଞ୍ଚାୟତରେ ଆବାସ ଦୁର୍ନୀତି ରେ ଯୋଗ୍ୟ ହିତାଧିକାରୀ ଚୟନ କରାନଯାଇ ଅଯୋଗ୍ୟଙ୍କ ନାମ ପଞ୍ଜିକରଣ କରାଯାଇଥିବା ପ୍ରତିବାଦରେ ପଞ୍ଚାୟତବାସୀ ମଙ୍ଗଳବାର ୧୩ ତାରିଖ ଦିନ ବ୍ଲକ ଆଗରେ ଅହୋରାତ୍ର ଧାରଣାରେ ବସି ରହିଥିଲେ। ଆଜି ଜିଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଡିଆରଡିଏର ଉଚ୍ଚପଦସ୍ଥ ଅଧିକାରୀ ଧାରଣା ସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବାପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଖବର ରୁ ପ୍ରକାଶ କଳମା ପଞ୍ଚାୟତବାସୀ ଏକ ଲିଖିତ ଅଭିଯୋଗ ଜିଲ୍ଲାପାଳ ଙ୍କୁ ଦୂର୍ନୀତି ପ୍ରତିବାଦରେ ତା୨୫.୮.୨୬ରିଖରେ ଜଣାଇଥିଲେ। ଦେଢ ମାସ ପରେ କୌଣସି ସୁଫଳ ନ ମିଳିବାରୁ ପୁଣି ତା ୬.୧୦.୨୬ରିଖରେ ଆଉ ଏକ ସ୍ମାରକପତ୍ର ମାଧ୍ୟମରେ ତା ୧୩: ୧୦: ୨୬ରିଖ ଠାରୁ ବ୍ଲକ ସମ୍ମୁଖରେ ଧାରଣା ରେ ବସିବାର ଚେତାବନୀ ଦେଇଥିଲେ। ଏହି ଧାରଣା ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବିଜେଡି ବ୍ଲକ ସଭାପତି ରାଜୀବ ରଞ୍ଜନ ସେନାପତି ପ୍ରମୁଖ ଧାରଣାରତ ଗ୍ରାମବାସୀଙ୍କୁ ସହଯୋଗ କରିଥିଲେ।

## ସିସିଟିଭି ଫୁଟେଜରୁ ଧରାପଡ଼ିଲେ ୩ ଗୋରୁ ଚୋର

ବଞ୍ଜୋ୧୪।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଞ୍ଚଳରେ ଗୋରୁ ଚୋରି ଘଟଣାରେ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସିସିଟିଭି ଫୁଟେଜ ଯାଞ୍ଚ ଓ ତଦନ୍ତ ପରେ ପୁଲିସ ଏହି ସଫଳତା ପାଇଥିବା ଜଣାପଡ଼ିଛି। ପୁଲିସ, ସୂଚନା ଅନୁଯାୟୀ, ଆନନ୍ଦପୁରର ହାଡ଼ିବନ୍ଧୁ ଖୁଣ୍ଟିଆ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଗତ ଅଗଷ୍ଟ ୨୯ ଓ ୩୦ ତାରିଖ ମଧ୍ୟବର୍ତ୍ତୀ ରାତିରେ ଆନନ୍ଦପୁର ବ୍ଲକ ରୋଡ ଅଞ୍ଚଳରୁ ଏକ ଚାରିଚକିଆ ଗାଡ଼ିରେ ଆସି କିଛି ଅଜଣା ବ୍ୟକ୍ତି ଗୋରୁ ଚୋରି କରି ନେଇଥିବା ସେ ଅଭିଯୋଗ କରିଥିଲେ। ଏହି ଘଟଣା ସମ୍ପର୍କିତ ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ଏହି ଅଭିଯୋଗକୁ ଆଧାର କରି ଆନନ୍ଦପୁର ଥାନା ପୁଲିସ କେସ୍ ନଂ ୨୪୧/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ବିଭିନ୍ନ ଦିଗରୁ ତଦନ୍ତ କରି ୩ ଜଣଙ୍କୁ ଚିହ୍ନଟ କରିଥିଲା।ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଞ୍ଚଳର ପୁରୁଣାବଜାର ନିବାସୀ ଏମଡି ସାହାବାଜ (୩୨), ଯଶୀପୁର ଥାନା ଅଞ୍ଚଳର ଧୋବାଡିଆ ଗ୍ରାମର ଏମ୍‌ଡି ରେହାନ (୧୯) ଏବଂ ରାଇରଙ୍ଗପୁର ଥାନା ଅଞ୍ଚଳର ଟେଣ୍ଟାପୋଷି ଗ୍ରାମର ଶେଖ୍ ନାଜିର (୨୭)। ବୁଧବାର ଆନନ୍ଦପୁର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ସେମାନଙ୍କୁ ଅଦାଲତକୁ ଚାଲାଣ କରାଯିବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି।

ଅବ୍ୟବସ୍ଥା ଘେରରେ ମହିଳା ମହାବିଦ୍ୟାଳୟ

## ବିଭିନ୍ନ ସମସ୍ୟାରୁ ଅନେକ ଛାତ୍ରୀ ଛାଡ଼ିଲେ ହଷ୍ଟେଲ



ସୁବର୍ଣ୍ଣପୁର,୧୪।୧୦ (ସଂଚାର ବ୍ୟୁରୋ): ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ମହାବିଦ୍ୟାଳୟ କୁ ଆଜି ପରିଦର୍ଶନ କରି ଡିଗ୍ରୀ କଲେଜ ହଷ୍ଟେଲ ଇନ୍ ଚାର୍ଜ ରଞ୍ଜିତା ମିଶ୍ର ଙ୍କୁ ତାଗିଦ୍ କରିଥିଲେ ଓ ହଷ୍ଟେଲ ର ପାଣି ସମସ୍ୟା ବିପର୍ଯ୍ୟସ୍ତ ସାନିଟେସନ ଓ ନିମ୍ନମାନର ଖାଦ୍ୟପେୟ ଉପରେ ତୁରନ୍ତ ସୁଧାର ଆଣିବା ପାଇଁ କଲେଜ ଅଧ୍ୟକ୍ଷା ଶ୍ରୀମତି ରୀତା ରାଣୀ ପୂଝାରୀ ଓ ହଷ୍ଟେଲ ଇନ୍ ଚାର୍ଜ ଙ୍କୁ କଡା ନିର୍ଦ୍ଦେଶ କରିଥିଲେ। ପ୍ରକାଶ ଥାଉ କି ଯେ କଲେଜ୍ ରେ ଦୁଇ ଦିନ ଧରି ଲାଗି ରହିଥିବା ପାଣି ସମସ୍ୟା ଯୋଗୁଁ ଅନେକ ଛାତ୍ରୀ ପରୀକ୍ଷା ଥିବା ସତ୍ତ୍ୱେ ହଷ୍ଟେଲ ଛାଡି ପଳାଇଥିବା ଓ ଅନେକ ଛାତ୍ରୀ ଘର ମୁହାଁ ହୋଇଥିବା ପ୍ରଶାସନ ପାଖରୁ ସୂଚନା ମିଳିଛି। ଏବଂ ଗତ ମାସ ରେ ମଧ୍ୟ ପାଣି ଅଭାବ ଓ ନିମ୍ନ ମାନର ଖାଦ୍ୟ ଯୋଗୁଁ ହଷ୍ଟେଲ ରେ ଅନେକ ଉତ୍ତେଜନା ଦେଖା ଦେଇଥିବା ବିଷୟ ଛାତ୍ରୀ ଙ୍କ ଠାରୁ ଖବର ମିଳିଛି। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଙ୍କ ସହିତ ସହରର ବୁଦ୍ଧିଜୀବି ଗୋବିନ୍ଦ ମହାରଣା ମଧ୍ୟ ଘଟଣା ସ୍ଥଳକୁ ପହଞ୍ଚି କଲେଜ କର୍ତ୍ତୃପକ୍ଷ ଉପରେ କ୍ଷୁବ୍ଧ ହୋଇଥିଲେ। ଆଗକୁ ଛାତ୍ରୀ ମାନଙ୍କ ଅଭିଯୋଗ ଏଭଳି ଆସିଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ତାଗିଦ୍ କରିଛନ୍ତି।

ଅଭିଯୋଗ ପାଇ ପହଞ୍ଚିଥିଲେ ଅତିରିକ୍ତ ଜିଲ୍ଲାପାଳ